

ପଙ୍କଜଙ୍କ ପାଇଁ ଆମିଷ ଛାଡ଼ିଥିଲେ

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-353 BHUBANESWAR WEDNESDAY 19 JUNE 2024 PAGE-16 ₹ 6.00

ବର୍ଷ-୪୧ ସଂଖ୍ୟା-୩୫୩ ଭୁବନେଶ୍ୱର ବୁଧବାର ୧୯ ଜୁନ ୨୦୨୪ ପୃଷ୍ଠା-୧୬ ଟ.୬.୦୦


## ପ୍ରଥମ ଦିନରେ ୧୦୨ ବିଧାୟକଙ୍କ ଶପଥ

■ ଭୁବନେଶ୍ୱର, ୧୮।୬ (ସମିସ): ସପ୍ତଦଶ ବିଧାନସଭାର ନବ ନିର୍ବାଚିତ ବିଧାୟକଙ୍କ ଦୁଇଦିନିଆ ଶପଥ ଗ୍ରହଣ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ କାମଚଳା ବାଚସ୍ପତିଙ୍କୁ ମିଶାଇ ମୋଟ ୧୦୨ ଜଣ ବିଧାୟକ ଶପଥ ନେଇଛନ୍ତି। ବୁଧବାର ଅବଶିଷ୍ଟ ୪୫ ଜଣ ବିଧାୟକ ଶପଥ ନେବେ। ପ୍ରଥମ ଦିନର ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଅନେକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବହୁ ବିଧାୟକ ମୁଣ୍ଡିଆ ମାରି ବିଧାନସଭାକୁ ପ୍ରବେଶ କରିଛନ୍ତି। କେତେକ ବିଧାୟକ ନିଜର ବିଧାନସଭା ପଦାର୍ପଣରେ ଭାବବିହ୍ୱଳ ହୋଇପଡ଼ିଥିଲା ବେଳେ କେତେକ ବରିଷ୍ଠ ବିଧାୟକ ବିଧାନସଭାରେ ବିତିଯାଇଥିବା ଦିନଗୁଡ଼ିକର ସ୍ମୃତିଚାରଣ କରିଛନ୍ତି। ସେହିପରି ପ୍ରଥମଥର ବିରୋଧୀ ବିଧାୟକଭାବେ ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ ଶପଥ ନେଇଛନ୍ତି। ନବୀନଙ୍କ ଏହି ନୂଆ ଇନିଂସ ମଧ୍ୟ ଆଜି ବେଶ୍ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ▶ପୃଷ୍ଠା-୯





**ନବୀନ-ଲକ୍ଷ୍ମଣ ଭେଟ**

## "ଓଃ! ୟୁ ଡିଫିଟେଡ୍ ମି"

ଆଜି ବିଧାନସଭାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶପଥ ପାଠ କରିବାକୁ ଆସିଥିବା ବେଳେ ହଠାତ୍ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କ ସହ ଭେଟ ହୋଇଥିଲା। ଏହି ସମୟରେ କଣ୍ଟାବାଞ୍ଜିର ବିଜେପି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟମନ୍ତ୍ରୀଙ୍କୁ ନମସ୍କାର କରି ନିଜର ପରିଚୟ ଦେଇଥିଲେ। ନବୀନ ତାଙ୍କୁ ଅତ୍ୟନ୍ତ ସାବଲୀଳ ଶୈଳୀରେ ପଚାରିଥିଲେ "ଓଃ ୟୁ ଡିଫିଟେଡ୍ ମି"। ଏଥିସହ ନବୀନ ଲକ୍ଷ୍ମଣ ▶ପୃଷ୍ଠା-୯



**ବାଲେଶ୍ୱରରେ କର୍ଫ୍ୟୁ ବଳବତ୍ତର**

# ପୁଲିସ୍ ବଳୟରେ ପୂରା ସହର

- ବୁଧବାର ରାତି ପର୍ଯ୍ୟନ୍ତ ବଢ଼ିଲା କର୍ଫ୍ୟୁ ଅବଧି
- ଜଗିଛନ୍ତି ୪୪ ପ୍ଲାଟୁନ୍ ଫୋର୍ସ ଓ କେନ୍ଦ୍ରୀୟ ସୁରକ୍ଷା ବଳ
- ସାରା ସହର ଖାଁ ଖାଁ, ସମସ୍ତ ପ୍ରବେଶ ପଥ ସିଲ୍
- ୭ ମାମଲାରେ ୩୫ ଗିରଫ, ଆହୁରି ବଢ଼ିବ ସଂଖ୍ୟା
- ସ୍ଥିତି ସମୀକ୍ଷା କଲେ ଡିଜିପି ଅରୁଣ ଷଡ଼ଙ୍ଗୀ

**୪୮ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ**





■ ବାଲେଶ୍ୱର/ଭୁବନେଶ୍ୱର, ୧୮।୬ (ସମିସ): ଟ୍ରେନ୍‌ରେ ରକ୍ତ ଭାସିବାକୁ କେନ୍ଦ୍ର କରି ଗତକାଲି ସୁନହଟ ଛକରେ ହୋଇଥିବା ଗୋଷ୍ଠୀସଂଘର୍ଷ ଉଗ୍ରରୂପ ଧାରଣ କରିବାରୁ ବାଲେଶ୍ୱର ସହରରେ କର୍ଫ୍ୟୁ ଲଗାଇ ଦିଆଯାଇଛି। ସୋମବାର ମଧ୍ୟରାତିରୁ ଲାଗୁ ହୋଇଥିବା ଏହି କର୍ଫ୍ୟୁ ମଙ୍ଗଳବାର ରାତି ପର୍ଯ୍ୟନ୍ତ ପ୍ରାରମ୍ଭିକ ଭାବେ ଲାଗୁ କରାଯାଇଥିଲା। କିନ୍ତୁ ପରିସ୍ଥିତିକୁ ନଜରରେ ରଖି କର୍ଫ୍ୟୁକୁ ବୁଧବାର ରାତି ୧୨ଟା ପର୍ଯ୍ୟନ୍ତ ବୃଦ୍ଧି କରି ଦିଆଯାଇଛି। ଜିଲ୍ଲାପାଳ ଆଶିଷ ଠାକରେ ଏହି ସୂଚନା ଦେଇଛନ୍ତି। ପରେ ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରାଜଧାନୀରେ ଡିଜିପି ଅରୁଣ ଷଡ଼ଙ୍ଗୀ ଉଚ୍ଚ ପୁଲିସ ଅଧିକାରୀଙ୍କ ସହ ଘଟଣା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଡିଜିପିଙ୍କ ନିର୍ଦ୍ଦେଶ କ୍ରମେ ଆଇନ୍ ଶୃଙ୍ଖଳା ଏଡିଜି ଓ ଅନ୍ୟ ୪ଜଣ ଆଇପିଏସ୍ ବାଲେଶ୍ୱର ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। କର୍ଫ୍ୟୁ ଯୋଗୁଁ ଆଜି ଦିନତମାମ ସହରରେ ଦୋକାନ ବଜାର ବନ୍ଦ ରହିବା ସହ ରାସ୍ତାଘାଟ ଖାଁ ଖାଁ ରହିଥିଲା। କେବଳ ନିଟ୍ ପରୀକ୍ଷାର୍ଥୀମାନଙ୍କୁ ଯାତାୟାତ ପାଇଁ ଅନୁମତି ଦିଆଯାଇଥିଲା। ସହରର ସମସ୍ତ ପ୍ରବେଶ ପଥକୁ ସିଲ୍ କରିଦିଆଯିବା ସହ ୪୪ପ୍ଲାଟୁନ୍ ପୁଲିସ୍ ଫୋର୍ସ ଓ ▶ପୃଷ୍ଠା-୯

**ଭିନ୍ନ ମୋଡ଼ନେଲା ନିଟ୍ ବିବାଦ**

## କେନ୍ଦ୍ର ଓ ଏନ୍‌ଟିଏକୁ ସୁପ୍ରିମ ଛାଟ



**ସାମାନ୍ୟ ଅବହେଳାକୁ ବି ବରଦାସ୍ତ କରାଯିବନି**

**ଜାଲିଆତି କରି ଡାକ୍ତର ହୋଇଥିବା ବ୍ୟକ୍ତି ସମାଜ ପାଇଁ ବିପଜ୍ଜନକ**

■ ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ନିଟ୍ ୟୁଜି ବିବାଦକୁ ନେଇ ସୁପ୍ରିମକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଗ୍ରେସ୍ ମାର୍କ ସମ୍ବନ୍ଧିତ ଆବେଦନର ଶୁଣାଣି କରି ମଙ୍ଗଳବାର କଡ଼ ମନ୍ତବ୍ୟ ଦେଇଛନ୍ତି। ଏହି ମାମଲାକୁ ନେଇ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଚଳିତ ବର୍ଷର ନିଟ୍-ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଏବଂ କପି କରିବାକୁ ନେଇ ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଏନ୍‌ଟିଏକୁ କଡ଼ା ପ୍ରଶ୍ନ ପଚାରିଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି ଯଦି କେହି ୦.୦୦୧ ପ୍ରତିଶତ ବି ଅବହେଳା କରିଥାଏ ତେବେ ତାହାକୁ ବରଦାସ୍ତ କରାଯାଇ ପାରିବ ନାହିଁ। ସମ୍ପୂର୍ଣ୍ଣ କ୍ଷମତାର ସହ ଏହାର ସମାଧାନ କରାଯିବା ଉଚିତ। ଜାଲିଆତି କରି ଡାକ୍ତର ହୋଇଥିବା ବ୍ୟକ୍ତି ସମାଜ ପାଇଁ ଅତ୍ୟନ୍ତ ବିପଜ୍ଜନକ ▶ପୃଷ୍ଠା-୯

## କୃଷି ଓ କୃଷକର ଭବିଷ୍ୟତ ପାଇଁ ପ୍ରତିଶ୍ରୁତିବଦ୍ଧ: ମୁଖ୍ୟମନ୍ତ୍ରୀ

**'ପିଏମ କିଷାନ'ର ୧୭ତମ କିସ୍ତି ବଣ୍ଟନ**

■ ଭୁବନେଶ୍ୱର, ୧୮।୬ (ସମିସ): ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଆଜି ଓଡିଶାର ୩୧.୬୨ ଲକ୍ଷ ଚାଷୀ ପାଇଛନ୍ତି ୬୩୨.୪୮ କୋଟି ଟଙ୍କା । ପ୍ରତ୍ୟେକ ପ୍ରତ୍ୟେକ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ବାରଣାସୀରେ ଆୟୋଜିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବରଗଡରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଉତ୍ସବରେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପି.ଏମ କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତିରେ ଆଜି କୃଷକ ମାନେ ପ୍ରତ୍ୟେକ ୨୦୦୦ ଟଙ୍କା ଲେଖାଏଁ ପାଇଛନ୍ତି। ଏଥିପାଇଁ ରାଜ୍ୟର ସମସ୍ତ କୃଷକ ଭାଇ ଭଉଣୀମାନଙ୍କୁ ହୃଦୟରୁ ଶୁଭେଚ୍ଛା ଜଣାଉଛି। ମୋ ସରକାର ହେଉଛି ଗରିବ ଓ କୃଷକର ସରକାର । ତେଣୁ ରାଜ୍ୟରେ କୃଷି ଓ କୃଷକର ଭବିଷ୍ୟତ ପାଇଁ ମୋ ସରକାର ପ୍ରତିଶୃତିବଦ୍ଧ। ସମସ୍ତ କୃଷକ ଭାଇ ଓ ଭଉଣୀମାନେ ପିଏମ କିଷାନର ଏହି ସହାୟତା ରାଶିକୁ ଖରିଫ ଚାଷ କାମରେ ଉପଯୋଗ କରି ଲାଭବାନ ହୋଇପାରିବେ ବୋଲି ସେ ଆଶାପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ହେଉଛନ୍ତି ▶ପୃଷ୍ଠା-୯



**ରାଜ୍ୟର ୩୧.୬୨ ଲକ୍ଷ ଚାଷୀଙ୍କୁ ମିଳିଲା ୬୩୨.୪୮ କୋଟି ଟଙ୍କା**

**୧୫ ଦିନରେ ପିଏମ କିଷାନ ଯୋଜନାରେ ସାମିଲ ହେବେ ଯୋଗ୍ୟ ଚାଷୀ**

## ଦେବୀରେ ବୁଡ଼ିଗଲେ ୩ ନାବାଳକ

■ ଅସ୍ତରଙ୍ଗ/ଚାରିଛକ, ୧୮।୬ (ସମିସ): ପୁରୀ ଜିଲ୍ଲା ଦେଇ ଯାଇଥିବା ଦେବୀ ନଦୀରେ ବୁଡ଼ି ଆଜି ୩ ନାବାଳକ ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ, ଅସ୍ତରଙ୍ଗ ଥାନା ନଗର ପଞ୍ଚାୟତ ଅନ୍ତର୍ଗତ ବାଲିଡିଆ ଗ୍ରାମର ଆୟୁଷ୍ମାନ ବେହେରା(୧୩), ରିତେଶ ବେହେରା(୧୪), ରୋହନ ବେହେରା(୧୩) । ଏମାନେ ଆଜି ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଛି। ଅସ୍ତରଙ୍ଗ ପୁଲିସ୍ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଖବର ପ୍ରଚାରିତ ହେବା ପରେ ▶ପୃଷ୍ଠା-୯

**ଉତ୍ତରଭାରତରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ**

## ୨୪ ଘଣ୍ଟାରେ ଶତାଧିକ ମୃତ

■ ନୂଆଦିଲ୍ଲୀ, ୧୮।୬ (ସମିସ): କ୍ରୋଧରେ ଜଳୁଛି ପ୍ରକୃତି। ଅନିୟମିତ ମୌସୁମୀ, ପ୍ରଚଣ୍ଡ ଗ୍ରୀଷ୍ମତାପରେ ମଣିଷ ତ୍ରାହିତ୍ରାହି ଡ଼ାକୁଛି। ଦେଶର ବିଭିନ୍ନ ଅଞ୍ଚଳରେ ପ୍ରକୃତିର ଭିନ୍ନଭିନ୍ନ ରୂପ ବିଜ୍ଞାନୀମାନଙ୍କୁ ଚିନ୍ତାରେ ପକାଇଛି। ଉତ୍ତରପୂର୍ବ ଭାରତରେ ପ୍ରଚଣ୍ଡ ବର୍ଷା ହୋଇଥିବାବେଳେ ଉତ୍ତରଭାରତରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଶହଶହ ଲୋକଙ୍କ ଜୀବନ ନେଇଛି। ଉତ୍ତରପ୍ରଦେଶ, ହରିଆଣା, ଦିଲ୍ଲୀ, ଚଣ୍ଡୀଗଡ଼, ହିମାଚଳ ପ୍ରଦେଶ, ପଞ୍ଜାବ, ରାଜସ୍ଥାନ, ବିହାର ଓ ଝାଡ଼ଖଣ୍ଡରେ ଗ୍ରୀଷ୍ମ ପ୍ରବାହ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ପ୍ରୟାଗରାଜ ସହରର ତାପମାତ୍ରା ▶ପୃଷ୍ଠା-୯

**୧୫ ମାସର ସର୍ବୋଚ୍ଚସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି**

## ୧୫ ଦିନରେ ୧୦ ଟଙ୍କା ବଢ଼ିଛି ଡାଲି-ତେଲ

■ ଭୁବନେଶ୍ୱର, ୧୮।୬ (ସମିସ): ନିର୍ବାଚନ ପରେ ଖାଉଟିଙ୍କ ଉପରେ ଆରମ୍ଭ ହୋଇଛି ମହଙ୍ଗା ମାଡ଼। ଅତ୍ୟାବଶ୍ୟକୀୟ ସାମଗ୍ରୀ ମୂଲ୍ୟବୃଦ୍ଧି ଯୋଗୁ ଖାଉଟି ଚାରିପଟୁ ଛନ୍ଦି ହୋଇ ଯାଇଛନ୍ତି। ଖୁଚୁରା ବଜାରରେ ଡାଲି, ଚାଉଳ, ଅଟା, ଖାଇବା ତେଲ ଭଳି ତେଜରାତି ସାମଗ୍ରୀ ସହ ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ପାଇକାରୀ ମୁଦ୍ରାସ୍ଫୀତି ୧୫ ମାସରେ ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ଗତ ୧୫ ଦିନରେ ଡ଼ାଲିର ଓ ତେଲର ମୂଲ୍ୟ ୧୦ ଟଙ୍କା ବୃଦ୍ଧି ପାଇଛି। ଅଟା ଓ ଚାଉଳ ମୂଲ୍ୟ ଅନ୍ୟୂନ ୧୫% ବଢ଼ିଛି। ମୂଲ୍ୟବୃଦ୍ଧି ଜନିତ ଚାପରେ ଖାଉଟିର ଅଣ୍ଟା ବଙ୍କା ହୋଇ ଯାଇଛି। ପାଇକାରୀ ବଜାର ସହ ଖୁଚୁରା ବଜାର ଦରର କୌଣସି ତାଳମେଳ ରହୁ ନ ଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟୁଛି ଏବଂ ବଜାର ଦର ନିୟନ୍ତ୍ରଣ ବାହାରକୁ ▶ପୃଷ୍ଠା-୯

**୧୫ ପ୍ରତିଶତ ବଢ଼ିଛି ଚାଉଳ ଓ ଅଟା ମୂଲ୍ୟ**

**ଉଦ୍‌ବେଗ ପ୍ରକାଶ କଲା ବ୍ୟବସାୟୀ ମହାସଂଘ**





### ଟମାଟୋ ମୂଲ୍ୟ ଦୁଇଗୁଣା

■ ଭୁବନେଶ୍ୱର, ୧୮।୬ (ସମିସ): ସମ୍ପ୍ରତି ଘରୋଇ ବଜାରରେ ଖାଲି ତେଜରାତି ସାମଗ୍ରୀ ନୁହେଁ ପନିପରିବା ଦର ବି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଆଳୁ କିଲୋ ପିଛା ୩୦ ଟଙ୍କା ଏବଂ ପିଆଜ ୪୦ ଟଙ୍କା ଅତିକ୍ରମ କରିଛି। ପନିପରିବା ଦର କିଲୋ ପିଛା ୮୦ ଟଙ୍କା ଉପରେ ରହିଛି। ତେବେ ଟମାଟୋ ଦର ସବୁ ରେକର୍ଡ ଭାଙ୍ଗିଛି। ଦୁଇ ସପ୍ତାହ ମଧ୍ୟରେ ଖୁଚୁରା ବଜାରରେ ଟମାଟୋ ଦର ଦୁଇ ଗୁଣ ବଢ଼ି ୮୦ ଟଙ୍କା ଅତିକ୍ରମ କରିଛି।




# ପଙ୍କଜଙ୍କ ପାଇଁ ଆମିଷ ଛାଡ଼ିଥିଲେ ଜାହ୍ନବୀ



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଜାହ୍ନବୀ କପୁର 'ମିଷ୍ଟର ଆଣ୍ଡ ମିସେସ୍ ମାହି'କୁ ନେଇ ଏବେ ଚର୍ଚ୍ଚାରେ ଅଛନ୍ତି। ଏଥିରେ ଜାହ୍ନବୀଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଫିଲ୍ମର ପ୍ରମୋସନ୍ ସମୟରେ ଜାହ୍ନବୀ ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଖୁଲାସା କରିଥିଲେ। ଏହି ସମୟରେ ଜାହ୍ନବୀଙ୍କୁ ସେ କେଉଁ ଅଭିନେତା/ଅଭିନେତ୍ରୀଙ୍କର ପ୍ରଶଂସକ ବୋଲି ପଚାରା ଯାଇଥିଲା। ସେ ପଙ୍କଜ ତ୍ରିପାଠୀଙ୍କର ଜଣେ ବଡ଼ ପ୍ରଶଂସିକା ବୋଲି କହିଥିଲେ। ଜାହ୍ନବୀ 'ଗୁଞ୍ଜନ ସକ୍‌ସେନା' ଫିଲ୍ମରେ ପଙ୍କଜ ଝିଅ ଭାବେ ଅଭିନୟ କରିଥିଲେ। ଯେତେବେଳେ ଫିଲ୍ମର ଷ୍ଟାରକାଷ୍ଟ ଫାଇନାଲ କରାଯାଉଥିଲା ସେହି ସମୟରେ ଜାହ୍ନବୀ ମାନସିକ କରିଥିଲେ ଯେ, ଯଦି ଏହି ଫିଲ୍ମ ପାଇଁ ଯଦି ପଙ୍କଜ ରାଜି ହୋଇଯାନ୍ତି ତେବେ ସେ ୧୦-୧୨ ଦିନ ପାଇଁ ଶାକାହାରୀ ହୋଇଯିବେ। ଯେତେବେଳେ ଫିଲ୍ମ ପାଇଁ ପଙ୍କଜ ରାଜି ହୋଇଯାଇଥିଲେ ସେତେବେଳେ ଜାହ୍ନବୀ ବେଶ୍ ଖୁସି ହୋଇଯାଇଥିଲେ। ଜାହ୍ନବୀ ତାଙ୍କ କଥା ରକ୍ଷା କରି ୧୦-୧୨ ଦିନ ଆମିଷ ଖାଇ ନ ଥିଲେ। ସୁଟିଂବେଳେ ସେ ତାଙ୍କଠାରୁ ଅଭିନୟ କ୍ଷେତ୍ରରେ ଅନେକ କିଛି ଶିଖିଥିବା କଥା କହିଛନ୍ତି। ଜାହ୍ନବୀଙ୍କ କାମ କଥା କହିବାକୁ ଗଲେ ସେ 'ଦେବରା', 'ସନ୍ନି ସଂସ୍କାରୀ କି ତୁଲସୀ କୁମାରୀ', 'ଉଲଝ' ଭଳି ଫିଲ୍ମରେ ନଜର ଆସିବେ।



# ଭଲ ଲାଗେ: ବାଲି ଇଟା, ସିମେଣ୍ଟ



କିଛି ଲୋକଙ୍କର ଖାଦ୍ୟାଭ୍ୟାସ ଖୁବ୍ ଅଦ୍ଭୁତ। ସେମାନେ ଅଭକ୍ଷ ଭକ୍ଷଣ କରି ଚର୍ଚ୍ଚାରେ ରହିଥାନ୍ତି। ଏହି କ୍ରମରେ ଇଂଲଣ୍ଡର ଜଣେ ୩୯ ବର୍ଷର ମହିଳା ପେଟ୍ରିସ୍ ବେଞ୍ଜାମିନ୍ ରାମଗୁଲମଙ୍କୁ ବାଲି, ଇଟା ଓ ସିମେଣ୍ଟ ଖାଇବାକୁ ଭଲ ଲାଗେ। ଏହାକୁ ସେ 'କମ୍ଫର୍ଟ ବ୍ଲାଙ୍କେଣ୍ଟ' ବୋଲି କହନ୍ତି। କାରଣ ଏହି ଖାଦ୍ୟ ଖାଇ ସେ ଖୁସି ଅନୁଭବ କରୁଛନ୍ତି। ୧୮ ବର୍ଷ ବୟସରୁ ଏସବୁ ଜିନିଷ ପ୍ରତି ତାଙ୍କର ଆଗ୍ରହ ପରିଲକ୍ଷିତ ହୋଇଥିଲା। ତେବେ ତାଙ୍କୁ ଏହି ଖାଦ୍ୟ ଖୁବ୍ ପସନ୍ଦ। ସେ ବିଭିନ୍ନ ସମୟରେ ଘରର କାନ୍ଥକୁ ବୁଲି ବୁଲି ଦେଖନ୍ତି। କାନ୍ଥ ଭିତର ସିମେଣ୍ଟ ବା ମସଲା ଖାଇବା ପାଇଁ ସେ ଏହାର ପ୍ଲାଷ୍ଟରକୁ ଭାଙ୍ଗିଥାନ୍ତି। ପେଟ୍ରିସ୍, ବେଞ୍ଜାମିନ୍ ରାମଗୁଲମଙ୍କୁ ପ୍ରେମ ବିବାହ କରିଥିଲେ ବି ଏହି କଥାକୁ ସେ ତାଙ୍କ ସ୍ୱାମୀଙ୍କୁ ଲୁଚାଇଥିଲେ। ଯାହାକୁ ଏବେ ତାଙ୍କ ସ୍ୱାମୀ ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଅନ୍ୟପଟେ ତାଙ୍କ ସ୍ୱାମୀ ମଧ୍ୟ ତାଙ୍କୁ ଏହି ଅଭ୍ୟାସ ଛାଡ଼ିବା ପାଇଁ ଅନୁରୋଧ କରିଛନ୍ତି, କିନ୍ତୁ ବେଞ୍ଜାମିନ୍ ମନା କରିଦେଇଛନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ, ଜାଣି ମଧ୍ୟ ସେ ଏହି ଅଭ୍ୟାସ ଛାଡ଼ିପାରୁନାହାନ୍ତି। ଅନ୍ୟପଟେ ଡାକ୍ତରଙ୍କ ଅନୁସାରେ ଏଭଳି ନିଶାକୁ 'ପିକା' କୁହାଯାଏ। ଏହି ରୋଗରେ ପୀଡ଼ିତ ଲୋକ ଅଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି।

## ସ୍ୱତନ୍ତ୍ର ଗାଁ
# କୁକୁରଙ୍କ ପାଇଁ ୨.୫ ଏକର

ସାଧାରଣତଃ କୌଣସି ବ୍ୟକ୍ତି କୋଟିପତି ହୋଇଥାନ୍ତି। ହେଲେ ବିଦେଶରେ ଅନେକ ପଶୁପ୍ରେମୀ ସେମାନଙ୍କ ପୋଷା ଜୀବଙ୍କ ନାମରେ କୋଟି କୋଟି ଟଙ୍କାର ସମ୍ପତ୍ତି କରି ଦେଉଥିବାର ଦେଖାଯାଇଛି। ଏହି କ୍ରମରେ ଏପରି ଏକ ଗାଁ ରହିଛି, ଯେଉଁଠି କୁକୁରମାନେ କୋଟିପତି। ଏହି ଗାଁ ଗୁଜରାଟର ବନାସକାଠ ଜିଲ୍ଲାରେ ରହିଛି। ଯେଉଁଠାରେ ପାଖାପାଖି ୨୦୦ କୁକୁର ବାସ କରନ୍ତି। କୁଶକାଳ ନାମରେ ପରିଚିତ ଏହି ଗାଁରେ କୁକୁରଙ୍କ ନାମରେ ୨.୫ ଏକର ଜମି ରହିଛି। ଗ୍ରାମବାସୀମାନେ ସମସ୍ତ କୁକୁରଙ୍କ ବିଶେଷ ଧ୍ୟାନ ରଖିଥାନ୍ତି। ଏହି ସମସ୍ତ ଜମି 'ମାଧ ନି କଟି କୁତରିୟା' ଟ୍ରଷ୍ଟ ନାଁ ରେ ରହିଛି। ଉକ୍ତ ଟ୍ରଷ୍ଟ ଏହି କୁକୁରମାନଙ୍କର ଦେଖାଶୁଣା କରିଥାଏ। ଏହି ଟ୍ରଷ୍ଟରେ ମୋଟ ୧୨ ଜଣ ସଦସ୍ୟ ରହିଛନ୍ତି। ଯେଉଁମାନେ କି ନିଜକୁ ଜମିର ମାଲିକ ନ କହି, କୁକୁରଙ୍କର ସଂରକ୍ଷକ ବୋଲି କହିଥାନ୍ତି। ଗାଁର ବାସିନ୍ଦା ୮୦ ବର୍ଷୀୟ ରମେଶ ପାଟିଲଙ୍କ କହିବାନୁଯାୟୀ, 'ଏହି ଜମିରେ କୁକୁରମାନଙ୍କର ଅଧିକାର ୨୫୦-୩୦୦ ବର୍ଷ ପୁରୁଣା। ଯାହା ଗାଁର ଏକ ପରମ୍ପରା ଭାବେ ପ୍ରଚଳିତ ହୋଇ ଆସୁଛି।' ଗାଁର ବୟସ୍କ ଲୋକଙ୍କ କହିବାନୁଯାୟୀ, ଏହି ଗାଁରେ କୌଣସି କୁକୁର ଭୋକିଲା ଶୁଅନ୍ତି ନାହିଁ। ସେମାନେ ତାଙ୍କ ପିତାମାତାଙ୍କୁ କୁକୁରମାନଙ୍କର ସେବା କରୁଥିବା ଦେଖିଆସିଛନ୍ତି। ସେଥିପାଇଁ ଗ୍ରାମବାସୀ ଏହି ପରମ୍ପରା ପିଢ଼ି ପରେ ପିଢ଼ି ପାଳନ କରି ଆସୁଛନ୍ତି। ଏହି ଗାଁରେ ପ୍ରତ୍ୟେକ ଘରକୁ କୁକୁରମାନେ ଆତଯାତ କରିଥାନ୍ତି।





## ଆଜିର ଇତିହାସ

- ୧୯୧୦- ପ୍ରଥମ ଥର ପାଇଁ ୱାଶିଙ୍ଗଟନ୍‌ରେ ପିତୃ ଦିବସ ପାଳନ କରାଗଲା।
- ୧୯୩୩- ଅଷ୍ଟ୍ରିଆ ସରକାର ନାଜି ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲେ।
- ୧୯୬୮ - ମାର୍ଟିନ୍ ଲୁଥର୍ କିଙ୍ଗ୍‌ଙ୍କ ନେତୃତ୍ୱରେ ଆର୍ଥିକ ନ୍ୟାୟ ପାଇଁ ୫୦ ହଜାର ଲୋକ ବିକ୍ଷୋଭ କଲେ।
- ୧୯୯୧- ସୋଭିଏତ୍ ସଂଘରୁ ହଙ୍ଗେରି ମୁକ୍ତ ହେଲା।
- ୨୦୦୫- ଓପ୍ରା ୱିନ୍‌ଫ୍ରେ ଫୋର୍ବସ୍ ପତ୍ରିକାରେ ବିଶ୍ୱର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି ଭାବେ ପ୍ରଥମ ସ୍ଥାନ ଅଧିକାର କଲେ।

## କମ୍ପାନିର ନିଆରା ଅଫର୍
# ଓଜନ କମାଅ, ଟଙ୍କା ପାଅ



ଅନିୟମିତ ଜୀବନଶୈଳୀ ଓ ଖରାପ ଖାଦ୍ୟଶୈଳୀ ଯୋଗୁଁ ଲୋକେ ଓଜନ ବୃଦ୍ଧି ସମସ୍ୟାକୁ ସାମନା କରୁଛନ୍ତି। ତେଣୁ ଅଧିକାଂଶ ଓଜନ ହ୍ରାସ କରିବାକୁ ସର୍ଜରୀ ସହ ଅନେକ ପ୍ରକାର ଔଷଧ ସେବନ କରିଥାନ୍ତି। ଏହାର ନିରାକରଣ ପାଇଁ ଚୀନର ଏକ ଫାର୍ମା କମ୍ପାନୀ ନିଆରା ନୀତି ଆଣିଛି। ଏହି ଫାର୍ମରେ କର୍ମଚାରୀଙ୍କୁ ଓଜନ କମାଇବା ପାଇଁ ଏକ ଅଫର୍ ପ୍ରଦାନ କରାଯାଇଛି। ଯେଉଁଥିରେ କର୍ମଚାରୀ ଓଜନ କମାଇ ରୋଜଗାର କରିପାରିବେ। ଚୀନ, ଗୁଆଙ୍ଗଡୋଙ୍ଗ ଅଞ୍ଚଳର ଏହି ଫାର୍ମ ତରଫରୁ ଗତବର୍ଷ ଲଞ୍ଚ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ କର୍ମଚାରୀ ଓଜନ ହ୍ରାସ କରି ଟଙ୍କା ଆୟ କରିପାରୁଛନ୍ତି। ଇନ୍‌ଷ୍ଟା ୩୬୦ ନାମକ ଏହି ଫାର୍ମଟି ଶେନ୍‌ଜେଙ୍ଗରେ ରହିଛି। ଗତବର୍ଷ ଏହି ଫାର୍ମ 'ସ୍ଲିମ୍' ନାମରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଏଥିରେ ଏଯାବତ୍ ୧୫୦ ଜଣ ଲୋକ ଭାଗ ନେଇଛନ୍ତି। ଏହି ସମସ୍ତ କର୍ମଚାରୀ ପାଖାପାଖି ୮୦୦ କେଜି ଓଜନ ହ୍ରାସ କରିଛନ୍ତି। ପ୍ରତିବଦଳରେ ଏହି ସମସ୍ତ କର୍ମଚାରୀଙ୍କୁ ଫାର୍ମ ପକ୍ଷରୁ ୧ କୋଟି ୧୨, ୯୪,୪୩୨ ଟଙ୍କା ପ୍ରଦାନ କରାଯାଇଛି।

ଏହି ସ୍କିମ୍‌ରେ ଏଥିପାଇଁ ଏକ କ୍ୟାମ୍ପ୍ କରାଯାଏ। ପ୍ରତିଟି କ୍ୟାମ୍ପ୍ ତିନି ମାସ ପାଇଁ ଚାଲିଥାଏ। ପ୍ରତିଟି କ୍ୟାମ୍ପରେ ୩୦ ଜଣ କର୍ମଚାରୀ ଥାଆନ୍ତି। ଏଯାବତ୍ ଏଭଳି ୫ଟି କ୍ୟାମ୍ପ୍ ଆୟୋଜନ କରାଯାଇଛି। ତେବେ ପ୍ରତି କ୍ୟାମ୍ପର ସଦସ୍ୟଙ୍କୁ ତିନୋଟି ଗ୍ରୁପ୍‌ରେ ଭାଗ କରିଦିଆଯାଏ। ଏଥିରେ ୧୦ ଜଣିଆ ଦୁଇଟି ଗ୍ରୁପ୍ ଏବଂ ଆଉ ଏକ ଗ୍ରୁପ୍‌ରେ ୫-୫ ସଦସ୍ୟ ରଖାଯାଇଥାଏ। ଅଧକିଲୋ ଓଜନ ହ୍ରାସ କରୁଥିବା ସଦସ୍ୟଙ୍କୁ ୪,୫୯୩ ଟଙ୍କା ମିଳିଥାଏ। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଯଦି ଗ୍ରୁପ୍‌ରେ କୌଣସି ସଦସ୍ୟଙ୍କ ଓଜନ ବୃଦ୍ଧି ପାଇଥାଏ ତେବେ କାହାକୁ ବି ଟଙ୍କା ମିଳି ନଥାଏ। ଓଲଟି ଏହି ସଦସ୍ୟମାନଙ୍କୁ ୫୭୦୦ ଟଙ୍କା ଜରିମାନା ଦେବାକୁ ପଡ଼ିଥାଏ। ଏପରି ସର୍ତ୍ତାବଳୀ ସତ୍ତ୍ୱେ ଫାର୍ମର ଏଭଳି ସୁଯୋଗକୁ ହାତ ଛଡ଼ା ନ କରିବାକୁ ଅଧିକ ସଂଖ୍ୟକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଆବେଦନ କରୁଛନ୍ତି। ଅବଶ୍ୟ ଫାର୍ମ ପକ୍ଷରୁ ମେଦବୃଦ୍ଧିରେ ଆକ୍ରାନ୍ତ କର୍ମଚାରୀଙ୍କୁ ପ୍ରାଧାନ୍ୟ ଦିଆଯାଉଛି।

# ମନିପ୍ଲାଣ୍ଟ ଲଗାଉଥିଲେ ...

**ଘରେ ମନିପ୍ଲାଣ୍ଟ ଲଗାଇବା ଶୁଭ ବୋଲି କୁହାଯାଏ। ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତି ସୃଷ୍ଟି ହୋଇଥାଏ। ଏହା ବ୍ୟତୀତ ମନିପ୍ଲାଣ୍ଟ ଲଗାଇବା ଦ୍ୱାରା ଧନବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ମନିପ୍ଲାଣ୍ଟ ଲଗାଇବା ସମୟରେ କିଛି ବାସ୍ତୁ ନିୟମ ଅବଲମ୍ବନ କରିବା ଉଚିତ। ନଚେତ୍ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ। ତେବେ ଆସନ୍ତୁ ଜାଣିନେବା, ମନିପ୍ଲାଣ୍ଟ ସମ୍ପର୍କିତ କିଛି ବାସ୍ତୁ ନିୟମ ସମ୍ପର୍କରେ...**

- ଘରର ଉତ୍ତର-ପୂର୍ବ ଦିଗରେ ମନିପ୍ଲାଣ୍ଟ ଲଗାଇବା ଅନୁଚିତ। ଏହି ଦିଗରେ ଲଗାଇବା ଦ୍ୱାରା ଘରେ ଆର୍ଥିକ ଅବନତି ଦେଖାଯାଏ ବୋଲି କୁହାଯାଏ।
- ମନିପ୍ଲାଣ୍ଟ କେବେ ମଧ୍ୟ କାହାକୁ ଉପହାର ସ୍ୱରୂପ ଦିଅନ୍ତୁ ନାହିଁ। ଏଭଳି କରିବା ଦ୍ୱାରା ସୁଖସମୃଦ୍ଧି ହ୍ରାସ ପାଇଥାଏ ବୋଲି କୁହାଯାଏ।
- ମନିପ୍ଲାଣ୍ଟ ଗଛକୁ ସବୁବେଳେ ମାଟି ନିର୍ମିତ କୁଣ୍ଡ କିମ୍ବା କାଚ ବୋତଲରେ ଲଗାଇପାରିବେ।
- ମନି ପ୍ଲାଣ୍ଟ ସର୍ବଦା ଯେପରି ଉପରକୁ ମାଡ଼ିବ ସେଥିପ୍ରତି ନଜର ଦେବେ। ଏଥିପାଇଁ କିଛି କାଠ କିମ୍ବା ବାଉଁଶର ସାହାଯ୍ୟରେ ଏହି ଲଟାକୁ ଉପରକୁ କରି ରଖନ୍ତୁ। ତଳକୁ ଓହଳି ରହିଥିବା କିମ୍ବା ମାଟି ଉପରେ ପଡି ରହିଥିବା ମନିପ୍ଲାଣ୍ଟ ଉନ୍ନତିରେ ବାଧା ଆଣିଥାଏ।



## ମହିଳାଙ୍କୁ ସୁରକ୍ଷା ଦେବ
# ଜ୍ୟାକେଟ୍



ଯୁଗ ଯେତେ ଆଗେଇଲେ ବି ଆଜି ବି ଆମ ସମାଜରେ ମହିଳା ପ୍ରତିଦିନ କେଉଁଠି ନା କେଉଁଠି ଅପରାଧର ଶିକାର ହେଉଛନ୍ତି। ମହିଳାଙ୍କ ପ୍ରତି ହେଉଥିବା ଅପରାଧ ନିୟନ୍ତ୍ରଣ ପାଇଁ ମଧ୍ୟପ୍ରଦେଶ, ଜବଲପୁରର ତିନି ଜଣ ମହିଳା ଇଞ୍ଜିନିୟର୍ ରିୟା ଚିବ, ଅଦିତି ଏବଂ ଶ୍ୱେତା ନାମଦେବ ବଡ଼ି ଗାର୍ଡ ବା ସୁରକ୍ଷାକର୍ମୀଙ୍କ ଭଳି ମହିଳାଙ୍କୁ ସୁରକ୍ଷା ଦେଉଥିବା ଏକ ଜ୍ୟାକେଟ୍ ନିର୍ମାଣ କରିଛନ୍ତି। ଏହି ଜ୍ୟାକେଟ୍‌କୁ ଏକ ସର୍କିଟ୍‌ରେ ଯୋଡ଼ା ଯାଇଛି। ଯେତେବେଳେ ଜ୍ୟାକେଟ୍ ପିନ୍ଧିଥିବା ମହିଳାଙ୍କୁ ଲାଗିବ ସେ ଅସୁରକ୍ଷିତ ଅଛନ୍ତି, ତାଙ୍କୁ କେବଳ ଗୋଟିଏ ବଟନ୍ ଦବାଇବାକୁ ପଡ଼ିବ। ଏହାପରେ ଜ୍ୟାକେଟ୍‌କୁ ବିଦ୍ୟୁତ୍ ପ୍ରବାହ ହେବ। ଯଦି ମହିଳାଙ୍କୁ କେହି ଜୋର ଜବରଦସ୍ତ ଛୁଇଁବାକୁ ଚେଷ୍ଟା କରନ୍ତି, ତାଙ୍କୁ ଜୋରରେ ବିଦ୍ୟୁତ୍ ଝଟ୍‌କା ଲାଗିବ। ଏହି ଜ୍ୟାକେଟ୍‌ର ଆଉ ଏକ ବିଶେଷତା ହେଉଛି, ଏହା ଏକ ସଫ୍ଟୱେର ପ୍ଲାଟଫର୍ମ ସହ ଜଡ଼ିତ। ଏହା ଜରିଆରେ ମହିଳାଙ୍କ ମୋବାଇଲ୍ ଲୋକେସନ୍ ସେ ଚାହୁଁଥିବା ଲୋକଙ୍କ ପାଖରେ ପହଞ୍ଚିଯିବ। ଏହା ଜରୁରିକାଳୀନ ପରିସ୍ଥିତିରେ ମହିଳା ଜଣକ ଦେଇଥିବା ଇମରଜେନ୍ସି ନମ୍ବରଗୁଡ଼ିକରେ ସେ ବିପଦରେ ଅଛନ୍ତି ବୋଲି ମେସେଜ୍ ପଠାଇବ। ତେବେ ସମସ୍ତେ ଏହି ଜ୍ୟାକେଟ୍‌କୁ ବ୍ୟବହାର କରିପାରିବେ। ଏହି ସ୍ମାର୍ଟ ଜ୍ୟାକେଟ୍‌ର ମୂଲ୍ୟ ୪୦୦୦ଟଙ୍କା। ଏବେ ବି ତିନି ଇଞ୍ଜିନିୟର ଏହି ଜ୍ୟାକେଟ୍‌ର ଡିଜାଇନ୍ ଏବଂ ମାର୍କେଟିଂରେ ବ୍ୟସ୍ତ ଅଛନ୍ତି। ମହିଳାମାନେ ଏହାକୁ ପସନ୍ଦ କରିବେ ବୋଲି ସେମାନେ ଆଶାୟୀ ଅଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।



ମଙ୍ଗଳବାର ସପ୍ତଦଶ ବିଧାନସଭାରେ ନବନିର୍ବାଚିତ ବିଧାୟକଙ୍କ ଶପଥ ପାଠ ଉତ୍ସବ: ମୋଟ୍ ୯୦ ବିଧାୟକ ଓଡ଼ିଆରେ ଶପଥ ପାଠ କରିଥିବା ବେଳେ ୬ଜଣ ଇଂରାଜୀରେ ଶପଥ ନେଇଛନ୍ତି। ଚଳିତ ଥର ବିଧାନସଭାକୁ ୮୦ ବିଧାୟକ ପ୍ରଥମ କରି ନିର୍ବାଚିତ ହୋଇଛନ୍ତି।

# ହାତୀ ପାଦ ତଳେ ଗଲା ୪ ଜୀବନ

**ଝାରବନ୍ଧ/ହରଭଙ୍ଗା,୧୮।୬(ସମିସ):** ହାତୀ ଆକ୍ରମଣରେ ଆଜି ରାଜ୍ୟରେ ୪ଜଣଙ୍କ ଜୀବନ ଯାଇଛି। ବରଗଡ଼ ଜିଲ୍ଲାରେ ଗୋଟିଏ ପରିବାରର ୩ ସଦସ୍ୟ ପ୍ରାଣ ହରାଇଥିବା ବେଳେ ବୌଦ୍ଧରେ ଜଣଙ୍କର ମୃତ୍ୟୁ ଘଟିଛି।



ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଗୋଠୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ସଲଡ଼ିହି ଗ୍ରାମରେ ଏକ ଦନ୍ତା ଆକ୍ରମଣରେ ଗୋଟିଏ ପରିବାରର ୩ଜଣ ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ, ବିପିନ ବରିହାଙ୍କ ସ୍ତ୍ରୀ ପାନ ବରିହା (୨୮), ଝିଅ ସୁନନ୍ଦା(୧୧) ଓ ୩ ବର୍ଷର ପୁଅ ଆଦିତ୍ୟ। ଏହି ଦୁଃଖଦ ଖବର ଗତକାଲି ରାତିରେ ଘଟିଛି।

ସବୁଦିନ ଭଳି ବିପିନ ଓ ପରିବାର ସଦସ୍ୟ ଖାଇ ପିଇ ଶୋଇଥିଲେ। ରାତି ପ୍ରାୟ ୧୧ଟା ବେଳେ ୩ଟି ଜଙ୍ଗଲୀ ହାତୀ ବିପିନଙ୍କ ଘର ଆଡ଼କୁ ମୁହାଁଇଥିଲେ। ଗରମ ଯୋଗୁଁ ତାଙ୍କ ସ୍ତ୍ରୀ ପାନ ଝିଅ ସୁନନ୍ଦା ଓ ପୁଅ ଆଦିତ୍ୟକୁ ନେଇ ଘର ବାହାରେ ଶୋଇଥିଲେ। ହାତୀ ସେମାନଙ୍କୁ ଦଳି ଦେବାରୁ ସେମାନଙ୍କ ଶରୀରଠାରୁ ମୁଣ୍ଡ ଓ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ଅଲଗା ହୋଇଯାଇଥିବା ଦେଖିବାକୁ ମିଳିଛି। ହାତୀ ସେଠାରେ ଆତଙ୍କ ରଚାଇ ପରେ ନିଶାମଣି ବରିହାଙ୍କ ଘର ଭାଙ୍ଗି ବସ୍ତାରେ ଥିବା ଧାନ ଖାଇବା ସହ ଘରର ଆସବାବପତ୍ର ନଷ୍ଟ କରିଛି। ହାତୀଙ୍କ ତାଣ୍ଡବ ଓ ଗର୍ଜନରେ ଗ୍ରାମବାସୀ ପ୍ରାଣ ବିକଳରେ ଘରଛାଡ଼ି ଏଣେତେଣେ ଦୌଡ଼ିଥିଲେ। ଜନୈକ ବୃଦ୍ଧାକୁ ଗୋଡ଼ାଇବାରୁ ସେ ଗଛ କୋଣରେ ରହି ଜୀବନ ବଞ୍ଚାଇଥିଲେ। ପରେ ଗ୍ରାମବାସୀ ଓ ବନ ବିଭାଗ କର୍ମଚାରୀ ବାଣ ଫୁଟାଇ, ଟାୟାର ଜାଳି ହାତୀକୁ କାଶୀପାଣି ଅଞ୍ଚଳକୁ ଘଉଡ଼ାଇଥିଲେ। ସାରା ରାତି ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଥିଲେ।

ସବୁଠାରୁ ଦୁର୍ଭାଗ୍ୟର ବିଷୟ ହେଉଛି, ଗାଁକୁ ହାତୀ ଆସିଛନ୍ତି ବୋଲି ବିପିନ ସମସ୍ତ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ହେଲେ ହାତୀ ମୁହଁରୁ ତାଙ୍କ ପରିବାରର ୩ ସଦସ୍ୟଙ୍କୁ ବଞ୍ଚାଇ ପାରିଲେ ନାହିଁ। ସଲଡିହି ଗ୍ରାମରେ ଏକ ଭୟ ଓ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ବରଗଡ଼ ଡିଏଫଓ, ପଦ୍ମପୁର ରେଞ୍ଜର, ଝାରବନ୍ଧ ଫରେଷ୍ଟର ଘଟଣାସ୍ଥଳକୁ ତଦନ୍ତ କରିଛନ୍ତି। ବନ କର୍ମଚାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ

- ■ ଗରମ ପାଇଁ ଘର ବାହାରେ ଶୋଇଥିଲେ, ଦଳିଦେଲା ଦନ୍ତା
- ■ ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୩
- ■ ବନ୍ଧୁ ଘରୁ ଫେରିବା ବେଳେ କଚାଡ଼ି ମାରିଲା ଦନ୍ତା

ପୁଲିସ ମର ଶରୀରକୁ ଗଣ୍ଠିଲି କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଥିଲା।

ସେହିପରି ବୌଦ୍ଧ ବନଖଣ୍ଡ ମାଧପୁର ରେଞ୍ଜର ପୋଢ଼ହଳ ସଂରକ୍ଷିତ ଜଙ୍ଗଲରେ ଜଣେ ବ୍ୟକ୍ତିଙ୍କୁ ହାତୀ କଚାଡ଼ି ମାରି ଦେଇଛି। ମୃତକ ହେଲେ, ବାରିଙ୍ଗ ଗୁରାପଡ଼ା ସାହିର କାଶୀନାଥ ପ୍ରଧାନ (୫୦)। ସୁଲୁଗାଁର ବନ୍ଧୁ ଘରୁ ଫେରୁଥିବା ବେଳେ ସେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ପୋଢ଼ହଳ ସଂରକ୍ଷିତ ଜଙ୍ଗଲର ବାରିଙ୍ଗ-ଲେଙ୍ଗାରପାଦୁ ଜଙ୍ଗଲିଆ ରାସ୍ତା ନିକଟରୁ ମୃତଦେହ ମିଳିଥିଲା।

## ହାତୀ-ମଣିଷ ଲଢ଼େଇ: ଓଡ଼ିଶାରେ ମୃତ୍ୟୁସଂଖ୍ୟା ସର୍ବାଧିକ



**ଭୁବନେଶ୍ୱର, ୧୮।୬ (ସମିସ):** ହାତୀ ପାଦ ତଳେ ଅକାରଣେ ଯାଉଛି ଜୀବନ। ପ୍ରତି ବର୍ଷ ଶହ ଶହ ସାଧାରଣ ଲୋକ ହାତୀ ପଦ ତଳେ ପ୍ରାଣ ହରାଉଛନ୍ତି। କିଏ ଘରେ ଶୋଇଥିବା ବେଳେ ହାତୀ ଦଳିଦେବା ଯୋଗୁଁ ପ୍ରାଣ ହରାଉଛି ତ କିଏ ଖାଦ୍ୟ ଅନ୍ୱେଷଣରେ ଥିବା ହାତୀ ସାମନାରେ ପଡ଼ି ଯାଉଛି। ଏହି କ୍ରମରେ ମଙ୍ଗଳବାର ହାତୀ ଆକ୍ରମଣରେ ରାଜ୍ୟରେ ୪ଜଣଙ୍କର ମୃତ୍ୟୁ ହୋଇଛି। ବରଗଡ଼ ଜିଲ୍ଲାରେ ଗୋଟିଏ ପରିବାରର ୩ଜଣ ଓ ବୌଦ୍ଧ ଜିଲ୍ଲାରେ ଜଣେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ତେବେ ଓଡ଼ିଶାରେ ହାତୀ-ମଣିଷ ଲଢ଼େଇ ନୂଆ ନୁହେଁ। ଦୈନିକ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହାତୀ ଆକ୍ରମଣ ଯୋଗୁଁ ପ୍ରାଣହାନି ଘଟଣାମାନ ସାମନାକୁ ଆସୁଛି। ହାତୀ-ମଣିଷ ଲଢ଼େଇରେ ମୃତାହାତଙ୍କ ସଂଖ୍ୟା କ୍ରମଶଃ ବଢ଼ିବା ପୂରା ଦେଶ ପାଇଁ ଚିନ୍ତାର କାରଣ ପାଲଟିଛି। ବିଶେଷକରି ଓଡ଼ିଶା ଏହି ଲଢ଼େଇର ସର୍ବାଧିକ ସାକ୍ଷୀ ପାଲଟୁଥିବା ବେଳେ ମୃତାହତଙ୍କ ସଂଖ୍ୟା ମଧ୍ୟ ଉଦ୍‌ବେଗର କାରଣ ସାଜିଛି।

ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶାର ଏକ ରିପୋର୍ଟ ଅନୁଯାୟୀ, ୨୦୨୩-୨୪ରେ ପ୍ରାୟ ୧୫୦ଜଣ ଲୋକଙ୍କର ହାତୀ ଆକ୍ରମଣରେ ପ୍ରାଣହାନି ହୋଇଥିବା ବେଳେ ଏହା ଦେଶରେ ସର୍ବାଧିକ। ସେହିପରି ୨୦୨୨-୨୩ରେ ମଧ୍ୟ ଓଡ଼ିଶାରେ ହାତୀ-ମଣିଷ ଲଢ଼େଇରେ ମୃତକଙ୍କ ସଂଖ୍ୟା ୧୪୮ ଥିଲା ଓ ଏହା ଉକ୍ତ ବର୍ଷ ଦେଶରେ ସର୍ବାଧିକ ଥିଲା। ଲଗାତାର ଦୁଇବର୍ଷ ଧରି ଓଡ଼ିଶାରେ ହିଁ ହାତୀ-ମଣିଷ ଲଢ଼େଇରେ ସର୍ବାଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ଏହା ସରକାରଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି। ଉପରୋକ୍ତ ସଂଖ୍ୟା ହିଁ ହାତୀ-ମଣିଷ ଲଢ଼େଇର ଭୟାଭୟତାକୁ ଦର୍ଶାଉଛି। ଅନ୍ୟପଟେ ଏବର୍ଷ ମଧ୍ୟ ଉଦ୍‌ବେଗ ଜନକ ଭାବେ ଏହି ସଂଖ୍ୟା ବଢ଼ିଛି। ୱାଇଲ୍ଡ ଲାଇଫ୍

- ■ ଗତବର୍ଷ ମରିଥିଲେ ୧୫୦ରୁ ଊର୍ଦ୍ଧ୍ୱ, ଏବର୍ଷ ଗଲାଣି ୬୦ ଜୀବନ
- ■ ଗତ ୫ ବର୍ଷରେ ଯାଇଛି ୪୦୩ ହାତୀଙ୍କ ଜୀବନ

ସୋସାଇଟି-ଅଫ୍ ଓଡ଼ିଶାର ସମ୍ପାଦକ ଡ. ବିଶ୍ୱଜିତ ମହାନ୍ତି କହିଛନ୍ତି ଯେ ଏହି ୬ମାସ ମଧ୍ୟରେ ରାଜ୍ୟରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଲୋକ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ତେବେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାରଣ ପାଇଁ ଏଭଳି ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ସେ କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଢେଙ୍କାନାଳରେ ଖଣିଖାଦାନ ବୃଦ୍ଧି ପାଉଥିବା ବେଳେ କିଛି ସ୍ଥାନରେ କେନାଲ, କେନ୍ଦୁଝରରେ ଅତ୍ୟଧିକ ଟ୍ରକ ଚଳାଚାଳ ଓ ରେଳ ଲାଇନ୍ ଆଦିରେ ଅଣ୍ଡରପାସ୍ ନ ହେବା ଯୋଗୁଁ ହାତୀମାନେ ଯିବା ଆସିବା କରିବାରେ ସମସ୍ୟା ଭୋଗୁଛନ୍ତି। ଏହାଦ୍ୱାରା ଜଙ୍ଗଲ ପରିବର୍ତ୍ତେ ଜନବସତିମୁହାଁ ହୋଇ ହାତୀ ଅଘଟଣ ଘଟାଉଛନ୍ତି ବୋଲି ସେ କହିଛନ୍ତି।

ସେହିପରି ହାତୀମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ନ ମିଳିବା ମଧ୍ୟ ଏହାର ଏକ ପ୍ରମୁଖ କାରଣ ବୋଲି ପରିବେଶ୍‌ବିତମାନେ ଯୁକ୍ତି ବାଢ଼ିଛନ୍ତି। ଜଙ୍ଗଲ ବିଭାଗର ଉଦାସୀନତାକୁ ମଧ୍ୟ ଏ କ୍ଷେତ୍ରରେ ପରିବେଶବିତ୍‌ମାନେ ଦାୟୀ କରିଛନ୍ତି। ବନ୍ୟପ୍ରାଣୀ ସଂଘର୍ଷ ରୋକିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିବାକୁ ୮ବର୍ଷ ତଳେ ବିଭାଗ ଏକ ଘରୋଇ ପରାମର୍ଶଦାତାକୁ ନିଯୁକ୍ତ କରିଥିଲା। ମୋଟ ୩.୬୭ କୋଟି ଟଙ୍କା ବ୍ୟୟରେ ଏହି ସଂସ୍ଥାକୁ ନିଯୁକ୍ତ କରାଯାଇଥିଲା। ଏହା ସତ୍ତ୍ୱେ ଜଙ୍ଗଲ ବିଭାଗ ଏପରି ଘଟଣାକୁ ରୋକିବାରେ ସଫଳ ନ ହେବାରୁ ବିଭାଗ ଉପରେ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏଭଳି ଘଟଣା ଯୋଗୁଁ କେବଳ ମଣିଷ ନୁହେଁ, ଅନେକ ସ୍ଥାନରେ ହାତୀଙ୍କର ମଧ୍ୟ ଜୀବନ ଯାଉଛି। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ହାତୀ ଗଣନା ରିପୋର୍ଟରେ ଦର୍ଶାଯାଇଛି ଯେ ଓଡ଼ିଶାରେ ମୋଟ୍ ୨୦୯୮ ହାତୀ ରହିଛନ୍ତି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୪୦୩ ହାତୀଙ୍କ ମୃତ୍ୟୁ ହୋଇଥିବା ଏଥିରେ କୁହାଯାଇଛି। ଯଦିଓ ଗତ ୭ ବର୍ଷ ପୂର୍ବେ ହୋଇଥିବା ହାତୀ ଗଣନା ଓ ନିକଟରେ ପ୍ରକାଶ ପାଇଥିବା ରିପୋର୍ଟରେ ହାତୀଙ୍କ ସଂଖ୍ୟା ଆଉ ୧୨୨ଟି ବୃଦ୍ଧି ହୋଇଛି, ହେଲେ ଏତେ ସଂଖ୍ୟକ ହାତୀ ମୃତ୍ୟୁ ଚିନ୍ତାର କାରଣ ସାଜିଛି।

# ପୁଣି ଜୀବନ ନେଲା ରାଜଧାନୀର ମୁକୁଳା ଡ୍ରେନ୍

**ଭୁବନେଶ୍ୱର,୧୮।୬(ସମିସ):** ରାଜଧାନୀର ମୁକୁଳା ଡ୍ରେନ୍ ପୁଣି ଗୋଟିଏ ଜୀବନ ନେଇଛି। ପାଣିରେ ଭାସୁଥିବା ବେଲୁନ୍ ଆଣିବାକୁ ଯାଇ ଜଣେ ନାବାଳକ ମୁକୁଳା ଡ୍ରେନ୍‌ରେ ଭାସି ପ୍ରାଣ ହରାଇଛି। ମୃତ ନାବାଳକ ହେଲେ, ୟୁନିଟ୍-୩ ମସଜିଦ୍ କଲୋନୀର ଆବୁ ବକର ସାହା (୧୧)। କ୍ୟାପିଟାଲ ହସ୍ପିଟାଲରେ ନାବାଳକଙ୍କୁ ମୃତ ଘୋଷଣା ପରେ ଶୋକର ଛାୟା ଖେଳିଯାଇଛି। କାନ୍ଦ ବୋବାଳିରେ ପୂରା ହସ୍ପିଟାଲ ପରିସର ଫାଟି ପଡ଼ିଥିଲା।

ଆଜି ଅପରାହ୍ନରେ ଭୁବନେଶ୍ୱରରେ ପାଖାପାଖି ଘଣ୍ଟାଏ ଧରି ପ୍ରବଳ ବର୍ଷା ହୋଇଥିଲା। ସେହି ସମୟରେ କିଛି ସାଙ୍ଗମାନଙ୍କ ସହ ଆବୁ ବକର ଡ୍ରେନ୍ ପାଖରେ ଖେଳୁଥିଲେ। ଦିନ ପ୍ରାୟ ସାଢ଼େ ୨ଟାରେ ଡ୍ରେନ୍‌ରେ ଗୋଟିଏ ବେଲୁନ୍ ଭାସି ଭାସି ଯାଉଥିବା ଦେଖି ଆବୁ ବକର ଏବଂ ତାଙ୍କର କିଛି ସାଥୀମାନେ ଡ୍ରେନ୍ ଭିତରକୁ ଯାଇଥିଲେ। କିନ୍ତୁ ଡ୍ରେନ୍‌ରେ ପାଣିର



- ● ପାଣିରେ ଭାସୁଥିବା ବେଲୁନ୍ ଆଣିବା ବେଳେ ଚାଲିଗଲା ଜୀବନ
- ● ୫ଶହ ମିଟର ଦୂରରୁ ଉଦ୍ଧାର ହେଲା ମୃତଦେହ
- ● ସହରର ଚାରିଆଡେ ମୁକୁଳା ଡ୍ରେନ୍

ସୁଅ ଏତେ ପ୍ରଖର ଥିଲା ଯେ ସେଥିରେ ଆବୁ ବକର ଭାସି ଯାଇଥିଲେ। ଏହା ଦେଖି ତାଙ୍କ ସାଥୀମାନେ ଚିତ୍କାର କରି ଡାକ ପକାଇବାରୁ ସାହିଲୋକେ ଡ୍ରେନ୍ ଭିତରେ ପଶି ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କୁ ପାଇନଥିଲେ। ଖବର ପାଇଁ ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ଘଣ୍ଟାଏ ଧରି ଖୋଜାଖୋଜି କରିବା ପରେ ଘଟଣାସ୍ଥଳଠାରୁ ୫ଶହ ମିଟର ଦୂର ଓସ୍କାର ସିଟି ପାଖରୁ ଅବୁଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଏମ୍‌ସି ମେୟର ସୁଲୋଚନା ଦାସ ଓ କାଉନସିଲର୍‌ମାନେ କ୍ୟାପିଟାଲ୍ ହସ୍ପିଟାଲରେ ପହଞ୍ଚିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

### ୪ଲକ୍ଷର ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୮।୬(ସମିସ):** ଡ୍ରେନ୍‌ରେ ଭାସି ନାବାଳକ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମୃତ ବାଳକଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ଚାରି ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ଏହା ପ୍ରଦାନ କରାଯିବ।

### ବାହାଘର ମିଠା ଖାଇ ୪୦ ଅସୁସ୍ଥ

**ଡୁଙ୍ଗୁରିପାଲି, ୧୮।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଖୁସାମାଲ ଗ୍ରାମରେ ବାହାଘର ମିଠା ଖାଇ ୪୦ ଜଣରୁ ଅଧିକ ଅସୁସ୍ଥ ହୋଇଛନ୍ତି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସମସ୍ତେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ୩ବର୍ଷର ଶିଶୁଠୁ ଆରମ୍ଭ କରି ୬୦ ବର୍ଷର ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୦ ଜଣ ଶିଶୁ ରହିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଖୁସାମାଲ ଗାଁରେ କିଛି ଦିନ ତଳେ ଏକ ବାହାଘର ହୋଇଥିଲା। ମଙ୍ଗଳବାର ଏହି ପରିବାର ବାହାଘର ମିଠା ନେଇ ବାଣ୍ଟିଥିଲେ। ଏହି ମିଠା ଖାଇବା ପରେ ଗାଁର ଜଣକ ପରେ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ।

## ବିବାହ ବନ୍ଧନରେ ଆବଦ୍ଧ ହେଲେ ଅରୁଣ ପଟ୍ଟନାୟକ

**ଭୁବନେଶ୍ୱର,୧୮।୬(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାତି ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପୁତୁରା ଅରୁଣ ପଟ୍ଟନାୟକ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ନବୀନ ପଟ୍ଟନାୟକଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକଙ୍କ ପୁଅ ଅରୁଣ ନେଦରଲ୍ୟାଣ୍ଡର ଆମଷ୍ଟରଡ୍ୟାମ୍‌ରେ ନାଦିଆଙ୍କୁ ନିଜ ଧର୍ମପତ୍ନୀ ବାଛିଛନ୍ତି। ଅରୁଣଙ୍କ ବିବାହ ଖବର ତାଙ୍କ ଭଉଣୀ ଗାୟତ୍ରୀ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଅରୁଣଙ୍କର ବିବାହ ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।



# ସଂକ୍ରମଣ ରୂପ ନେଉଛି ଡିପ୍‌ଥେରିଆ

**ଭୁବନେଶ୍ୱର, ୧୮।୬(ସମିସ):** କିଛି ଦିନ ତଳେ ରାୟଗଡ଼ାର କାଶୀପୁରରେ ୪ ଶିଶୁଙ୍କ ମୃତ୍ୟୁ ପରେ ଡିପ୍‌ଥେରିଆ ସମ୍ପର୍କରେ କାହାରି ଧାରଣା ନ ଥିଲା। ଯାଞ୍ଚ ରିପୋର୍ଟରେ ଏହା ଡିପ୍‌ଥେରିଆ ବୋଲି ଜଣାପଡ଼ିବା ବେଳକୁ ଆଉ ଜଣକର ମୃତ୍ୟୁ ଘଟିଲା। ୫ ଜଣଙ୍କ ଜୀବନ ନେଇଥିବା ଡିପ୍‌ଥେରିଆ ଏବେ ସଂକ୍ରାମକ ରୂପ ନେଲାଣି ସାରିଛି। ଏବେ ଏହା କୋରାପୁଟ ଓ କଳାହାଣ୍ଡିକୁ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ତିନି ଜିଲ୍ଲାରେ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପରିସ୍ଥିତିକୁ ଦେଖି ଆସନ୍ତାକାଲି ଠାରୁ ଜନ୍ମରୁ ୧୫ ବର୍ଷ ମଧ୍ୟରେ ପିଲାମାନଙ୍କ ଟିକାକରଣ ଆରମ୍ଭ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମ୍ପୃକ୍ତ ଜିଲ୍ଲାରେ ପିଲାଙ୍କୁ ଡିପ୍‌ଥେରିଆ ଟିକା ଦିଆଯାଇଥିଲାକି ନାହିଁ ତାହାର ଅନୁସନ୍ଧାନ ଆରମ୍ଭ ହୋଇଛି। ଟିକାକରଣ ହୋଇଥିବା ସତ୍ତ୍ୱେ କାହିଁକି ଡିପ୍‌ଥେରିଆ ବ୍ୟାପିଲା ତାହାର ଯାଞ୍ଚ ଚାଲିଛି।

ବର୍ତ୍ତମାନ ସୁଦ୍ଧା ରାୟଗଡ଼ାରେ ୫ ଜଣଙ୍କ ମୃତ୍ୟୁ ସହିତ ୧୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟର ବନ୍ଧୁଗାଁରୁ ଜଣେ, କଳାହାଣ୍ଡିର ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ରାୟଗଡ଼ା ଜିଲ୍ଲାପାଳଙ୍କୁ ଡିପ୍‌ଥେରିଆ ମୁକାବିଲା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମତୀ ପଣ୍ଡିତ କହିଛନ୍ତି ଯେ ରାଜ୍ୟ ସ୍ୱାସ୍ଥ୍ୟ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଉପାନ୍ତ ଅଞ୍ଚଳ ହୋଇଥିବାରୁ ସେଠାରେ

- ■ ରାୟଗଡ଼ାରୁ କଳାହାଣ୍ଡି ଓ କୋରାପୁଟକୁ ବ୍ୟାପିଲାଣି
- ■ ୫ ମୃତ୍ୟୁ, ୨୧ ଆକ୍ରାନ୍ତ; ୪ଜିଲ୍ଲାରେ ସର୍ଭିଲାନ୍ସ ପ୍ରସ୍ତୁତି
- ■ ଆଜିଠାରୁ କାଶୀପୁରରେ ଦିଆଯିବ ପ୍ରତିଷେଧକ ଟିକା

ଟିକାକରଣ, ଜନସାଧାରଣଙ୍କୁ ସ୍ୱଚ୍ଛତା ଓ ସତର୍କତା ଅବଲମ୍ବନ ପାଇଁ ପଦକ୍ଷେପ ନେବା ଜରୁରୀ। ଅଦ୍ୟାବଧି ୫ଟି ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଆରଏମଆରସିକୁ ପଠାଯାଇଛି। ୫ଟି ଯାକ ନମୁନା ରିପୋର୍ଟ ପଜିଟିଭ୍ ଆସିଛି। ତେଣୁ ସଂକ୍ରମଣ ରୋକିବା ପାଇଁ ମାଇକ୍ରୋ ପ୍ଲାନ୍ ଅନୁସାରେ ପଦକ୍ଷେପ ନେବା ପାଇଁ କୁହାଯାଇଛି। ଏଥିସହ ଆମ୍ବୁଲାନ୍ସ ଏବଂ ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ମାସ୍କ ପିନ୍ଧିବା ସହିତ ହାତ ଧୋଇବା ପାଇଁ ଲୋକଙ୍କୁ ସଚେତନ କରାଯାଉଥିବା ଶ୍ରୀମତୀ ପଣ୍ଡିତ କହିଛନ୍ତି।

ଅପରପକ୍ଷରେ ବୁଧବାର ରାୟଗଡ଼ାର କାଶିପୁରରେ ୧୪ବର୍ଷରୁ କମ୍ ଶିଶୁଙ୍କୁ ପେଣ୍ଟା ଟିକା ଦିଆଯିବ। ସେହିପରି ୧ରୁ ୭ ବର୍ଷ ମଧ୍ୟରେ ଶିଶୁଙ୍କୁ ଡିପିଟି ଗୋଟିଏ ଡୋଜ୍, ୭ବର୍ଷରୁ ୧୫ ବର୍ଷ ମଧ୍ୟରେ ପିଲାଙ୍କୁ ଟିଡି ଭ୍ୟାକ୍‌ସିନ୍ ଦିଆଯିବ। ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ଟିକା ଦେବେ। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୩ ଜିଲ୍ଲାରେ ୨୧ ଚିହ୍ନଟ ହୋଇଛନ୍ତି। ଏବେ ସମସ୍ତଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଆରଏମଆରସିକୁ ପଠାଯାଇଛି। ମନ୍ତ୍ରପଦରରେ କୋରାପୁଟ ବନ୍ଧୁଗାଁରୁ ଚିହ୍ନଟ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଛି। କଳାହାଣ୍ଡିର ରୋଗୀଙ୍କୁ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପରିସ୍ଥିତି ଉପରେ ନଜର ରଖୁଛନ୍ତି। ସଂକ୍ରମଣ ମୁକାବିଲା ପାଇଁ ୩ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଟିମ୍ ମିଳିତ ଭାବେ ଘର ଘର ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଗଜପତି ସହିତ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରିରେ ସର୍ଭେଲାନ୍ସ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ସଂଘମିତ୍ରା ସାହୁ କହିଛନ୍ତି। ଅପରପକ୍ଷେ ପୂର୍ବରୁ ହୋଇଥିବା ଡିପ୍‌ଥେରିଆ ଟିକାକରଣ କାମ ଦେଉଛି ନା ନାହିଁ ତାହା ଉପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଅନୁସନ୍ଧାନ କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଆରଏମଆରସିଙ୍କ ଆଣ୍ଟିବଡି ଟେଷ୍ଟିଂ ପରେ ଜଣା ତାହା ସ୍ପଷ୍ଟ ହୋଇପାରିବ।

## ଏମ୍‌କେସିଜିରେ ୫ ଡିପ୍‌ଥେରିଆ ରୋଗୀ, ଜଣେ ମୃତ

**ବ୍ରହ୍ମପୁର,୧୮।୬(ସମିସ):** ରାଜ୍ୟରେ କାୟା ମେଲାଉଛି ଡିପ୍‌ଥେରିଆ ରୋଗ। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରୁ ରାୟଗଡ଼ାର ୪ଜଣ ଓ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର କୁମ୍ଭାରପୁଟ ଗ୍ରାମର ଜଣେ ଆକ୍ରାନ୍ତଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଗତ ୧୩ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ରାୟଗଡ଼ାର ଜଣେ ୧୨ବର୍ଷୀୟା ଶିଶୁକନ୍ୟାର ମୃତ୍ୟୁ

- ■ ସମସ୍ତ ଆକ୍ରାନ୍ତ କମ୍ ବୟସ୍କ
- ■ ଚିକିତ୍ସା ପାଇଁ ସ୍ୱତନ୍ତ୍ର ସଙ୍ଗରୋଧ କକ୍ଷର ବ୍ୟବସ୍ଥା
- ■ ଆକ୍ରାନ୍ତ ଶିଶୁଙ୍କୁ ଦିଆଯାଉଛି ଆଣ୍ଟି ଡିପ୍‌ଥେରିଆ ଟିକା
- ■ ଆର୍‌ଏମ୍‌ଆରସିକୁ ପଠାଗଲା ନମୁନା

ଘଟିଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ୪ଜଣଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ତାଙ୍କୁ ଏଚ୍‌ଡିୟୁ(ହାଇ ଡିପେଣ୍ଡେନ୍ସି ୟୁନିଟ୍)ରେ ଚିକିତ୍ସା ଜାରି ରହିଛି। ମୃତ ଶିଶୁକନ୍ୟାଙ୍କ ନମୁନା ସଂଗ୍ରହ କରାଯାଇଛି।

ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ଡିପ୍‌ଥେରିଆ ରୋଗୀ ଚିହ୍ନଟ ହେବା ପରେ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଛି। ରୋଗୀଙ୍କ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିଛନ୍ତି। ସେମାନଙ୍କୁ ଡିପ୍‌ଥେରିଆ ପ୍ରତିରୋଧକ ଟିକା ଦିଆଯାଉଛି।

ସୂଚନାଯୋଗ୍ୟ, ଗତ ୧୨ ତାରିଖରୁ ୧୭ ତାରିଖ ମଧ୍ୟରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏମ୍‌କେସିଜି ମେଡିକାଲକୁ ୫ଜଣ ଶିଶୁ ରେଫର୍ ହୋଇଆସିଥିଲେ। ହାଇଦ୍ରାବାଦରୁ ଆଣ୍ଟି ଡିପ୍‌ଥେରିଆ ଟକ୍ସିନ୍ ମଗାଇ ଆକ୍ରାନ୍ତଙ୍କୁ ଦିଆଯାଉଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିବା ପାଇଁ ଡାକ୍ତରୀ ଟିମ୍‌ର ଉଦ୍ୟମ ଜାରି ରହିଥିବା ଶିଶୁରୋଗ ବିଭାଗ ପ୍ରଫେସର ଡା. ନରେନ୍ଦ୍ର ବେହେରା କହିଛନ୍ତି। ଆକ୍ରାନ୍ତଙ୍କ ବୟସ ୧ରୁ ୧୨ବର୍ଷ ମଧ୍ୟରେ ରହିଛି। ଆକ୍ରାନ୍ତଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଅଧିକ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଆରଏମଆରସିକୁ ପଠାଯାଇଛି। ସେହିପରି ସେମାନଙ୍କ ଲାଳ ଓ ପୁଞ୍ଜ ସଂଗ୍ରହ କରାଯାଇ ଏମକେସିଜି ମେଡିକାଲ କଲେଜସ୍ଥିତ ମାଇକ୍ରୋ ବାୟୋଲୋଜି ବିଭାଗକୁ ପଠାଯାଇଛି। ଡିପ୍‌ଥେରିଆ ରୋଗରେ ପୀଡ଼ିତ ହେଲେ ଶିଶୁଙ୍କ ହୃଦ୍‌ଘାତ, ପକ୍ଷାଘାତ, ନିମୋନିଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଡିପ୍‌ଥେରିଆ ରୋଗୀଙ୍କ ଚିକିତ୍ସା ପାଇଁ ଶିଶୁରୋଗ ବିଭାଗ ଅଧୀନରେ ସ୍ୱତନ୍ତ୍ର ସଙ୍ଗରୋଧ କକ୍ଷ କରାଯାଇଛି। ସେଠାରେ ୩ ଜଣ ଆକ୍ରାନ୍ତ ଶିଶୁ ଚିକିତ୍ସାଧୀନ ଅଛନ୍ତି। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି।

# ଡଙ୍ଗା ବୁଡ଼ି ୧୧ ମୃତ, ୬୪ ନିଖୋଜ

ରୋମ୍, ୧୮।୬ (ଏଜେନ୍ସି): ଇଟାଲୀ ଉପକୂଳ ନିକଟରେ ସୋମବାର ୨ଟି ଡଙ୍ଗା ବୁଡ଼ି ଯାଇଛି।



ଏହି ଦୁର୍ଘଟଣାରେ ୧୧ ଜଣ ଶରଣାର୍ଥୀଙ୍କ ମୃତ୍ୟୁ ହୋଇଛି। ୨୬ ଶିଶୁଙ୍କ ସମେତ ୬୪ ଜଣ ନିଖୋଜ ଅଛନ୍ତି। ଲେମ୍ପଡୁସା ଦ୍ୱୀପ ନିକଟରୁ ୫୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏମାନଙ୍କୁ ଇଟାଲୀ ସେନାକୁ ହସ୍ତାନ୍ତର କରାଯାଇଛି। ଜର୍ମାନୀର ଦାତବ୍ୟ ସଂଗଠନ ରେସ୍କସିପ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗୋଟିଏ କାଠ ଡଙ୍ଗା ତଳୁ ୧୦ ମୃତଦେହ ଉଦ୍ଧାର କରାଯାଇଛି। ରିପୋର୍ଟ ଅନୁଯାୟୀ ଏହି ଡଙ୍ଗା ଲିବିୟାରୁ ଯାତ୍ରା ଆରମ୍ଭ କରିଥିଲା। ଏଥିରେ ସିରିୟା, ଇଜିପ୍ଟ, ବାଂଲାଦେଶ ଏବଂ ପାକିସ୍ତାନ ଶରଣାର୍ଥୀ ଥିଲେ।

# ୨୪ ବର୍ଷ ପରେ ଉତ୍ତର କୋରିଆରେ ପୁତିନ

ପୋଙ୍ଗୟାଙ୍ଗ, ୧୮।୬ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ପ୍ରାୟ ୨୪ ବର୍ଷ ପରେ ମଙ୍ଗଳବାର ଉତ୍ତର କୋରିଆରେ ପହଞ୍ଚିଛନ୍ତି। ଏଠାକାର ଏକଛତ୍ରଶାସକ କିମ ଜୋଙ୍ଗ ଉନ ତାଙ୍କୁ ପୋଙ୍ଗୟାଙ୍ଗର



ସୁନାନ ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ୱାଗତ କରିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକ ହୋଇଥିବା କୁହାଯାଉଛି। ପୁତିନ ଏହି ଗସ୍ତକୁ ବନ୍ଧୁତ୍ୱପୂର୍ଣ୍ଣ ସରକାରୀ ଯାତ୍ରା କହିଛନ୍ତି। ୟୁକ୍ରେନ ପ୍ରସଙ୍ଗରେ ସମର୍ଥନ ଦେଇଥିବାରୁ ସେ କିମ୍‌ଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ଉତ୍ତର କୋରିଆ ସହ ମିଶି ପଶ୍ଚିମ ଦେଶଗୁଡିକର କଟକଣାର ମୁକାବିଲା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏହି ସମୟରେ ଉଭୟ ନେତା ଅସ୍ତ୍ରଶସ୍ତ୍ର ଯୋଗାଣକୁ ନେଇ ଗୋପନୀୟ ଚୁକ୍ତିରେ ସ୍ୱାକ୍ଷର କରିପାରନ୍ତି ବୋଲି କୁହାଯାଉଛି।

# ଭବାନୀ ରେଭନ୍ନାଙ୍କୁ ଆଗୁଆ ଜାମିନ

ବେଙ୍ଗାଲୁରୁ, ୧୮।୬(ଏଜେନ୍ସି): ଯୌନ କେଲେଙ୍କାରୀରେ ଗିରଫ ହୋଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ଡି ଦେବେଗୌଡ଼ାଙ୍କ ନାତି ତଥା





ହାସନ୍ର ପୂର୍ବତନ ସାଂସଦ ପ୍ରଜ୍ୱଳ ରିଭାନ୍ନାଙ୍କ ମା' ଭବାନୀ ରେଭନ୍ନାଙ୍କୁ ଆଜି କର୍ଣ୍ଣାଟକ ହାଇକୋର୍ଟ ଆଗୁଆ ଜାମିନ ମଞ୍ଜୁର କରିଛନ୍ତି। ପ୍ରଜ୍ୱଳଙ୍କ ଯୌନ ଶୋଷଣର ଶିକାର ଜଣେ ମହିଳାଙ୍କୁ ଅପହରଣ କରାଯିବାରେ ଭବାନୀଙ୍କ ସଂପୃକ୍ତି ଥିବା ଅଭିଯୋଗ ରହିଛି। ତେଣୁ ତାଙ୍କୁ ପୁଲିସ୍ ଖୋଜୁଛି। ଭବାନୀ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ପିଟିସନ୍ ଦେଇଥିଲେ। ତାଙ୍କୁ ଜଷ୍ଟିସ୍ କ୍ରିଷ୍ଣା ଏସ୍ ଦୀକ୍ଷିତ ଜୁନ୍ ୧୪ ଯାଏ ଅନ୍ତରୀଣ ଜାମିନ ଦେଇ ସର୍ତ୍ତ ରଖିଥିଲେ ଯେ ଭବାନୀ ବେଙ୍ଗାଲୁରୁରେ ରହିବେ, କେ ଆର୍ ନଗର କି ହାସନ୍ ଯାଇପାରିବେ ନାହିଁ। ଆଜି ଭବାନୀଙ୍କୁ ଆଗୁଆ ଜାମିନ ମିଳିଛି।

■ ୧୩ ବର୍ଷ ହେଲା ଚାଲିଛି ନିର୍ମାଣ

# ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଲା ୧୨ କୋଟିର ପୋଲ

ପାଟନା, ୧୮।୬ (ଏଜେନ୍ସି): ବିହାରରେ ପୁଣି ଏକ ନିର୍ମାଣାଧିନ ପୋଲ ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ି ଯାଇଛି। ବିହାର ଅରରିଆର ବକ୍ରା ନଦୀ ଉପରେ ଏହା ନିର୍ମାଣ ହୋଇଥିଲା। ଗତ ୧୩ ବର୍ଷରେ ତୃତୀୟ ଥର ପାଇଁ ଏହାକୁ ନିର୍ମାଣ କରାଯାଇଥିଲା। ୧୨ କୋଟି ଟଙ୍କାରେ ନିର୍ମିତ ଏହି ପୋଲର ୩ଟି ଖମ୍ବ ମଙ୍ଗଳବାର ଦ୍ୱିପହରେ ନଦୀରେ ମିଶି ଯାଇଥିଲା। ଏହାର ଫଟୋ ଏବଂ ଭିଡିଓ ଭାଇରାଲ ହେବାରେ ଲାଗିଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। କମ୍ପାନୀର କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସ୍ଥାନୀୟ ସିକଟି ବିଧାୟକ ବିଜୟ ମଣ୍ଡଳ ଏହି ଘଟଣା ପାଇଁ କନଷ୍ଟ୍ରକ୍ସନ କମ୍ପାନୀ ମାଲିକଙ୍କ ଅବହେଳାକୁ ଦାୟୀ କରିଛନ୍ତି। ମାମଲାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ସେହିପରି



କାର୍ଯ୍ୟନିର୍ବାହୀ ଇଞ୍ଜିନିୟର କହିଛନ୍ତି ଯେ ତଦନ୍ତ ପରେ ସମ୍ବନ୍ଧିତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ନଦୀରେ ଜଳ ପ୍ରବାହ ବୃଦ୍ଧି ପାଇବାରୁ ଖମ୍ବ ଖସି ପଡ଼ିଥିଲା। ତେଣୁ ପୋଲ ଭୁଶୁଡ଼ି ଗଲା।

■ ସ୍ନାୟବିକ ରୋଗରେ ପୀଡ଼ିତ ଗାୟିକା

# ଶ୍ରବଣ ଶକ୍ତି ହରାଇଲେ ଅଲ୍‌କା ୟାଗ୍ନିକ

ମୁମ୍ବାଇ, ୧୮।୬ (ଏଜେନ୍ସି): ସିନେ ଜଗତରୁ ବିଚଳିତ କରିବା ଭଳି ଏକ ଖବର ସାମ୍ନାକୁ ଆସିଛି। ସୁପ୍ରସିଦ୍ଧ ଗାୟିକା ଅଲ୍‌କା ୟାଗ୍ନିକଙ୍କୁ ବିରଳ ସ୍ନାୟବିକ ରୋଗ ହୋଇଛି। ଏଥିପାଇଁ ସେ ଶ୍ରବଣ ଶକ୍ତି ହରାଇ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଅଲ୍‌କା ନିଜେ ଏହି ସୂଚନା ଦେଇଛନ୍ତି। ଏହି ଖବର ତାଙ୍କ ଫ୍ୟାନ୍‌ମାନଙ୍କୁ ଝଟ୍‌କା ଦେଇଛି। ଏହା ସହିତ ଅଲ୍‌କା ଦୀର୍ଘ ଦିନ ହେଲା କାମ କରୁ ନ ଥିବାର କାରଣ ମଧ୍ୟ ଜଣାଇଛନ୍ତି। ସେ ନିଜ ସମସ୍ୟା ବିଷୟରେ ସୂଚନା ଦେଇ ଲାଉଡ୍ ମ୍ୟୁଜିକ (ଉଚ୍ଚ ଧ୍ୱନି) ଏବଂ ହେଡ୍‌ଫୋନଠାରୁ ଦୂରେଇ ରହିବାକୁ ଫ୍ୟାନ୍ ଏବଂ ସହଯୋଗୀମାନଙ୍କୁ ପାଇଁ ପରାମର୍ଶ ଦେଇଛନ୍ତି। ଅଲ୍‌କା କହିଛନ୍ତି ଯେ କିଛି ସପ୍ତାହ ତଳେ ଏକ ବିମାନରୁ ଅବତରଣ କରିବା ପରେ ତାଙ୍କୁ କିଛି ଶୁଭି ନ ଥିଲା। ଏ ବିଷୟରେ ଜଣାପଡ଼ିବା ପରେ ସେ



ଡାକ୍ତରଙ୍କ ସହ ଯୋଗାଯୋଗ କରିଥିଲେ। ସେ ବହୁତ ସାହସ କରି ଏ ବିଷୟରେ ଫ୍ୟାନ, ସହଯୋଗୀ ଏବଂ ଶୁଭଚିନ୍ତକଙ୍କୁ ସୂଚନା ଦେଉଛନ୍ତି। ପରୀକ୍ଷାନିରୀକ୍ଷାରୁ ସେ 'ରେୟର ସେନସୋରି ନ୍ୟୁରାଲ ନର୍ଭ ହିୟରିଂ ଲସ୍' ରୋଗରେ ପଡ଼ିଥିବା ଜଣାପଡ଼ିଥିଲା। ଏକ ଭୂତାଣୁ ସଂକ୍ରମଣରୁ ତାଙ୍କୁ ଏହି ରୋଗ ହୋଇଛି। ଏହି ଘଟଣା ତାଙ୍କୁ ବିଚଳିତ କରିଦେଇଛି ବୋଲି ଅଲ୍‌କା କହିଛନ୍ତି।

**ବିକ୍ରି ହେଉଛି ଏମ୍‌ବିବିଏସ୍ ଡିଗ୍ରୀ**

# ୧୬ ଲକ୍ଷରେ ମାସକରେ ମିଳୁଛି ଡିଗ୍ରୀ

ମେହସାନା, ୧୮।୬ (ଏଜେନ୍ସି):

ଗୁଜରାଟର ମେହସାନାରୁ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାକାର ଜଣେ ବ୍ୟକ୍ତି ୧୬ ଲକ୍ଷ ଟଙ୍କା ଦେଇ ମାସକ ମଧ୍ୟରେ ଏମ୍ବିବିଏସ ସିଟ୍ ଏବଂ ଡିଗ୍ରୀ ପାଇଛନ୍ତି। ଏହି ମାମଲା ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ ୪୧ ବର୍ଷୀୟ ସୁରେଶ ପଟେଲ ଜଣେ ହୋମିଓ ଡାକ୍ତର। ୨୦୧୮ରେ ସେ ଇଣ୍ଟରନେଟରେ ଏମବିବିଏସ୍ ଶିକ୍ଷା ସମ୍ପର୍କରେ ସର୍ଚ୍ଚ କରୁଥିଲେ। ଏକ ୱେବସାଇଟ୍‌ରୁ ସେ ଏମବିବିଏସ୍ ଡିଗ୍ରୀ ଦେଉଥିବା ଏକ ସଂସ୍ଥାର ଠିକଣା ଜାଣିବା ପରେ ସଂସ୍ଥାର କଣ୍ଟାକ୍ଟ ପର୍ସନ ଡ. ପ୍ରେମ କୁମାର ରାଜପୁତଙ୍କ ସହ ଯୋଗାଯୋଗ କରିଥିଲେ। ରାଜପୁତ ତାଙ୍କୁ କହିଥିଲେ ଯେ ଉତ୍ତରପ୍ରଦେଶର ଅଲ ଇଣ୍ଡିଆ ଅଲଟରନେଟିଭ୍ ମେଡିକାଲ କାଉନସିଲ୍ ନାମକ ଫୋରମ୍ ତାଙ୍କୁ ତାଙ୍କ ଦ୍ୱାଦଶ ଶ୍ରେଣୀ ମାର୍କ ଦେଖି ଏମବିବିଏସ୍ ଡିଗ୍ରୀ ଦେବ। କେତୋଟି କିସ୍ତିରେ ସୁରେଶ ପଟେଲ ଝାନସିର ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟ ଆକାଉଣ୍ଟରେ ଏମବିବିଏସ୍ କୋର୍ସ କରିବାକୁ ୧୬ ଲକ୍ଷ ୩୨ ହଜାର ଟଙ୍କା ଜମାଦେଲେ। ସେ ୧୦ ଜୁଲାଇ ୨୦୧୮ରୁ ୨୩ ଫେବୃଆରୀ ୨୦୧୯ ମଧ୍ୟରେ ପେମେଣ୍ଟ କରି କ୍ଲାସ ଆରମ୍ଭ ନିମନ୍ତେ ଅପେକ୍ଷା କରିଥିଲେ। ଥରଟିଏ ବି କ୍ଲାସ୍ ଯାଇନାହାନ୍ତି କି ପରୀକ୍ଷା ଦେଇନାହାନ୍ତି। ହେଲେ ପେମେଣ୍ଟର ମାସେ ଭିତରେ ତାଙ୍କୁ କୋରିୟର ଯୋଗେ ମିଳିଗଲା ତାଙ୍କ ଏମବିବିଏସ୍ ଡିଗ୍ରୀ, ମାର୍କସିଟ୍ ଓ ତାଙ୍କ ନାମରେ ଏକ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍। ସେସବୁରେ ଲାଗିଥିଲା ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆର ସିଲ୍। ତାଙ୍କ ଡିଗ୍ରୀ ଓ




ଅନ୍ୟ ପ୍ରମାଣପତ୍ର ଜାଲ ବୋଲି ବୁଝିବା ପରେ ହୋମିଓ ଡାକ୍ତର ୨୦୧୯ରେ ମେହସାନା ପୁଲିସକୁ ଏହି ଜାଲିଆତି ଓ ଠକେଇ ସମ୍ପର୍କରେ ଜଣାଇଥିଲେ। ପୁଲିସ୍ ଟିମ୍ ତାଙ୍କୁ ସଙ୍ଗରେ ନେଇ ଦିଲ୍ଲୀ ଯାଇଥିଲା ଡ. ରାଜପୁତଙ୍କୁ ଖୋଜିବା ପାଇଁ। ଡ. ରାଜପୁତଙ୍କ ପତ୍ତା ମିଳିଲା ନାହିଁ। ତଦନ୍ତ ଶୀତଳଭଣ୍ଡାରକୁ ଚାଲିଗଲା। ସୁରେଶ ପଟେଲ କିନ୍ତୁ ନିଜସ୍ୱ ଉଦ୍ୟମରେ ଅନ୍ୟ କେତେକ ପ୍ରମାଣ ସଂଗ୍ରହ କରି ଡିସେମ୍ବର ୨୦୨୩ରେ ମେହସାନା ଏସପି ଅଫିସରେ ଅଭିଯୋଗ ଫାଇଲ କରିଛନ୍ତି। ଗତ ଜୁନ୍ ୧୪ରେ ପୁଲିସ୍ ତାଙ୍କ ଏଫଆଇଆର ପଞ୍ଜିକୃତ କରିଛି।

## ମୋଦୀ ଚୁପ୍ କାହିଁକି: ରାହୁଲ

ଏନଇଇଟି ୟୁଜି-୨୦୨୪ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହେଲା। ୨୪ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳାଗଲା। ବିହାର, ଗୁଜରାଟ, ହରିୟାଣାରୁ ପେପର୍ ଲିକ୍ ଅଭିଯୁକ୍ତଙ୍କୁ ଗିରଫ କରାଯିବାରୁ ଜଣାଗଲା ଯେ ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଯୋଜନାବଦ୍ଧ ଭାବେ ଏହି ପେପର୍ ଲିକ୍ ଦୁର୍ନୀତି କାୟା ବିସ୍ତାର କରିଛି। ପେପର୍ ଲିକ୍ ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ଏନଟିଏକୁ ଭର୍ତ୍ସନା କଲେଣି। ଏତେସବୁ ହେବା ପରେ ବି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏନେଇ ମୁହଁ ଖୋଲିବାକୁ ପ୍ରସ୍ତୁତ ନୁହନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି।

## ବିଜେପି ନେତାଙ୍କ ସହ ୬ ଟପ୍ପର ଓ ପରୀକ୍ଷା କେନ୍ଦ୍ରର ଲିଙ୍କ୍

ଚଣ୍ଡିଗଡ଼, ୧୮।୬ (ଏଜେନ୍ସି): ନିଟ୍ ପରୀକ୍ଷାରେ ଜାଲିଆତିକୁ ନେଇ ଦିନକୁ ଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। ଏହି ପରୀକ୍ଷାରେ ୭୨ ଜଣ ଛାତ୍ରଛାତ୍ରୀ ୭୨୦ରୁ ୭୨୦ ମାର୍କ ରଖିଛନ୍ତି। ଏହାକୁ ନେଇ ସାରା ଦେଶରେ ହଙ୍ଗାମା ଜାରି ରହିଛି। ଏହା ମଧ୍ୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ମୋଟ ମାର୍କ ରଖିଥିବା ୭୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ ଟପ୍ପର ଗୋଟିଏ କେନ୍ଦ୍ର ହରିୟାଣାର ବହାଦୁରଗଡ଼ ସ୍ଥିତ ହରଦାୟଲ ପବ୍ଲିକ ସ୍କୁଲ୍‌ରେ ପରୀକ୍ଷା ଦେଇଥିଲେ। ଏଠାରେ ପରୀକ୍ଷା ଦେଇଥିବା ଆଉ ଦୁଇ ଜଣ ଛାତ୍ର ୭୧୮ ଏବଂ ୭୧୯ ମାର୍କ ରଖିଛନ୍ତି। ଏବେ ଏପରି କେମିତି ହେଲା ବୋଲି ପ୍ରଶ୍ନ ଉଠୁଛି। ଏଭଳି ସ୍ଥିତିରେ ହରଦୟାଲ ପବ୍ଲିକ ସ୍କୁଲ୍ ସନ୍ଦେହଘେରରେ ରହିଛି। ସୂଚନା ଅନୁଯାୟୀ ଏହି ୬ ଟପ୍ପରଙ୍କ ସମ୍ବନ୍ଧ ବିଜେପିର କେନ୍ଦ୍ରୀୟ ନେତାଙ୍କ ସହ ସମ୍ବନ୍ଧ ରହିଛି। ସେହିପରି ପରୀକ୍ଷା କେନ୍ଦ୍ରର ମାଲିକ ବିଜେପି ନେତା ବୋଲି ଜଣାପଡ଼ିଛି। ପବ୍ଲିକ ସ୍କୁଲ୍ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଝଜର ଜିଲ୍ଲା ଅଧ୍ୟକ୍ଷ ଶେଖର ଯାଦବଙ୍କ ପରିବାରର। ଏଠାରେ ୫୦୪ ଛାତ୍ରଛାତ୍ରୀ ନିଟ୍ ପରୀକ୍ଷା ଦେଇଥିଲେ। ବିବାଦ ପରେ ଗ୍ରେସ୍ ମାର୍କ ଯୋଗୁଁ ଏଭଳି ତ୍ରୁଟି ହୋଇଥିଲା ବୋଲି ନ୍ୟାସନାଲ ଟେଷ୍ଟି ଏଜେନ୍ସି (ଏନଟିଏ) ସ୍ପଷ୍ଟୀକରଣ ଦେଇଥିଲା। ତେବେ ଏ ସମ୍ପର୍କରେ ପରୀକ୍ଷା କେନ୍ଦ୍ରର ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଖରେ କୌଣସି ସୂଚନା ନାହିଁ।

# ୫୦ହଜାର କୋଟିରେ କିଣାହେବ ୧୫୬ ହେଲିକପ୍ଟର

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ଆର୍ମି ଓ ଏୟାର୍ ଫୋର୍ସ ସମର ସାମର୍ଥ୍ୟ ବଢ଼ାଇବା ପାଇଁ କେନ୍ଦ୍ର ସରକାର ପ୍ରାୟ ୫୦ହଜାର କୋଟି ଟଙ୍କା ଖର୍ଚ୍ଚରେ ୧୫୬ଟି ଲାଇଟ୍ କମ୍ବାଟ୍ ହେଲିକପ୍ଟର(ଏଲ୍ସିଏଚ୍) କିଣିବେ। ଏଥିପାଇଁ ବେଙ୍ଗାଲୁରୁର ବିମାନ ନିର୍ମାତା କମ୍ପାନୀ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ଏଚ୍ଏଏଲ)କୁ ସରକାର ଟେଣ୍ଡର ଇସ୍ୟୁ କରିଛନ୍ତି। କିଣାଯିବାକୁ ଥିବା ୧୫୬ ଏଲ୍ସିଏଚ୍‌ରୁ ୯୦ଟି ପାଇବ ଆର୍ମି ଓ ଏୟାର୍ ଫୋର୍ସ ପାଇବ ୬୬ଟି। ଏୟାର୍ ଫୋର୍ସର ଫାଇଟର ସ୍କ୍ୱାଡ୍ରନ୍‌ର ଶକ୍ତି ବୃଦ୍ଧି ନିମନ୍ତେ ଦୁଇ ମ। ସ ତଳେ ୯୭ଟି ଲାଇଟ୍ କମ୍ବାଟ୍ ଏୟାରକ୍ରାଫ୍ଟ(ଏଲ୍ସିଏ ଏମ୍କେ୧ଏ) ପାଇଁ ସରକାର ଏଚ୍ଏଏଲ୍‌କୁ ଟେଣ୍ଡର ଇସ୍ୟୁ କରିଥିଲେ। ସେଥିପାଇଁ ସରକାର ୬୭ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଏଚ୍ଏଏଲ୍ ଏଯାଏଁ ୧୫ଟି ପ୍ରଚଣ୍ଡ ଏଲ୍ସିଏଚ୍ ନିର୍ମାଣ କରିସେଥିରୁ ଏୟାରଫୋର୍ସକୁ ୧୦ଟି ଓ ଆର୍ମିକୁ ୫ଟି ଦେଇଛି। ଏବେ ୧୫୬ ଏଲ୍ସିଏଚ୍ ପାଇଁ ଚୁକ୍ତି ସ୍ୱାକ୍ଷରିତ ହେଲେ ଏଚ୍ଏଏଲ୍ ଆଗାମୀ ୫ରୁ ୬ ବର୍ଷ ଭିତରେ ସେଗୁଡ଼ିକ ନିର୍ମାଣ କରି ପ୍ରତିରକ୍ଷା ବିଭାଗକୁ ଯୋଗାଇବ। ଏଲ୍ସିଏଚ୍ ଶତ୍ରୁପକ୍ଷର ଏୟାର୍ ଡିଫେନ୍ସ ସିଷ୍ଟମ୍କୁ ଧ୍ୱଂସ କରିବା, ଧୀମା ଗତିରେ ଯାଉଥିବା



ବିମାନକୁ ଟାର୍ଗେଟ୍ କରିବା, ରିମୋଟ୍ ଚାଳିତ ଏୟାରକ୍ରାଫ୍ଟକୁ ଧ୍ୱଂସ କରିବା, ହାଇଅଲ୍ଟିଚ୍ୟୁଡ୍ ବଙ୍କର୍କୁ ଧ୍ୱଂସ କରିବା, ଜଙ୍ଗଲରେ ହେଉ କି ନଗରାଞ୍ଚଳରେ କାଉଣ୍ଟର-ଇନ୍ସର୍ଜେନ୍ସି ଅପରେସନ୍ରେ ଗ୍ରାଉଣ୍ଡ ଫୋର୍ସକୁ ସହାୟତା ଦେବାରେ ବ୍ୟବହାର କରାଯିବ।

## ମଣିପୁରରେ ସିଆରପିଏଫ୍ ବସ୍ ଜାଳିଦେଲେ

ଇମ୍ଫାଲ, ୧୮।୬ (ଏଜେନ୍ସି): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମୀକ୍ଷା ବୈଠକ ପରେ ମଣିପୁର ରାଜଧାନୀ ଇମ୍ଫାଲରୁ ୪୫ କିମି ଦୂର କାଙ୍ଗପୋକପି ଜିଲ୍ଲାରେ ସୋମବାର ରାତିରେ ଉପଦ୍ରବୀ ସିଆରପିଏଫ୍ ଯବାନଙ୍କ ବସ୍କୁ ଜାଳି ଦେଇଛନ୍ତି। ମାତ୍ର ଏଥିରେ କେହି ମୃତାହତ ହୋଇନାହାନ୍ତି। ନିଆଁ ଲଗାଇବା ପୂର୍ବରୁ ଉପଦ୍ରବୀ ଯବାନଙ୍କୁ ବସ୍ରୁ ଓହ୍ଲାଇ ଦେଇଥିଲେ। ଏହି ସମୟରେ ଯବାନ ନିର୍ବାଚନ କାର୍ଯ୍ୟ ସାରି ଫେରୁଥିଲେ। ଏହା ଏକ ଘରୋଇ ବସ୍ ଥିଲା। ମେଇତି ସମ୍ପ୍ରଦାୟର ଜଣେ ଲୋକ ଏହାର ମାଲିକ ଥିଲେ।

■ ରେଳ ଦୁର୍ଘଟଣା ନେଇ କଂଗ୍ରେସର ୭ ପ୍ରଶ୍ନ

# ୪ ବର୍ଷରେ ଲକ୍ଷେ ମୃତ୍ୟୁ ପାଇଁ କିଏ ଦାୟୀ

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ରେଳ ଦୁର୍ଘଟଣା ନେଇ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଆଜି କେନ୍ଦ୍ର ସରକାରଙ୍କୁ ୭ଟି ପ୍ରଶ୍ନ ପଚାରିଛନ୍ତି। ସେ କହିଛନ୍ତି ଯେ ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ପ୍ରଦତ୍ତ ଡାଟା ଅନୁଯାୟୀ ୨୦୧୭ରୁ ୨୦୨୧ ଯାଏ ରେଳରେ କଟିବା, ରେଳରୁ ଖସିବା, ଜଗୁଆଳିବିହୀନ ରେଳ ଫାଟକରେ ଦୁର୍ଘଟଣା ଘଟିବା, ରେଳ ମାଡ଼ିଯିବା, ରେଳରେ ନିଆଁ ଲାଗିବା ଆଦି ବିଭିନ୍ନ ଧରଣର ରେଳ ଦୁର୍ଘଟଣାରେ ଲକ୍ଷେ ଲୋକଙ୍କ ଜୀବନ ଯାଇଛି। ସେଥିପାଇଁ କିଏ ଉତ୍ତରଦାୟୀ? କେଉଁ ଉତ୍ତରଦାୟିତ୍ୱର ବର୍ତ୍ତିବା ଲାଗି ସରକାର ସାଧାରଣ ବଜେଟ ସହ ରେଳ ବଜେଟର ବିଲୟ କରିଥିଲେ ବୋଲି ପଚାରିଛନ୍ତି। ସେହପରି ୨ ଜୁନ୍ ୨୦୨୩ରେ ବାଲେଶ୍ୱରରେ ଏତେ ବଡ଼ ରେଳ ଦୁର୍ଘଟଣା ଘଟିବା ପରେ କାହିଁକି ସେବେଠାରୁ ଗୋଟିଏ ବି କିଲୋମିଟର ରେଳପଥରେ କବଚ ଧକ୍କା-ନିରୋଧୀ (ଆଣ୍ଟି-କୋଲିଜନ୍) ସିଷ୍ଟମ୍ ଯୋଡ଼ାଯାଇନାହିଁ? କାହିଁକି ଗତ ୧୦ବର୍ଷ ଧରି ରେଳବାଇର ପ୍ରାୟ ୩ଲକ୍ଷ ପଦବୀ ଖାଲି ରଖାଯାଇଛି? ରେଲଓ୍ୱେ ବୋର୍ଡ ସ୍ୱୀକାର କରିଛି ଯେ କର୍ମଚାରୀ ଅଭାବରୁ ଲେକୋପାଇଲଟମାନଙ୍କୁ ଡ୍ୟୁଟିଠାରୁ ବହୁ ଅଧିକ ଘଣ୍ଟା କାମ କରିବାକୁ ପଡୁଛି ଯାହା ଦୁର୍ଘଟଣାର ଏକ କାରଣ। ଅଧିକ ସଂଖ୍ୟାରେ ଟ୍ରେନ୍ ଚାଳକ ନିଯୁକ୍ତି ଦିଆଯାଉନି କାହିଁକି? କମିସନ୍ ଅଫ୍ ରେଲଓ୍ୱେ ସେଫ୍ଟି(ସିଆର୍‌ଏସ୍)ର ସୁପାରିସଗୁଡ଼ିକୁ ରେଲୱେ ବୋର୍ଡ ଅଣଦେଖା କରୁଛି କାହିଁକି? ରାଷ୍ଟ୍ରୀୟ ରେଳ ସୁରକ୍ଷା ପାଣ୍ଠିର ଫଣ୍ଡି ୭୫% କଟାଯାଇ ଅନ୍ୟତ୍ର ଖର୍ଚ୍ଚ ହେଉଛି କାହିଁକି? ରେଳ ଦୁର୍ଘଟଣା ପାଇଁ ରେଳ ମନ୍ତ୍ରୀ ନା ପ୍ରଧାନମନ୍ତ୍ରୀ କିଏ ଉତ୍ତରଦାୟୀ?

## କେନ୍ଦ୍ର ସରକାରଙ୍କ ସଙ୍କଟ ବଢ଼ାଉଛନ୍ତି ମମତା ବାନାର୍ଜୀ

# ବିଜେପି ସାଂସଦଙ୍କୁ ଭେଟିଲେ ଦିଦି

କୋଲକାତା, ୧୮।୬ (ଏଜେନ୍ସି):

ଲୋକସଭା ନିର୍ବାଚନରେ ବିଜେପି ସଂଖ୍ୟାଗରିଷ୍ଠତା ହାସଲ ନ କରିନାହିଁ। ମାତ୍ର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ବହୁମତ ମିଳିଛି। ଏହି ମେଣ୍ଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ତୃତୀୟଥର ପାଇଁ ସରକାର ଗଠନ କରିଛି। ବିଜେପିର ଏକକ ସଂଖ୍ୟାଗରିଷ୍ଠତା ନ ଥିବାରୁ ଟିଡିପି, ଜେଡିୟୁ ଭଳି ସହଯୋଗୀ ଦଳ ମେଣ୍ଟ ଛାଡ଼ିଲେ ସରକାରଙ୍କ ପାଇଁ ବଡ଼ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏହା ମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପିର ଚିନ୍ତା ବଢ଼ାଇ ଦେଇଛନ୍ତି। ସେ ମଙ୍ଗଳବାର ଦ୍ୱିପହରେ ବିଜେପିର ରାଜ୍ୟସଭା ସାଂସଦ 'ଅନନ୍ତ ମହାରାଜ' ଓରଫ ନଗେନ୍ଦ୍ର ରାୟଙ୍କୁ ତାଙ୍କ କୁଚବିହାର ସ୍ଥିତ ବାସଭବନରେ ଭେଟିଛନ୍ତି। ସେ ରାଜବଙ୍ଗଶୀ ସମ୍ପ୍ରଦାୟର ନେତା। ସେ ପାରମ୍ପରିକ ଗାମୁଛା ଏବଂ ଗୁଆପାନ ସହିତ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଉଭୟେ ୩୫ ମିନିଟ ପର୍ଯ୍ୟନ୍ତ ବୈଠକ କରିଥିଲେ। ଏହାକୁ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବେ ଦେଖାଯାଉଛି।



ମମତାଙ୍କୁ ସାକ୍ଷାତ କରିବା ପରେ ମହାରାଜ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତାଙ୍କ ସତ୍କାରରେ ପ୍ରଭାବିତ ହୋଇଛନ୍ତି। ସେ ନାମ ନ ନେଇ ବିଜେପିର ସ୍ଥାନୀୟ ତଥା ଜିଲ୍ଲା ନେତୃତ୍ୱ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବିଜେପି ତାଙ୍କୁ ରାଜ୍ୟସଭା ସାଂସଦ ଭାବେ ପଠାଇଛି। ଏହି ପଦକୁ ସେ ସ୍ୱୀକାର କରିଛନ୍ତି। ତେଣୁ ୫ ବର୍ଷ ପାଇଁ ରହିବେ। ମାତ୍ର ସେ ନିଜକୁ ବିଜେପିର ନୁହଁନ୍ତି, ବରଂ ଦ ଗ୍ରେଟର କୁଚବିହାର ପିପୁଲ୍ସ ଆସୋସିଏସନର ନେତା ବୋଲି କହିଛନ୍ତି। ଆଜି ଯାଏଁ ସେ କୁଚବିହାରର ବିଜେପି କାର୍ଯ୍ୟାଳୟକୁ ଯାଇନାହାନ୍ତି।

ଦଳୀୟ ସଦସ୍ୟ ହେବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ନେତାଙ୍କୁ ଡ଼କା ଯାଇନାହିଁ। କେନ୍ଦ୍ରୀୟ ଟିମ୍ ଆସିଲେ ବି ପଚାରୁ ନାହିଁ। ସେମାନେ ପଚାରୁନାହାନ୍ତି; ତେଣୁ ସେ କାହିଁକି ପଚାରିବେ। ତେବେ ମମତାଙ୍କ ସହ ବୈଠକରେ କୌଣସି ରାଜନୈତିକ ଚର୍ଚ୍ଚା ହୋଇନାହିଁ ବୋଲି ମହାରାଜ କହିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ପରିବାର କାହାଣୀ ଜାଣିବାକୁ ଚାହୁଁଥିଲେ। ଏହା କେବଳ ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା। ତେବେ ଗଣମାଧ୍ୟମ ସାମ୍ନାରେ ରାଜ୍ୟସଭା ସାଂସଦ ଦାବି କରିଥିଲେ ଯେ ସେ ସାଂସଦ ନିଧି ପାଣ୍ଠି ଖର୍ଚ୍ଚ କରିପାରୁନାହାନ୍ତି। ଜିଲ୍ଲାର ଜିଲ୍ଲାପାଳ ଏବଂ ଏସ୍‌ପି ତାଙ୍କୁ ସାକ୍ଷାତ କରୁନାହାନ୍ତି। କିନ୍ତୁ ସେ କୌଣସି ରାଜନୈତିକ ଦଳର ନୁହଁନ୍ତି ବୋଲି ସ୍ପଷ୍ଟ କରିଦେଇଛନ୍ତି।

## ମୋଦୀଙ୍କ ଭଙ୍ଗୁର ସରକାର ତିଷ୍ଠି ରହିବାକୁ ଲଢ଼ିବ: ରାହୁଲ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ଲୋକସଭା ନିର୍ବାଚନ ୨୦୧୪ ଓ ୨୦୧୯ ଭଳି ବିଜେପି ଏଥର ସଂଖ୍ୟାଗରିଷ୍ଠତା ପାଇନଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ତିଷ୍ଠି ରହିବାକୁ ସଂଘର୍ଷ କରିବ ବୋଲି କହିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ନିର୍ବାଚନ ଫଳ ପ୍ରକାଶ ପରେ ଫିନାନସିଆଲ୍ ଟାଇମ୍ସକୁ ଦେଇଥିବା ତାଙ୍କ ପ୍ରଥମ ସାକ୍ଷାତକାରରେ ରାହୁଲ କହିଛନ୍ତି, ଜୁନ୍ ୪ରେ ଲେକସଭା ନିର୍ବାଚନର ଫଳ ପ୍ରକାଶ ପରେ ଦେଶର ରାଜନୈତିକ ଦୃଶ୍ୟପଟରେ ଅତିବଡ଼ ପରିବର୍ତ୍ତନ ଆସିଛି। ନିର୍ବାଚନରେ ୨୩୪ ଆସନ ଜିତି ଇଣ୍ଡିଆ ବ୍ଲକ୍ ଏକଜିଟ୍ ପୋଲ୍ ଆକଳନଠାରୁ ଢେର୍ ଭଲ ପ୍ରଦର୍ଶନ କରିଥିବା ବେଳେ ମୋଦୀଙ୍କ ବିଜେପି ୨୪୦ରେ ସୀମିତ ରହିଛି। ଏନଡିଏ ୨୯୩ ଆସନ ଧରି ସରକାର ଗଢ଼ିଥିବାରୁ ଗୋଟିଏ ବି ସହଯୋଗୀ ଦଳ ଖସିଲେ ସରକାର ପ୍ରତି ବିପଦ ଆସିଯିବ। ଘୃଣା ଓ କ୍ରୋଧ ବଢ଼ାଇ ସେଥିରୁ ଫାଇଦା ଉଠାଇବା ଉଦ୍ୟମକୁ ଭାରତୀୟ ଭୋଟରମାନେ ନାପସନ୍ଦ କରିଛନ୍ତି।

ଗଣତନ୍ତ୍ରକୁ ଗଳାରୁଦ୍ଧ କରାଯିବା ଉଦ୍ୟମକୁ ଲୋକେ ସହ୍ୟ କରିନାହାନ୍ତି।



ଜଣେ ଦୁଇଜଣ ବ୍ୟକ୍ତି ଦେଶର ସମସ୍ତ ନିଷ୍ପତ୍ତି ନେବେ, ଯାହା ଚାହିଁବେ ତାହା କରିବେ, ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ନିଷ୍କ୍ରିୟ କରିଦେବେ-ଏହା ଭୋଟରମାନେ ବରଦାସ୍ତ କରିନାହାନ୍ତି। ୨୦୧୪ ଓ ୨୦୧୯ରେ ଯାହା ମୋଦୀଙ୍କ ପାଇଁ କାମ ଦେଇଥିଲା ଏଥର ତାହା କାମ କରିନି। ବିଜେପିର ୬୦ରୁ ଅଧିକ ଆସନ ଇଣ୍ଡିଆ ବ୍ଲକ୍ ଛଡ଼ାଇ ନେଇଛି ବୋଲି ରାହୁଲ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାହୁଲ ଓ୍ୱାୟନାଡ଼ ଆସନ ଛାଡ଼ି ରାଏବରେଲୀ ରଖିବେ। ଓ୍ୱାୟନାଡ଼ରେ ପ୍ରିୟଙ୍କା ଗାନ୍ଧୀ ଉପନିର୍ବାଚନ ଲଢ଼ିବେ। ପ୍ରିୟଙ୍କା ଯଦି ଜିତନ୍ତି ତେବେ ସଂସଦରେ ଗାନ୍ଧୀ ପରିବାରର ତିନି ଜଣ, ସୋନିଆ, ରାହୁଲ ଓ ପ୍ରିୟଙ୍କାଙ୍କୁ ଏକାଠି ଦେଖିବାକୁ ମିଳିବ।

### ଡିଜିଟାଲ ଗିରଫଦାରୀ ମାମଲାର ପର୍ଦ୍ଦାଫାସ୍

# କମିସନରେଟ୍ ପୁଲିସ୍ ହାତରେ ୫ ଅନ୍ତଃରାଜ୍ୟ ସାଇବର୍ ଠକ

**ଭୁବନେଶ୍ୱର,୧୮ ।୬(ସମିସ):** ମିଛ ପୁଲିସ, ମିଛ ଗିରଫଦାରୀ; କିନ୍ତୁ ସତ ଠକେଇ। ଭୁବନେଶ୍ୱରରେ ଆକାଉଣ୍ଟ; ବାଙ୍ଗାଲୁରୁରେ ଅପରେଟ୍। ଡିଜିଟାଲ ଗିରଫଦାରୀ ଆଳରେ ଠକେଇ ମାମଲାରେ ଓଡ଼ିଶାରେ କମିସନରେଟ ପୁଲିସକୁ ପ୍ରଥମ ସଫଳତା ମିଳିଛି। ଭୁବନେଶ୍ୱରର ରାଜ୍ୟ ସରକାରଙ୍କ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ୩୬ ଲକ୍ଷ ଠକେଇ ମାମଲାରେ ସମ୍ପୃକ୍ତ ୫ ଆନ୍ତଃରାଜ୍ୟ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, ଗ୍ୟାଙ୍ଗ୍ ମୁଖିଆ ତ୍ରିପୁରାର ଲାଲେଙ୍ଗ୍ ଜୌଭା କାଇପେଙ୍ଗ ଓରଫ ଡେଙ୍ଗୋ(ବୋଷ୍), ଜିତେନ୍ କାଇପେଙ୍ଗ୍(୨୧), ଆନ୍ଧ୍ରପ୍ରଦେଶର ସେକ୍ ତାଜୁଦ୍ଦିନ(୩୮), ମୁଚୁମାରୀ ଚିଟ୍ଟି ବାବୁ(୩୪) ଓ ଆସାମର ଏଲ୍‌ଭିସ୍ ତାରା ଓରଫ ଜେମ୍ସ(୨୧)। ସେମାନଙ୍କଠାରୁ କାର୍, ୨୦ଟି ଫୋନ୍, ୩୦ଟି ସିମ୍‌କାର୍ଡ, ପାସ୍‌ବୁକ୍ ସହ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି। ଏଥିସହ ଆକାଉଣ୍ଟଗୁଡିକରୁ ୧୨ଲକ୍ଷ ଟଙ୍କା ଫ୍ରିଜ୍ କରିବା ସହ କ୍ରିପ୍ଟୋ ବାଇନାନ୍ସରୁ ୧୭୦୦ ଡଲାର (୧ଲକ୍ଷ ୫୩ ହଜାର ଭାରତୀୟ ମୁଦ୍ରା) ଠାବ କରାଯାଇଛି। ଅଭିଯୁକ୍ତମାନଙ୍କ ନେଟ୍‌ୱାର୍କ ଚୀନ୍ ଯାଏଁ ଲମ୍ବିଥିବା ଜଣାଯାଇଛି। ଚୀନ୍‌ରେ ରହି ମୁଖିଆ ପୂରା ଅପରେଟ୍ କରୁଥିଲା। ତେଣୁ ଏହି ମାମଲାର ଅଧିକ ଖୋଳତାଡ଼ ଲାଗି ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ। ଯଦି କେହି ନିଜକୁ ପୁଲିସ ଓ ଅନ୍ୟ ତଦନ୍ତକାରୀ ଅଧିକାରୀର ପରିଚୟ ଦେଇ ଫୋନ୍ କରୁଛନ୍ତି, ତୁରନ୍ତ ପୁଲିସକୁ ଅଭିଯୋଗ କରିବାକୁ ପୁଲିସ କମିସନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।



ଅଭିଯୋଗ ଅନୁଯାୟୀ, ଗତ ମେ’ ୭ ତାରିଖରେ ସମ୍ପୃକ୍ତ ଅଧିକାରୀଙ୍କୁ ଫେଡେକ୍ସ କୋରିଅର ସଂସ୍ଥା ନାମରେ ଏକ କଲ୍ ଆସିଥିଲା। ନିଜକୁ ମୁମ୍ବାଇ ସାଇବର କ୍ରାଇମ୍‌ବ୍ରାଞ୍ଚର ଅଧିକାରର ପରିଚୟ ଦେଇଥିଲେ। ତାଙ୍କର ଆଧାରକାର୍ଡ ଲିଙ୍କ୍ ରହିଥିବା ଏକ ପାର୍ସଲ ମୁମ୍ବାଇରୁ ତାଇୱାନ ଯାଉଥିଲା। ସେଥିରେ ବିପୁଳ ପରିମାଣ ଡ୍ରଗ୍ସ ବାହାରଛି। ତେଣୁ ତାଙ୍କ ନାମରେ ୱାରେଣ୍ଟ ଆସିଛି, ଗିରଫ କରାଯିବ ବୋଲି କହିଥିଲେ। ପରେ ଉକ୍ତ କଲ୍‌କୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ନିକଟ ସଂଯୋଗ କରି ସ୍କାଇପ ଲିଙ୍କ୍‌ରେ ଯୋଡି ଦିଆଯାଇଥିଲା। ସାଇବର ଅପରାଧୀଜଣକ ପୁଲିସ ଅଧିକାରୀ ବେଶରେ ପୁଲିସ ପୋଷାକ ପିନ୍ଧି ଭିଡିଓ କଲ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ କଥା ହୋଇଥିଲା। ଫୋନ୍ ନ କାଟିବା ଲାଗି ପରାମର୍ଶ ଦେବା ସହ ତାଙ୍କୁ ଅନ୍‌ଲାଇନ୍ ଗିରଫ କରାଯାଉଥିବା କୁହାଯାଇଥିଲା। ସମ୍ପୃକ୍ତି ଅଧିକାରୀଙ୍କୁ ୩ଦିନ ଧରି ସେମାନଙ୍କର ହେପାଜତରେ ରଖାଯାଇଥିଲା। ସେଇ ସମୟ ଅବଧିରେ ଘରୁ ନ ବାହାରିବା ଲାଗି ଭୟ ଦେଖାଯାଇଥିଲା। ତେଣୁ ସମ୍ପୃକ୍ତ ଅଧିକାରୀ ଅନେକ ସମୟ ଧରି ଗୋଟିଏ ସ୍ଥାନରେ ବସିବାରୁ ମାନସିକ ଭାରସ୍ୟମ ହରାଇଥିଲେ। ପରେ ବ୍ୟାଙ୍କ ବିଷୟରେ ସବିଶେଷ ତଥ୍ୟ ଦେବାକୁ ଉକ୍ତ ଅଧିକାରୀଙ୍କୁ କୁହାଯାଇଥିଲା। ସେ ତଥ୍ୟ ଦେବା ପରେ ସାଇବର ଅପରାଧୀନେ ଡିଜିଟାଲ ଗିରଫଦାୟୀ ଭୟ ଦେଖାଇ ତାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ୩୬ ଲକ୍ଷ ୩୪ହଜାର ୪୦୦ ଟଙ୍କା ନେଇଯାଇଥିଲେ। ସେଇ ମାସ ୧୪ ତାରିଖରେ ସମ୍ପୃକ୍ତ ଅଧିକାରୀ ଜଣକ ଏନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

- ସରକାରୀ ଅଧିକାରୀଙ୍କଠାରୁ ଲୁଟିଥିଲେ ୩୬ ଲକ୍ଷ
- ୧୨ ଲକ୍ଷ ଟଙ୍କାର ବ୍ୟାଙ୍କ ଆକାଉଣ୍ଟ ଅଚଳ, ୧୭୦୦ କ୍ରିପ୍ଟୋ ଡଲାର ଠାବ
- କାର୍, ୨୦ ଫୋନ୍, ଲାପଟପ୍ ଓ ୩୦ ସିମ୍ ଜବତ

ତଦନ୍ତ ସମୟରେ ଟଙ୍କା ଯାଇଥିବା ୩୬ ଲକ୍ଷ ଟଙ୍କା ଏକାଧିକ ଆକାଉଣ୍ଟ ମଧ୍ୟରୁ ଗୋଟିଏ ଆକାଉଣ୍ଟ ଭୁବନେଶ୍ୱର ରହିଥିଲା। ଆକାଉଣ୍ଟଧାରୀଙ୍କୁ ପଚରାଉଚରା ପରେ ସେ କିଛି ଜାଣି ନଥିବା କହିଥିଲେ। ତାଙ୍କ ଆକାଉଣ୍ଟ ବ୍ୟବହାର କରିଥିବା ବ୍ୟକ୍ତି ବେଙ୍ଗାଲୁରୁରେ ରହି ଅପରେଟ୍ କରୁଛନ୍ତି। ତାଙ୍କୁ ଯୋଗାଯୋଗ କରିବା ପରେ ଗୌହାଟୀ ଓ ତ୍ରିପୁରାରୁ ଅପରେଟ୍ କରାଯାଉଥିବା ପ୍ରମାଣ ମିଳିଥିଲା। ସମସ୍ତ ତଥ୍ୟକୁ ଯାଞ୍ଚ କରିବା ପରେ ବିଦେଶରେ ଏକ ଆପ୍ଲିକେସନ୍ ଆଣି ମୁଖ୍ୟ ଅଭିଯୁକ୍ତ ଇସାରାରେ ପୂରା ଘଟଣାର ଅପରେଟ୍ କରାଯାଉଥିଲା। ଏ ବିଷୟରେ ତଥ୍ୟ ହାସଲ କରିବା ପରେ ଅଭିଯୁକ୍ତମାନେ ଏକ କାର୍‌ରେ ଭୁବନେଶ୍ୱରକୁ ଆକାଉଣ୍ଟ ନେବାକୁ ଆସିଥିଲେ। ପ୍ରଥମେ ଏହି ସାଇବର ଠକେଇ ମୁଖ୍ୟ ଅଭିଯୁକ୍ତ ତ୍ରିପୁରାର ଡେଙ୍ଗୋ(ବୋଷ୍) ଧରିଥିଲା। ତା’ ପରେ ନିଜକୁ କ୍ରାଇମବ୍ରାଞ୍ଚ ଅଫିସର କହି ଫୋନ୍ କରିଥିବା ଆନ୍ଧ୍ରପ୍ରଦେଶର ମୁଚୁମାରୀ ଚିଟ୍ଟି ବାବୁକୁ କାବୁ କରିଥିଲା। ସେମାନଙ୍କ ବୟାନ୍ ଆଧାରରେ ସାଇବର ଥାନା ପୁଲିସ୍ ତାଜୁଦ୍ଦିନ, ଜେମ୍ସ ଓ ଜିତେନ କୈପେଙ୍ଗଙ୍କୁ ଗିରଫ କରିଛି।

## ମୌସୁମୀକୁ ଡ଼ାକିଲା କାଳବୈଶାଖୀ

**ଭୁବନେଶ୍ୱର, ୧୮।୬(ସମିସ):** ପ୍ରାୟ ସପ୍ତାହରୁ ଊର୍ଦ୍ଧ୍ୱକାଳ ଧରି ଚୁପ୍ ରହିଥିବା ମୌସୁମୀର ଅଭିମାନ ଭାଙ୍ଗିବାକୁ ବାଟ ଫିଟାଇଛି କାଳବୈଶାଖୀ। ପ୍ରଚଣ୍ଡ ଗୁଳୁଗୁଳି ଓ କାଳବୈଶାଖୀ ଜନିତ ବର୍ଷା ମୌସୁମୀ ଆଗମନକୁ ସହଜ କରିଛି। ମୌସୁମୀ ଆଗକୁ ବଢ଼ିବା ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଆଉ ଦିନେ ଦୁଇଦିନ ମଧ୍ୟରେ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ସହ କିଛି କିଛି ସ୍ଥାନରେ କାଳବୈଶାଖୀ ଜାରି ରହିଛି। ଦିନ ବେଳା ବିଭିନ୍ନ ସ୍ଥାନରେ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଅପରାହ୍ଣ ପରେ ବର୍ଷା ପ୍ରକୋପ ଅଧିକ ରହୁଛି। ଏହି କ୍ରମରେ ମଙ୍ଗଳବାର ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଭୁବନେଶ୍ୱରରେ ୧୮ ମିମି ବର୍ଷା ହୋଇଥିଲେ ମଧ୍ୟ ବିଜୁଳି ଘଡ଼ଘଡ଼ିର ପ୍ରଭାବ ଯଥେଷ୍ଟ ଅଧିକ ରହିଛି। ସେହିପରି କିଛି ସ୍ଥାନରେ ପବନର ମାତ୍ରା ମଧ୍ୟ ଅଧିକ ରହିଛି। କଟକରେ ମଧ୍ୟ ୨୩ ମିମି ବର୍ଷା ଅନୁଭୂତ ହୋଇଥିବା ବେଳେ ବିଜୁଳି ଘଡ଼ଘଡ଼ି ଓ ପବନ ଅନୁଭୂତ ହୋଇଛି। ଏହା ବ୍ୟତୀତ ଢେଙ୍କାନାଳରେ ୧୬ ମିମି ଓ ଖୋର୍ଦ୍ଧା ଏବଂ କେନ୍ଦ୍ରାପଡ଼ାରେ ମଧ୍ୟ କାଳବୈଶାଖୀ ବର୍ଷା ହୋଇଥିବା ଦେଖାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଗଜପତିରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହୋଇପାରେ। ତେବେ ଅପରାହ୍ଣରେ ଏହି ଅଞ୍ଚଳଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ରହିବା ନେଇ ମଧ୍ୟ ପାଣିପାଗ କେନ୍ଦ୍ର ଆକଳନ କରିଛି। ମଙ୍ଗଳବାର ରାଜ୍ୟର ୯ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୪୩ ଡିଗ୍ରୀ ସହ ନୂଆପଡ଼ା ସବୁଠାରୁ ଉତ୍ତପ୍ତ ସହର ପାଲଟିଛି। ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ନ ଥିବା ବେଳେ ଏହା ପରେ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଶଙ୍ଖ ଭବନରେ ବିଜେଡି ବିଧାୟକ ଦଳ ବୈଠକ ଆଜି

**ଭୁବନେଶ୍ୱର, ୧୮।୬(ସମିସ):** ଆସନ୍ତାକାଲି ଶଙ୍ଖ ଭବନେରେ ବସିବ ବିଜେଡି ବିଧାୟକ ଦଳ ବୈଠକ। ବିଜେଡିର ନବ ନିର୍ବାଚିତ ବିଧାୟକମାନଙ୍କୁ ଏହି ବୈଠକରେ ଯୋଗ ଦେବା ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ବିଧାନସଭାରେ ବିରୋଧୀ ଦଳ ନେତା, ଉପନେତା, ସଚେତକ ପଦ ସମ୍ପର୍କରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ଏହା ସହ ଗତ ନିର୍ବାଚନରେ ବିଜେଡିର ଫଳାଫଳ, ଆଗାମୀ ଦିନରେ ବିଧାନସଭାରେ ଓ ରାଜ୍ୟରେ ଦଳର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇପାରେ ବୋଲି ସୂଚନା ମିଳିଛି। ୨୦୦୦ ମସିହାଠାରୁ ନିରନ୍ତର କ୍ଷମତାସୀନ ହୋଇ ଆସିଥିବା ବିଜେଡି ପ୍ରଥମଥର ପାଇଁ ବିରୋଧୀ ଆସନରେ ବସିବାକୁ ଯାଉଛି। ଦଳର ୫୧ ଜଣ ବିଧାୟକ ନିର୍ବାଚିତ ହୋଇଥିବାରୁ ଏବଂ ଅଧିକାଂଶ ରାଜନୈତିକ ଅଭିଜ୍ଞ ହୋଇଥିବାରୁ ବିଧାନସଭାରେ ସେମାନେ ପ୍ରଭାବବିସ୍ତାର କରିବା ଯଥେଷ୍ଟ ସମ୍ଭାବନା ରହିଛି। ଦଳର ଅଧିକାଂଶ ନେତା ସଭାପତି ନବୀନ ପଟ୍ଟନାୟକଙ୍କ ବିରୋଧୀ ଦଳ ନେତା ହୁଅନ୍ତୁ ବୋଲି ଚାହୁଁଛନ୍ତି। ମାତ୍ର ସବୁ କିଛି ନବୀନଙ୍କ ଉପରେ ନିର୍ଭର କରୁଛି। ବିଜେଡିର ବହୁ ବରିଷ୍ଠ ନେତା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ତେଣୁ ବିରୋଧୀ ଦଳର ଉପନେତା, ମୁଖ୍ୟ ସଚେତକ କିଏ ହେବେ ତାହା ଉପରେ ମଧ୍ୟ ସମସ୍ତଙ୍କର ନଜର ରହିଛି।

ବିଜେଡି ବିଧାୟିକା ତଥା ପୂର୍ବତନ ବାଚସ୍ପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେଡି ସକାରାତ୍ମକ ଭାବରେ ବିରୋଧୀଦଳ ଭୂମିକା ନିର୍ବାହ କରିବ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶଙ୍ଖ ଭବନରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ବିଜେଡି ବିଧାୟକ ଦଳ ନେତା ଚୟନ କରାଯିବ। ୧୯ ତାରିଖ ଦିନ ବୈଠକରେ ଯୋଗଦେବା ପାଇଁ ଆମକୁ ନିର୍ଦ୍ଦେଶ ଆସିଛି। ଏହି ଦିନ ବିଧାୟକ ଦଳ ନେତା ଚୟନ କରାଯିବ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ସେହିପରି ବିଧାୟକ ଅଶ୍ୱିନୀ ପାତ୍ର ମଧ୍ୟ ଅନୁରୂପ ଇଙ୍ଗିତ ଦେଇଛନ୍ତି।

## ବଣାଇଁ ଜେଲ୍‌ରେ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

**ବଣାଇଁ, ୧୮।୬(ସମିସ):** ବଣାଇଁ ସ୍ୱତନ୍ତ୍ର କାରାଗାରରେ ମଙ୍ଗଳବାର ସକାଳେ ଜଣେ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ, ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ସୋଲ ପଞ୍ଚାୟତ ନୂଆପାଲି ଗ୍ରାମର ଆନନ୍ଦ ଓରଫ ଫିରୁ ରଣା (୫୦)। ୪ବର୍ଷ ତଳେ କୌଣସି ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଅଦାଲତ ତାଙ୍କୁ ୫ବର୍ଷ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ସେ ବଣାଇଁ କାରାଗାରରେ ଜେଲ୍ ଦଣ୍ଡ ଭୋଗୁଥିଲେ। ସେ ୪ ବର୍ଷ କାରାଦଣ୍ଡ ଭୋଗି ସାରିଥିବା ବେଳେ ଆଉ ବର୍ଷକ ପରେ ସେ ଜେଲ୍‌ରୁ ମୁକୁଳି ଥା’ନ୍ତେ। ତେବେ ସୋମବାର ରାତିରେ ସେ ଖାଇପିଇ ନିଜ ସେଲରେ ଶୋଇଥିଲେ। କିନ୍ତୁ ସକାଳେ ଆଉ ଉଠି ନଥିଲେ। ତାଙ୍କୁ ତୁରନ୍ତ ବଣାଇଁ ଡାକ୍ତରଖାନା ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଛନ୍ତି। ପୂର୍ବରୁ ତାଙ୍କର କୌଣସି ରୋଗ ନ ଥିବା ପରିବାର ପକ୍ଷରୁ କୁହାଯାଇଛି।



ବଣାଇଁ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ କେଉଁ କାରଣରୁ ଫିରୁଙ୍କ ମୃତ୍ୟୁ ଘଟିଲା, ତାହା ଜଣା ପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଧାର ଟଙ୍କା ମାଗିବାରୁ ଶାଳକକୁ ହତ୍ୟା

**ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା, ୧୮।୬(ସମିସ):** ଧାର ଟଙ୍କା ମାଗିବାରୁ ଶଳାକୁ ଲୁହା ପାଇପ୍‌ରେ ପିଟି ହତ୍ୟା କରିଛି ଭିଣୋଇ। ଗୋଳନ୍ଥରା ଚଟ୍ଟିସ୍ଥିତ ଶାନ୍ତିନଗରରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ବି. ନାରସିଙ୍ଗୁଲୁ। ତାଙ୍କ ଭାଇ ବି. ସନ୍ତୋଷ ପାତ୍ର ଗୋଳନ୍ଥରା ଥାନାରେ ଏନେଇ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣା ପରଠାରୁ ଅଭିଯୁକ୍ତ ଭିଣୋଇ ଡି.ଚେଲପତି ଫେରାର୍ ରହିଛି। ତାକୁ ଧରିବା ପାଇଁ ପୁଲିସ୍‌ର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ୫ବର୍ଷ ତଳେ ବି.ନାରସିଙ୍ଗୁଲୁଙ୍କଠାରୁ ତାଙ୍କ ଭିଣୋଇ ତଥା ଗୋଳନ୍ଥରା ଚଟ୍ଟି ଶାନ୍ତିନଗର ନିବାସୀ ଡି.ଚେଲପତି ୫ ହଜାର ଟଙ୍କା ଧାର ନେଇଥିଲେ। ପରେ ଆଉ ଧାର ଶୁଝିନଥିଲେ। ଟଙ୍କା ମାଗିବାରୁ ସେ ବିଭିନ୍ନ ଆଳ କରି ଦିନ ଗଡ଼ାଇ ଚାଲିଥିଲା। ତେବେ ସୋମବାର ସନ୍ଧ୍ୟା ପ୍ରାୟ ୫ଟାରେ ବି.ନାରସିଙ୍ଗୁଲୁ ଭିଣୋଇ ଘରକୁ ଯାଇ ଧାର ଟଙ୍କା ମାଗିବାରୁ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଡି.ଚେଲପତି ନିଜ ପତ୍ନୀ ତଥା ବି.ନାରସିଙ୍ଗୁଲୁର ଭଉଣୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲା। ବି.ନାରସିଙ୍ଗୁଲୁ ଏହାର ପ୍ରତିବାଦ କରିବାରୁ ସେ ଏକ ଲୁହା ପାଇପରେ ତାଙ୍କ ମୁଣ୍ଡ ଓ ଛାତିକୁ ବାରମ୍ବାର ଆକ୍ରମଣ କରିଥିଲେ। ଆକ୍ରମଣରେ ବି.ନାରସିଙ୍ଗୁଲୁ ଗୁରୁତର ଆହତ ହୋଇଥିଲେ। ପରିବାରଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

### ଲୋକକଥା



ମୋହନ ସର୍କାର କେତେ ମୋହିବ ହେ
ଏଣିକି ଲୋକଙ୍କ ମନ,
ପ୍ରତିଶ୍ରୁତି ଯାହା ଦେଇଥିଲେ ଏବେ
ପୂରା କରିବାର ଦିନ।
ଆଶାୟୀ ରାଇଜ ଜନ,
ଶ୍ରୁତିରେ ନରହୁ ପ୍ରତିଶ୍ରୁତି ତୁମ
ରୂପ ନଉ ଉନ୍ନୟନ !!

### ■ କନିଷ୍ଠ ଶିକ୍ଷକ ନିଯୁକ୍ତି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

## ସିବିଟି ଆଧାରରେ ଓସେପା ସ୍ଥିର କରିବ କଟ୍-ଅଫ୍ ମାର୍କ

**କଟକ, ୧୮।୬(ସମିସ):** ରାଜ୍ୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ବାଟ ଫିଟିଛି। ଆଜି ହାଇକୋର୍ଟ ଏହି ମାମଲାରେ ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଓସେପା (ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ)ର କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା(ସିବିଟି)ରେ କୌଣସି ଅନିୟମିତତା ହୋଇନଥିବା କହିଛନ୍ତି ହାଇକୋର୍ଟ। ସିବିଟିରେ ପରୀକ୍ଷାର୍ଥୀମାନେ ରଖିଥିବା ମାର୍କ ଆଧାରରେ ଖାଲି ପଦବୀକୁ ଦୃଷ୍ଟିରେ ରଖି ଓସେପା ପକ୍ଷରୁ ବିଷୟ ଓ ବର୍ଗଭିତ୍ତିକ ସର୍ବନିମ୍ନ କଟ୍-ଅଫ ମାର୍କ ଧାର୍ଯ୍ୟ କରିବେ। ଏହା ପରେ କଟ୍-ଅଫ୍ ମାର୍କ ଓ ଏହାଠାରୁ ଅଧିକ ନମ୍ବର ରଖିଥିବା ଆବେଦନକାରୀ ପରୀକ୍ଷାର୍ଥୀଙ୍କ ତାଲିକା ପ୍ରସ୍ତୁତ କରାଯିବ। ଏଥି ସହ ଆବେଦନ ସମୟରେ ପରୀକ୍ଷାର୍ଥୀମାନଙ୍କ ପକ୍ଷରୁ ଦିଆଯାଇଥିବା ଜିଲ୍ଲା ଭିତ୍ତିକ ପ୍ରିଫରେନ୍ସକୁ ବିଚାରକୁ ନିଆଯିବ। ସେହିପରି ପ୍ରଥମ କଟ୍-ଅଫ୍ ମାର୍କ ଧାର୍ଯ୍ୟ ପରେ ସବୁ ପଦବୀ ପୂରଣ ହୋଇ ନପାରି ଖାଲି ପଡ଼ିଲେ ଓସେପା ପୁନଃ କଟ୍-ଅଫ ମାର୍କ ଧାର୍ଯ୍ୟ କରିପାରିବ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରସଂଗରେ ଜଣିକିଆ ବିଚାରପତି ପ୍ରଦାନ କରିଥିବା ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର ରିଟ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏହି ରାୟ ପ୍ରକାଶ କରିଛନ୍ତି। ପ୍ରଥମେ ମେଧା ତାଲିକା ପରେ ଜିଲ୍ଲାୱାରୀ ଅଗ୍ରାଧିକାରକୁ ଗୁରୁତ୍ୱ ଦିଆଯିବା ଦ୍ୱାରା ଶ୍ରେଷ୍ଠ ପ୍ରତିଭା ଚୟନ ହୋଇପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ମାମଲାରେ ହାଇକୋର୍ଟ ଗତ ଏପ୍ରିଲ ୨୯ ରେ ରାୟକୁ ସଂରକ୍ଷିତ ରଖିଥିଲେ।

**ପଦବୀ ଖାଲି ପଡ଼ିଲେ ସାନି କଟଅଫ ଧାର୍ଯ୍ୟ ହେବ**

ପ୍ରକାଶଥାଉକି ଓସେପା ପକ୍ଷରୁ ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ୨୦ହଜାର କନିଷ୍ଠ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ଗତ ୨୦୨୩ ସେପ୍ଟେମ୍ବର୧୩ରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷା ଶେଷ ହୋଇ ୧୮ ହଜାର ୭୦୦ଜଣ ଆଶାୟୀଙ୍କ ମେଧା ତାଲିକା ପ୍ରକାଶ ପାଇଥିଲା। ନିଯୁକ୍ତି ବିଜ୍ଞପ୍ତି ଆଧାରରେ ମେଧା ତାଲିକା ଜିଲ୍ଲାୱାରୀ ପ୍ରକାଶ ସହ ନିଯୁକ୍ତି ଜିଲ୍ଲା ଭିତରେ ସୀମିତ ରଖିବା କଥା। ଏହି ନିଯୁକ୍ତି ସମ୍ପୂର୍ଣ୍ଣ ଜିଲ୍ଲା କ୍ୟାଡର ହୋଇଥିବା ବେଳେ ଓସେପା ସର୍ତ୍ତ ଉଲ୍ଲଙ୍ଘନ କରି ଗୋଟିଏ ମେଧା ତାଲିକା ରାଜ୍ୟବ୍ୟାପୀ ଜାରି କରିଥିଲା। ଏହାକୁ ଚାଲେଞ୍ଜ କରି କେତେକ ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓସେପା (ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ) ଦ୍ୱାରା ପ୍ରସ୍ତୁତ ମେଧା ତାଲିକାକୁ ଜଣିକିଆ ବିଚାରପତି ଗତ ମାର୍ଚ୍ଚ୧୨ରେ ରଦ୍ଦ କରି ସାନି ମେଧା ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଶପଥ ଗ୍ରହଣ: କଥା ଓ ଉପକଥା

### ‘୫-ଟି’କୁ ଜୟନାରାୟଣଙ୍କ ସମର୍ଥନ



ଆଜି ଶପଥ ଗ୍ରହଣ କରିବାକୁ ଆସିଥିଲେ ବିଜେପିର ଟାଣୁଆ ନେତା ତଥା ପୂର୍ବତନ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର। ଜୟଙ୍କୁ ଦେଖି ସାମ୍ବାଦିକ ତାଙ୍କୁ ଘେରିଯିବା ସହ ବିଭିନ୍ନ ବିଷୟରେ ପ୍ରଶ୍ନ କରୁଥାନ୍ତି। ହଠାତ୍ ଜଣେ ସାମ୍ବାଦିକ ତାଙ୍କୁ ‘୫-ଟି’ ଉପରେ ପ୍ରଶ୍ନ କରିଦେଲେ। ସବୁବେଳେ ‘୫-ଟି’ କୁ ନେଇ ଗର୍ଜୁଥିବା ଜୟ କିନ୍ତୁ ଆଜି ବେଶ୍ ନରମ ଭାବରେ ଆମ ସରକାରରେ ବି ‘୫-ଟି’ ରହିବ ବୋଲି କହିଥିଲେ। ଜୟ କହିଥିଲେ ଯେ ପୂର୍ବ ସରକାରରେ ୫-ଟି ଥିଲା। ଆମ ସରକାରରେ ମଧ୍ୟ ୫-ଟି ରହିବ; କିନ୍ତୁ ଆମେ ପ୍ରଚାର କରିବୁ ନାହିଁ। ‘୫-ଟି’ ନରହିଲେ ଗୋଟେ ସରକାର ଚାଲିବ କେମିତି ବୋଲି ଜୟ ପାଲଟା ପ୍ରଶ୍ନ କରିଥିଲେ।

### ଭାବପ୍ରବଣ ଉପାସନା

ଆଜି ପ୍ରଥମଥର ବିଧାନସଭାରେ ପାଦ ଥାପିଥିବା ବିଧାୟକ, ବିଧାୟକ ବେଶ୍ ଭାବପ୍ରବଣ ହୋଇ ପଡ଼ିଥିଲେ। ତେବେ ବ୍ରହ୍ମଗିରି ବିଧାୟିକା ଉପାସନା ତାଙ୍କର ପ୍ରଥମ ପ୍ରବେଶ ବେଳେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଉପାସନା ତାଙ୍କ ବାପା ସ୍ୱର୍ଗତଃ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୧୯୯୫ ମସିହାର ବିଧାୟକ ପରିଚୟ ପତ୍ର ସାଥୀରେ ଧରି ବିଧାନସଭାକୁ ପ୍ରବେଶ କରିଥିଲେ। ସେ କହିଥିଲେ ବ୍ରହ୍ମଗିରିବାସୀଙ୍କୁ ମୁଁ କହି ଆସିଥିଲି; ଯେତେବେଳେ ବିଧାନସଭାକୁ ପ୍ରବେଶ କରିବି, ସେତେବେଳେ କେବଳ ମୁଁ ନୁହେଁ ମୋ ସହ ଆପଣମାନଙ୍କର ସ୍ୱପ୍ନ, ଆଶା, ସାହସକୁ ନେଇ ପ୍ରବେଶ କରିବି। ଆଜି ମୁଁ ମୋ କଥା ରଖି ପାରିଛି।

### ସାଇକଲରେ ସିଦ୍ଧାନ୍ତ



ଆଜି ବିଧାୟକ ଭାବରେ ଶପଥ ନେବାକୁ ବିଧାନସଭାକୁ ସାଇକଲରେ ଆସିଥିଲେ ଦିଗପହଣ୍ଡିର ନବ ନିର୍ବାଚି ବିଧାୟକ ସିଦ୍ଧାନ୍ତ ମହାପାତ୍ର। ଥାଟ ବାଟ, ବଡ଼ ଗାଡ଼ି ଛାଡ଼ି ସେ ସାଇକେଲ ଚଳାଇ ସେ ବିଧାନସଭାକୁ ପ୍ରବେଶ କରିଥିଲେ। ବର୍ତ୍ତମାନ ପରିବେଶ ସହ ଟ୍ରାଫିକ୍ ସମସ୍ୟା ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ମୋ ଘର ବିଧାନସଭାଠାରୁ ୫ କିଲୋମିଟର ମଧ୍ୟରେ। ତେଣୁ ମୁଁ ସାଇକେଲରେ ଆସିବାକୁ ପସନ୍ଦ କଲି ବୋଲି ସେ କହିଥିଲେ।

### ନବାଗତଙ୍କ ପ୍ରଣିପାତ



ପ୍ରଥମ ଥର କରି ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଧାୟକମାନେ ଆଜି ଥିଲେ ବେଶ୍ ଉତ୍ସାହିତ। ଶପଥ ଗ୍ରହଣ ପାଇଁ ବିଧାନସଭା ପ୍ରବେଶ ପୂର୍ବରୁ ବହୁ ନବାଗତ ମୁଣ୍ଡିଆ ମାରି, ଜୁହାର ହୋଇ ଗୃହ ପ୍ରବେଶ କରିଥିଲେ। ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ନବୀନ ଜୈନ, ମାଧବ ଧଡ଼ା, ଅମର ନାୟକଙ୍କ ସମେତ ବହୁ ବିଧାୟକ ବିଧାନସଭାକୁ ନମସ୍କାର କରି ପ୍ରବେଶ କରୁଥିବାର ଦେଖିବାକୁ ମିଳିଥିଲା। ଏପରିକି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ନମସ୍କାର କରି ଗୃହରେ ପ୍ରବେଶ କରିଥିଲେ।

### ଏକମାତ୍ର ରାମଚନ୍ଦ୍ର

ବିଧାନସଭାକୁ ଧୋତି ପିନ୍ଧି ବିଧାୟକ ଆସୁଥିବାର ଆଉ ପ୍ରାୟ ଦେଖିବାକୁ ମିଳୁନାହିଁ। ଷୋଡ଼ଶ ବିଧାନସଭାରେ ନରସିଂହ ମିଶ୍ର, ନିତ୍ୟାନନ୍ଦ ସାହୁଙ୍କ ପରି ହାତଗଣତି ବିଧାୟକଙ୍କୁ ଛାଡ଼ିଦେଲେ ଅନ୍ୟମାନେ ପ୍ରାୟତଃ ଧୋତି ପିନ୍ଧୁନଥିଲେ। ଆଜି ଏକମାତ୍ର ବିଧାୟକ ଭାବେ କୋରାପୁଟ ପଟ୍ଟାଙ୍ଗୀର କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡ଼ାମ ଧୋତି ପିନ୍ଧି ଆସିବାର ଦେଖାଯାଇଥିଲା। ରାମଚନ୍ଦ୍ର କହିଥିଲେ ଯେ ଓଡ଼ିଶାର ପରମ୍ପରା ହେଉଥି ଧୋତି। ପରମ୍ପରା, ପରିଚୟକୁ ବଜାୟ ରଖିବା ପାଇଁ ମୁଁ ଧୋତି ପିନ୍ଧିଛି।

### ଟେବୁଲରେ ଟାବ୍‌ଲେଟ୍

ଓଡ଼ିଶା ବିଧାନସଭାକୁ ବୈଷୟିକ ଭାବେ ସମୃଦ୍ଧ ଏବଂ ସଶକ୍ତ ଭାବେ ଗଢ଼ିତୋଳିବାର ସର୍ବାଧିକ ଶ୍ରେୟ ସ୍ୱର୍ଗତଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନିକଟକୁ ନିଶ୍ଚିତ ଯିବ। ନିଜେ ବାଚସ୍ପତି ଥିବା ସମୟରେ



ଓଡ଼ିଶା ବିଧାନସଭାକୁ ପେପରଲେସ୍ କରିବା, ନେଭା ଆପ୍ଲିକେସନର ପ୍ରଚଳନ ସେ ଆରମ୍ଭ କରିଥିଲେ। ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରଚେଷ୍ଟା ଆଜି ଏକ ନୂଆ ରୂପ ନେଇଛି। ବିଧାନସଭାରେ ବିଧାୟକମାନେ ବସୁଥିବା ଟେବୁଲରେ ନୂଆ ଏବଂ ଅତ୍ୟାଧୁନିକ ଟ୍ୟାବ୍ ଲାଗିଛି। ଆସନ୍ତା ବଜେଟ ଅଧିବେଶନରେ ବିଧାୟକମାନେ ଏହାର ବ୍ୟବହାର କରିପାରିବେ।

### ବିରୋଧୀ ଆସନରେ ନବୀନ

ଆଜି ପ୍ରଥମଥର ବିରୋଧୀ ବିଧାୟକ ଭାବେ ଶପଥ ଗ୍ରହଣ କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨୦୦୦ ମସିହାରୁ ୨୦୨୪ ଯାଏଁ ଲଗାତାର ୫ ଥର ସେ ଶାସକ ଦଳ ପକ୍ଷରୁ ବିଧାୟକ ଭାବେ ଶପଥ ନେଇ ଆସୁଥିଲେ। ତେବେ ଆଜି ସେ ବିରୋଧୀ ବିଧାୟକ ଭାବେ ଶପଥ ନେବା ପରେ ମୁଖ୍ୟମନ୍ତ୍ରୀ ବସିଥିବା ପାର୍ଶ୍ୱକୁ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ, ଦୁଇ ଉପ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ବିଜେପି ମନ୍ତ୍ରୀ ଓ ବିଧାୟକମାନେ ନବୀନଙ୍କୁ ନମସ୍କାର ଜଣାଇଥିଲେ। ନବୀନ ମଧ୍ୟ ହସ ହସ ମୁହଁରେ ପ୍ରତି ନମସ୍କାର ଜଣାଉଥିବାର ଦେଖା ଯାଇଥିଲା।

### ବାପାଙ୍କ ପରେ ପୁଅ

ଚଳିତଥର ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସଙ୍କ ପୁଅ ସାଗର ଦାସ ଭବାନୀପାଟଣା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସେହିପରି ପୁରୀରୁ ସ୍ୱର୍ଗତଃ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନୀଲ ମହାନ୍ତି ମଧ୍ୟ ନିର୍ବାଚିତ ହୋଇଛନ୍ତି। ସାଗର କହିଛନ୍ତି ଯେ ୧୯୮୫ରେ ବାପା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ରେ ସେ ବାପାଙ୍କ ସ୍ଥାନକୁ ପୂରଣ କରିବେ। ସୁନାଲ କହିଛନ୍ତି ଯେ ମୋ ପିତା ମହେଶ୍ୱର ମହାନ୍ତି ପ୍ରଥମଥର ବିରୋଧୀ ଦଳର ବିଧାୟକ ଭାବେ ଶପଥ ନେଇଥିଲେ। ମୁଁ ମଧ୍ୟ ବିରୋଧୀ ବିଧାୟକ ଭାବେ ଆଜି ଶପଥ ନେଉଛି। ବିଧାୟକ ଭାବେ ପୁରୀବାସୀଙ୍କ ପାଇଁ ଯାହା ଦାୟିତ୍ୱ ତାକୁ ନିଷ୍ଠାର ସହ ତୁଲାଇବି।

## ଆଉ ୪ ଜିଲ୍ଲାରେ ଆଜିଠୁ ପାଠପଢ଼ା

**ଭୁବନେଶ୍ୱର, ୧୮।୬(ସମିସ):** ଗ୍ରୀଷ୍ମାବକାଶ ପରେ ରାଜ୍ୟର ଅଧା ଜିଲ୍ଲା ବା ୧୫ଟି ଜିଲ୍ଲାରେ ଆଜି ଖୋଲିଛି ବିଦ୍ୟାଳୟ। ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ହେଉଛି। ସେହିପରି ଦିନକ ପାଇଁ ଛୁଟି ହୋଇଥିବା ୪ଟି ଜିଲ୍ଲାରେ ଆସନ୍ତାକାଲି ବା ବୁଧବାର ବିଦ୍ୟାଳୟ ଖୋଲିବ। କେନ୍ଦ୍ରାପଡ଼ା, ବାଲେଶ୍ୱର, ଝାରସୁଗୁଡ଼ା ଓ ବୌଦ୍ଧ ଜିଲ୍ଲାରେ ପାଠପଢ଼ା ଆରମ୍ଭ ହେବ। ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିକୁ ଦେଖି ରାଜ୍ୟର ୧୧ଟି ଜିଲ୍ଲାରେ ୨୦ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଗଞ୍ଜାମ, ସମ୍ବଲପୁର, ମୟୂରଭଞ୍ଜ, ଭଦ୍ରକ, ବଲାଙ୍ଗିର, କନ୍ଧମାଳ, ନୂଆପଡ଼ା, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ବରଗଡ଼, ନୟାଗଡ଼ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଆସନ୍ତା ୨୧ ତାରିଖରେ ଖୋଲିବାକୁ ଜିଲ୍ଲାପାଳମାନେ ନିଷ୍ପତ୍ତି ନେଇଛନ୍ତି।

### ଘର ଭିତରୁ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

# ଘଟଣା ଚାପିବାକୁ ପୁଲିସ ଓ ଘର ମାଲିକଙ୍କ ଉଦ୍ୟମ

ସମ୍ବଲପୁର ୧୮।୬ (ସମିସ)

ସମ୍ବଲପୁର ଶାନ୍ତି ନଗର ସ୍ଥିତ ଏକ ଘରୁ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇଛି। ମୃତଦେହଟି ପାଖାପାଖି ୨୦ ଦିନ ତଳର ବୋଲି ପୁଲିସ ଅନୁମାନ କରୁଥିବାବେଳେ ଏହା ସାଧାରଣ ମୃତ୍ୟୁ ବୋଲି ଧରି ନେଇଛି ପୁଲିସ। ହେଲେ ମୃତଦେହଟି ଅର୍ଦ୍ଧ ଦଗ୍ଧ ପରି ମନେ ହେଉଥିବା ମୃତ ଦେହକୁ ଯିଏ ଦେଖୁଛି ସେ କହୁଛି। ଶରୀରର ବିଭିନ୍ନ ସ୍ଥାନରେ ପୋଡି ଗଲା ପରେ କଳା ରଙ୍ଗର ହୋଇଥିବାବେଳେ ପୋଲିସ କିନ୍ତୁ ଏହାକୁ ମାନିବାକୁ ନାରାଜ। ସେହିପରି ଘର ମାଲିକଙ୍କ ପ୍ରତିକ୍ରିୟା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସୂଚନା ଅନୁସାରେ ସମ୍ବଲପୁର ଶାନ୍ତି ନଗରସ୍ଥିତ ତାପସ ଶତପଥୀଙ୍କ ଘରେ ଏକ ମୃତଦେହ ଥିବା ନିଜେ ଘର ମାଲିକ ପୁଲିସକୁ ଖବର ଦେଇଥିଲେ। ଏହା ପରେ ପୁଲିସ, ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ପହଞ୍ଚି ଛାନଭିନ ଆରମ୍ଭ କରିବା ସହ ମୃତଦେହ ଜବତ ପରେ ଉଦ୍ଧାର କରାଯାଇଛି। ମୃତଦେହଟି କାହାର ଏଯାଏଁ ଜଣାପଡ଼ିନଥିବାବେଳେ ଆଖପାଖ ପଡୋଶୀରୁ ମଧ୍ୟ ପୁଲିସ କିଛି ସୁରାକ ପାଇ ପାରିନି। ହେଲେ ମୃତଦେହକୁ ଦେଖିଲେ ଏହା ଏକ ସୁଚିନ୍ତିତ

**୨୦ ଦିନ ଯାଏଁ କେମିତି ଥିଲେ ଅଜଣା**

**ବାଥରୁମରେ ରକ୍ତ ଛିଟା, ଯୋଜନା ମୁତାବକ ହତ୍ୟା !**

ହତ୍ୟା ପରେ ପୋଡିଦିଆଯାଇଥିବା ପରି ମନେ ହେଉଛି। ପୁଲିସ କହିବା ଅନୁସାରେ ମୃତଦେହଟି ୨୦ରୁ ୩୦ରୁ ଦିନ ଧରି ଘରେ ଥାଇପାରେ। ହେଲେ ୨୦ ଦିନ ଧରି ରହିଲା ପରେ ମୃତଦେହର ଚର୍ମରେ ପୋକ ଲାଗି ଚର୍ମ କେମିତି ଖାଇ ଯାଇ ନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ସହ ଅନେକ ଦିନ ଧରି ମୃତଦେହଟି ରହିଲା ପରେ ମଧ୍ୟ କେହି କେମିତି ଜାଣି ପାରିଲେ ନାହିଁ ତାହା ମଧ୍ୟ ପ୍ରଶ୍ନ ଚିହ୍ନ ଲଗାଇଛି। ବ୍ୟକ୍ତି ଜଣକ କେମିତି ଘରକୁ ଗଲେ ? ସେଠାରେ କେତେଦିନ ରହିଲେ ଏହା ଘର ମାଲିକ ନଜାଣିବା ଓ ଆଜି ହଠାତ୍ ଜାଣିବା ଭିତରେ ପାଠକମାନେ ଫରକ ବୁଝି ପାରୁଥିବେ। ତେବେ ଏହି ଘଟଣାରେ ତାପସ ଶତପଥୀଙ୍କୁ ପଚାରିବାରୁ ପ୍ରଥମେ ଘଟଣା ବାବଦରେ ଜାଣିନଥିବା କହିଥିଲେ। ଏହା ପରେ ପୋଲିସକୁ ପଚାରି ତଥ୍ୟ ନିଅ ବୋଲି କହିବା ସହ ପରେ ମୃତଦେହ ମିଳିଥିବା କଥା ସ୍ୱୀକାର କରିବା ସହ ଫୋନରେ ସବୁ କହିହେବ ନାହିଁ ବୋଲି କହିଥିଲେ।ତାପସ ଶତପଥୀ ଏମିତି କଣ କହିବାକୁ ଚାହୁଁଛନ୍ତି ଯେ ସମ୍ବେଦନଶୀଳ ଘଟଣାରେ ଫୋନର ବ୍ୟବହାର ଉପରେ ତାଙ୍କର ଭରସା ରହୁନାହିଁ। ହେଲେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ ବାଥ ରୁମରେ ରକ୍ତର ଛିଟା ଲାଗିଥିଲା। ଯାହାକୁ ଘର ମାଲିକ, ପୋଲିସ କେହି ପ୍ରକାଶ କରୁ ନାହାନ୍ତି। ଯଦି ଏହା ସତ ତେବେ ଘଟଣାଟି ସାଂଘାତିକ ହେବା ସହ ପୁଲିସର ଭୂମିକାକୁ ନେଇ ମଧ ପ୍ରଶ୍ନ ଉଠିବା ସହ ଘର ମାଲିକର ଭୋଳାପଣକୁ ନେଇ ମଧ ପ୍ରଶ୍ନ ଛିଡା ହେଉଛି। ଯେଉଁଠି ପୋଲିସ ୧୦ ବୋତଲ କୋରେକ୍ସ ଜବତ କଲେ ପ୍ରେସ ରିଲିଜ ଜାରି କରୁଥିବା ପୁଲିସ ଏତେବଡ ଘଟଣାକୁ ସାଧାରଣ ଘଟଣା ଭାବି ସାମାନ୍ୟତମ ତଥ୍ୟ ଦେବାକୁ ମଧ ଉଚିତ୍ ମନେ କଲା ନାହିଁ। କେହି ହତ୍ୟା କରି ସେଠାରେ ପୂର୍ବ ଯୋଜନା ମୁତାବକ ମୃତଦେହ ରଖିନଥିବ ଏହା କିଏ କହିବ। ମୃତ ଦେହ ମିଳିବା ଘଟଣା ଗତକାଲିଠାରୁ ସହରର ଜଣେ ପ୍ରତିଷ୍ଠିତ ଖବର କାଗଜର ଜିଲ୍ଲା ପ୍ରତିନିଧି ଜିଲ୍ଲା ପ୍ରତିନିଧିଙ୍କୁ ଜଣାଥିଲା ବୋଲି ସହରରେ ଚର୍ଚ୍ଚା ହେଉଛି। ହେଲେ ସାମ୍ବାଦିକ ଜଣକ ଏହି ଖବରକୁ ପ୍ରକାଶନ କରିବା ବଦଳରେ ଚାପି ଦେଇ ଘର ମାଲିକ ସହ ହାତ ମିଳାଇଥିବା କୁହାଯାଉଛି। ସେ ଘଟଣାରେ ନିରପେକ୍ଷ ତଦନ୍ତ ସହ ମୃତଦେହ ଚିହ୍ନଟ ପାଇଁ ପୋଲିସ କଣ ପଦକ୍ଷେପ ନେଉଛି ଦେଖିବାକୁ ବାକି ରହିଲା।

## ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ



**ସମ୍ବଲପୁର୧୮।୬ (ସମିସ):** ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ସ୍ୱାଗତ କରାଯାଇଛି। ବରଗଡ଼ ଗସ୍ତ ସାରି ଫେରୁଥିବା ବେଳେ ଜାତୀୟ ରାଜପଥ ୫୫ ବରେଇପାଲି ଛକ ଓ ଅଇଁଠାପାଲି ଛକରେ ସ୍ୱାଗତ କରାଯାଇଥିଲା। ବରେଇପାଲିରେ ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ସମେତ ସମର୍ଥକ ମାନେ ରହିଥିବା ବେଳେ ଅଇଁଠାପାଲି ଛକରେ ବିଧାୟକ ଜୟନାରାୟଣ ମିଶ୍ରଙ୍କ ସମର୍ଥକ ମାନେ ସ୍ୱାଗତ କରିଥିଲେ। ଅଇଁଠାପାଲି ଛକରେ ସମୀର ରଞ୍ଜନ ବାବୁ ନେତୃତ୍ୱ ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହା ସମ୍ବଲପୁର ପ୍ରଥମ ଗସ୍ତ। ପରେ ଝାରସୁଗୁଡା ବିମାନବନ୍ଦରୁ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ଫେରି ଯାଇଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉପସ୍ଥିତ ରହିଥିଲେ।

### ଡ୍ରେନ୍ ନିର୍ମାଣ ବିବାଦରୁ ମାଆ-ଝିଅଙ୍କୁ ଛୁରାମାଡ଼ ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ଝିଅର ମୃତ୍ୟୁ

**ସମ୍ବଲପୁର, ୧୮।୬(ସମିସ):** ସମ୍ବଲପୁର ଅଇଁଠାପାଲି ଥାନା ଗୋପାଲମାଳ ଦାନୀବନ୍ଦ ଅଞ୍ଚଳରେ ଗତ ୧୪ ତାରିଖ ଜମି ବିବାଦକୁ କେନ୍ଦ୍ର କରି ପଡୋଶୀଙ୍କ ମାଆ ଇନ୍ଦୁ ଦାସ ଓ ଝିଅ ପାୟଲ ଦାସଙ୍କୁ ଛୁରା ମାଡ ହୋଇଥିଲା। ଆଜି ବୁର୍ଲା ଏକ ଘରୋଇ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ପାୟଲଙ୍କ ମୃତ୍ୟୁ ଘଟିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ପୁଲିସ ହସ୍ତାନ୍ତର କରିଥିଲା।



ହତ୍ୟା ଉଦ୍ୟମ ମାମଲା ଏବେ ହତ୍ୟା ମାମଲାରେ ପରିଣତ ହୋଇଥିବା ପୁଲିସ କହିଛି। ଅନ୍ୟପଟେ ମାଆ ଇନ୍ଦୁ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସୁରଥ ହାତୀଙ୍କୁ ଗିରଫ କରି କୋର୍ଟଚାଲାଣ କରି ସାରିଛି। ବ୍ୟବହୃତ ଛୁରୀ ଜବତ କରିଛି। ସୂଚନାଯୋଗ୍ୟଯେ, ସକାଳ ପ୍ରାୟ ୯ ସମୟରେ ମାଆ ଝିଅ ଘରୁ ନିଜ ଟେଲର ଦୋକାନକୁ ଯାଉଥିବା ବେଳେ ଘଟଣା ଘଟିଥିଲା। ପୂର୍ବରୁ ଛପି ଥିବା ଅଭିଯୁକ୍ତ ସୁରଜ ଧାରୁଆ ଛୁରୀରେ ଆକ୍ରମଣ କରିଥିଲା। ଦେହରେ ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ସବୁ ଘଟଣା ସ୍ୱଷ୍ଟ ଦିବା ଲୋକରେ ଘଟିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ପ୍ରଥମେ ଜିଲ୍ଲା ସଦର ଡାକ୍ତରଖାନା ନେଇଥିଲେ। ପରେ ବୁର୍ଲା ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିଥିଲା। ଅଭିଯୁକ୍ତ ସୁରଥ ପଡୋଶୀ ଅଟନ୍ତି ଘର ପାଖରେ ଡ୍ରେନ ନିର୍ମାଣ କରୁଥିଲେ।

# ଲାଞ୍ଚ ନେଇ ଧରାପଡିଲେ ଡଇଁଚା ଆର୍‌ଆଇ

**ରେଢ଼ାଖୋଲ, ୧୮।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ତହସିଲ ମହକୁମା ଡଇଁଚା ରାଜସ୍ୱ ନିରୀକ୍ଷକ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଡଇଁଚା ରାଜସ୍ୱ ନିରୀକ୍ଷକ ଭାବରେ କାର୍ଯ୍ୟ କରୁଥିବା ମନୋଜ କୁମାର ମହାନନ୍ଦ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କଠାରୁ ତାଙ୍କ ସପକ୍ଷରେ ଆରଓଆର୍ (ଜମିପଟ୍ଟା) ପ୍ରଦାନ ପାଇଁ ଏକ ମ୍ୟୁଟେସନ କେଶରେ ତହସିଲଦାରଙ୍କୁ ଅନୁସନ୍ଧାନ ରିପୋର୍ଟ ପଠାଇବାକୁ ରାଜସ୍ୱ ନିରୀକ୍ଷକ ୧୦ ହଜାର ଟଙ୍କା ଦାବି କରିଥିଲେ। ତେବେ ଏ ସମ୍ପର୍କରେ ସ୍ଥାନୀୟ ବ୍ୟକ୍ତି ଜଣଙ୍କ ସମ୍ବଲପୁର ଭିଜଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପରେ ଭିଜଲାନ୍ସ କାର୍ଯ୍ୟାଳୟର ଯୋଜନା ମୁତାବକ ଅଭିଯୋଗକାରୀ ବ୍ୟକ୍ତି ଜଣଙ୍କ ନଗଦ ୧୦ ହଜାର ଟଙ୍କା ନେଇ ରାଜସ୍ୱ ନିରୀକ୍ଷକଙ୍କୁ ଦେବାବେଳେ ପୂର୍ବ ଯୋଜନା ମୁତାବକ ଭିଜିଲାନସ ଟିମ୍ ନଗଦ ଟଙ୍କା ସହ ରାଜସ୍ୱ ନିରୀକ୍ଷକ ଶ୍ରୀ ମହାନନ୍ଦଙ୍କୁ ଧରିôତଲେ। ତାଙ୍କ ନିକଟରୁ କେମିକାଲ ବୋଳା ୧୦ ହଜାର ଟଙ୍କା ଜବତ କରିଥିଲେ। ରାଜସ୍ୱ ନିରୀକ୍ଷକଙ୍କୁ ସମ୍ବଲପୁର ଭିଜଲାନ୍ସ କାର୍ଯ୍ୟାଳୟକୁ ଅଣାଯାଇ ଏ ସଂକ୍ରାନ୍ତରେ ଭିଜିଲାନ୍ସ କେସ ନଂ ୧୧/୨୪ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।



ସୂଚନାଅନୁସାରେ ପୂର୍ବରୁ ମଧ ଶ୍ରୀ ମହାନନ୍ଦ ଜମନକିରା ଆରଆଇ ଥିବା ସମୟରେ ୯ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନସ ଦ୍ୱାରା ଗିରଫ ହୋଇଛନ୍ତି। ତେବେ ଆଜି ପୁଣି ଥରେ ଲାଞ୍ଚ ନେଇ ଗିରଫ ହେବା ପରେ ତାଙ୍କର ୨ ଗୋଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଚଢ଼ଉ ଜାରି ରହିଥିବା ନେଇ ସୂଚନା ମିଳିଛି।

## ପତ୍ରାପାଲିରେ ଜଳଯୋଗାଣ ବନ୍ଦ ନେଇ ବିଡ଼ିଓଙ୍କୁ ଫେରାଦ



**କୁଚିଣ୍ଡା, ୧୮।୬(ସମିସ):** କୁଚିଣ୍ଡା ପଞ୍ଚାୟତ ସମିତି ପାରୁଆଭାଡି ଗ୍ରାମପଞ୍ଚାୟତ ପତ୍ରାପାଲି ଗ୍ରାମରେ ଗତ ୮ ମାସରୁ ଅଧିକ ବିତି ଯାଇଥିଲେ ବି ଏଯାଏଁ ଗାଁରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଗାଁରେ କାଁ ଭାଁ ନଳକୂପରେ ପାଣି ବାହାରୁଥିଲେ ବି ବହୁ ସମୟରେ ପାଣି ନେବା ଆଣିବା ଅସୁବିଧା ହୋଇଥାଏ। ପାନୀୟ ଜଳ ଯୋଗାଣ ପତ୍ରାପାଲି ଗାଁରେ ବନ୍ଦ ରହିଥିବାରୁ ଖରା ମାସ ସାରା ଗ୍ରାମର ପୁରୁଷ ମହିଳା ବିଭିନ୍ନ ମହିଳା ସଂଘ ସହାୟକ ଗୋଷ୍ଠୀର ସଭ୍ୟାମାନେ କୁଚିଣ୍ଡା ବିଡ଼ିଓ ଓ ଆରଡବ୍ଲୁଏସଏସ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଛନ୍ତି। ପୁଣିଥରେ ଆଜି କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସାଙ୍କ ଦ୍ୱାରସ୍ଥ ହୋଇ ପାନୀୟ ଜଳ ଯୋଗାଇ ଗ୍ରାମବାସୀଙ୍କୁ ଜଳ କଷ୍ଟରୁ ମୁକ୍ତ କରିବା ପାଇଁ ଅଭିଯୋଗ କରିଥିଲେ। ବିଡ଼ିଓ ଗ୍ରାମବାସୀଙ୍କୁ ତୁରନ୍ତ କନିଷ୍ଠଯନ୍ତ୍ରୀଙ୍କୁ ଫୋନ କରି ମରାମତି କରି ଜଳ ଯୋଗାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପତ୍ରାପାଲି ଗ୍ରାମରୁ ଆସିଥିବା ମହିଳା ମାନେ ଗାଁକୁ ଫେରିଥିଲେ। ନନ୍ଦିତା ପୃସେଠ, କୃତାଞ୍ଜନୀ ପୃସେଠ, ସୁକାନ୍ତି ନାଏକ, ରୁବି ଦେହୁରୀ, ଯଶୋଦା ବେହେରା, ପୁଷ୍ପା ବେହେରା, ଶକୁନ୍ତଳା ପୃସେଠ, ସ୍ନିଗ୍ଧା ରାଣୀ ପୃସେଠ ପ୍ରମୁଖଙ୍କ ସହ ବହୁ ମହିଳା ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ରାସ୍ତା ନିର୍ମାଣ ନ ହେଲେ ଆନ୍ଦୋଳନ ଚେତାବନୀ

**କୁଚିଣ୍ଡା, ୧୮।୬(ସମିସ):** କୁଚିଣ୍ଡା ସାତକମା ବ୍ରିଜଠାରୁ ସାତକମା ରାସ୍ତା ନିର୍ମାଣ କରାଯାଉ ନ ହେଲେ ଆନ୍ଦୋଳନ ହେବ ବୋଲି ଆଜି ଉପଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି। ପୂର୍ବତନ ସରପଞ୍ଚ ତ୍ରିବିକ୍ରମ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଆଶି ସାଥୁଆ, ଭିକୁ ପଟେଲ, ସତ୍ୟବାନ ବାଘ, ସୁଜିତ ଭଇଁସା, କୈଳାଶ ନାୟକ, ଶୁପେନ ବାଘ, ପିଣ୍ଟୁ ପଳେଇ, ଦିବ୍ୟ ପଳେଇ, ବିପିନ କିସାନ, ପପୁ ମାକର, ଦୀପନ ପଟେଲ ପ୍ରମୁଖଙ୍କ ସମେତ ୫୦ରୁ ଉର୍ଦ୍ଧ ଯୁବକ ଉପଜିଲ୍ଲାପାଳ ହେମସାଗର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ରାସ୍ତା ନିର୍ମାଣ ନ କରି ଟାଳଟୁଳ ନୀତି ଆପଣା ଯାଏ ତାହେଲେ ଅଞ୍ଚଳବାସି କୁଚିଣ୍ଡା ସାତକମା ରାସ୍ତା ଅବରୋଧ କରି ରାସ୍ତା ନିର୍ମଣା ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ଉପଜିଲ୍ଲାପାଳ ଭୋଇ ବୁଧବାର ଆରଡ଼ି ଏସଡିଓଙ୍କୁ ଭେଟି କଥା ବାର୍ତ୍ତା କରିବା ବୋଲି ପ୍ରତିଶୃତି ଦେବାରୁ ଅଞ୍ଚଳବାସୀ ଶାନ୍ତ ହୋଇଥିଲେ। କଥା ବାର୍ତ୍ତାରୁ ଯଦି ସଠିକ ନିଷ୍କର୍ସ ବାହାରେ ତେବେ ଆନ୍ଦୋଳନର ପନ୍ଥା ବାଛି ନେଇ ରାସ୍ତା ନିର୍ମାଣ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଅଭିଯୋଗକାରୀ କହିଛନ୍ତି। ଅଭିଯୋଗ କ୍ରମେ କୁଚିଣ୍ଡା ଭାୟା ସାତକମା, ଲଇଡା, ଜୁନାଡିହି ହୋଇ ସମ୍ବଲପୁରକୁ ସଂଯୋଗ କରୁଥିବା ରାସ୍ତା ଯାତାୟାତ ଦୃଷ୍ଟିରୁ ସୁବିଧା ହୋଇଥାଏ। ସମ୍ବଲପୁରକୁ ରାସ୍ତା ମଧ୍ୟ କମ ହୋଇପଡେ। ସାତକମାରୁ ସମ୍ବଲପୁର ପର୍ଯ୍ୟନ୍ତ ପିଚୁରାସ୍ତା ନିର୍ମାଣ ଚାଲିଛି ହେଲେ ସାତକମା ବ୍ରିଜରୁ ସାତକମା ଗାଁ ମୁଣ୍ଡ ପର୍ଯ୍ୟନ୍ତ ଅଢେଇ କିମି ରାସ୍ତା ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଖାଲ ଖମାରେ ଭର୍ତ୍ତି ହୋଇ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଇ ବାଟ ଦେଇ ସମ୍ବଲପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକାରୀ, କୁଚିଣ୍ଡା ଉପଜିଲ୍ଲାପାଳଙ୍କ ସହ ସମସ୍ତ ଉପଖଣ୍ଡ ଅଧିକାରୀ ମାନେ ଯିବା ଆସିବା କରନ୍ତି। କିନ୍ତୁ କାହାରି ବି ସୁଦୃଷ୍ଟି ପଡୁନାହିଁ। ଏହା ରାସ୍ତା ଉପରେ ଗତ ବର୍ଷ ଆଗରୁ ସଇଡା ବ୍ରିଜ ମରାମତି ସମୟରେ ଏହି ରାସ୍ତା ଉପରେ ଭାରୀଯାନ ଯାତାୟତ ହେତୁ ରାସ୍ତାଟି ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ଏହି ରାସ୍ତାରେ ଯିବା ପାଇଁ ବହୁ ଖାଲ ଖମା ଅତିକ୍ରମ କରି ଗଲାବେଳେ ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ଲାଗି ରହିଥାଏ ବୋଲି ଅଭିଯୋଗ କରିଥିଲେ।




# ଅଫିସ ଘେରିଲେ ଚାଷୀ



### କେନାଲ ପାଣି ଛାଡିବାରେ ବିଳମ୍ବ

**ସମ୍ବଲପୁର, ୧୮।୬ (ସମିସ) :** ହୀରାକୁଦ ଜଳଭଣ୍ଡାରୁ ଖରିଫ ଚାଷ ପାଇଁ କେନାଲ ଗୁଡିକରେ ବିଳମ୍ବରେ ପାଣି ଛଡା ହେବା ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଜି ଚାଷୀମାନେ ଦୃଢ ପ୍ରତିବାଦ କରିଛନ୍ତି। ଏନେଇ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଚାଷୀମାନେ କ୍ଷେତରାଜପୁର ସ୍ଥିତ ସମ୍ବଲପୁର ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ବିରୋଧ ପ୍ରଦର୍ଶନ କରିଥିଲେ। ଜିଲ୍ଲା କୃଷକ ସୁରକ୍ଷା ସଂଗଠନର ସଭାପତି ଉମେଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ରହିଥିଲେ। ଶାସନ କେନାଲ ପାଣି ଛାଡିବାରେ ବିଳମ୍ବ ହେବା ହେଉଛି। ଯଦି ଏପର୍ଯ୍ୟନ୍ତ କେନାଲରେ ପାଣି ଛଡା ଯାଉ ନାହିଁ ତାହେଲେ ଚାଷୀଙ୍କ ଚାଷ କାର୍ଯ୍ୟ ପ୍ରସ୍ତୁତିରେ ବିଳମ୍ବ ହେଉଛି। ତେବେ ବହୁ ଆଲୋଚନା ପରେ ଆସନ୍ତା ୨୦ ତାରିଖରେ ଚାଷୀଙ୍କ ଦାବି ମୁତାବକ ଶାସନ କେନାଲ ପାଣି ଛଡାଯିବ ବୋଲି ଅଧିକାରୀ ମାନେ କହିଥିଲେ। ଚାଷୀଙ୍କ ଅଭିଯୋଗ କ୍ରମେ ପ୍ରଥମେ ଖରିଫ ସମୟରେ ମେ ୧୦ ତାରିଖ ପାଣି ଛଡା ହେଉଥିଲା। ଏତେ ତାହାକୁ ବିଭାଗ ଧିରେ ଧିରେ ବୃଦ୍ଧି କରି ଚାଲିଛି ବିଭାଗ। କେନାଲ ନବୀକରଣ କାମ ଚାଲିଥିବାରୁ ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଇ ଜଳସେଚନ ବିଭାଗ ପାଣି ଛାଡୁନାହିଁ। ଆହୁରି ଅଭିଯୋଗ କରିଛନ୍ତିଯେ, ସମ୍ବଲପୁର ହୀରାକୁଦ ଜଳଭଣ୍ଡାର ନିର୍ମାଣର ମୁଖ୍ୟଲକ୍ଷ୍ୟ ଥିଲା ଚାଷଜମିକୁ ଜଳଯୋଗାଣ ଓ ବିଦ୍ୟୁତ ଉତ୍ପାଦନ। ହେଲେ ଚାଷକୁ ଗୁରୁତ୍ୱ ଦିଆଯାଉ ନାହିଁ। କଳ କାରଖାନାକୁ ଜଳ ଯୋଗାଣ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି। ହେଲେ ହୀରାକୁଦ ଡିଷ୍ଟ୍ରିବ୍ୟୁଟାରୀର ଫାଟକ ସମସ୍ୟା ରହିଥିବା ଓ କେନାଲ କାମ ଚାଲିଥିବା ଯୋଗୁଁ ପାଣି ଛାଡିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଅନେକ କଳକାରଖାନାକୁ ହୀରାକୁଦ ଜଳଭଣ୍ଡାରରୁ ପାଣି ଯୋଗାଣ ହେଉଥିବା ବେଳେ ସମ୍ବଲପୁର ଆଖପାଖରେ କାରଖାନା ଗୁଡିକୁ ମହାନଦୀରୁ ପାଣି ଯୋଗାଣ ହେଉଛି। ଫଳରେ ଚାଷୀମାନେ ପର୍ଯ୍ୟାପ୍ତ ପରିମାଣର ପାଣି ପାଉ ନ ଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଚାଷୀମାନେ ଆବଶ୍ୟକ ପାଣି ପାଇପାରୁ ନାହାନ୍ତି। ଗତ ଫେବୃଆରୀ ଚାଷୀମାନେ ହୀରାକୁଦ ଡିଷ୍ଟ୍ରିବ୍ୟୁଟାରୀ କାର୍ଯ୍ୟାଳୟକୁ ଘେରାଉ ମଧ କରିଥିଲେ। ଆଗକୁ ଖରିଫ ଚାଷ ଆରମ୍ଭ ହେବ।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୧୮।୬(ସମିସ):** ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଟେବୁଲ୍ ଟପ୍ ଏକ୍ସରସାଇଜ୍




ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ କୁମାରୀ ରସ୍ମୀ ଭୋଇ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ଶା ସଭା ପରିଚାଳନା କରିଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ଅଗ୍ନିଶମ ଏବଂ ଏନଡିଆରଏଫର ଅଧିକାରୀ ଉପସ୍ଥିତ ରହି ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପୂର୍ବ ଏବଂ ପର ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ମାନେ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ସମୟରେ ନିଜ ନିଜ ଉପରେ ନ୍ୟସ୍ତ ଥିବା ଦାୟିତ୍ୱ ଏବଂ ସେ ସମ୍ବନ୍ଧିତ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ବିପର୍ଯ୍ୟୟ ପୂର୍ବରୁ ପ୍ରାକ ସୂଚନା ଲୋକଙ୍କ ପାଖରେ ପହଞ୍ଚାଇବା, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା, ଶୁଖିଲା ଖାଦ୍ୟ ଓ ଅତ୍ୟାବଶକୀୟ ସାମଗ୍ରୀ ମହଜୁଦ ରଖିବା, ଶିଶୁ ଓ ମହିଳାଙ୍କୁ ବିଶେଷ ଧ୍ୟାନ ଦେବା, ପ୍ରାଣୀସମ୍ପଦର ସୁରକ୍ଷା ନେବା, ସ୍କୁଲ ଗୁଡିକକୁ ଆବଶ୍ୟକ ସ୍ଥଳେ ଅସ୍ଥାୟୀ ଆଶ୍ରୟସ୍ଥଳ କରାଯିବା, ସଂକ୍ରାମକ ରୋଗ ବ୍ୟାପିବାରୁ ଅଟକେଇବା ଲାଗି ପର୍ଯ୍ୟାପ୍ତ ଟିକା ଓ ଔଷଧ ମହଜୁଦ ରଖିବା, ବିପର୍ଯ୍ୟୟ ପରବର୍ତ୍ତୀ କାଳରେ ବାଧାପ୍ରାପ୍ତ ବିଦ୍ୟୁତ୍ ସରବରାହର ପୁନଃ ସ୍ଥାପନ ନିମନ୍ତେ ତ୍ୱରିତ ପଦକ୍ଷେପ ନେବା ଇତ୍ୟାଦି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସବିଶେଷ ଆଲୋଚନା ହୋଇଥିଲା। ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅଧିକାରୀ ଜୟ ଜଗତ ସାହୁ ବୈଠକରେ ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସବୁ ବିଭାଗ ନିଜ ନିଜ ଭିତରେ ସମନ୍ୱୟ ରଖି ଯେକୌଣସି ବିପର୍ଯ୍ୟୟର ଉଚିତ ମୁକାବିଲା କରି ଧନଜୀବନ ହାନି ହେବାରୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟକି ଆସନ୍ତାକାଲି ଅଗ୍ନିଶମ ବିଭାଗ, ଏନଡିଆରଏଫ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ମିଳିତ ଆନୁକୂଲ୍ୟରେ ବିପର୍ଯ୍ୟୟ ପରିଚାଳନାର ମକଡ୍ରିଲ ବିନାଖଣ୍ଡି ଉପିସ୍କୁଲ ଏମଏଫଏସ, ସମଲେଶ୍ୱରୀ କଲେଜ ଏମଏଫଏସ, ଧାମା, ମାନେଶ୍ୱର ଆୟୋଜିତ ହେବ।

### ସପ୍ତାହିକ ବଜାରରେ ସୀମା ଟପିଲା ପରିବା ଦର

# ଚାଷୀଙ୍କୁ ମିଳୁନି ପରିଶ୍ରମର ମୂଲ୍ୟ

ପଡ଼ିଆବାହାଲ, ୧୮।୬ (ସମିସ)

ଏବେ ସାରା ରାଜ୍ୟରେ ପରିବା ଦରକୁ ନେଇ ଖାଉଟି ଚିନ୍ତାରେ। ସମ୍ବଲପୁର ସହର ସହିତ ଗ୍ରାମାଞ୍ଚଳ ସପ୍ତାହିକ ବଜାରରେ ମଧ ପରିବା କିଣିବା ସାଧାରଣ ପରିବାରଙ୍କୁ ବାଧୁଛି। ପ୍ରାୟ ସବୁ ପରିବାର ଦର ୮୦ ଟଙ୍କା ଉପରେ। ଖାଉଟି ଅଧିକ ଦରରେ କିଣୁଛନ୍ତି ସତ ହେଲେ ଏହାର ଲାଭ ଚାଷୀ ଉଠାଇ ପାରୁ ନାହାନ୍ତି। ବଜାର ଗୁଡିକରେ ବ୍ୟବସାୟୀମାନେ ଏହାର ସିଂହ ଭାଗ ଲାଭ ପାଉଛନ୍ତି। ଚାଷୀ ଯେତେ ପରିଶ୍ରମ ଫଳ ପାଇବା କଥା ପାଉ ନାହାନ୍ତି ଓଲଟା ଚାଷୀ ଅଧିକ ଦର ନେଉଛି ବୋଲି କେତେକ ସ୍ଥାନରେ ବଦନାମ ହେବାକୁ ପଡୁଛି। ପରିବା ଦର ସହର ପ୍ରାୟ ସମୟରେ ବୃଦ୍ଧି ଓ ହ୍ରାସ ହୋଇଥାଏ। ହେଲେ ଗ୍ରାମାଞ୍ଚଳରେ ଏଭଳି ବଢ଼ିବା ଲୋକେ ଗ୍ରହଣ କରି ପାରୁ ନାହାନ୍ତି। କୁଚିଣ୍ଡା, ରେଢାଖୋଲ, ପଡ଼ିଆବାହାଲ, ରେଙ୍ଗାଲି, ମାନେଶ୍ୱର, ଯୁଯୋମୁରା, ନାକଟିଦେଉଳ, ଜମନକିରା, ଧମା, ଚାରମାଲ, ବାମରା ଭଳି ମୁଖ୍ୟ ସ୍ଥାନ ଏପରିକି ଗାଁ ଗଣ୍ଡାରେ କିଛି ଦିନ ହେଲା ପନିପରିବା ଦର ସୀମା ଟପିଲାଣି। ବଜାରରେ ଆଳୁ ପିଆଜ, ଡାଲି, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ଖାଉଟିଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହେଲାଣି। ବଜାରରେ ବିଭିନ୍ନ ପରିବା ଦର ଏବେ ଆକାଶଛୁଆଁ ହୋଇଛି। ଟମାଟର କିଲୋପ୍ରତି ୮୦ ଟଙ୍କା ରହିଥିବା ବେଳେ କାଙ୍କଡ଼ ୮୦ ଟଙ୍କା, ଫୁଲକୋବି ୬୦ ଟଙ୍କା, ପୋଟଳ, ସଜନା ଛୁଇଁ ଓ ଫୁଲକୋବି ୬୦ ଟଙ୍କା, ଝୁଡୁଙ୍ଗ ୫୦ ଟଙ୍କା, ଦେଶିଆଳୁ, ସାରୁ, ବନ୍ଧାକୋବି,



କଦଳୀ, ପିଆଜ, ଜହ୍ନି, କୁନ୍ଦୁରୁ ଓ ଭେଣ୍ଡି ୮୦ ଉପରକୁ ଟପିଥିବା ବେଳେ କଖାରୁ, ବିଟ, ଗାଜର, ବାଇଗଣ ଓ ଅମୃତଭଣ୍ଡା ଭଳି ପରିବାର କୌଣସି ତାରତମ୍ୟ ରହୁନି। ସେପଟେ ଅଦା ୨୦୦ ଟଙ୍କା, ରସୁଣ ୧୪୦ ଟଙ୍କା, ସିମିଳା ମରୀଚ ୧୨୦ ଟଙ୍କା ଓ ବିନ୍ସ ୧୦୦ ଟଙ୍କାରେ ବିକ୍ରି ହେଉଛି। କଞ୍ଚା ଲଙ୍କା ମଧ ୧୦୦ ଉପରକୁ ଟପିଲାଣି। କଲରା, କାକୁଡି, ଲାଉ, ତେଣ୍ଡା କଥା ବି କହିଲେ ନସରେ। ଶାଗ, ଧନିଆଁ ପତ୍ର ଭଳି ଶାଗ ଜାତୀୟ ଖାଦ୍ୟ ଆଉ ବିଡାରେ ନମିଳି କେଜିରେ ବିକ୍ରୟ ହୋଇ ଯେଉଁ ଭଳି ଦର ହୋଇଛି ତାହା ସାଧାରଣ ଜନତାଙ୍କ ପାଇଁ କାଳ ସାଜିଲାଣି। ଫଳରେ ଗରୀବ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ପନିପରିବା କିଣିବା ବେଳକୁ ଖୁବ୍ ବାଧୁଛି। ପନିପରିବା ଦର ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବା ଦେଖାଯାଇଛି। ଏକ ପକ୍ଷରେ ସ୍ଥାନୀୟ ପରିବା ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଯୋଗୁଁ ବାହାରୁ ଆସୁଥିବା ପରିବା ଉପରେ ବ୍ୟବସାୟୀମାନେ ନିର୍ଭର କରିବାକୁ ପଡୁଛି। ଅନ୍ୟପକ୍ଷରେ ହାତ ଗଣତି କୋଡୋଟି ମୁନାଫାଖୋର ବ୍ୟବସାୟୀ ପରିବା ବଜାରକୁ ନିଜ କବଜାରେ ରଖିଛନ୍ତି। ପରିବା ଦର ନିୟନ୍ତ୍ରଣ ପାଇଁ ପଞ୍ଚାୟତସ୍ତରରୁ ମହାନଗର ନିଗମ ଯାଏଁ ସଭିଙ୍କ ଭୂମିକା ରହିଥାଏ। ସ୍ଥାନୀୟ ଚାହିଦାକୁ ଦୃଷ୍ଟିରେ ରଖି ସମସ୍ତେ ବଜାର ଗୁଡିକରେ ଦର ତାଲିକା ମାରି ନିଜ ନିଜ ଅଞ୍ଚଳରେ ପରିବା ଦରକୁ ନିଜ ନିଜ ନିୟନ୍ତ୍ରଣରେ ରଖିବା ଭୂମିକା ଥିବା ବେଳେ ଏ ଦିଗରେ କେହି ମୁଣ୍ଡ ନପୁରାଇବା ଓ ଏ ସବୁର କାରଣକୁ ନେଇ ସରକାର ଉପରେ କେବଳ ଦୋଷ ଲଦା ଚାଲିଛି। ପ୍ରଶାସନ ଓ ଜନ ପ୍ରତିନିଧି ଚୁପ୍ ପଡ଼ି ରହିବାକୁ ନେଇ ସମାଜସେବୀ ଡା.ରାଜାରାମ ଷଡଙ୍ଗୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ନିଜ ନିଜ ଅଞ୍ଚଳରେ ବିଭିନ୍ନ ପନି ପରିବାର ଅମଳ, ବିକ୍ରୟ, ଆମଦାନି ରପ୍ତାନି ଉପରେ ଚାହିଦାକୁ ଲକ୍ଷ କରି ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏ ବ୍ୟବସ୍ଥା ରହିଛି। ଏହାକୁ ନିର୍ବାଚିତ ଜନ ପ୍ରତିନିଧି ଓ ପ୍ରଶାସନ ନିଜର ପାରିବାପଣ ଦକ୍ଷତା ପ୍ରଦର୍ଶନ କରି ପରିବା ଦରକୁ ନିଜ ନିଜ ନିୟନ୍ତ୍ରଣରେ ରଖିପାରିବେ। ଏଭଳି ଅଦୂରଦର୍ଶୀତା କାରଣରୁ ମୁନାଫାଖୋର ପରିବା ବ୍ୟବସାୟୀ ଖାଉଟୀଙ୍କୁ ଶୋଷଣ କରିବାରେ ଲାଗିପଡ଼ିଛନ୍ତି। ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ୱାସ୍ଥ୍ୟ ପାଇଁ ପରିବା ଏକ ମହୌଷଧି ହୋଇଥିବା ବେଳେ ଏହି ସବୁର ଆକାଶ ଛୁଆଁ ଦରଦାମ ପରିବାର ଗଠନ ଦିଗରେ ଏକ ଅସ୍ୱାସ୍ଥ୍ୟକର ଓ ନକରାତ୍ମକ ପ୍ରଭାବ ପକାଇବା ଆଶଙ୍କା ଦିନକୁ ବଢ଼ିବାରେ ଲାଗିଛି।

ସକାଳ THE SAKALA
ବୁଧବାର
୧୯ ଜୁନ, ୨୦୨୪



# ଦୋଷୀକୁ ଘଣ୍ଟ ଘୋଡାଉଛି ପୁଲିସ

**ପଦ୍ମପୁର, ୧୮।୬(ସମିସ):** ଭଗତପୁର ଗ୍ରାମର ସୁଜନ ବାଗ ପଦ୍ମପୁର ଥାନାକୁ ଗତ ଏପ୍ରିଲ ୮ରେ ଏକ କେସ ସୂଚନା ପାଇଁ ଆସିଥିଲେ। ସେହି ଦିନ ପଦ୍ମପୁର ଠାରେ ପଲସଦା ଗ୍ରାମର ସନ୍ତୋଷ ବାଗ, ସୁନୀଲ ବାଗ, ଭଗତପୁରର ନିରଞ୍ଜନ ବାଗ, କେର୍ମେଲାବାହାଲର ସୁନିଲ ମହାନନ୍ଦ, ବରିକେଲର ସ୍ୱର୍ଣ୍ଣ ବିଭାର, ବୁକୁରାମୁଣ୍ଡାର ଜୟ କୁମାର ଜାଲ ଓ ଅନନ୍ତ ବେଶ୍ରା ବାଟରେ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଉକ୍ତ ଦିନଠାରୁ ନିରଞ୍ଜନ ବାଗ ଓ ତାର ବଡ ଭାଇ ଚିତ୍ତ ରଞ୍ଜନ ବାଗ ସୁଜନଙ୍କ ପରିବାରକୁ ସବୁବେଳେ ମାନସିକ ନିର୍ଯାତନା ଦେଉଥିଲେ। ଗତ ଅପ୍ରେଲ ୧୪ରେ ସୁଜନଙ୍କୁ ଉପରୋକ୍ତ ବ୍ୟକ୍ତିମାନେ ଷଡ଼ଯନ୍ତ୍ର କରି ମାଡ଼ପିଟ କରିଥିଲେ। ସୁଜନ ଏନେଇ ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପାଇକମାଳ ପୁଲିସ ଥାନା କେସ ନଂ ୧୦୨/୨୪ରେ ମାମଲା ରୁଜୁ କରିଛି। କିନ୍ତୁ କୌଣସି ପଦକ୍ଷେପ ନ ନେବାରୁ ପୁନର୍ବାର ପାଳସଦା ଗ୍ରାମର ସୁନୀଲ ବାଗ ଓ ତିନି ଜଣ ସହଯୋଗୀକୁ ସାଙ୍ଗରେ ଧରି ଗତ ଜୁନ ୧ ରେ ସୁଜନଙ୍କ ଘରକୁ ଯାଇଥିଲେ। ଏହି ସମୟରେ ସୁଜନଙ୍କ ମା ନିଳା ବାଗ ଏକାକୀ ଥିଲେ। ସୁନୀଲ ଘରର କବାଟ ଭାଙ୍ଗି ଘର ଭିତରକୁ ପଶି ନୀଳା ବାଗଙ୍କୁ ମାଡ଼ ପିଟ କରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ତାଙ୍କ ଠାରୁ ୧ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଅଭିଯୋଗ ପାଇ ପାଇକମାଳ ପୁଲିସ ପୁଣି ୧୭୩/୨୪ରେ ଏକ ମାମଲା ରୁଜୁ କରିଛି। ଜୀବନ ଭୟରେ ସୁଜନ ବାହାରେ ରହି ପାଠ ପଢୁଥିବା ବେଳେ। ତାଙ୍କ ମା' ବାପା ତାଙ୍କ ଭାଇଁ ଘରେ ବାଦିବାହାଲରେ ଅଛନ୍ତି। ଦୁଇଟି ମାମଲା ରୁଜୁ ହୋଇଥିଲେ ମଧ୍ୟ ଅଭିଯୁକ୍ତମାନେ ଖୁଲମ ଖୁଲା ବୁଲୁଛନ୍ତି। ପାଇକମାଳ ପୁଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିପାରୁନାହିଁ। ଏ ସମ୍ପର୍କରେ ପୀଡ଼ିତ ପରିବାର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ୧୦୦ ଦିନ ଭିତରେ ଚାଷୀ ୩୧୦୦ ଟଙ୍କା ନିଶ୍ଚିତ ପାଇବେ: ମୁଖ୍ୟମନ୍ତ୍ରୀ

**ବରଗଡ଼, ୧୮।୬(ସମିସ)**

ଆଗାମୀ ୧୦୦ ଦିନ ଭିତରେ ବରଗଡ଼ ସମେତ ଓଡ଼ିଶାର ସମସ୍ତ ଚାଷୀ ନିଶ୍ଚିତ ଭାବେ ଧାନର ବର୍ଦ୍ଧିତ ଦର କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ଲେଖାଏଁ ନିଶ୍ଚିତ ଭାବେ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଘୋଷଣା କରିଛନ୍ତି। ମଙ୍ଗଳବାର ବରଗଡ଼ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଧାନର ସର୍ବନିମ୍ନ ସହାୟକ ଦର ୨୧୮୩ ଟଙ୍କା ଥିବାବେଳେ ଏହାକୁ ଛାଡ଼ି ଓଡ଼ିଶା ସରକାର ଚାଷୀଙ୍କୁ ବଳକା ୯୧୭ ଟଙ୍କା ପ୍ରଦାନ କରିବ। ପିଏମ କିସାନ ସମ୍ମାନ ନିଧି ଯୋଜନାର ୧୭ ତମ କିସ୍ତି ପ୍ରଦାନ କରିବା ପାଇଁ ବରଗଡ଼ ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଆୟୋଜିତ ସାଧାରଣ ସଭାକୁ ସମ୍ବୋଧିତ କରି ଚାଷୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବରଗଡ଼ ମାଟିରୁ ମାଁ ସମଲେଶ୍ୱରୀ ଓ ନୃସିଂହନାଥ ଦେବଙ୍କୁ ଦଣ୍ଡବତ ହେବା ସହିତ ଉପସ୍ଥିତ ହଜାର ହଜାର ଚାଷୀମାନଙ୍କୁ ଜୁହାର କରି ମୁଖ୍ୟମନ୍ତ୍ରୀ ଶ୍ରୀମାଝି ଓଡ଼ିଶାର ଶାସନ ଗାଦିକୁ ଜନତାଙ୍କ ସରକାରକୁ ଆଣିଥିବାରୁ ଚାଷୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପାଣିପାଗ ଯୋଗୁଁ ବିଳମ୍ବ ହୋଇଥିବାରୁ ଜନତାଙ୍କଠାରୁ





ସେ କ୍ଷମାପ୍ରାର୍ଥନା କରି ପ୍ରବଳ ଗରମ ଓ ଗୁଳଗୁଳି ସତ୍ତ୍ୱେ ସହସ୍ରାଧିକ ଚାଷୀ ଓ ଅଧିବାସୀ ଅପେକ୍ଷା କରିଥିବାରୁ ସମସ୍ତଙ୍କୁ ଆଭାର ବ୍ୟକ୍ତ କରିଥିଲେ। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଶପଥ ନେବାର କିଛିଦିନ ଭିତରେ ପିଏମ କିସାନ ନିଧି ଯୋଜନା ଆରମ୍ଭ କରିଥିବା ବେଳେ ଓଡ଼ିଶା ସରକାର ଶପଥ ନେବାର ଘଣ୍ଟାଏ ଭିତରେ ଚାଷୀଙ୍କୁ ସହାୟତା କରିବା ପାଇଁ ପଦକ୍ଷେପ ନେଇଛି। ସେହିଭଳି ଆଗାମୀ ଦିନରେ ଚାଷ ଓ ଚାଷୀଙ୍କ ପାଇଁ ଆହୁରି ବହୁ ଯୋଜନା ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପିଏମ କିସାନ ଯୋଜନାରେ ଆଜି ଓଡ଼ିଶାର ୩୧ ଲକ୍ଷ ୬୨ ହଜାର ଚାଷୀ ଉପକୃତ ହୋଇଥିବା ବେଳେ ବରଗଡ଼ର ୧୭୭୭୧୦ ଜଣ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୧୨୯୩୫୭ ଜଣ ଉପକୃତ ହୋଇଛନ୍ତି। ତେବେ ବଞ୍ଚିତ ଚାଷୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଥିବାରୁ ଆଗାମୀ ୧୫ ଦିନ ଭିତରେ ସେମାନଙ୍କୁ ମଧ୍ୟ ଯୋଡ଼ାଯିବ ଏବଂ ସେମାନେ ମଧ୍ୟ ପିଏମ କିସାନ ନିଧି ଯୋଜନାରୁ ଲାଭ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମାଝି ଘୋଷଣା କରିଥିଲେ।

# ଶତକ ଅପେକ୍ଷାରେ ଟମାଟୋ

**ବରଗଡ଼, ୧୮।୬(ସମିସ):** କିଛିଦିନ ହେବ ପନିପରିବା ଦର ଅହେତୁକ ବୃଦ୍ଧି ପାଇଛି। ସମସ୍ତ ପରିବା ଦର ଏବେ ଆକାଶଛୁଆଁ ହୋଇଛି। ଏହାର



ସିଧାସଳଖ ପ୍ରଭାବ ଗରିବ ତଥା ମଧ୍ୟବିତ୍ତଙ୍କ ହାଣ୍ଡିଶାଳାରେ ପଡ଼ିଛି। ବରଗଡ଼ ଜିଲ୍ଲାରେ ମଧ୍ୟ ପରିବା ଦର ବୃଦ୍ଧି ପାଇଛି। ଆଉ ଦିନେ ଦୁଇଦିନ ମଧ୍ୟରେ ଟମାଟୋ ଦର ଶତକ ଛୁଇଁବ ବୋଲି ଆଶଙ୍କା କରାଯାଉଛି।

ଧାନ ତଥା ପନିପରିବା ଉତ୍ପାଦନରେ ଅଗ୍ରଣୀ ଜିଲ୍ଲା ଭାବେ ପରିଚିତ ବରଗଡ଼ରେ ଗତ କିଛିଦିନ ହେବ ପନିପରିବା ଦର ଆକାଶଛୁଆଁ ରହିଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଜିଲ୍ଲାରେ ପନିପରିବା ଉତ୍ପାଦନ ବାଧାପ୍ରାପ୍ତ ହୋଇଥିବା ସହ ରାଜ୍ୟ ବାହାରରୁ ମଧ୍ୟ ଆମଦାନି କମିଛି। ଏହାର ପ୍ରଭାବରେ ବର୍ତ୍ତମାନ ବରଗଡ଼ ସହରରେ ଥିବା ବଜାରରେ ପନିପରିବା ଦରବୃଦ୍ଧି ଘଟିଛି। ଫଳରେ ସାଧାରଣ ଖାଉଟି ଚିନ୍ତାରେ ପଡ଼ିଯାଇଛନ୍ତି। ମଙ୍ଗଳବାର ବରଗଡ଼ରେ ଟମାଟୋ କିଲୋପିଛା ଦର ୮୦ ଟଙ୍କା ରହିଥିଲା। ସେହିପରି ବରବଟୀ (ଝୁଲେର), ପୋଟଳ, ଭେଣ୍ଡି, ଫୁଲକୋବି ଦର ୬୦ ଟଙ୍କା, ରସୁଣ, ଧନିଆପତ୍ର ୨୦୦ ଟଙ୍କା, ଶିମଲା ଲଙ୍କା, କାଙ୍କଡ଼, କଞ୍ଚାଲଙ୍କା ୧୦୦ ଟଙ୍କା ରହିଥିଲା। ଅନୁରୂପ ଭାବେ ଆଳୁ, ପିଆଜ, ବାଇଗଣ, ବନ୍ଧାକୋବି ଆଦି ୪୦ରେ ପହଞ୍ଚିଛି। ପ୍ରଶାସନ ଏହାକୁ ନୟନ୍ତ୍ରଣ କରିବାକୁ ସାଧାରଣ ଖାଉଟି ଅନୁରୋଧ କରିଛନ୍ତି।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକ

**ବରଗଡ଼, ୧୮।୬(ସମିସ):** ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ବରଗଡ଼ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ



ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଟେବୁଲ୍ ଟପ୍ ଏକ୍ସରସାଇଜ୍ (ବୈଠକ) ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟକ୍ରମ ଅଧିକାରୀ ରାକେଶ କୁମାର ମଲ୍ଲିକ ପରିଚାଳନା କରିଥିଲେ। ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର, ଅଗ୍ନିଶମ ଏବଂ ଓଡ୍ରାଫ ଅଧିକାରୀ ଉପସ୍ଥିତ ରହି ବନ୍ୟା, ବାତ୍ୟା ସମୟର ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପୂର୍ବ ଏବଂ ପର ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକ ଅନନ୍ତ ମହାକୁଡ଼ ବୈଠକରେ ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଜରୁରୀକାଳୀନ ପରିସ୍ଥିତି ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଆଜି ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକ ସ୍ତରରେ ପ୍ରକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ଲକସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ମଧ୍ୟ ଆୟୋଜିତ ହୋଇଛି।

# ନଳକୂପରେ ଚାନ୍ଦିନୀ ନାହିଁ

**ଦହିତା, ୧୮।୬(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଦହିତା ପଞ୍ଚାୟତର



ବିଭିନ୍ନ ଗାଁରେ ସରକାରଙ୍କ ତରଫରୁ ଲୋକଙ୍କ ସୁବିଧା ପାଇଁ ନୂତନ ନଳକୂପ ଖୋଳାଯାଇଥିଲା। ତେବେ ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ନଳକୂପରେ ଚାନ୍ଦିନୀ ନିର୍ମାଣ ହୋଇନି। ଫଳରେ ଲୋକେ ବିଶୁଦ୍ଧ ପାଣି ପାଇପାରୁନାହାନ୍ତି। ଦହିତା ପଞ୍ଚାୟତ ଦହିତା ବୁଢ଼ୀକଟା, ସର୍ଗିପାଲିର ଦୁଇଟି, ଆମ୍ବବାହାଲ ନୁନମୁଣ୍ଡା, ସୁଲିଆ ଯାମପାଲିର ନଳକୂପରେ ଚାନ୍ଦିନୀ ତିଆରି ହୋଇନି। ଫଳରେ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଗ୍ରାମବାସୀ ଏ ନେଇ ବାରମ୍ବାର ଅଭିଯୋଗ କରିବା ପରେ ବି କୌଣସି ସୁଫଳ ମିଳୁ ନ ଥିବା ପ୍ରକାଶ କରିଛନ୍ତି।

# ପଦ୍ମପୁରରେ ପରିବା ଦର ଆକାଶଛୁଆଁ

**ପଦ୍ମପୁର, ୧୮।୬(ସମିସ):** ପଦ୍ମପୁର ବଜାରରେ ପରିବା ଦର ହୁହୁ ହୋଇ ବଢ଼ିବାରେ ଲାଗିଛି। ମହଙ୍ଗା ମାଡ଼ରେ




ଖାଉଟି କଳବଳ ହେଉଛନ୍ତି। ସାଧାରଣ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଏବେ ଡାଲି, ପିଆଜ, ଆଳୁ, ତେଲ ଦର ବୃଦ୍ଧି ପାଇବାରେ ଲାଗିଛି। ଆଗକୁ ଆହୁରି ଦରବୃଦ୍ଧି ହେବ ବୋଲି ବ୍ୟବସାୟୀମାନେ କହୁଛନ୍ତି। ପରିବା ଦର ମଧ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି। ମାସେ ପୂର୍ବରୁ ଟମାଟୋ ଦର ୨୦ଟଙ୍କା ଥିବା ବେଳେ ବର୍ତ୍ତମାନ ତାହା ୮୦ ଟଙ୍କାରେ ପହଞ୍ଚିଛି। ସେହିପରି ପୋଟଳ ୮୦, ଭେଣ୍ଡି ୬୦, କାକୁଡ଼ି ୪୦, କଲରା ୭୦, ଝୁଡୁଙ୍ଗ ୮୦ ଟଙ୍କା ରହିଥିବା ବେଳେ କେବଳ ବାଇଗଣ ୨୦ ଟଙ୍କା ରହିଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ଯୋଗୁଁ କମ୍ ସଂଖ୍ୟକ ବ୍ୟବସାୟୀ ହାଟକୁ ଆସୁଥିବା ଦେଖିବାକୁ ମିଳୁଛି।

# ଦିବଂଗତ ଶିକ୍ଷକଙ୍କ ପରିବାରକୁ ସମବେଦନା



**ପାଇକମାଳ, ୧୮।୬(ସମିସ):** ପାଇକମାଳ ବ୍ଲକ ସାଲେପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦେବେନ୍ଦ୍ର ସାହୁ ଏବଂ ମାଝୀପାଲି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ନରହରି ବରିହାଙ୍କ ଅକାଳ ବିୟୋଗ ଘଟିଛି। ଏଭଳି ଦୁଃଖଦ ପରିସ୍ଥିତିରେ ବରଗଡ଼ ଜିଲ୍ଲା ଶିକ୍ଷକ ସଂଘ ସଭାପତି ତୋଳାମଣି ମାହାର, ପାଇକମାଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନିରାକାର ପ୍ରଧାନ, ଉପସଭାପତି ବୈଷ୍ଣବ ପଣ୍ଡା, ସମ୍ପାଦକ ଚକ୍ରଧର ଅଜଗର, ପୁରୁଣା ପେନସନଭୁକ୍ତ ଶିକ୍ଷକ ସଂଘ ସଭାପତି ମହାଦେବ ବେହେରା, ଏକ୍ସ-କ୍ୟାଡର ଶିକ୍ଷକ ସଂଘ ସଭାପତି ଲମ୍ବୋଦର ଦାସ, ବ୍ଲକ ସଂଘ କର୍ମକର୍ତ୍ତା ସୁଶାନ୍ତ କୁମାର ସାହୁ, ସଚ୍ଚିଦାନନ୍ଦ ସ୍ୱାଇଁ, ନାରାୟଣ ମେହେର, ଶିବ କୁମ୍ଭାର, ନର ହରିଜନ, ଲବଙ୍ଗଲତା ନାଗ, ପୁଷ୍ପା ରାଉତ, ସୁଜାତା ଧରୁଆ, ମାଧବ ସାହୁ, ଧର୍ମେନ୍ଦ୍ର ସାହୁ, ଗୋବିନ୍ଦରାମ ଅଜଗର, ସୋମନାଥ ବରିହା, ରାଜେନ୍ଦ୍ର ରାଉତ, ଦୂତିଆ ବେସରାଙ୍କ ସମେତ ଶିକ୍ଷକ ସଂଘ ବହୁ ସଦସ୍ୟ ଉଭୟ ଶିକ୍ଷକଙ୍କ ପରିବାରକୁ ପାଇକମାଳ ଓ ଭଗତପୁରସ୍ଥିତ ତାଙ୍କ ବାସଭବନରେ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ମିଳିବାକୁ ଥିବା ଅର୍ଥରାଶି କିପରି ଶୀଘ୍ର ପାଇବେ ସେ ଦିଗରେ ସଂଘ ତରଫରୁ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଦିବଂଗତ ଉଭୟ ଶିକ୍ଷକଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ସାଥୀ ଶିକ୍ଷକମାନେ।

# ବରଗଡ଼ରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ




**ବରଗଡ଼, ୧୮।୬(ସମିସ):** କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପରିକଳ୍ପନାରେ ଆରମ୍ଭ ହୋଇଥିବା ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଚଳିତ ବର୍ଷ ୧୧ ବର୍ଷରେ ପଦାର୍ପଣ କରିଛି। ଆର୍ଟ ଅଫ ଗିଭିଂ ବା ଦେବାର କଳା ସାରା ବିଶ୍ୱରେ ପାଳନ କରାଯାଉଥିବା ବେଳେ ବରଗଡ଼ ସହର ବିଜୁ ପଟ୍ଟନାୟକ ଟାଉନ ହଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସିକା ଡ. ତପସ୍ୱିନୀ ଗୁରୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ଡେପୁଟି ସିଇଓ ରାଜଗୋପାଳ ଦାସ, ଅଧ୍ୟାପକ ସନ୍ତୋଷ କୁମାର ନାୟାର, କିସ୍ ଅଭିଭାବକ ସଂଘ ସମ୍ପାଦକ ତ୍ରିଲୋଚନ ଭୁଏ, କିସ୍ ଜିଲ୍ଲା ସଂଯୋଜକ ନିକାଶ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ସକାଳେ ବରଗଡ଼ ସହର ସରକାରୀ ବସଷ୍ଟାଣ୍ଡରେ ମଧ୍ୟ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ହୋଇଥିଲା। କଳିଙ୍ଗ ଟିଭି ସାମ୍ବାଦିକ ମହେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ମନୋରଞ୍ଜନ ମେହେର, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ଜର୍ଣ୍ଣାଲିଷ୍ଟ ଆସୋସିଏସନ ଅଫ୍ ବରଗଡ଼ର ସଭାପତି ରବି ପଣ୍ଡା, ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ।

# ସରସ୍ୱତୀ ଶିଶୁମନ୍ଦିରରେ ସାଂସଦଙ୍କୁ ସମ୍ବର୍ଦ୍ଧନା



**ପାଇକମାଳ, ୧୮।୬(ସମିସ):** ନବନିର୍ବାଚିତ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶପଥଗ୍ରହଣଉତ୍ସବରେଯୋଗଦେଇଫେରିବା ପରେ ବରଗଡ଼, ଅତାବିରା, ପାଇକମାଳ, ପଦ୍ମପୁର, ଗାଇସିଲେଟ, ଝାରବନ୍ଧ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ପାଇକମାଳ ସରସ୍ୱତୀ ଶିଶୁମନ୍ଦିର ସଭାପତି ରାମକୁମାର ଗୁପ୍ତାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସଦ ପୁରୋହିତଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ରାଜେଶ କୁମାର ପଟେଲ, ପ୍ରଧାନଆଚାର୍ଯ୍ୟ ସାନନ୍ଦ ବାରିକ, ସମ୍ପାଦକ ନିମାଇଁ ଚରଣ ଦାଶ, ରେବତୀ ପାଣିଗ୍ରାହୀ, ସସ୍ମିତା ମହାନ୍ତି, ଶାନ୍ତି ସାହୁ, ବିନୀତା କଦମ, ଅରନ୍ଧତୀ ସାହାଣୀ, ଗୁରୁଜୀ ସୁଶୀଳ ମହାନନ୍ଦ, ଯୋଗେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସାଂସଦ ପୁରୋହିତ ତାଙ୍କ ବକ୍ତବ୍ୟରେ ଶିଶୁମାନଙ୍କ ଉତ୍ତମ ଭବିଷ୍ୟତ ଓ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ।

# ଶ୍ରୀରାମ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ



**ବରଗଡ଼, ୧୮।୬(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ପଡ଼ା ଗ୍ରାମରେ ଶ୍ରୀରାମ ଚାରିଟେବୁଲ ଟ୍ରଷ୍ଟ ଏବଂ ପଡ଼ା ଗ୍ରାମର ଯୁବବର୍ଗଙ୍କ ମିଳିତ ଉଦ୍ୟମରେ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବଢୁଥିବା ତାପମାତ୍ରା ଜୀବଜଗତ ଉପରେ ସିଧାସଳଖ ପ୍ରଭାବ ପଡୁଥିବା ବେଳେ ଏହାକୁ ପ୍ରଶମିତ କରିବା ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ଶିକ୍ଷାବିତ ମୋହନ ସିଂ କହ୍ନେଇ, ବିଶିକେଶନ ମେହେର, ଶ୍ରୀରାମ ଚାରିଟେବୁଲ ଟ୍ରଷ୍ଟର ବିକାଶ ମେହେର, ଦିଲୀପ ମେହେର, ଶୁଭମ ବେହେରା, ସଙ୍କେତ ମେହେର, ସମୀର ପଧନ, ରାଜେଶ, ସତ୍ୟମ ମେହେର, ସୁଜିତ ମେହେର, ଗୁଣ ମେହେର, ପଡ଼ା ଗ୍ରାମର ସଚେତନ ଯୁବବର୍ଗ ମଧ୍ୟରୁ ଶେଷଦେବ ମେହେର, ଉମାକାନ୍ତ ଭୋଇ, ଚନ୍ଦନ ପଧାନ, ରାକେଶ ପଧାନ, ପବିତ୍ର ମେହେର, ଉତ୍ତମ ମେହେର, ସାଗର ବେହେରା, ରମେଶ ମେହେର, ଘନଶ୍ୟାମ ପାଇକ ପ୍ରମୁଖ ସାମିଲ ହେଇ ଚାରାରୋପଣ କରିଥିଲେ।

# ପେଶାରେ ଅଧ୍ୟାପକ: ନିଶା ପକ୍ଷୀ ସଂରକ୍ଷଣ ଓ ପରିବେଶ ସୁରକ୍ଷା

**ବରଗଡ଼, ୧୮।୬(ସମିସ)**

ପ୍ଲେ ବୋର୍ଡରେ ଲେଖାହୋଇଛି ପକ୍ଷୀ ମାରିବା ମନା ଓ ଗାଧୁଆ ଘାଟକୁ ସଫା ରଖିବା। ଆଜିର ଦିନରେ ପରିବେଶ ଦୂଷିତ ହେବା ସାଙ୍ଗେ ବିଭିନ୍ନ ପ୍ରଜାତିର ପକ୍ଷୀ ଲୋପ ପାଇବାକୁ ଲାଗିଲେଣି। ଦିନକୁ ଦିନ ଯେତେ ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବହାର ୱାରଲେସ ଯାହା ଦ୍ୱାରା ଫୋନ ଯୋଗାଯୋଗ ହୋଇ ପାରୁଛି। ମଣିଷ ନିଜର ସ୍ୱାର୍ଥ ଦେଖି ସବୁ ସୁବିଧା ଖୋଜୁଛି ହେଲେ ତା ଦ୍ୱାରା ଅନେକ ପ୍ରଜାତିର ପକ୍ଷୀ ଲୋପ ପାଇବାରେ ବସିଲେଣି। ଗଛ, ପାହାଡ଼, ଜଙ୍ଗଲ ଧ୍ୱଂସ କରି ସାରିଲାଣି ମଣିଷ। ମାଂସହାରୀ ମଣିଷ ବନ୍ଧୁକ ମୁନରେ ପକ୍ଷୀମାନଙ୍କୁ ହତ୍ୟା କରି ଦେଉଛି। କିନ୍ତୁ ଏହି ସମୟରେ ବରଗଡ଼ ଜିଲ୍ଲାର ବିଜେପୁର ବ୍ଲକ ଅନ୍ତର୍ଗତ କେଉଁଟିପାଲି ଗ୍ରାମର ବିଶିଷ୍ଟ ଓଡ଼ିଆ ଅଧ୍ୟାପକ ପ୍ରଫୁଲ୍ଲ ପଧାନ ରେଡିଏନ୍ସ କଲେଜ ବିଜେପୁରରେ ଅଧ୍ୟାପନା କଲେ ମଧ୍ୟ ସେ ପକ୍ଷୀ ସଂରକ୍ଷଣ ଓ ପରିବେଶ ସୁରକ୍ଷା ପାଇଁ







ଆଜି ସମୟରେ ସମାଜରେ ଅଣ୍ଟା ଭିଡିଛନ୍ତି। ନିଜ ଗାଁ ପୋଖରୀରେ ପକ୍ଷୀ ମାରିବା ମନା ଭଳି ପ୍ଲେ ବୋର୍ଡ ଲେଖିଛନ୍ତି। ଗାଧୁଆ ତୁଠ ସଫା କରିବା ପାଇଁ ମଧ୍ୟ ପ୍ରର୍ବତ୍ତାଇଛନ୍ତି। ଏହି କାର୍ଯ୍ୟରେ ଯେତେ ବି ବାଧା ହେଲେ ମଧ୍ୟ ପଛଘୁଞ୍ଚା ଦେଇନାହାନ୍ତି। ନିଜେ ଦିନକୁ ଦୁଇ ଥର ଗାଁ ପୋଖରୀ ସଫା କରନ୍ତି ଓ ସେହି ସ୍ଥାନର ନାମ ପକ୍ଷୀ ବିହାର ରଖିଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଛାତ୍ରଛାତ୍ରୀ ଓ ସହକର୍ମୀ ଉପାଧ୍ୟକ୍ଷ ସଞ୍ଜୟ ବାରିକଙ୍କ ସହ ପରିବେଶ ସୁରକ୍ଷା ଉପରେ ଆଲୋଚନା କରନ୍ତି। ସକାଳ ସନ୍ଧ୍ୟା କି ମନୋରମ ଦୃଶ୍ୟ ଦେଖିବାକୁ ମିଳେ ସେହି ପକ୍ଷୀ ବିହାରରେ ଅନେକ ପ୍ରଜାତିର ପକ୍ଷୀ ଦେଖା ଯାଆନ୍ତି। ବାସ୍ତବିକ ଏପରି ପ୍ରକୃତି ପ୍ରେମୀ ପ୍ରଫୁଲ୍ଲିତ ମଣିଷ ଆଜିର ସମୟରେ ଦେଖିବାକୁ ବିରଳ। ପକ୍ଷୀ ସୁରକ୍ଷା, ସଂରକ୍ଷଣ ଓ ପରିବେଶ ସୁରକ୍ଷା ଜନସଚେତନତା ମୁଖ୍ୟ ଉଦ୍ଦେଶ୍ୟ। ତାଙ୍କର ପ୍ରିୟ ଶିଷ୍ୟ ଆଶିଷ ଜ୍ୟୋତିଷ ଏହି କାର୍ଯ୍ୟରେ ତାଙ୍କଠାରୁ ମଧ୍ୟ ଅଧିକ ତତ୍ପର ବୋଲି ଶ୍ରୀ ପ୍ରଧାନ କହିବା ସଙ୍ଗେ ସଙ୍ଗେ ଗାଁ ପୋଖରୀ ଆହୁରି ମନୋରମ ହେବ ବୋଲି ମତ ରଖିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି



**ଝାରବନ୍ଧ, ୧୮।୬(ସମିସ):** ଝାରବନ୍ଧ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ଟେବୁଲ ଟପ୍ ଏକ୍ସସରସାଇଜ ଅନୁଷ୍ଠିତ ହୋଇଛି। ବନ୍ୟା, ବାତ୍ୟା, ଘୂର୍ଣ୍ଣିଝଡ଼ ଆଦି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏଥିରେ ଆଲୋଚନା ହୋଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଏ ସମ୍ପର୍କିତ ତୁରନ୍ତ ପଦକ୍ଷେପର ନମୁନା ପ୍ରଦର୍ଶନ କରାଯାଇଥିଲା। ତହସିଲଦାର ସଦାକର ପଧାନ, ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ଶବର, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସନ୍ଧ୍ୟାରାଣୀ ନେପାକ, ଏବିଡିଓ ଭୀଷ୍ମଦେବ ମାଝୀ ଏଥିରେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ।



ପରିବର୍ତ୍ତନ ବିଷୟରେ ଭାଷଣ ଦେବା ଖୁବ୍ ସହଜ, କିନ୍ତୁ କରି ଦେଖାଇବା କଷ୍ଟକର।
-ଆଲ୍‌ଭିନ୍ ଟଫଲର

# ସକାଳ THE SAKALA

## କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଦୁର୍ଘଟଣା

# 'କବଚ'ବିହୀନ ରେଳବାଇ ଆଉ କେତେ ନିରୀହ ଜୀବନ ନେବ?

ପୁଣି ଥରେ ଭାରତୀୟ ରେଳବାଇର ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବିରାଟ ପ୍ରଶ୍ନଚିହ୍ନ ଲାଗିଛି। ପଶ୍ଚିମବଙ୍ଗର ସିଲିଗୁଡ଼ି ନିକଟ ରଙ୍ଗାପାଣି ଷ୍ଟେସନରେ ସୋମବାର ସକାଳେ ଆଉ ଏକ ରେଳ ଦୁର୍ଘଟଣାରେ ନଅଜଣଙ୍କର ମୃତ୍ୟୁ ଘଟିଛି ଏବଂ ୪୧ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଆମ ରେଳବାଇ ହାତରେ 'କବଚ' ସୁରକ୍ଷା ପ୍ରଯୁକ୍ତିବିଦ୍ୟା ଥାଉ ଥାଉ ପୁଣି ଥରେ ଗୋଟିଏ ବିରାଟ ରେଳ ଦୁର୍ଘଟଣା ଘଟିଥିବାରୁ ଆମର ରେଳ ସୁରକ୍ଷା ଯୋଜନା ନୀତିର କାର୍ଯ୍ୟାନ୍ୱୟନରେ ଅବହେଳା ପୁଣି ଥରେ ଏଭଳି ଏକ ଜାତୀୟ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ଆଉ କେତେ ଦଶନ୍ଧି ଗଲେ ଅନ୍ତତଃ ଦେଶର ମୁଖ୍ୟ ରେଳମାର୍ଗ ଗୁଡ଼ିକ 'କବଚ' ସୁରକ୍ଷା ଯୋଜନାରେ ସାମିଲ ହେବ? ପ୍ରତ୍ୟେକଟି ଦୁଃଖଦ ଘଟଣା ଘଟିସାରିବା ପରେ ଆମେ ଦେଶବାସୀ କ'ଣ ଏମିତି କାନ୍ଦୁଥିବା ଆଉ 'କବଚ' ଯୋଜନା ଲାଗୁ କରିବା ପାଇଁ ପ୍ରାର୍ଥନା କରୁଥିବା?

ପ୍ରାୟ ବର୍ଷକ ତଳେ ଜୁନ୍ ୨ ତାରିଖରେ ଓଡ଼ିଶାର ବାହାନଗା ନିକଟରେ ଘଟିଥିବା ଟ୍ରେନ୍ ମର୍ମନ୍ତୁଦ ଦୁର୍ଘଟଣା ଭଳି ଦାର୍ଜିଲିଂ ଦୁର୍ଘଟଣା ପ୍ରାୟ ଏକପ୍ରକାର ଘଟିଛି। ଉତ୍ତର-ପୂର୍ବାଞ୍ଚଳରୁ ସିଆଲଦା ଯାଉଥିବା କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଏକ ଛୋଟ ଷ୍ଟେସନରେ ଛିଡ଼ା ହୋଇଥିବା ବେଳେ ପଛରୁ ଏକ ମାଲଗାଡ଼ି ଆସି ଏହାକୁ ଧକ୍କା ଦେଇଥିଲା। ତେବେ ବାହାନଗା ଦୁର୍ଘଟଣାରେ ଦୁଇଟି ଏକ୍ସପ୍ରେସ ଓ ଗୋଟିଏ ମାଲଗାଡ଼ି ସମ୍ପୃକ୍ତ ଥିଲେ ଏବଂ ମୃତ୍ୟୁସଂଖ୍ୟା ଥିଲା ସରକାରୀ ଭାବେ ୨୯୬। ବର୍ଷକ ମଧ୍ୟରେ ୧୭ରୁ ଅଧିକ ମୃତଦେହ ଚିହ୍ନଟ ନ ହେବାରୁ କର୍ତ୍ତୃପକ୍ଷ ନିୟମ ମୁତାବକ ସେସବୁର ନିକଟରେ ଅନ୍ତିମ ସଂସ୍କାର କରାଇଥିଲେ। ବାହାନଗାରେ ସିଗ୍ନାଲ ଓ ମାନବୀୟ ଉଭୟ ତ୍ରୁଟି ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲେ ମଧ୍ୟ ଏହାର ବାସ୍ତବ କାରଣ ନିର୍ଦ୍ଧାରଣ ଏ ଯାଏଁ କରାଯାଇ ପାରିନାହିଁ ଏବଂ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ପ୍ରାୟ ସେହି ଢଙ୍ଗରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଦୁର୍ଘଟଣା ଘଟିଛି। ସମ୍ପୃକ୍ତ ଷ୍ଟେସନରେ ଥିବା ସ୍ୱୟଂକ୍ରିୟ ସିଗ୍ନାଲିଂ ବ୍ୟବସ୍ଥା ଅଚଳ ଥିବାରୁ ପିଏଲସିଟି ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଥିଲା। ପିଏଲସିଟି ଅର୍ଥ ପେପରଲାଇନ୍ କ୍ଲିୟର ଟିକେଟ୍। ଏହି ବ୍ୟବସ୍ଥାରେ ଗୋଟିଏ ଟ୍ରେନ୍‌କୁ ସିଗ୍ନାଲ ଅତିକ୍ରମ କରିବା ପୂର୍ବରୁ ଏକ ମିନିଟ୍ ଅଟକିବା ସହିତ ସର୍ବାଧିକ ଘଣ୍ଟାପ୍ରତି ୧୫ କିମି ବେଗରେ ଆଗକୁ ଗତି କରିବାକୁ ପଡ଼ିଥାଏ।

ରେଳବାଇ ବୋର୍ଡର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ କହିବା ଅନୁସାରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ସେହି ଷ୍ଟେସନରେ ଅଟକିବା ସହିତ ଧୀର ଗତିରେ ଯାତ୍ରା ଆରମ୍ଭ କରୁଥିବା ବେଳେ ଏକ ମାଲଗାଡ଼ି ସିଗ୍ନାଲ ନିର୍ଦ୍ଦେଶ ନ ମାନି ପଛରୁ ଖୁବ୍ ଜୋରରେ ତାହାକୁ ଧକ୍କା ଦେଇଥିଲା। ଫଳରେ ମାଲଗାଡ଼ିର ଲୋକୋପାଇଲଟ ଓ ସହାୟକ ପାଇଲଟଙ୍କ ସମେତ ଏକ୍ସପ୍ରେସର ଗାର୍ଡ ଓ ଅନ୍ୟ ଛ'ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଗୋଟିଏ ଟ୍ରାକ୍‌ରେ ଟ୍ରେନ୍ ମଧ୍ୟରେ ଧକ୍କା ହେଲେ ଉଭୟର କ୍ଷତି ଘଟିଥାଏ ଏବଂ ମୃତାହତଙ୍କ ସଂଖ୍ୟା ଅଧିକ ହୁଏ। ଏଥର ଦୁଇ ଟ୍ରେନ୍ ଗୋଟିଏ ଦିଗରେ ଗତି କରୁଥିବାରୁ ଏବଂ ବେଗ କମ୍ ଥିବାରୁ ମୃତାହତଙ୍କ ସଂଖ୍ୟା ଓ କ୍ଷୟକ୍ଷତି ସେତେ ଅଧିକ ହୋଇନାହିଁ। ମାଲଗାଡ଼ିର ଅନ୍ୟ ଜଣେ ଲୋକୋପାଇଲଟ ଗୁରୁତର ଭାବେ ଆହତ ହୋଇଛନ୍ତି। ସେ ସୁସ୍ଥ ହେଲେ ବାସ୍ତବ ଘଟଣା କ'ଣ ହୁଏତ କହିପାରନ୍ତି।

ଆକାର ଅନୁସାରେ ଭାରତୀୟ ରେଳବାଇ ବିଶ୍ୱର ଚତୁର୍ଥ ବୃହତ୍ ରେଳ ବ୍ୟବସ୍ଥା। ୧୮୭ ବର୍ଷର ପୁରୁଣା ଏହି ରେଳସେବା ଭାରତର ଜାତୀୟ ଯାତ୍ରୀବାହକ ଏବଂ ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ। ସତରଟି କାର୍ଯ୍ୟକ୍ଷମ ଓ ଗୋଟିଏ ଅଣକାର୍ଯ୍ୟକ୍ଷମ ଜୋନ ଓ ଡିଭିଜନକୁ ନେଇ ଗଠିତ ଭାରତୀୟ ରେଳବାଇ ଦୈନିକ ୧୪ ହଜାରରୁ ଅଧିକ ଯାତ୍ରୀଗାଡ଼ି ଓ ୯୦୦୦ରୁ ବେଶି ମାଲଗାଡ଼ି ଚଳାଚଳ କରିଥାଏ। ଏ ସବୁ ଟ୍ରେନ୍ ଦେଶର ୭୩୨୫ ଷ୍ଟେସନ ଦେଇ ଚଳାଚଳ କରିଥା'ନ୍ତି। ଭାରତୀୟ ରେଳବାଇରେ ୧୨, ୧୨, ୮୨ କର୍ମଚାରୀ ନିଯୁକ୍ତ ଏବଂ ଏହା ସେନା ପରେ ଦ୍ୱିତୀୟ ସର୍ବାଧିକ ଲୋକଙ୍କୁ କର୍ମ ନିଯୁକ୍ତି ଦେଉଛି। ଦୈନିକ ପ୍ରାୟ ୨୪ ନିଯୁତ ଯାତ୍ରୀ ଟ୍ରେନ୍‌ରେ ଯାତ୍ରା କରନ୍ତି ଏବଂ ୨୦୪ ନିଯୁତ ଟନ୍ ମାଲ ପରିବହନ ହୁଏ। ଏହାର ବାର୍ଷିକ ଆୟ (୨୦୨୩-୨୪) ୨୫୬୦୦୦ କୋଟି ଟଙ୍କା। ଆମେରିକା, ଚୀନ୍ ଓ ରୁଷିଆ ପରେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ ରେଳ ବ୍ୟବସ୍ଥା, ଯାହା ଏକକ ପରିଚାଳନାରେ ରେଳ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ। ତେବେ ବେଗ, ନିରାପତ୍ତା, ସମୟାନୁବର୍ତ୍ତିତା ଓ ଯାତ୍ରୀ ସେବା ଦୃଷ୍ଟିରୁ ଭାରତୀୟ ରେଳବାଇ ବିଶ୍ୱର ଅନ୍ୟ ତିନି ପ୍ରମୁଖ ରେଳ ବ୍ୟବସ୍ଥା ଅନୁରୂପ ନୁହେଁ। ଏଠାରେ ଟ୍ରାକର ମାନ ଖରାପ, ସିଗ୍ନାଲିଂ ବ୍ୟବସ୍ଥା ଦୁର୍ବଳ ଓ ଅଟୋମେସନ ବ୍ୟବସ୍ଥା ସନ୍ତୋଷଜନକ ନଥିବାରୁ ଯାତ୍ରୀ ଗାଡ଼ିର ହାରାହାରି ବେଗ ଘଣ୍ଟାପ୍ରତି ୫୦ କିମି ହୋଇଥିବା ବେଳେ ମାଲଗାଡ଼ିର ହାରାହାରି ବେଗ ୪୭ କିମି। ଆହୁରି ବଡ଼ କଥା ହେଲା ଭାରତରେ ରେଳ ଦୁର୍ଘଟଣା ହାର ନେଟୱାର୍କ ତୁଳନାରେ କମ୍ ହେଲେ ମଧ୍ୟ ସାମଗ୍ରିକ ଭାବେ ଅଧିକ।

ଭାରତୀୟ ରେଳବାଇକୁ ଏକ ନୂଆ ରୂପ ଦେବାକୁ ଦେଶ ଦୀର୍ଘକାଳ ଧରି କେନ୍ଦ୍ର ସରକାର ଏଥିରେ ଅନେକ ସଂସ୍କାର ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି। ଯାତ୍ରୀ ସୁରକ୍ଷା, ସମୟାନୁବର୍ତ୍ତିତା ଓ ଉତ୍ତମ ସେବାକୁ ଅଗ୍ରାଧିକାର ଦିଆଯାଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ବିଜେପି ସରକାର ଆସିବା ପରେ ରେଳବାଇରେ ଏକ ବଡ଼ଧରଣର କାୟାକଳ୍ପ ଘଟିଛି। ବିଶେଷକରି ଅଶ୍ୱିନୀ ବୈଷ୍ଣବଙ୍କ ଭଳି ଟେକ୍ନୋକ୍ରାଟ୍, ବ୍ୟୁରୋକ୍ରାଟ ରାଜନେତାଙ୍କୁ ରେଳବାଇ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗ ଏଥର ପୁଣି ଥରେ ଦିଆଯାଇଛି। ଶ୍ରୀବୈଷ୍ଣବ ପାଞ୍ଚବର୍ଷ ଏହି ବିଭାଗରେ କାମ କରିବା ପରେ ତାଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ ସେହି ମନ୍ତ୍ରଣାଳୟ ପ୍ରଦାନ କରିବାର ଅର୍ଥ ହେଲା ରେଳବାଇର ଆଧୁନିକୀକରଣ ଓ ବିକାଶ ଆଶାଜନକ ଭାବେ କରାଯିବା ପାଇଁ ସେ ଶ୍ରୀବୈଷ୍ଣବଙ୍କ ଉପରେ ପୁଣି ଥରେ ଆସ୍ଥା ପ୍ରକଟ କରିଛନ୍ତି। ଏଭଳି ସ୍ଥିତିରେ ଟ୍ରେନ୍ ଦୁର୍ଘଟଣା ଘଟି ଧନଜୀବନ ହାନି ହେବା ନିଶ୍ଚୟ ଉଦ୍‌ବେଗଜନକ ଏବଂ ସମ୍ପୃକ୍ତ ମନ୍ତ୍ରୀ ଓ ସରକାରଙ୍କୁ ନୈତିକ ଆଘାତ ଦେବ। ଦୁର୍ଘଟଣା ଅନିବାରଣୀୟ ନୁହେଁ; କିନ୍ତୁ ନିୟମିତ ବ୍ୟବଧାନରେ ଟ୍ରେନ୍ ଦୁର୍ଘଟଣା ଘଟି ଧନଜୀବନ ହାନି ହେଲେ ଲୋକଙ୍କର ଭରସା କମିବ। ଘଟଣାର ତଦନ୍ତ, ମୃତାହତଙ୍କ ପାଇଁ ଉପଯୁକ୍ତ କ୍ଷତିପୂରଣ ଏସବୁ ବ୍ୟବସ୍ଥା ସହିତ ସମ୍ପୃକ୍ତ ସ୍ୱାଭାବିକ ପଦକ୍ଷେପ। ଏହା ଦୁର୍ଘଟଣାକୁ ବନ୍ଦ କରିପାରିବ ନାହିଁ। ଘଟଣାର ପୁନରାବୃତ୍ତି ନ ଘଟିବା ଏବଂ ଯେଉଁ ଯାନ୍ତ୍ରିକ ଓ ମାନବିକ ତ୍ରୁଟି ବାରମ୍ବାର ଘଟୁଛି, ତାହାର ସ୍ଥାୟୀ ନିରାକରଣ ବ୍ୟବସ୍ଥା କରିବା ବିଶେଷ ଜରୁରୀ। ଯାହା ଦେଖାଯାଉଛି ଆମ ଅଟୋମେଟିକ୍ ସିଗ୍‌ନାଲ ବ୍ୟବସ୍ଥା ଓ ଟ୍ରାକ୍ ପରିବର୍ତ୍ତନ ପଦ୍ଧତିରେ ତ୍ରୁଟି ରହୁଛି। ଏହା ବେଳେବେଳେ ଠିକ୍‌ଠାକ୍ କାମ କରୁନାହିଁ ବା ତ୍ରୁଟିପୂର୍ଣ୍ଣ ସଂକେତ ଦେଉଛି। ତାହାର ସ୍ଥାୟୀ ନିରାକରଣ ଲୋଡ଼ା। ଦ୍ୱିତୀୟ କଥା ହେଲା ଆଣ୍ଟିକୋଲିଜନ୍ ବ୍ୟବସ୍ଥା(କବଚ)। ଏହାଦ୍ୱାରା ଗୋଟିଏ ଟ୍ରାକ୍‌ରେ ଦୁଇ ବା ଏକାଧିକ ଟ୍ରେନ୍ ପରସ୍ପରର ନିକଟବର୍ତ୍ତୀ ହେଲେ ଆପଣାଛାଏଁ ଇଂଜିନ୍ ବନ୍ଦ ହୋଇଯିବ। ଏହି ବ୍ୟବସ୍ଥାର ପରୀକ୍ଷାନିରୀକ୍ଷା କରାଯାଇ କେତେକ ଟ୍ରେନ୍‌ରେ ଏହାକୁ ବ୍ୟବହାର କରାଯାଉଛି। ଏହି ବ୍ୟବସ୍ଥାକୁ ଅନ୍ୟ ସମସ୍ତ ଟ୍ରେନ୍ ପାଇଁ ଉପଯୋଗ କରିବା ଆବଶ୍ୟକ।

ରେଳବାଇ ନିରାପତ୍ତା ପ୍ରାଧିକରଣ, ରେଳବାଇବୋର୍ଡ ଭଳି ସଂସ୍ଥା ନିଜର ପ୍ରଚୁର ଅଭିଜ୍ଞତା ଓ ବିଶେଷଜ୍ଞତା ଜରିଆରେ ବଡ଼ ଧରଣର ରେଳ ଦୁର୍ଘଟଣାକୁ କିପରି ଏଡ଼ାଇ ହେବ ସେ ବିଷୟରେ ଗୁରୁତ୍ୱର ସହିତ ଚିନ୍ତା କରିବା ଉଚିତ। ନୂଆ ନିରାପତ୍ତା ଟେକନୋଲଜି ଓ ଲଜିଷ୍ଟିକ୍ସର ବ୍ୟବହାର ଏବେ ସମୟର ଆହ୍ୱାନ। ରେଳମନ୍ତ୍ରୀ ବୈଷ୍ଣବଙ୍କୁ ବା ସରକାରଙ୍କୁ ଦୋଷ ଦେଲେ ସମସ୍ୟାର ସ୍ଥାୟୀ ସମାଧାନ ହେବନାହିଁ। ଏଭଳି ଘଟଣାକୁ ନେଇ ଶସ୍ତା ରାଜନୀତି କରିବା କିମ୍ବା ମନ୍ତ୍ରୀଙ୍କ ଇସ୍ତଫା ଦାବି ଉଠାଇବା ମଧ୍ୟ ନିରର୍ଥକ। ନୈତିକତା ଦୃଷ୍ଟିରୁ କେହି ମନ୍ତ୍ରିପଦରୁ ଇସ୍ତଫା ଦେଲେ ସମସ୍ୟାର ସମାଧାନ ହୋଇନଥାଏ। ଇସ୍ତଫା ଦେବା ନ ଦେବା ବ୍ୟକ୍ତିଗତ ବିଚାରର କଥା। ତା'କୁ ନେଇ ରାଜନୀତି ସ୍ପୃହଣୀୟ ନୁହେଁ। ଭାରତୀୟ ରେଳବାଇର କାର୍ଯ୍ୟ, ସେବା, ସଂରଚନା, ପରିଚାଳନା ଓ ସ୍ଥିତିରେ ଯେ ପରିବର୍ତ୍ତନ ଆସିଛି, ଏହାକୁ ଅସ୍ୱୀକାର କରିହେବ ନାହିଁ। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବାର ଯେଉଁ ଜାତୀୟ ଲକ୍ଷ୍ୟ ରହିଛି, ସେଥିରେ ଏକ ସ୍ୱୟଂସମ୍ପୂର୍ଣ୍ଣ, ଆଧୁନିକ ଓ ନିରାପଦ ରେଳ ବ୍ୟବସ୍ଥାର ପ୍ରକାଣ୍ଡ ଭୂମିକା ରହିଛି। ଏହାକୁ କିପରି ବିଶ୍ୱର ପ୍ରଥମ, ଦକ୍ଷ, ସୁରକ୍ଷିତ, ଅତ୍ୟାଧୁନିକ ଓ ସମର୍ଥ ରେଳ ବ୍ୟବସ୍ଥାରେ ପରିଣତ କରାଯାଇ ପାରିବ, ସେ ଦିଗରେ ଅଗ୍ରାଧିକାର ଦେଇ କାମ କରିବାର ସମୟ ଆସିଛି। ପ୍ରତ୍ୟେକ ରେଳ ଦୁର୍ଘଟଣାରେ ହେଉଥିବା ଯାତ୍ରୀ ଧନଜୀବନ ନଷ୍ଟ ନିଶ୍ଚିତ ଭାବେ ଏକ ଦୁଃଖଦ ଘଟଣା। ଅବଶ୍ୟ ଶତପ୍ରତିଶତ ସୁରକ୍ଷିତ ଓ ଦୁର୍ଘଟଣାମୁକ୍ତ ବିଶାଳ ତାଲିକାରେ ବିଶ୍ୱର କୌଣସି ଗୋଟିଏ ହେଲେ ରେଳ ବ୍ୟବସ୍ଥା ନାହିଁ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ରେଳ ଦୁର୍ଘଟଣା ରୋକିବା ପାଇଁ ସମସ୍ତ ପ୍ରକାର ସମ୍ଭାବ୍ୟ ଟେକ୍‌ନୋଲଜିର ପରୀକ୍ଷଣ ଓ ପ୍ରଚଳନକୁ ଅଗ୍ରାଧିକାର ଦିଆଯିବା ଉଚିତ। ଭାରତୀୟ ରେଳବାଇରେ 'କବଚ' ସୁରକ୍ଷା ବ୍ୟବସ୍ଥା ବହୁବର୍ଷ ଧରି ପହଞ୍ଚିସାରିଛି। ଏହି ସୁରକ୍ଷା ବ୍ୟବସ୍ଥାକୁ ଭାରତୀୟ ରେଳର ମୁଖ୍ୟ ମାର୍ଗଗୁଡ଼ିକରେ ଏ ପର୍ଯ୍ୟନ୍ତ ପ୍ରବର୍ତ୍ତନ ନ କରାଇପାରିବା ଆଦୌ ସ୍ପୃହଣୀୟ ବା କ୍ଷମଣୀୟ ନୁହେଁ। ●

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଅନନ୍ୟ ଜୈବ ବିବିଧତା ପରିମଣ୍ଡଳ-ମହେନ୍ଦ୍ରଗିରି



ଡ. ବିଜୟକେତନ ପଟ୍ଟନାୟକ
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

ଭାରତର ପୂର୍ବ-ସାମୁଦ୍ରିକ ତଟ ସହିତ ସମାନ୍ତରାଳ ଭାବେ ଯାଇଥିବା 'ପୂର୍ବଘାଟ ପର୍ବତମାଳା'ରେ ରହିଛି ସର୍ବୋଚ୍ଚ ଗିରିଶୃଙ୍ଗ ମହେନ୍ଦ୍ରଗିରି। ଉଚ୍ଚତା ୧୫୦୧ ମିଟର। ପୂର୍ବପଟକୁ ପର୍ବତ ଶିଖରରୁ ପ୍ରାୟ ୨୫ କିଲୋମିଟର ଦୂରତାରେ ଦୃଶ୍ୟମାନ ବଙ୍ଗୋପସାଗରର ସୁନୀଳ ଜଳରାଶି। ଓଡ଼ିଶାର କୋରାପୁଟ ଜିଲ୍ଲାରେ ଥିବା ଦେଓମାଳି (୧୬୭୨ ମିଟର) ଶିଖର ତଳକୁ ମହେନ୍ଦ୍ରଗିରିର ସ୍ଥାନ ଦ୍ୱିତୀୟ। ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ବନଖଣ୍ଡରେ ଥିବା ଜୈବବିବିଧତା ପରିପୂର୍ଣ୍ଣ ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳର ପ୍ରାକୃତିକ ପରିବେଶ ଓ ପରିସଂସ୍ଥା ଅଦ୍ୱିତୀୟ ଅଥଚ ଭଙ୍ଗୁର। କିନ୍ତୁ ଜୀବବିଜ୍ଞାନ, ପାରିବେଶିକ, ଐତିହାସିକ, ପୌରାଣିକ, ଭୂତାତ୍ତ୍ୱିକ ତଥା ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହାର ଯଥେଷ୍ଟ ତାତ୍ପର୍ଯ୍ୟ ରହିଛି। ଭୌଗୋଳିକ ମାନଚିତ୍ରକୁ ଦେଖିଲେ, ମହେନ୍ଦ୍ରଗିରିର ପ୍ରାକୃତିକ ପରିବେଶ ଅନିୟମିତ ଭାବେ ଢେଉଢେଉକା। ଛୋଟ ପାହାଡ଼ଠାରୁ ଆରମ୍ଭ କରି ଅତ୍ୟୁଚ୍ଚ ଗିରିଶୃଙ୍ଗ, ମାଳଭୂମି, ଉପତ୍ୟକା, ଚାରଣ ଭୂମି ଏବଂ ଉନ୍ମୁକ୍ତ ଶିଳାଖଣ୍ଡରେ ଭରପୂର। ଅନ୍ୟ ଉଚ୍ଚତମ ଶୃଙ୍ଗ ଶିଖରେ ରହିଛି ଦେବଗିରି, ଶିଙ୍ଗରାଜ ଏବଂ ବଡ଼ଦେବ ଇତ୍ୟାଦି। ପର୍ବତରୁ ବାହାରି ବିପରୀତ ଦିଗରେ ବୋହି ଯାଇଛି ଦୁଇ ନଦୀଧାର। ଉଭୟର ନାମ ମହେନ୍ଦ୍ରତନୟା। ପ୍ରଥମ ଧାରାଟି ଦ୍ରାମୁକ ଉପନଦୀ ଭାବରେ ବଂଶଧାରା ନଦୀରେ ପାରଳାଖେମୁଣ୍ଡିଠାରେ ମିଶିଛି। ଅନ୍ୟ ଧାରାଟି ପୂର୍ବତଟ ଢାଲରେ ଆନ୍ଧ୍ରପ୍ରଦେଶର ମାଣ୍ଡସା ଏବଂ ବରୁଆ ଅତିକ୍ରମ କରି ଶେଷରେ ବଙ୍ଗୋପସାଗରରେ ମିଶିଛି। ସେଠାରେ ଥିବା ତିନୋଟି ଜଳପ୍ରପାତ ମଧ୍ୟରୁ ଗଣ୍ଡାହାତୀ ଅନ୍ୟତମ।

ବିଶିଷ୍ଟ ଫରେଷ୍ଟର 'ଚମ୍ପିଆନ ଓ ସେଠ'ଙ୍କ ଜଙ୍ଗଲ ବିଭକ୍ତୀକରଣ ପ୍ରକାରଭେଦ ଅନୁସାରେ ମହେନ୍ଦ୍ରଗିରି ଜଙ୍ଗଲକୁ କ୍ରାନ୍ତୀୟ ଆର୍ଦ୍ର ପର୍ଣ୍ଣମୋଚୀ ଜଙ୍ଗଲ ଓ କ୍ରାନ୍ତୀୟ ଶୁଷ୍କ ପର୍ଣ୍ଣମୋଚୀ ଜଙ୍ଗଲରେ ବିଭକ୍ତ କରାଯାଇପାରେ। ପର୍ବତର ପାଦଦେଶରେ ୭୦୦ ମିଟର ପର୍ଯ୍ୟନ୍ତ ଶୁଷ୍କ ପର୍ଣ୍ଣମୋଚୀ ଜଙ୍ଗଲ ଦେଖିବାକୁ ମିଳୁଥିବା ବେଳେ ଏହାର ଉପରକୁ ୧୦୦୦ ରୁ ୧୨୦୦ ମିଟର ପର୍ଯ୍ୟନ୍ତ ଆର୍ଦ୍ର ପର୍ଣ୍ଣମୋଚୀ ଜଙ୍ଗଲ ଦେଖାଯାଇଥାଏ। ୧୧୦୦ ମିଟରରୁ ଅଧିକ ଉଚ୍ଚତାରେ ବେଳେବେଳେ ଚମ୍ପା, ମାହୋଗାନି, ଅଶୋକ ଓ ଜାମ୍ବୁ ବୃକ୍ଷ ଥିବା କ୍ରାନ୍ତୀୟ ଅର୍ଦ୍ଧ ଚିରହରିତ ଜଙ୍ଗଲ ମଝିରେ ବିସ୍ତୃତ ଚାରଣଭୂମି ଓ ସୋଲା ଜଙ୍ଗଲ ଦେଖିବାକୁ ମିଳେ। ଏଠାରେ ଥିବା ଜଙ୍ଗଲକୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇପାରେ। (କ) ଶାଳ ଜଙ୍ଗଲ, (ଖ) ମିଶ୍ରିତ ଜଙ୍ଗଲ, (ଗ) ସୋଲା ଜଙ୍ଗଲ ଏବଂ ଚାରଣଭୂମି, (ଘ) ବୁଦୁବୁଦୁକିଆ ଜଙ୍ଗଲ। ପର୍ଣ୍ଣମୋଚୀ ଜଙ୍ଗଲରେ ଶାଳ ହିଁ ପ୍ରମୁଖ ଗଛ। ଏହାବ୍ୟତୀତ ପିଆଶାଳ, ଅସନ, ଧଉରା, କଙ୍ଗଡ଼ା, କଦମ୍ବ, କୁମ୍ଭୀ, ବାହାଡ଼ା, କେନ୍ଦୁ, କରଞ୍ଜ ଓ ସୁନାରୀ ଅନ୍ୟତମ। ଉଦ୍ଭିଦ ବିଜ୍ଞାନୀ ବ୍ରହ୍ମଣ ୧୯୭୩-୧୯୮୦ ମଧ୍ୟରେ ମହେନ୍ଦ୍ରଗିରି ପର୍ବତରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ୧୧୯ଟି ବଂଶର ୬୪୨ଟି ଉଦ୍ଭିଦ ପ୍ରଜାତି ଚିହ୍ନଟ କରିଥିଲେ। କିନ୍ତୁ ଓଡ଼ିଶା ଜୈବବିବିଧତା ବୋର୍ଡ ନିକଟରେ କରିଥିବା ସର୍ବେକ୍ଷଣରେ ୨୨୨ଟି ବଂଶ ଅନ୍ତର୍ଗତ ୧୩୭୦ଟି ପ୍ରଜାତିର ଉଦ୍ଭିଦ ଚିହ୍ନଟ



ହୋଇପାରିଛି। ତନ୍ମଧ୍ୟରୁ ପାଞ୍ଚଗୋଟି ପ୍ରଜାତି ସ୍ଥାନୀୟ। ସେହିପରି ପ୍ରାଣୀମାନଙ୍କ ବିଷୟରେ କରାଯାଇଥିବା ସର୍ବେକ୍ଷଣରେ ୧୨୯ଟି ବଂଶର ୫୪୫ ପ୍ରଜାତିର ପ୍ରାଣୀ ଚିହ୍ନଟ କରାଯାଇଛି। ତନ୍ମଧ୍ୟରେ ୪୧ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୬୭ ପ୍ରଜାତିର ପକ୍ଷୀ, ୧୫ ପ୍ରଜାତିର ଉଭୟଚର ପ୍ରାଣୀ, ୫୧ ପ୍ରଜାତିର ସରୀସୃପ, ୧୪୪ ପ୍ରଜାତିର ପ୍ରଜାପତି, ୫୬ ପ୍ରଜାତିର କୀଟପତଙ୍ଗ ଓ ୬ ପ୍ରଜାତିର ମାଛ ରହିଛନ୍ତି। ପ୍ରମୁଖ ପ୍ରାଣୀମାନଙ୍କ ମଧ୍ୟରେ ଚିତାବାଘ, ଚିତାବିରାଡ଼ି, ଡୋଲେ, ସମ୍ବର, ହରିଣ, କୁଟ୍‌ରା, ଗଧିଆ, କୋକିଶିଆଳି, ବଜ୍ରକାପ୍ତା, ଉଡ଼ନ୍ତା ଗୁଣ୍ଡୁଚିମୂଷା ଏବଂ ପକ୍ଷୀମାନଙ୍କ ଭିତରେ ଅଛନ୍ତି ଇଗଲ, ଚିଲ, ମାଛରଙ୍କା, ତିତ୍ତିର, ମୟୂର ଇତ୍ୟାଦି। ସରୀସୃପମାନଙ୍କ ମଧ୍ୟରେ ରଣାସାପ, ଚିତି ବୋଡ଼ା, ନାଗସାପ ଓ ଅହିରାଜ ଅନ୍ୟତମ। ମହେନ୍ଦ୍ରଗିରିରେ ଦେଖାଯାଉଥିବା ପ୍ରାଣୀ ପ୍ରଜାତି ଏବଂ ଉଦ୍ଭିଦ ପ୍ରଜାତି ଉଭୟ ହିମାଳୟ ଏବଂ ଦାକ୍ଷିଣାତ୍ୟ ଉପଦ୍ୱୀପର ସ୍ୱାକ୍ଷର ବହନ କରେ। ମହେନ୍ଦ୍ରଗିରି ଓ ଚତୁଃପାର୍ଶ୍ୱର ବନାଞ୍ଚଳକୁ ଔଷଧୀୟ ଉଦ୍ଭିଦର ଉତ୍ପତ୍ତିସ୍ଥଳ ବୋଲି କୁହାଯାଏ। ସାମ୍ପ୍ରତିକ ସ୍ଥିତିରେ ବିଭିନ୍ନ ଜୈବିକ, ବିଶେଷକରି ମନୁଷ୍ୟକୃତ କାରଣରୁ, ସେଠିକାର ପରିବେଶ, ବୃକ୍ଷଲତା ଓ ବନ୍ୟପ୍ରାଣୀ ଅବକ୍ଷୟ ହେବାରେ ଲାଗିଛି। ପ୍ରାୟ ୬୦ ପ୍ରଜାତିର ଉଦ୍ଭିଦ ଓ ୩୧ ପ୍ରଜାତିର ପ୍ରାଣୀ ବିପଦଗ୍ରସ୍ତ ତାଲିକାରେ ଅଛନ୍ତି। ସେମାନଙ୍କ ସଂରକ୍ଷଣ ଏକାନ୍ତ ଜରୁରୀ।

ପୌରାଣିକ ଦୃଷ୍ଟିକୋଣରୁ ମହେନ୍ଦ୍ରଗିରି ଉଭୟ ବୈଷ୍ଣବ ଓ ଶୈବପୀଠ ଭାବରେ ସୁପରିଚିତ। ମହାଭାରତରେ ଉଲ୍ଲେଖ ଅଛି, ବିଷ୍ଣୁଙ୍କର ଷଷ୍ଠ ଅବତାର ପର୍ଶୁରାମ, କ୍ଷତ୍ରିୟମାନଙ୍କୁ ନିର୍ବିଚାରରେ ହତ୍ୟା କରିଥିବା ହେତୁ ପ୍ରାୟଶ୍ଚିତ ସ୍ୱରୂପ ଏଠାରେ ୧୨ ବର୍ଷ ତପସ୍ୟା କରିଥିଲେ। ପର୍ବତର ଉପରି ଭାଗରେ ରହିଛି ମହାଭାରତ ଯୁଗର କୁନ୍ତୀ ମନ୍ଦିର, ଯୁଧିଷ୍ଠିର ଓ ଭୀମ ମନ୍ଦିର। କଥିତ ଅଛି ପାଣ୍ଡବମାନେ ବନବାସ ସମୟରେ ଏହିସବୁ ମନ୍ଦିର ନିର୍ମାଣ କରିଥିଲେ। ପ୍ରାଚୀନ ସ୍ମାରକୀ ଓ କୀର୍ତ୍ତିରାଜି ସଂରକ୍ଷଣ ଆଇନ ୧୯୫୮ ଅନୁଯାୟୀ ଏଗୁଡ଼ିକ ଆଜି ସଂରକ୍ଷିତ। ପ୍ରତିବର୍ଷ ମହାଶିବରାତ୍ରିରେ ଆନ୍ଧ୍ରପ୍ରଦେଶ, ଗଜପତି, ଗଞ୍ଜାମ ଜିଲ୍ଲାର ସହସ୍ରାଧିକ ଭକ୍ତ ପୂଜାର୍ଚ୍ଚନା ନିମନ୍ତେ ମହେନ୍ଦ୍ରପର୍ବତ ଶିଖରକୁ ଆସିଥା'ନ୍ତି। ନିକଟରେ ଭାରତ ସରକାର ମଧ୍ୟ ମହେନ୍ଦ୍ରଗିରିକୁ ରାମାୟଣ ସର୍କିଟ୍ ଅନ୍ତର୍ଭୁକ୍ତ କରିଛନ୍ତି।

ମହେନ୍ଦ୍ରଗିରିର ଅନ୍ୟ ଏକ ବିବିଧତା ହେଉଛି ଏଠାରେ ଆବହମାନ କାଳରୁ ବସବାସ କରିଆସୁଥିବା ଜନଜାତି ଲାଞ୍ଜିଆ ସଉରା, ଶୁଦ୍ଧ ସଉରା ଓ ଭୀମ ସଉରା। ଅନ୍ୟ ଜନଜାତି ମଧ୍ୟରେ ଅଛନ୍ତି କନ୍ଧ, ଗଡ଼ବା, ଲୋଧା ଇତ୍ୟାଦି। ପାହାଡ଼ ତାଲୁରେ ପୋଡୁ ଚାଷ ଓ ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ, ଫଳ, ମୂଳ, କନ୍ଦ, ଛତୁ ସଂଗ୍ରହ ଏମାନଙ୍କର ମୁଖ୍ୟ ଜୀବିକା। ନିକଟରେ ମହେନ୍ଦ୍ରଗିରି ଜୈବବିବିଧତାପୂର୍ଣ୍ଣ ଐତିହ୍ୟ ସ୍ଥଳୀ ଭାବେ ଘୋଷିତ ହେଲା ପରେ ଏଠାକୁ ପ୍ରକୃତିପ୍ରେମୀ ପର୍ଯ୍ୟଟକମାନଙ୍କର ସଂଖ୍ୟା ବଢ଼ିବ। ଆଶା କରାଯାଏ ଏହା ମଧ୍ୟ ବଣ, ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ସ୍ଥାନୀୟ ଅଧିବାସୀମାନଙ୍କର ଉପାର୍ଜନରେ ସହାୟକ ହେବ।

ଉତ୍ତର ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ଶିମିଳିପାଳ ବନାଞ୍ଚଳ। ୧୯୯୪ ମସିହାରେ ରାଜ୍ୟର ପ୍ରଥମ ଜୈବ ସଂରକ୍ଷିତ ଅଞ୍ଚଳର ମାନ୍ୟତା ଭାରତ ସରକାରଙ୍କ ଦ୍ୱାରା ପ୍ରାପ୍ତ ହୋଇଥିଲା। ଏହି ଘୋଷଣା ପଛରେ ଓଡ଼ିଶା ପରିବେଶ ସମିତି ଓ ଏହାର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ପ୍ରସନ୍ନ କୁମାର ଦାଶଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ଅବଦାନ ଅନସ୍ୱୀକାର୍ଯ୍ୟ। ସେବେଠାରୁ ଓଡ଼ିଶା ପରିବେଶ ସମିତି ବିଭିନ୍ନ ସମୟରେ ଆଲୋଚନାଚକ୍ର ଜରିଆରେ ମହେନ୍ଦ୍ରଗିରି ସମ୍ପର୍କରେ ତଥ୍ୟ ସମ୍ବଳିତ ପୁସ୍ତକ ପ୍ରକାଶ କରି ରାଜ୍ୟ ସରକାରଙ୍କ ନିକଟରେ ମହେନ୍ଦ୍ରଗିରିକୁ ରାଜ୍ୟର ଦ୍ୱିତୀୟ ଜୈବ ସଂରକ୍ଷିତ ଅଞ୍ଚଳ ରୂପେ ଘୋଷଣା କରିବା ପାଇଁ ଭାରତ ସରକାରଙ୍କୁ ପ୍ରସ୍ତାବ ଦେବା ନିମନ୍ତେ ଦାବି ଉପସ୍ଥାପନ କରିଆସୁଛି। ୨୦୧୪ ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ବିଶେଷଜ୍ଞ ମଣ୍ଡଳୀ ମହେନ୍ଦ୍ରଗିରିକୁ ଜୈବବିବିଧତା ଉତ୍ପତ୍ତିସ୍ଥଳ ଏବଂ ଜୈବବିବିଧତା ସଂରକ୍ଷିତ ଅଞ୍ଚଳ ରୂପେ ଘୋଷଣା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପୃଷ୍ଠଭୂମିରେ ୨୦୨୧ ନଭେମ୍ବର ମାସରେ ରାଜ୍ୟରେ ମହେନ୍ଦ୍ରଗିରି ଜୈବବିବିଧତା କମିଟି ଗଠନ କରାଯାଇଥିଲା। କମିଟି ଦ୍ୱାରା ପ୍ରଦତ୍ତ ରିପୋର୍ଟରେ ପୁନର୍ବାର ମହେନ୍ଦ୍ରଗିରିକୁ 'ଜୈବବିବିଧତା ସଂରକ୍ଷଣ ଅଞ୍ଚଳ' ରୂପେ ଘୋଷଣା କରିବା ନିମନ୍ତେ ଯଥାଯଥ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଗଲା। ଗଜପତି ଜିଲ୍ଲାର ସ୍ଥାନୀୟ କେତେକ ସ୍ୱେଚ୍ଛାସେବୀ, ପ୍ରକୃତିପ୍ରେମୀ ସଂସ୍ଥା ମଧ୍ୟ ଏପରି ଦାବି ବାରମ୍ବାର ଉଠାଉଛନ୍ତି। ଏ ସମସ୍ତ ସମ୍ମିଳିତ ପ୍ରଚେଷ୍ଟାର ପରିଣତି ସ୍ୱରୂପ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶକ୍ରମେ 'ଓଡ଼ିଶା ଜୈବ ବିବିଧତା ବୋର୍ଡ' ୨୦୧୮ ରୁ ୨୦୨୨ ଭିତରେ ଏଠିକାର ଉଦ୍ଭିଦ ଓ ଜୀବଜଗତ, ଆବହମାନକାଳରୁ ରହିଆସୁଥିବା ଜନଜାତିଙ୍କର ସାମାଜିକ ତଥା ଅର୍ଥନୈତିକ ସ୍ଥିତି, ଐତିହ୍ୟ ଏବଂ ପାରିପାର୍ଶ୍ୱିକ ବିବରଣୀ ସମ୍ପର୍କରେ ଅନୁଶୀଳନ କରି ୨୦୨୩ ମସିହା ମେ' ମାସରେ ଏକ କଫିଟେବୁଲ ପୁସ୍ତକ 'ମ୍ୟାଜିକାଲ ବାୟୋଡାଇଭର୍ସିଟି ଅଫ୍ ମହେନ୍ଦ୍ରଗିରି ହିଲ୍‌ସ' ପ୍ରକାଶ କରିଛନ୍ତି।

ଗବେଷଣା ତଥ୍ୟକୁ ଆଧାର କରି ଜୈବବିବିଧତା ଆଇନ ୨୦୦୨ର ଧାରା ୩୭ ଅନୁସାରେ ରାଜ୍ୟ ସରକାର ୨୦୨୨ ମସିହା ନଭେମ୍ବର ମାସରେ ମହେନ୍ଦ୍ରଗିରିକୁ ଜୈବବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି। ଅର୍ଥାତ୍ ପରୋକ୍ଷରେ ମହେନ୍ଦ୍ରଗିରିର ଭଙ୍ଗୁର ପାରିବେଶିକ ପରିସଂସ୍ଥାକୁ ସ୍ୱୀକାର କରିଛନ୍ତି। ଏଥିସହିତ ଓଡ଼ିଶା ଜୈବବିବିଧତା ବୋର୍ଡକୁ ମହେନ୍ଦ୍ରଗିରି ବନାଞ୍ଚଳର ଜୈବବିବିଧତା ସଂରକ୍ଷଣ ତଥା ଅଭିବୃଦ୍ଧି, ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ, ସେଠାରେ ବସବାସ କରୁଥିବା ଆଦିମ ଜନଜାତିଙ୍କର ଜୀବନଜୀବିକାରେ ଉନ୍ନତି ଏବଂ ଏହି ଅଞ୍ଚଳକୁ ପ୍ରକୃତି ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଉଦ୍ଦେଶ୍ୟରେ ବ୍ୟାପକ ପରିଚାଳନା ଖସଡ଼ା ପ୍ରସ୍ତୁତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଥରେ ଖସଡ଼ା ବା ପ୍ଲାନ୍ ପ୍ରସ୍ତୁତ ହୋଇଗଲେ, ଅନୁମାନ କରାଯାଏ, ରାଜ୍ୟ ସରକାର ମହେନ୍ଦ୍ରଗିରିକୁ ଜୈବ ସଂରକ୍ଷିତ ଅଞ୍ଚଳ ଘୋଷଣା କରିବା ପାଇଁ ବିଧିବଦ୍ଧ ପ୍ରସ୍ତାବ ଭାରତ ସରକାରଙ୍କ ନିକଟକୁ ପଠାଇବେ ଏବଂ ମହେନ୍ଦ୍ରଗିରି ଓଡ଼ିଶାର ଦ୍ୱିତୀୟ ଜୈବ ସଂରକ୍ଷିତ ଅଞ୍ଚଳର ମାନ୍ୟତା ହାସଲ କରିବ। ●

# ଜନମତ ଗଠନରେ ବୁଦ୍ଧିଜୀବୀଙ୍କ ଭୂମିକା

ପ୍ରଫେସର ବିଜୟ କୁମାର ଜେନା
ରାଜ ରଣପୁର, ମୋ: ୯୯୩୭୪୮୬୧୮୩

ଜନମତ ଗଠନରେ ଅନେକଗୁଡ଼ିଏ ମାଧ୍ୟମ ମଧ୍ୟରୁ ବୁଦ୍ଧିଜୀବୀଙ୍କ ଭୂମିକାକୁ ସର୍ବାଗ୍ରେ ପ୍ରାଧାନ୍ୟ ଦିଆଯାଇଛି। ବୁଦ୍ଧିଜୀବୀମାନେ ହେଉଛନ୍ତି ସମାଜର ବିବେକ। ସେମାନେ ତୀକ୍ଷ୍ଣ ବୁଦ୍ଧି ଓ ବୌଦ୍ଧିକତାର ଅଧିକାରୀ ଅଟନ୍ତି। ଯେକୌଣସି ଜଟିଳ ବିଷୟକୁ ସେମାନେ ସହଜରେ ବୁଝିପାରନ୍ତି। ସେହି ଜଟିଳ ବିଷୟ ଉପରେ ସେମାନେ ନିଜର ସୁଚିନ୍ତିତ ମତାମତ ମଧ୍ୟ ପ୍ରକାଶ କରିପାରନ୍ତି। ସେମାନେ ନିଜ ଲେଖାରେ ହେଉ ଅବା ସଭା ସମିତିରେ ନିଜ ଭାଷଣ ଜରିଆରେ ଦେଶର, ରାଜ୍ୟର ଓ ବିଭିନ୍ନ ଅଞ୍ଚଳର ସମସ୍ୟା ଉପରେ ମତାମତ ଦେଇପାରନ୍ତି। ଏହା ପ୍ରକାରାନ୍ତରେ ଲୋକମତ ସୃଷ୍ଟି କରିବାରେ ସହଯୋଗ କରିଥାଏ। ସେମାନଙ୍କ ଆଲୋଚନା ଓ ଲେଖାର ପ୍ରଭାବ ଗଭୀର ଭାବେ ଲୋକଙ୍କୁ ପ୍ରଭାବିତ କରିଥାଏ।

ସାହିତ୍ୟିକ, ବୈଜ୍ଞାନିକ, ସାମ୍ବାଦିକ, ଅଧ୍ୟାପକ, ଆଇନଜୀବୀ, ସମାଜସେବୀ, ଶିଳ୍ପପତି ଓ ପ୍ରଶାସକ ଇତ୍ୟାଦି ବୁଦ୍ଧିଜୀବୀ ଭାବରେ ବିବେଚିତ ହୁଅନ୍ତି। ସେମାନେ ସମସ୍ତେ ସମାଜର ସମ୍ମାନନୀୟ ଓ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଲୋକମାନେ ସେମାନଙ୍କ କଥାକୁ ବିଶ୍ୱାସ କରିଥା'ନ୍ତି ଏବଂ ସରକାର ହିଁ ସେମାନଙ୍କ ମତକୁ ଯଥେଷ୍ଟ ସମ୍ମାନ ଓ ଗୁରୁତ୍ୱ ପ୍ରଦାନ କରନ୍ତି। ଯେତେବେଳେ ଯେଉଁ ନିର୍ବାଚନ ଆସେ ସେତେବେଳେ ଏହି ଗୋଷ୍ଠୀର ବ୍ୟକ୍ତି ନିଜର ପ୍ରାଞ୍ଜଳ ମତ ରଖି ଜନମତ ଗଠନରେ ଅନେକ ଭୂମିକା ନିର୍ବାହ କରନ୍ତି। ସରକାରଙ୍କ ପକ୍ଷରୁ ଯଦି କିଛି ଭୁଲ ତଥ୍ୟ ପରିବେଷିତ ହୋଇଥାଏ ତେବେ ଏହି ବୁଦ୍ଧିଜୀବୀମାନେ ତାହାକୁ ଆଲୋଚନା କରିବା ପାଇଁ ଆହ୍ୱାନ କରନ୍ତି ଓ ଜନମତ ସୃଷ୍ଟି କରିବାରେ ସହଯୋଗ କରିଥା'ନ୍ତି। ଗଣତନ୍ତ୍ରରେ ବିରୋଧୀ ଦଳର ସଦସ୍ୟମାନେ ବୁଦ୍ଧିଜୀବୀଙ୍କ ମତାମତ, ମନ୍ତବ୍ୟ ଓ ଉଠାଇଥିବା ପ୍ରଶ୍ନ ଆଧାରରେ ଅଭିଯୋଗ ଆଣି ସରକାରଙ୍କୁ ପ୍ରଶ୍ନ କରିଥା'ନ୍ତି। ଅନେକ ସମୟରେ ବୁଦ୍ଧିଜୀବୀମାନେ ଗଠନମୂଳକ କାର୍ଯ୍ୟରେ ବି ସହାୟତାର ହାତ ବଢ଼ାଇ ଥା'ନ୍ତି। ଆଲୋଚନାରୁ ବହୁ ନିର୍ଯ୍ୟାସ ବାହାରେ, ଯାହା ସରକାରଙ୍କୁ ଆଇନ ପ୍ରଣୟନ ପାଇଁ ସାହାଯ୍ୟ କରିଥାଏ।

ବହୁ ଘାତପ୍ରତିଘାତ ଭିତରେ ତଥା ଅନେକ ଆଶା ସମ୍ଭାବନା ସହିତ ୧୯୩୬ମସିହା ଅପ୍ରେଲ ପହିଲାରେ ଜନ୍ମ ନେଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ଭାଷା ଭିତ୍ତିରେ ରାଜ୍ୟ ଗଠନ ଭାବରେ ଭାରତରେ ଏହା ପ୍ରଥମ ଘଟଣା। ସାଙ୍କେତିକ ଭାବେ ଓଡ଼ିଶାର ଏହା ସ୍ୱକୀୟତାର ପରିଚୟ। ଆଧୁନିକ ଓଡ଼ିଶାର ସବୁଠାରୁ ସ୍ମରଣୀୟ ଘଟଣା। ଏହି କାର୍ଯ୍ୟଧାରାର ଭଗୀରଥ ସାଜିଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ତେବେ ତାଙ୍କ ପୂର୍ବରୁ ପ୍ରଥମେ ୧୮୭୫ରେ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେ ଓ ଜାତିପ୍ରେମୀ ବିଚିତ୍ରା ନନ୍ଦ ଦାସ ସ୍ୱତନ୍ତ୍ର ଓଡ଼ିଶା ଗଠନ ଦିଗରେ ପଦକ୍ଷେପ ନେବା ପାଇଁ ଗଭର୍ଣ୍ଣରଙ୍କୁ ସ୍ମାରକପତ୍ର ପ୍ରଦାନ ଦେଇଥିଲେ। ତାହା ଥିଲା ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ପ୍ରଥମ ଦାବିପତ୍ର। ପରବର୍ତ୍ତୀ ସମୟରେ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ, ବ୍ୟାସକବି ଫକୀରମୋହନ ସେନାପତି, ପଣ୍ଡିତ ନୀଳକଣ୍ଠ ଦାଶ, କବିବର ରାଧାନାଥ ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ସ୍ୱଭାବ କବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟ, ହରିହର ମର୍ଦ୍ଦରାଜ ପ୍ରଭୃତି ବୁଦ୍ଧିଜୀବୀ ଓ ସ୍ମରଣୀୟ ନେତୃବୃନ୍ଦଙ୍କ ତ୍ୟାଗ ଓ ଉଦ୍ୟମ ବଳରେ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳରେ ଥିବା ଓଡ଼ିଆମାନଙ୍କୁ ଏକତ୍ର କରି ସ୍ୱତନ୍ତ୍ର ଓଡ଼ିଶା ଗଠନ ସମ୍ଭବ ହୋଇଥିଲା। ସେମାନେ ଏ ସମ୍ପର୍କରେ ଜନମତ ସୃଷ୍ଟି କରି ସରକାରଙ୍କ ଉପରେ ଯେଉଁ ଚାପ ପ୍ରୟୋଗ କରି ସଫଳ ହୋଇ ପାରିଥିଲେ ତାହା ଯୁଗ ଯୁଗ ଧରି ମନେ ରହିବ।

ମହାବିଦ୍ୟାଳୟ ଅବା ବିଶ୍ୱବିଦ୍ୟାଳୟ ଶ୍ରେଣୀ ପ୍ରକୋଷ୍ଠରେ ଯେଉଁ ପ୍ରବୀଣ ଅଧ୍ୟାପକମାନେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟରେ ଶିକ୍ଷାଦାନ କରନ୍ତି ତାହା ଜନମତ ଗଠନରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରଭାବିତ କରିପାରିଥାଏ। ଆଲୋଚନାଚକ୍ରଗୁଡ଼ିକରେ ଯେଉଁ ବିଷୟ ଉପସ୍ଥାପନ ହୋଇ ତାହାରି ଉପରେ ଆଲୋଚନା ମଧ୍ୟ କରାଯାଏ ତାହା ପରବର୍ତ୍ତୀ ସମୟରେ ସମାଜ ଉପରେ ପ୍ରଭାବ ପକାଇ ପାରିଥାଏ। ଖବର କାଗଜରେ ପ୍ରକାଶିତ ସମ୍ପାଦକୀୟ ପୃଷ୍ଠାରେ ଯେଉଁ ସବୁ ଜାତୀୟ, ଅନ୍ତର୍ଜାତୀୟ ତଥା ଆଞ୍ଚଳିକ ସମସ୍ୟା ଉପରେ ଆଲୋଚନାଜନିତ ଖବର ପ୍ରକାଶ ପାଏ ତାହାକୁ ପାଠକପାଠିକାମାନେ ପଢ଼ନ୍ତି ଓ ହୃଦୟଙ୍ଗମ କରନ୍ତି। ଏହାବ୍ୟତୀତ ବହୁ ବିଜ୍ଞ ଲେଖକ ସେମାନଙ୍କ ପୁସ୍ତକ ରଚନା ମାଧ୍ୟମରେ ଲୋକମତ ଗଢ଼ିବା ପାଇଁ ଖୋରାକ ଯୋଗାଇ ଥାଆନ୍ତି।

ଇତିହାସ ପୃଷ୍ଠାରୁ ଜଣାପଡ଼େ ଯେ ଅତୀତରେ ବହୁ ମନୀଷୀ ଯଥା ମାକ୍ସିମ୍ ଗୋର୍କି, ଲିଓ ଟଲଷ୍ଟୟ, କାର୍ଲ ମାର୍କସ୍, ଲେଲିନ୍‌ଙ୍କ ଲେଖା ବଳରେ ଜନମତ ସୃଷ୍ଟି ହୋଇ ସାମାଜିକ, ଅର୍ଥନୈତିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆସିଛି। ଯେତେବେଳେ ବଙ୍ଗାଳୀମାନେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କହି ବୁଲୁ ଥିଲେ ସେହି ସମୟରେ ଆମର ଓଡ଼ିଆ କବିମାନେ ସେମାନଙ୍କୁ ମୁହଁ ତୋଡ ଜବାବ ଦେଇ ଏ ଭଳି ଜନମତ ସୃଷ୍ଟି କଲେ ଯେ ଓଡ଼ିଆ ଭାଷାର ଅସ୍ମିତା ବଞ୍ଚି ପାରିଲା।

ବାସ୍ତବିକ ଗଣତନ୍ତ୍ରରେ ଜନମତ ଗଠନରେ ବୁଦ୍ଧିଜୀବୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନଙ୍କ ମତ ଓ ମନ୍ତବ୍ୟକୁ ସରକାର ଅତ୍ୟନ୍ତ ଉପାଦେୟ ମନେ କରି ତଦନୁଯାୟୀ ସତର୍କ ରହନ୍ତି। ସାମ୍ବାଦିକ ସମ୍ମିଳନୀରେ ନେତାମାନେ ମାପିଚୁପି ନିଜ ନିଜର ବୟାନ ରଖନ୍ତି। ଆଜିକାଲି ଗଣମାଧ୍ୟମ ବି ଜନମତ ଜାଗ୍ରତ କରିବାରେ ବୁଦ୍ଧିଜୀବୀଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ତୃଣମୂଳସ୍ତରରୁ ପ୍ରତି ଖବରକୁ ଗୁରୁତ୍ୱ ଦେବା ସହିତ ସକାରାତ୍ମକ ପ୍ରଚାର ପ୍ରସାର ଜରିଆରେ ଜନମତ ସୃଷ୍ଟି ହୋଇପାରୁଛି। ଏହିସବୁ ଖବରକୁ ବୁଦ୍ଧିଜୀବୀମାନେ ତର୍ଜମା କରି ଜନମତକୁ ଉଚିତ ସନ୍ଦେଶ ଦିଅନ୍ତି। ତେଣୁ ଲୋକମାନେ ସମସ୍ତ ଖବରକୁ ନଜର ରଖିବା ସହ ବୁଦ୍ଧିଜୀବୀ ମହଲରେ ଆଗକୁ କ'ଣ ଘଟିବ ତାହା ମଧ୍ୟ ବିଚାରକୁ ଆଣନ୍ତି। ସୁତରାଂ ଗଣତନ୍ତ୍ରରେ ଜନମତ ଗଠନରେ ବୁଦ୍ଧିଜୀବୀମାନଙ୍କୁ କୌଣସି ଦୃଷ୍ଟିରୁ ହେୟଜ୍ଞାନ କରିବା ଉଚିତ ନୁହେଁ। ●

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

### ଡିଜିପିଙ୍କ ଉଚ୍ଚସ୍ତରୀୟ ସମୀକ୍ଷା

## ଏଡିଜି ଓ ୪ ଆଇପିଏସ୍‌ଙ୍କୁ ଦାୟିତ୍ୱ

**ଭୁବନେଶ୍ୱର,୧୮ ।୬(ସମିସ):** ବାଲେଶ୍ୱରରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣା ଓ ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିଛନ୍ତି ପୁଲିସ ଡିଜି ଅରୁଣ ଷଡଙ୍ଗୀ । ଡିଜିପିଙ୍କ ନିର୍ଦ୍ଦେଶ କ୍ରମେ ଆଇନ୍ ଶୃଙ୍ଖଳା ଏଡିଜି ଓ ଅନ୍ୟ ୪ଜଣ ଆଇପିଏସ୍‌ଙ୍କୁ ବାଲେଶ୍ୱର ପଠାଯାଇଛି। ଏହି ଗୋଷ୍ଠୀ ସଂଘର୍ଷକୁ ବଢ଼ାଇବା ପଛରେ ସୋସିଆଲ ମିଡ଼ିଆକୁ ପ୍ରମୁଖ ଦାୟୀ କରାଯାଇଛି। କିଛି ଖଳ ପ୍ରକୃତିର ବ୍ୟକ୍ତି ଗୋଷ୍ଠୀ ସଂଘର୍ଷକୁ ବଢ଼ାଇବା ପାଇଁ ସାମାଜିକ ଗଣମାଧ୍ୟମରେ ମିଛ ପ୍ରଚାର କରୁଛନ୍ତି। ତେଣୁ ସମଗ୍ର ବାଲେଶ୍ୱର ସହରରେ ଇଣ୍ଟରନେଟ ସେବାକୁ ବନ୍ଦ କରାଯାଇଛି। ଗତକାଲିଠାରୁ ପୁରା ସହରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରାଯାଇଛି ଓ ୭ଟି ମାମଲାରେ ୩୪ ଜଣଙ୍କୁ ଅଟକ ରଖାଯାଇଛି । ବିଭିନ୍ନ ସ୍ଥାନରେ ୪୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ସନ୍ଧ୍ୟାରେ ସହର ଗଳି କନ୍ଦିରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। କର୍ଫ୍ୟୁ ସମୟରେ ଘରୁ ନ ବାହାରିବାକୁ ଓ ପୁଲିସକୁ ସହଯୋଗ କରିବାକୁ ଡ଼ିଜିପି ଅପିଲ୍ କରିଛନ୍ତି। ଡିଜିପି ଅରୁଣ ଷଡଙ୍ଗୀ କହିଛନ୍ତି ଯେ, ପରିସ୍ଥିତି ଉପରେ ମୁଁ ନଜର ରଖିଛି। ଏନେଇ ବରିଷ୍ଠ ଆଇପିଏସ୍‌ଙ୍କ ସହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଆବଶ୍ୟକ ଅନୁସାରେ ସୁରକ୍ଷାକର୍ମୀ ମୁତୟନ ରହିଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧିନ ରହିଛି। ଇଣ୍ଟରନେଟ୍ ବନ୍ଦ କରାଯାଇଛି ଏବଂ ଆଇନକୁ ହାତକୁ ନ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ବୋଲି ଡ଼ିଜିପି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ।

**୪୪ ପ୍ଲାଟୁନ୍ ଫୋର୍ସ ମୁତୟନ**

**୭ ମାମଲା ରୁଜୁ, ୩୪ ଅଟକ**

## ମହାନଦୀରୁ ଧରାହେଲା ୩.୯ କ୍ୱିଣ୍ଟାଲର ସାଙ୍କୁଚ

### ବିକ୍ରି ପାଇଁ ଦୀଘା ଗଲା

**ପାରାଦୀପ, ୧୮।୬ (ସମିସ):** ପାରାଦୀପ ନିକଟ ମହାନଦୀର ଚଉମୁହାଣିରୁ ଆଜି ୩ କ୍ୱିଣ୍ଟାଲ ୯୦ କେଜିର ଏକ ବିରାଟ ସାଙ୍କୁଚକୁ ମତ୍ସ୍ୟଜୀବୀମାନେ ଧରିଛନ୍ତି। ପୂର୍ବରୁ ୫୦ରୁ ୬୦ କେଜି ପର୍ଯ୍ୟନ୍ତ ସାଙ୍କୁଚ ଏଠାରୁ ଧରାଯାଇଥିବା ବେଳେ ଆଜି ଏତେବଡ଼ ସାଙ୍କୁଚ ମହାନଦୀରୁ ଧରାପଡ଼ିବା ପାରାଦୀପରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ଏହି ପ୍ରଜାତିର ମାଛ ଗଭୀର ସମୁଦ୍ରରେ ଦେଖିବାକୁ ମିଳେ। ଏମାନେ ପ୍ରାୟତଃ ସମୁଦ୍ର କୂଳକୁ ଆସିନଥାନ୍ତି। ତେଣୁ ଜାଲରେ ଧରାଦିଅନ୍ତି ନାହିଁ। ସାଙ୍କୁଚଟି କୌଣସି କାରଣରୁ ମୁହାଣ ଦେଇ ମହାନଦୀରେ ପଶିଛି ଏବଂ ସ୍ଥାନୀୟ କିଛି ମତ୍ସ୍ୟଜୀବୀ ମାଛ ଧରୁଥିବା ବେଳେ ସେମାନଙ୍କ ଜାଲରେ ରବିବାର ସନ୍ଧ୍ୟାରେ ପଡ଼ିଥିଲା। ଏହାକୁ ଦେଖି ପ୍ରଥମେ ମତ୍ସ୍ୟଜୀବୀମାନେ ଭୟଭୀତ ହୋଇପଡ଼ିଥିଲେ। ଜାଲ ସହ ନଦୀକୂଳକୁ ଟାଣି ଟାଣି ଆଣିଥିଲେ। ଏହାପରେ ଏକ ଟାଟା ଏସ୍‌ଇରେ ବାଲିପ୍ଲଟକୁ ନେଇ ସେଠାରେ ନିଲାମ ଡକାଯାଇଥିଲା। ମାଛଟିର ଓଜନ ୩ କ୍ୱିଣ୍ଟାଲ ୯୦ କିଲୋ ହୋଇଥିବା ବେଳେ ଏହା ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାରେ ନିଲାମ ହୋଇଥିବା ଜଣାପଡ଼ିଛି। ଉକ୍ତ ବ୍ୟବସାୟୀ ଏହାକୁ କାଟି ପ୍ୟାକିଂ କରି ଦୀଘା ବଜାରରେ ବିକ୍ରୟ ପାଇଁ ନେଇଥିଲେ।




## ଜଷ୍ଟିସ ପ୍ରଦ୍ୟୁମ୍ନ ମହାନ୍ତିଙ୍କ ପରଲୋକ



**କଟକ, ୧୮ ।୬(ସମିସ):** ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ମଙ୍ଗଳବାର ମଧ୍ୟାହ୍ନରେ ପରଲୋକ ଘଟିଛି। ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଚାରପତି, ପ୍ରାକ୍ତନ ବିଚାରପତି ଓ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ମହାନ୍ତିଙ୍କ କଟକ ମର୍କତନଗର ସେକ୍ଟର-୧୧ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ, ଦୁଇ ପୁଅ ଝିଅ ଓ ପୁତ୍ରବଧୂଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ପାର୍ଥିବ ଶରୀରକୁ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ ନିକଟକୁ ଅଣାଯାଇଥିବା ବେଳେ ସେଠାରେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସମେତ ସମସ୍ତ ବିଚରାପତି ଓ ବାର କର୍ମକର୍ତ୍ତା ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଖାନନଗରସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ତଥା ଆଇନଜୀବୀ ହରିପଦ ମହାନ୍ତି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାନ୍ତି ୧୯୪୫ ମସିହା ଜାନୁଆରି ୨ତାରିଖରେ ଜନ୍ମ ଗ୍ରହଣ କରିଥିଲେ।୧୯୬୮ ଡିସେମ୍ବର ୯ରେ ସେ ଓକିଲାତି ପେସାରେ ଯୋଗ ଦେଇଥିଲେ। ସେ ଦକ୍ଷତାର ସହ ବହୁ ମାମଲା ପରିଚାଳନା କରିଥିବା ବେଳେ ୧୯୯୬ ମସିହା ଜାନୁଆରି ୧୭ରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୦୭ ଜାନୁଆରିରେ ସେ ଅବସର ଗ୍ରହଣ କରିଥିଲେ। ବିଚାରପତି କାର୍ଯ୍ୟକାଳ ସମୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଥିଲେ। ରାଜ୍ୟ ସରକାର ତାଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ତଦନ୍ତ କମିସନ୍ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଥିଲେ। କଳିଙ୍ଗନଗର ଗୁଳିକାଣ୍ଡ ଘଟଣାର ତଦନ୍ତ ପାଇଁ ଗଠିତ ବିଚାର ବିଭାଗୀୟ ତଦନ୍ତ କମିସନର ସେ ମୁଖ୍ୟ ରହିଥିଲେ।

## ଅବଶିଷ୍ଟାଂଶ...

### ପ୍ରଥମ ଦିନରେ...

ଆଜି ସକାଳ ୧୦ଟା ସମୟରେ ବିଧାନସଭାରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଧାନସଭା ସଚିବ ଦାଶରଥି ଶତପଥୀ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ କାମଚଳା ବାଚସ୍ପତି ଭାବେ ରାଜ୍ୟପାଳ ରଘୁବର ଦାସ ନିଯୁକ୍ତ କରିଥିବା ସୂଚନା ପାଠ କରିଥିଲେ। ଏହାପରେ କାମଚଳା ବାଚସ୍ପତି ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଧାୟକ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ମଧ୍ୟ ବିଧାୟକ ଭାବେ ଶପଥ ଗ୍ରହଣ କରିଥିଲେ। ଏହାପରେ ସଂସଦୀୟ ବ୍ୟାପର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶପଥ ଗ୍ରହଣ କରିଥିଲେ। ପରେ ଜଣକ ପରେ ଜଣେ ବିଧାୟକଙ୍କୁ ଶପଥ ପାଠ କରାଇଥିଲେ କାମଚଳା ବାଚସ୍ପତି।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ ସୁରେଶ ପୂଜାରୀ, ରବି ନାରାୟଣ ନାଏକ, ସୂର୍ଯ୍ୟବଂଶୀ ସୂରଜ, ପ୍ରଦୀପ ବଳସାମନ୍ତ, ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ସେହିପରି ବିଜେଡିର ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ, ଡ. ଅରୁଣ ସାହୁ, ବଦ୍ରିନାରାୟଣ ପାତ୍ର, ପ୍ରସନ୍ନ ଆଚାର୍ଯ୍ୟ, ଅଶ୍ୱିନୀ ପାତ୍ର, ପ୍ରମିଳା ମଲ୍ଲିକ, ରାଜେନ୍ଦ୍ର ଢୋଲକିଆ, ଡ. ବ୍ୟୋମକେଶ ରାୟ, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ରାମଚନ୍ଦ୍ର କାଡ଼ାମ, ସାଗର ଦାସ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ବିଜେପି ପକ୍ଷରୁ ମଧ୍ୟ ବହୁ ବିଧାୟକ ଆଜି ଶପଥ ଗ୍ରହଣ କରିଥିଲେ। ସୂଚନା ଅନୁଯାୟୀ ମୋଟ ୧୦୨ ବିଧାୟକଙ୍କ ମଧ୍ୟରୁ ୯୬ ଜଣ ଓଡ଼ିଆରେ ଶପଥ ନେଇଥିବା ବେଳେ ୬ ଜଣ ଇଂରାଜୀରେ ଶପଥ ଗ୍ରହଣ କରିଛନ୍ତି। ଆସନ୍ତାକାଲି ସନ୍ଧ୍ୟା ୫ଟା ଯାଏଁ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଜାରି ରହିବାକୁ ନେଇ ସମୟ ଧାର୍ଯ୍ୟ ହୋଇଛି।

### "ଓଃ! ୟୁ...

ବାଗଙ୍କୁ ବିଧାୟକ ଭାବେ ଜିତିଥିବାରୁ ଅଭିନନ୍ଦନ ମଧ୍ୟ ଜଣାଇଥିଲେ । ଲକ୍ଷ୍ମଣ ବାଗଙ୍କ ସହ ସ୍ୱଳ୍ପ ସମୟ ପାଇଁ କଥା ହୋଇ ନବୀନ ଯେତେବେଳେ ଆଗକୁ ବଢ଼ିଥିଲେ, ସେତେବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ସମେତ ବିଜେପିର ସବୁ ବିଧାୟକ ନିଜ ନିଜ ଆସନରେ ଛିଡା ହୋଇ ନବୀନଙ୍କୁ ସମ୍ମାନ ଜଣାଇଥିଲେ। ଏନେଇ ଲକ୍ଷ୍ମଣ କହିଛନ୍ତି ଯେ ରାଜନୀତିକ କ୍ଷେତ୍ରରେ ଆମର ପ୍ରତିଦ୍ୱନ୍ଦିତା ଥିଲା, ମାତ୍ର ଏହା ବ୍ୟକ୍ତିଗତ ନଥିଲା। ସେ ମୋଠୁ ବୟସରେ ବହୁ ଅଧିକ। ୨୫ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ତେଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଥରେ ଭେଟିବାକୁ ଇଚ୍ଛା ଥିଲା ବୋଲି ସେ କହିଛନ୍ତି।

### ପୁଲିସ୍ ବଳୟରେ...

କେନ୍ଦ୍ରୀୟ ସୁରକ୍ଷା ବଳ ଟିମ୍‌କୁ ମୁତୟନ କରାଯାଇଛି। ଏହା ଅତ୍ୟନ୍ତ ସମ୍ବେଦନଶୀଳ ମାମଲା ହୋଇଥିବାରୁ ସହରରେ ଆଜି ମଧ୍ୟାହ୍ନ ୧୨ଟାରୁ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବାକୁ ମଧ୍ୟ ବନ୍ଦ କରିଦିଆଯାଇଛି।
ପରେ ପରିସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାନୁଯାୟୀ, ଗତକାଲି ସୁନହଟ ଛକରୁ ଭୁଜାଖିଆ ପୀର ରାସ୍ତାରେ ଥିବା ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖ ଡ୍ରେନ୍‌ରେ ରକ୍ତ ଭାସିବାକୁ କେନ୍ଦ୍ର କରି କଥା କଟାକଟିରୁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ପରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଗୋଟିଏ ଗୋଷ୍ଠୀ ଅପରଗୋଷ୍ଠୀ ଉପରକୁ ଟେକାପଥର ଓ କାଚ ବୋତଲ ମାଡ଼ କରିବା ସହ ବହୁ ଗାଡ଼ି ଭଙ୍ଗାରୁଜା କରିଥିଲେ। କିଛି ଦୁର୍ବୃତ୍ତ ଲୋକଙ୍କ ଘରେ ପଶି ଆସବାବପତ୍ର ନଷ୍ଟ ମଧ୍ୟ କରିଥିଲେ। ଏପରିକି, ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିବା ପୁଲିସ୍ ବି ସେମାନଙ୍କ ଆକ୍ରୋଶରୁ ବର୍ତ୍ତିପାରିନଥିଲା। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ୫ରୁ ଅଧିକ ପୁଲିସ କର୍ମଚାରୀ ଏବଂ ୫ରୁ ଅଧିକ ସାଧାରଣ ଲୋକ ଆହତ ହୋଇଥିଲେ। ଫଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନରେ ୧୪୪ ଧାରା ଜାରି କରାଯିବା ସହ ପୁଲିସ୍ ଲାଠିଚାର୍ଜ କରି ଲୋକଙ୍କୁ ଘଉଡ଼ାଇ ଦେଇଥିଲା।

ହେଲେ ରାତିରେ ଏହି ଘଟଣା ଅଧିକ ଉଗ୍ରରୂପ ନେଇଥିଲା। ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀ ସହରର ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରିବା ସହ ପୋଡ଼ାଜଳା କରିଥିଲେ। ଅପରଗୋଷ୍ଠୀ ମଧ୍ୟ ପହଞ୍ଚିଯିବାରୁ ପରସ୍ପରକୁ ଟେକାପଥର ମାଡ଼ କରିଥିଲେ। ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୁଲିସ୍ ପକ୍ଷରୁ ଲୁହବୁହା ଗ୍ୟାସ୍ ମଧ୍ୟ ପ୍ରୟୋଗ କରାଯାଇଥିଲା। ମଧ୍ୟରାତ୍ରିରେ କର୍ଫ୍ୟୁ ଲାଗୁ ହେବା ଫଳରେ ପରିସ୍ଥିତି ସାମାନ୍ୟ ଶାନ୍ତ ହୋଇଛି। ପୌରପରିଷଦ ଅଞ୍ଚଳକୁ ଲାଗିଥିବା ବିଭିନ୍ନ ପ୍ରବେଶ ପଥକୁ ସମ୍ପୂର୍ଣ୍ଣ ଭାବେ ସିଲ୍ କରି ଦିଆଯାଇଛି। ଅରଡବଜାରରୁ ସିନେମା ଛକ ପର୍ଯ୍ୟନ୍ତ ରାସ୍ତା ସିଲ୍ ହୋଇଥିବା ବେଳେ କୁରୁଡା, ପାତ୍ରପଡ଼ା, ବାଲିଘାଟ, କଦରାମହାଦେବ, ସୁରଜ ହୋଟେଲ ଆଦି ବିଭିନ୍ନ ସ୍ଥାନକୁ ସିଲ୍ କରାଯାଇଛି। ପୁଲିସ ସମ୍ପୂର୍ଣ୍ଣ ଭାବେ ସହରକୁ ଜଗି ରହିଛି। କର୍ଫ୍ୟୁ ପାଇଁ ଆଜି ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ବେଳେ ସହରର ଖାଁ ଖାଁ ରହିଛି। କେବଳ ନିଟ୍ ପରୀକ୍ଷା ଦେଉଥିବା ପିଲାମାନଙ୍କୁ ଯିବା ଆସିବା ପାଇଁ ଛଡ଼ାଯାଇଥିଲା। ସହରରେ ପୁଣିଥରେ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ପାଇଁ ସମ୍ପୂର୍ଣ୍ଣ ଭାବେ ଉଦ୍ୟମ କରାଯାଉଛି। ଏ ସଂପର୍କରେ ଏସ୍‌ପି ସାଗରିକା ନାଥ କହିଛନ୍ତି ଯେ ବାଲେଶ୍ୱର ସହରର ପୌରପରିଷଦ ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରାଯାଇଛି। ଏହି ସମୟରେ କୌଣସି ପ୍ରକାର ଯାତାୟାତ କରାଯାଇ ପାରିବନାହିଁ। ଏପରିକି ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ରହିବ। ପୁଲିସକୁ ସହାୟତା କରିବା ସହ ଘରେ ରହିବାକୁ ସେ ନିବେଦନ କରିଛନ୍ତି।

ସେହିପରି ଜିଲ୍ଲାପାଳ ଆଶିଷ ଠାକରେ କହିଛନ୍ତି ଯେ, ବର୍ତ୍ତମାନ ପରିସ୍ଥିତି ଶାନ୍ତ ରହିଛି ଏବଂ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ଅନୁରୋଧ କରାଯାଇଛି। ଶାନ୍ତି କମିଟି ପାଇଁ ଆଗରୁ ଆଲୋଚନା ହୋଇଥିଲା ଏବଂ ପରିସ୍ଥିତି ସୁଧୁରିବା ପରେ ପୁଣିଥରେ ଶାନ୍ତି କମିଟି ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ସେହିପରି ଯେଉଁମାନେ ଆଇନକୁ ହାତକୁ ନେବେ, ସେମାନଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାଇ ଦେଇଛନ୍ତି।

### କେନ୍ଦ୍ର ଓ ଏନ୍‌ଟିଏକୁ...

ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ନିଟ୍ ୟୁଜି ଦେଶର କଠିନ ପରୀକ୍ଷା ମଧ୍ୟରୁ ଅନ୍ୟତମ ବୋଲି ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ଏସ୍‌ଭି ଭାଟିଙ୍କ ଅବକାଶକାଳୀନ ଖଣ୍ଡପୀଠ ହୃଦ୍‌ବୋଧ କରିଛନ୍ତି। ତେଣୁ ଆବେଦନକୁ ବିରୋଧ ଭାବେ ଦେଖା ନ ଯିବା ଉଚିତ ବୋଲି କହିଛନ୍ତି। ଛାତ୍ରଛାତ୍ରୀ ଏହି ପରୀକ୍ଷା ପାଇଁ କଠିନ ପ୍ରସ୍ତୁତି କରିଛନ୍ତି। ତେଣୁ ସେମାନଙ୍କର ପରିଶ୍ରମକୁ ଆଦୌ ଭୁଲିହେବ ନାହିଁ। ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ଏନ୍‌ଟିଏକୁ କହିଛନ୍ତି ଯେ ଯଦି ବ୍ୟବସ୍ଥା ସହ ଜାଲିଆତି କରୁଥିବା ବ୍ୟକ୍ତି ଡାକ୍ତର ହୋଇଯାଏ ତେବେ ସ୍ଥିତି କ'ଣ ହେବ ଚିନ୍ତା କରନ୍ତୁ। ସେ ସମାଜ ପାଇଁ ସବୁଠାରୁ ଅଧିକ ବିପଜ୍ଜନକ। ଏଭଳି ମାମଲାରେ ଏନ୍‌ଟିଏ ମଜବୁତର ସହ ଛିଡ଼ା ହେବା ଉଚିତ। ଯଦି କୌଣସି ଭୁଲ୍ ହୁଏ ତେବେ ତାହାକୁ ସ୍ୱୀକାର କରି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଜଣାଇବା ଆବଶ୍ୟକ। ଏହା ଦ୍ୱାରା ପ୍ରଦର୍ଶନକୁ ନେଇ ଆତ୍ମବିଶ୍ୱାସ ସୃଷ୍ଟି ହେବ। ଅଧିକାରୀଙ୍କୁ ଠିକ୍ ସମୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଏହି ଆବେଦନ ସହିତ ଅନ୍ୟ ୪ଟି ମାମଲାର ଶୁଣାଣି ଜୁଲାଇ ୮ ତାରିଖରେ ହେବ। ସେହି ଦିନ ସବୁ ମାମଲା ଉପରେ ବିତର୍କ କରିବା ପାଇଁ ଓକିଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ସୁପ୍ରିମକୋର୍ଟ ୨୦୧୫ରେ ଏଭଳି ଟିପ୍ପଣୀ ଦେଇ ଅଲ୍ ଇଣ୍ଡିଆ ପ୍ରି ମେଡିକାଲ ଟେଷ୍ଟ (ଏଆଇପିଏମଟି) ପରୀକ୍ଷାକୁ ବାତିଲ କରିଦେଇଥିଲେ। ସେତେବେଳେ କୋର୍ଟ କହିଥିଲେ ଯେ ଯଦି ଜଣେ ଜାଲିଆତି କରି ଡାକ୍ତର ହେଉଛି ତେବେ ସମ୍ପୂର୍ଣ୍ଣ ପରୀକ୍ଷାକୁ ରଦ୍ଦ କରିଦେବା ଉଚିତ। ସୂଚନାଯୋଗ୍ୟ ଯେ ଗତ ୪ ତାରିଖରେ ଏନଟିଏ ନିଟ୍ ଫଳାଫଳ ଘୋଷଣା କରିଥିଲା। ଏଥିରେ ପ୍ରଥମ ଥର ପାଇଁ ୬୭ ଜଣ ଛାତ୍ରଛାତ୍ରୀ ୭୨୦ରୁ ୭୨୦ ମାର୍କ ରଖିଥିଲେ।

### କୃଷି ଓ କୃଷକର...

କୃଷକଙ୍କର ପ୍ରକୃତ ବନ୍ଧୁ। ଚାଷୀମାନଙ୍କୁ ସବୁ ସହାୟତା ଡିବିଟି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାରେ ପହଞ୍ଚୁଛି। ପ୍ରଧାନମନ୍ତ୍ରୀଙ୍କ ଏହି ଯୋଜନା କୃଷକ ମାନଙ୍କ ପାଇଁ ବିକାଶର ରାସ୍ତା ଖୋଲିଛି। ପ୍ରଧାନ ମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଏକ କୃଷକ କଲ୍ୟାଣକାରୀ ପ୍ରଗତିଶୀଳ ତଥା କୃଷକଙ୍କୁ ମୁଖ୍ୟ ସ୍ରୋତରେ ସମ୍ମିଳିତ କରିବା ଭଳି ଯୋଜନା । କୃଷକର ବିକାଶ ଏବଂ ଦାରିଦ୍ର୍ୟତା ହ୍ରାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୋଦୀ ସରକାର ଫେବ୍ରୁଆରୀ ୨୦୧୯ ରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। ଓଡ଼ିଶାରେ ଆମ ସରକାର ଆସିବାର ପ୍ରଥମ ଦିନରେ ହିଁ ମୋ କ୍ୟାବିନେଟ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟକୁ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି। ସାଧାରଣ ଲୋକଙ୍କ ପାଇଁ ଆମର ସବୁ ପ୍ରତିଶ୍ରୁତି ପୂରଣ ହେବ। ଆମ ରାଜ୍ୟରେ କୃଷକଙ୍କ ସଶକ୍ତିକରଣ ଏବଂ କଲ୍ୟାଣ ହେଉଛି ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଆମ ରାଜ୍ୟ ସରକାର ଆଗାମୀ ଦିନରେ ଆହୁରି ଅନେକ କୃଷକଙ୍କ ପାଇଁ କେନ୍ଦ୍ର ସରକାର କରିଥିବା ବିକାଶମୂଳକ ଯୋଜନା ଏବଂ କାର୍ଯ୍ୟକ୍ରମ ରାଜ୍ୟରେ ଲାଗୁ କରିବାକୁ ଯୋଜନା ରଖିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ସବୁ ବଞ୍ଚିତ ଯୋଗ୍ୟ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଓଡ଼ିଶାର ଜନସଂଖ୍ୟାର ୭୦ ଭାଗ ହେଉଛନ୍ତି କୃଷକ ପରିବାରର ଲୋକ । ଆଗାମୀ ବଜେଟରେ ଆମେ ସାଧାରଣ ଲୋକଙ୍କ ମତାମତକୁ ସ୍ଥାନ ଦେବୁ। ଏଥିପାଇଁ ଖୁବଶୀଘ୍ର ଏକ ୱେବସାଇଟ ଖୋଲାଯିବ। ଆପଣଙ୍କ ମତ ଅନୁଯାୟୀ ବଜେଟ ପ୍ରସ୍ତୁତ କରାଯିବ। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସାଂସଦ ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ ଗଡତିଆ, ବରଗଡ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ନିହାର ମହାନନ୍ଦ ଓ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ୨୪ ଘଣ୍ଟାରେ...

୪୭ ଡ଼ିଗ୍ରୀ ଅତିକ୍ରମ କରିଛି । କେବଳ ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ଲୁ ପ୍ରବାହ ଯୋଗୁଁ ୯୦ ଜଣଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି । ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଖବର ପ୍ରକାଶିତ ହୋଇଥିଲେ ହେଁ ପ୍ରଶାସନ ଏହାକୁ ସ୍ୱୀକାର କରିନାହିଁ । ତେବେ ଡ଼ାକ୍ତରମାନଙ୍କ ରିପୋର୍ଟ ଅନୁସାରେ ଏହି ମୃତ୍ୟୁ ଅଂଶୁଘାତ ବା ଗ୍ରୀଷ୍ମପ୍ରବାହ ଜନିତ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ବିହାରରେ ଲୁ ପ୍ରବାହରେ ସୋମବାର ୧୭ ଜଣଙ୍କ ମୃତ୍ୟୁ ଘଟିଛି । ଔରଙ୍ଗାବାଦରେ ସୋମବାର ତାପମାତ୍ରା ୪୬.୯ ଡ଼ିଗ୍ରୀ ରେକଡର୍ କରାଯାଇଛି । ଛତିଶଗଡ଼ରେ ପରିସ୍ଥିତି ଅଣାୟତ ହୋଇଛି ଏବଂ ସ୍କୁଲ ପିଲାଙ୍କ ଗ୍ରୀଷ୍ମ ଅବକାଶକୁ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଦିଲ୍ଲୀରେ ପରିସ୍ଥିତି ମଧ୍ୟ ଅତ୍ୟନ୍ତ ଗମ୍ଭୀର । ଆସନ୍ତାକାଲି ଦିଲ୍ଲୀର ତାପମାତ୍ରା ୪୫ ଡ଼ିଗ୍ରୀ ଅତିକ୍ରମ କରିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସେହିପରି ଓଡ଼ିଶା, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ବିହାରର କିଛି ଅଞ୍ଚଳରେ ୪ ଦିନ ମଧ୍ୟରେ ମୌସୁମୀ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଆସାମ୍, ମେଘାଳୟ, ଅରୁଣାଚଳରେ ପ୍ରଚଣ୍ଡ ବର୍ଷା ଆଶଙ୍କାରେ ରେଡ୍ ଆଲର୍ଟ ଜାରି କରାଯାଇଛି ।

### ଦେବୀରେ ବୁଡ଼ିଗଲେ...

ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। କାନ୍ଦବୋବାଳିରେ ବାଲିଡିଆ ଗାଁ ଫାଟି ପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଆୟୁଷ୍ମାନ, ରିତେଶ ଓ ରୋହନଙ୍କ ସମେତ ୪ ସାଙ୍ଗ ଆଜି ଦିନ ପ୍ରାୟ ୧୧ଟା ବେଳେ ଗାଧୋଇବା ପାଇଁ ଦେବୀ ନଦୀକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଶୀଘ୍ର ଗାଧୋଇ ଘରକୁ ଫେରି ଆସିଥିଲା। କିନ୍ତୁ ଅନ୍ୟମାନଙ୍କ ଫେରିବାରେ ଯଥେଷ୍ଟ ବିଳମ୍ବ ହେବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ନଦୀତୁଠକୁ ଯାଇ ଖୋଜାଖୋଜି କରିଥିଲେ ହେଁ ୩ ନାବାଳକଙ୍କ ପତ୍ତା ପାଇନଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ସେମାନଙ୍କୁ ଖୋଜାଖୋଜି କରିଥିଲେ। ପାଖାପାଖି ୩ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ୩ଜଣଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ପ୍ରଥମେ ଅସ୍ତରଙ୍ଗ ଡାକ୍ତରଖାନା ଓ ପରେ ଚାରିଛକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

### ୧୫ ଦିନରେ...

ଚାଲି ଯାଇଛି। ହରଡଠାରୁ ଆରମ୍ଭ କରି ବିରି, ମୁଗ ଆଉ ମସୁର ଡାଲି ଦର ବୃଦ୍ଧି ପାଇଛି। ହରଡ ଡାଲି କିଲୋ ପିଛା ୧୮୦ରୁ ୧୯୦ ଟଙ୍କାକୁ ବୃଦ୍ଧି ଘଟିଛି। ୧୧୦ ଟଙ୍କାରେ ବିକ୍ରି ହେଉଥିବା ବିରିଡ଼ାଲି ୧୩୦ ଟଙ୍କା ଟପିଛି। ପନ୍ଦର ଦିନ ମଧ୍ୟରେ ଅଟା କିଲୋ ପିଛା ୪-୫ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି। ସେହିପରି ଉଷୁନା ଚାଉଳ କିଲୋ ପିଛା ୫ରୁ ୭ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ୪୦ ଟଙ୍କା ଦରରେ ବିକ୍ରି ହେଉଥିବା ଉଷୁନା ଚାଉଳ ୪୭ ଟଙ୍କାକୁ ଓ ୫୭ ଟଙ୍କାରେ ବିକ୍ରି ହେଉଥିବା ଜୀରା ଉଷୁନା ୬୫ରୁ ୬୭ଟଙ୍କାରେ ବିକ୍ରି ହେଉଛି। ସୁଜି ଓ ମଇଦା ଉଭୟର କିଲୋ ପିଛା ମୂଲ୍ୟ ୫ ଟଙ୍କା ଯାଏ ବୃଦ୍ଧି ପାଇଛି। ଅପରପକ୍ଷେ ଖାଇବା ତେଲ ଦର ଲିଟର ପିଛା ୪ରୁ ୫ ଟଙ୍କା ବଢ଼ିଛି। ଏଥିରେ ସୂର୍ଯ୍ୟମୁଖୀଠାରୁ ଆରମ୍ଭ କରି କୁଣ୍ଡା ତେଲ (ରାଇସ୍ ବ୍ରାନ ଅଏଲ) ପାମୋଲିନ୍ ଏବଂ ସୋରିଷ ତେଲ ମୂଲ୍ୟ ସବୁର ମୂଲ୍ୟ ବୃଦ୍ଧି ଘଟିଛି। ଚିନି କିଲୋ ୧୫ ଦିନ ମଧ୍ୟରେ ୪୨ ଟଙ୍କାରୁ ୪୬ ଟଙ୍କାକୁ ବଢ଼ିଛି।

ନିର୍ବାଚନ ପରେ ଅର୍ଥାତ୍ ଜୁନ୍‌ରୁ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଇବ ବୋଲି ଆକଳନ ଏବେ ସତ୍ୟ ସାବ୍ୟସ୍ତ ହୋଇଛି। ଏହାକୁ ନେଇ ରାଜ୍ୟ ବ୍ୟବସାୟୀ ମହାସଂଘ ଉଦ୍‌ବେଗ ପ୍ରକାଶ କରିଛି। ରାଜ୍ୟ ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ବର୍ତ୍ତମାନ ବଜାର ଦର ସରକାରଙ୍କ ନିୟନ୍ତ୍ରଣରେ ନାହିଁ। ଏଥିରେ କର୍ପୋରେଟ୍ ସଂସ୍ଥାଗୁଡ଼ିର ମନମାନୀ ବଜାର ଦରକୁ ମହଙ୍ଗା କରୁଛି। ପାଇକାରୀ ବଜାର ଦର ତୁଳନାରେ ଖୁଚୁରା ବଜାରରେ ଦର ଢ଼େର ଅଧିକ ରହୁଛି। ଏଥିପାଇଁ ରାଜ୍ୟ ସରକାର ନିୟମିତ ବ୍ୟବଧାନରେ ବ୍ୟସାୟୀ ସଂଘ ସହ ଏହାର ସମାଧାନ ଲାଗି ଆଲୋଚନା କରନ୍ତୁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**SALE**

EICHER ( TAFE ) 485 TRACTOR, MODEL 2019, UN-REGISTED in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891, within 7 days

**AFFIDAVIT**

I, Sanjukta Mohapatra, W/o, Rashmiranjan Mahapatra, Resident of Kandhanayagarh, PS-Chandpur, Dist- Nayagarh, Odisha-752024, declare by this affidavit No.68AA 068051 dtd 18.06.2024 that now onwards I shall be known as **Sanjukta Mahàpatra** for all future purposes.

**ROURKELA DEVELOPMENT AUTHORITY**

UDITNAGAR: ROURKELA-769012

No. 498/RDA, dated 13.06.2024

CAD-265

**PROCLAMATION**

It is hereby informed to the General public that, **Surath Chandra Behera,** S/O- Dasarath Behera has applied for permission for transfer of **House No. C3L1/120** under Gopabandhu Nagar Housing Scheme, Chhend in favour of **Kanaklata Mallick,** W/O- Surya Kumar Mallick. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Secretary

Rourkela Development Authority

OIPR-13250/11/0010/2425

**WANTED LAND ON LEASE FOR NURSERY**

Godrej Agrovet Limited, Odisha Unit at Bargarh Dist. is looking out for a land on lease for 5 years - minimum 8 Acres to 10 Acres of land for raising Oil Palm Nursery under Government of India Scheme National Mission on Edible Oil - Oil Palm (NMEO - OP) scheme.
Land with Irrigation source & Approach road is a must.

Please contact with details to: -

**Godrej Agrovet Limited,**

**Edara Gunasekhar - 95561 34986**

**B. Praveen Kumar - 7680098623 / 9989973108**

**OFFICE OF THE NOTIFIED AREA COUNCIL: BOUDHGARH**

"e" Procurement Notice

C-53

Bid Identification No.: ORULB/BUD/1/2024-25

Tender Call Notice No. 1386/dtd .13.06.2024

1. Name of work: Civil Works as mentioned in website
2. No. of works: 05 No. of Civil works.
3. Bid value : Rs. 16,76,687/- to 4,21,524/-
4. Date and time of availability received of the bid documents in the portal : From 10.00 A.M of dt.20.06.2024 to dt.27.06.2024 up to 5.00 PM only.
5. Bids received online shall be opened on Dt. 28.06.2024 at 11.00 AM.
6. Submission of original documents: on or before 10.30 AM of Dt. 28.06.2024
7. Name & Address of the Officer inviting Bid: Executive Officer, Boudhgarh NAC

For further details can be seen from the Procurement portal: **www.tendersorissa.gov.in**

Sd/- Executive Officer

NAC Boudhgarh

OIPR-13155/11/0001/2425

**ODISHA CONSTRUCTION CORPORATION LIMITED**

**BHUBANESWAR, ODISHA**

PIN: 751012, Tel No.(0674) 2562020,

e-Mail: theoccltd@odishaconstruction.com

GSTIN- 21AAACO2571K2ZM

CAD-249

DESIGNED TO EXCEL

**"e- Procurement Notice No- 10/OCCL/2024-25 (on-line)**

On-line percentage rate tender is invited for the following work;

| Sl No | Brief name of Work | Bid Identification No | Approx value of work (Rs. in Crore) (excluding GST) | Bid Security (through on-line transfer/as per procedure mentioned in DTCN) (in Rs.) | Period of Completion | Availability of Tender (on-line) | Submission of tender (on-line) |
|---|---|---|---|---|---|---|---|
| 01 | Construction of Concrete Dam and Spillway component structure of Chheligada Irrigation Project | OCCL-CBP/01/2024-25 | Rs. 157.06 Crore | Rs. 1,57,06,000/- | 15 (fifteen) calendar months | From 20.06.2024, 3.30 PM to 10.07.2024, 5.30 PM | From 20.06.2024, 3.30 PM to 10.07.2024, 5.30 PM |

Procurement Officer: Managing Director, OCCL

Date of Opening of the Technical Bid: 11.07.2024, 12.00 Noon

Further details can be seen from the e-procurement portal: https://www.tendersodisha.gov.in

OIPR-34176/11/0004/2425

MANAGING DIRECTOR

**ZILLA SWASTHYA SAMITI, KANDHAMAL**

E-47

Office of the CDM & PHO, Kandhamal, Odisha, 762001

Advt. No.7421/ PH/2024 Dt. 13.06.2024

**Tender Call Notice**

Sealed tenders are invited from the interested eligible bidders for hiring of vehicles under CDM & PHO, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website **https ://kandhamal.odisha.gov.in.** Interested bidders fulfilling the eligibility criteria may submit their proposal(s) with EMD & document as per tender call notice. The bidders have to submit their proposal(s) at the O/o: CDM & PHO, Kandhamal, DHH, Phulbani. Proposal(s) complete in all respect should reach the undersigned on or before **5.00 PM** of **20.07.2024** through Regd/Speed post/ Courier and the same will be opened on **23.07.2024** at **11.30 AM.** The undersigned reserves the right to reject any or all the tender(s) without assigning any reason thereof.

Sd/- Chief District Medical & Public Health Officer, Kandhamal

OIPR-10015/11/0001/2425

**Government of Odisha "e" procurement Notice**

B-24

**Bid Identification No. PWDK- 01/2024-25**

No. G2/4764, Dt. 13.06.2024

e-mail : eepwdkeonjhar@yahoo.com

| | | |
|---|---|---|
| 1 | Name of the Services :- | Annual Maintenance and repair of lifts. |
| 2 | Estimated cost :- | 14.46 Lakh |
| 3 | Period of completion :- | 12(Twelve) Calendar Months |
| 4 | Date and Time of availability of Bid document in the portal:- | From 10.00 Hr 24.06.2024 to 17.00 HR of 03.07.2024 |
| 5 | Last date / Time for receipt of bids in the portal :- | 17.00 Hr of 03.07.2024. |
| 6 | Date of opening of Bid from Portal :- | 11.30 Hr of 04.07.2024. |
| 7 | Name and address of the officer inviting Bid :- | Additional Chief Engineer, (I/C) Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"

Additional Chief Engineer

(I/C) Superintending Engineer

Keonjhar (R&B) Division

OIPR-34004/11/0001/2425

ଦେବଗଡ଼, ଝାରସୁଗୁଡ଼ାରେ ବିପର୍ଯ୍ୟୟ କମିଟି ପ୍ରସ୍ତୁତି ବୈଠକ

# ସବୁ ବିଭାଗ ସଜାଗ ରହିବାକୁ ମରାମର୍ଶ





ଦେବଗଡ଼, ୧୮ ।୬(ସମିସ)

ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଅଧକ୍ଷତା କରିଥିଲେ। ସବୁ ବିଭାଗ ସଜାଗ ରହିବାକୁ ସେ ମରାମର୍ଶ ଦେଇଛନ୍ତି।

ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ପ୍ରବଳ ବର୍ଷା ଜନିତ ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ସମସ୍ତ ବିଭାଗ ସଜାଗ ରହିବା ସଙ୍ଗେ ସଙ୍ଗେ ଏଭଳି ପରିସ୍ଥିତିକୁ ସମ୍ମୁଖୀନ ହେବା ନିମନ୍ତେ ଯଥେଷ୍ଟ ପୂର୍ବରୁ ନିଜ ନିଜ ବିଭାଗର କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରି ରଖିବାକୁ ପରାମର୍ଶ ଦେଇଥିଲେ। ବୈଠକରେ କୃଷି, ଶକ୍ତି, ପଶୁ ସମ୍ପଦ, ମତ୍ସ୍ୟ, ଯୋଗାଣ, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ପୌର ପରିଷଦ, ଜଙ୍ଗଲ, ପଞ୍ଚାୟତ, ଗ୍ରାମ୍ୟ ଉନ୍ନୟନ, ଅଗ୍ନିଶମ, ଓଡ୍ରାଫ ଟିମ୍‌ର ଉପସ୍ଥିତି ଜିଲ୍ଲାସ୍ତରୀୟ ଅଧିକାରୀମାନେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ନିମନ୍ତେ ନିଜ ନିଜ ବିଭାଗର ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ। ସେହିପରି ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, କିରୋସିନି ଆଦି ଗଚ୍ଛିତ କରିବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ କୃଷି କାର୍ଯ୍ୟ ନିମନ୍ତେ ଆବଶ୍ୟକୀୟ ବିହନ, କୀଟ ନାଶକ ଔଷଧ ଏବଂ ସାର ମହଜୁଦ କରି ରଖିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ପୂର୍ବରୁ ଦୁର୍ବଳ ଥିବା ବନ୍ଧ ପୋଲ ଏବଂ ରାସ୍ତା ମରାମତି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପରାମର୍ଶ ନେଇଥିଲେ। ଏଥି ସହିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ନଳକୂପଗୁଡ଼ିକର ବିଶୋଧନ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅତ୍ୟାବଶ୍ୟକ ଔଷଧ, ସାପ କାମୁଡ଼ା ଇଞ୍ଜେକ୍ସନ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ।

ବୈଠକରେ ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ହେମନ୍ତ ସିଂ, ତହସିଲଦାର କର୍ଣ୍ଣ ମଲ୍ଲିକ ଓ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଭାତ ଲେଙ୍କା ସଭା ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଝାରସୁଗୁଡ଼ା:** ବନ୍ୟା, ବାତ୍ୟା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସକାଶେ ପ୍ରସ୍ତୁତି ସମ୍ପର୍କିତ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବନ୍ୟା, ବାତ୍ୟା ଆଦି ବିଭିନ୍ନ ବିପର୍ଯ୍ୟୟ ସମୟରେ ଧନଜୀବନ ହାନିରୁ ନିଜକୁ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସମସ୍ତେ ସଚେତନ ହେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସକାଶେ ପୁଲିସ, ଅଗ୍ନିଶମ, ଓଡ୍ରାଫ, ପଞ୍ଚାୟତିରାଜ ସଭ୍ୟ, ବିଭିନ୍ନ ସରକାରୀ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉଦ୍ଧାର ଓ ରିଲିଫ ସାମଗ୍ରୀ ପରିବହନ ସକାଶେ ଯାନବାହନର ବ୍ୟବସ୍ଥା, ଚୁଡ଼ା ଚାଉଳ, ଗୁଡ଼ ସହ ମଣିଷ ଓ ଗୃହ ପାଳିତ ପଶୁଙ୍କ ପାଇଁ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ଅଧିକାରୀକାରୀକୁ ଏ ଦିଗରେ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଆଶ୍ରୟସ୍ଥଳରେ ଆଶ୍ରୟ ପ୍ରଦାନ ସହ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ, ଗର୍ଭବତୀ ମହିଳା, ଶିଶୁ ଓ ରୋଗୀଙ୍କ ଯତ୍ନ ଓ ଚିକିତ୍ସା ସକାଶେ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ସମ୍ପୃକ୍ତ ବିଭାଗଗୁଡିକ ନିଜ ନିଜ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଚାଲୁ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି।

ବୈଠକରେ ରାଜସ୍ୱ, କୃଷି, ସ୍ୱାସ୍ଥ୍ୟ, ଉଦ୍ୟାନ କୃଷି, ଯୋଗାଣ ବିଭାଗ, ସମାଜ କଲ୍ୟାଣ, ଅଗ୍ନିଶମ, ମତ୍ସ୍ୟ, ଜାତୀୟ ରାଜପଥ, ଜଳସେଚନ, ଟିପିଡବ୍ଲ୍ୟୁଡିଏଲ, ରାସ୍ତା ଓ ଗୃହ, ଆଞ୍ଚଳିକ ପରିବହନ, ପ୍ରାଣୀ ସମ୍ପଦ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ୱାଟ୍‌କୋ ଓ ଓଡ୍ରାଫ ଆଦି ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଡିପିଓ ସୁଶାନ୍ତ ମିଶ୍ର ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଉମାକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ ଓ ପୌରପରିଷଦ ଆନୁକୂଲ୍ୟରେ ମଧ୍ୟ ବୈଠକ ବସିଥିଲା।

## ଜଳଭଣ୍ଡାରରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଦେବଗଡ଼/ରିଆମାଳ, ୧୮ ।୬(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ଥାନା କଁସର ଫାଣ୍ଡି ଅଧୀନ ବାଙ୍କଦର୍ହ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଗୋହିରା ଜଳ ଭଣ୍ଡାରରୁ ଉଦ୍ଧାର କରାଯାଇଛି। ମୃତକ ବାଙ୍କଦର୍ହ ଗ୍ରାମର ବୁଦ୍ଧଦେବ ପ୍ରଧାନ (୨୬)। ରାତିରେ ବୁଦ୍ଧଦେବ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ସମୟରେ ବୁଦ୍ଧଦେବଙ୍କ ମୃତଦେହ ଗୋହିରା ଜଳ ଭଣ୍ଡାର ମଧ୍ୟରେ ଥିବା ଶୁଖିଲା ସ୍ଥାନରେ ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ କଁସର ଫାଣ୍ଡି ପୁଲିସ ଘଟଣା ସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## ଦୁଇ ବାଇକ୍ ମୁହାମୁହିଁ ଧକ୍କା; ୨ ଗୁରୁତର

**ଝାରସୁଗୁଡ଼ା, ୧୮ ।୬(ସମିସ):** ବେଲପାହାଡ଼ ଗୁମାଡେରାସ୍ଥିତ ଟିଆର୍‌ଏ କ୍ରୋସାକି କମ୍ପାନୀର ଗେଟ୍ ନମ୍ବର ୨ ନିକଟସ୍ଥ ରାସ୍ତାରେ ଦୁଇଟି ବାଇକ ମୁହାମୁହିଁ ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ଯୁବକମାନେ ଜାହାଜପଡ଼ା କଦେଲମୁଣ୍ଡା ଗ୍ରାମର ଗୋବିନ୍ଦ ମାଝୀ (୩୦) ଓ ଅଭିଜିତ ମାଝୀ (୨୮)। ମାକରଚଟାର ଭବାନୀ ମାରେଇ (୩୨) ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଗୋବିନ୍ଦ, ଅଭିଜିତ ଓ ଭବାନୀ ବାଇକ୍‌ରେ ଗୁମାଡେରା ପଟରୁ ଜାହାଜପଡ଼ା ପଟକୁ ଯାଉଥିଲେ। ଏହି ସମୟରେ ସାମ୍ନାରୁ ଜଣେ କର୍ମଚାରୀ କାର୍ଯ୍ୟ ସାରି ଏକ ବାଇକ ଯୋଗେ ଟିଆରଏଲ କ୍ରୋସାକି କମ୍ପାନୀର ଗେଟ୍ ନମ୍ବର ୨ ପଟରୁ ଘରକୁ ଫେରୁଥିଲେ। ତେବେ ଉଭୟ ଦୁଇ ବାଇକ ମଧ୍ୟରେ ମୁହାମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଗୋବିନ୍ଦ, ଅଭିଜିତଙ୍କ ଗୋଡ଼ ଭାଙ୍ଗି ଗୁରୁତର ଆହତ ହୋଇଥିବା ବେଳେ ଭବାନୀ ସାମାନ୍ୟ ଆହତଛନ୍ତି। ଅନ୍ୟତମ ବାଇକ ଆରୋହୀ ଯୁବକ ବର୍ତ୍ତି ଯାଇଛନ୍ତି। ସମସ୍ତ ଆହତଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ତୁରନ୍ତ ଟିଆରଏଲ କ୍ରୋସାକି ଡାକ୍ତରଖାନାକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ସେମାନଙ୍କ ଅଧିକ ଚିକିତ୍ସା ନିମନ୍ତେ ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ପ୍ରକାଶ। ଖବର ପାଇ ବେଲପାହାଡ଼ ପୁଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ମହୋତ୍ସବ ଭାବେ ପାଳନ ହେବ

**ବରଗଡ଼, ୧୮ ।୬(ସମିସ):** ଡ଼.ତପସ୍ୱିନୀ ଗୁରୁଙ୍କ ସଭାପତିତ୍ୱରେ ଏବଂ ସମ୍ପାଦକ ସନ୍ତୋଷ କୁମାର ପଣ୍ଡାଙ୍କ ସଂଯୋଜନାରେ ଚଳିତ ବର୍ଷଠାରୁ ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀକୁ ଗୁରୁ ଭଗବାନ ସାହୁ ମହୋତ୍ସବ ଭାବେ ପାଳନ କରାଯିବାକୁ ସଭାରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୨ ତାରିଖ ଶନିବାର ଦିନ ସ୍ଥାନୀୟ ବିଜୁପଟ୍ଟନାୟକ ଟାଉନ ହଲଠାରେ ଉକ୍ତ ମହୋତ୍ସବ ପାଳନ କରାଯିବ। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦଧିବାମନ ଶତପଥୀ, ଯୁଗଳ ପ୍ରସାଦ ସିଂ, କୃଷ୍ଣ ଚନ୍ଦ୍ର ପଣ୍ଡା, ସର୍ଦ୍ଦାର ପ୍ରୀତମ ସିଂ, ଡ.ରବି ନାରାୟଣ ସାହୁ, ସନ୍ତୋଷ କୁମାର ଦାଶ, ଉଦ୍ଧବ ବେହେରା, ବିମଳ କୃଷ୍ଣ ମିଶ୍ର, ପଞ୍ଚାବନ ବାରିକ, ନୂରାବତୀ ସାହୁ, ସଙ୍ଗୀତା ଦୀପ, ସନ୍ତୋଷିନୀ ନାଗ, ଅରୁଣ କୁମାର ସାହୁ, ମନୋଜ ବାଗ, ମାନସ ରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସାମ୍ବାଦିକ ତୁଳସୀ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତ ଶିକ୍ଷକଙ୍କ ପରିବାରଙ୍କୁ ସମବେଦନା ଜଣେଇଲା ପ୍ରାଥମିକ ଶିକ୍ଷକ ସଂଘ



**ପଦ୍ମପୁର, ୧୮।୬ (ସମିସ):** ପାଇକମାଳ ବ୍ଲକ ଅନ୍ତର୍ଗତ ସାଲେପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ଦେବେନ୍ଦ୍ର ସାହୁ ଏବଂ ମାଝୀପାଲି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ନରହରି ବରିହାଙ୍କ ଅକାଳ ବିୟୋଗରେ ଉଭୟଙ୍କ ପରିବାର ଭାଙ୍ଗି ପଡ଼ିଛନ୍ତି। ଏଭଳି ଦୁଃଖଦ ପରିସ୍ଥିତିରେ ବରଗଡ଼ ଜିଲ୍ଲା ଶିକ୍ଷକ ସଂଘ ସଭାପତି ଡୋଳାମଣି ମାହାର, ପାଇକମାଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନିରାକାର ପ୍ରଧାନ, ଉପସଭାପତି ବୈଷ୍ଣବ ପଣ୍ଡା, ସମ୍ପାଦକ ଚକ୍ରଧର ଅଜଗର, ପୁରୁଣା ପେନସନ ଭୁକ୍ତ ଶିକ୍ଷକ ସଂଘ ସଭାପତି ମହାଦେବ ବେହେରା, ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ଲମ୍ବୋଦର ଦାସ ବ୍ଲକ ସଂଘ କର୍ମକର୍ତ୍ତା ସୁଶାନ୍ତ କୁମାର ସାହୁ, ସଚ୍ଚିଦାନନ୍ଦ ସ୍ୱାଇଁ, ନାରାୟଣ ମେହେର, ଶିବ କୁମ୍ଭାର, ନର ହରିଜନ, ଲବଙ୍ଗଲତା ନାଗ, ପୁଷ୍ପା ରାଉତ, ସୁଜାତା ଧରୁଆ, ମାଧବ ସାହୁ, ଧର୍ମେନ୍ଦ୍ର ସାହୁ, ଗୋବିନ୍ଦ ରାମ ଅଜଗର, ସୋମନାଥ ବରିହା, ରାଜେନ୍ଦ୍ର ରାଉତ, ଦୂତିଆ ବେସରା ଓ ଶିକ୍ଷକ ସଂଘ ସଦସ୍ୟ ଗଣ ଉଭୟ ଦିବଙ୍ଗତ ଶିକ୍ଷକଙ୍କ ପରିବାରକୁ ପାଇକମାଳ ଓ ଭଗତପୁର ସ୍ଥିତ ବାସଭବନରେ ଭେଟି ଉଭୟଙ୍କ ପରିବାରଙ୍କୁ ଆଶ୍ୱାସନା ଓ ସମବେଦନା ଜଣାଇଛନ୍ତି। ସମବେଦନା ଜ୍ଞାପନ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାସହ ସରକାରଙ୍କ ପକ୍ଷରୁ ମିଳିବାକୁ ଥିବା ଅର୍ଥରାଶି ଶୀଘ୍ର କିପରି ପାଇବେ ସେ ଦିଗରେ ସଂଘ ତରଫରୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଦିବଂଗତ ଉଭୟ ଶିକ୍ଷକଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଦେଇ ଉଭୟ ପରିବାରକୁ ଦୁଃଖ ସମୟରେ ଭଗବାନ ଆଗକୁ ବଢ଼ିବାର ସାହସ ଓ ଶକ୍ତି ପ୍ରଦାନ କରନ୍ତୁ ବୋଲି ସଂଘ ତରଫରୁ ପ୍ରାର୍ଥନା କରାଯାଇଥିଲା।

## ପ୍ରଥମ ମାସିକ ବିଷୟଭିତ୍ତିକ କର୍ମଶାଳା



**ଦେବଗଡ଼, ୧୮ ।୬(ସମିସ):** ଦେବଗଡ଼ ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଜିଲ୍ଲାର ସମସ୍ତ ସିଆରସିସିମାନଙ୍କୁ ନେଇ ପ୍ରଥମ ମାସିକ ବିଷୟ ଭିତ୍ତିକ କର୍ମଶାଳା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ ଗୌଡ଼ କର୍ମଶାଳାକୁ ଉଦ୍‌ଘାଟନ କରି ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋକ ପାତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଅନିମା ତୀର୍କୀ, ନିବେଦିତା ବେହେରା, ମନ୍ଦାକିନୀ ଟୁଡୁ, ସୁରମା ମିର୍ଦ୍ଧା, ପାର୍ଥବୀ ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାର ୫୦ ଜଣ ସିଆରସିସି ଯୋଗ ଦେଇଥିଲେ।

## ଡିଏଭିରେ ବିଦାୟକାଳୀନ ସମ୍ବର୍ଦ୍ଧନା



**ଝାରସୁଗୁଡ଼ା, ୧୮ ।୬(ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ୍ ପରିସରରେ ଡିଏଭି ପରିବାର ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସୁପରଭାଇଜର ସୁବାସ ଚନ୍ଦ୍ର ମିଶ୍ର, ସୁପରଭାଇଜର ଏମଭିଏଲଏନ ରାଓ ଏବଂ ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଅଧକ୍ଷ ଡ. ସରୋଜ କୁଅଁରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ପରିଚାଳନା ସମିତି ସଦସ୍ୟ ତାପସ ରାୟ ଚୌଧୁରୀ, ଶିକ୍ଷାବିତ ଗୌରୀଶଙ୍କର ତିୱାରୀ, ବାଲେଶ୍ୱର ଜିଲ୍ଲାରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରଞ୍ଜନ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥଲେ। ପୁଷ୍ପାଞ୍ଜଳି ପଣ୍ଡା, ରେଖାରାୟ ଚୌଧୁରୀ, ପଦ୍ମିନୀ ପଣ୍ଡା, ଚଞ୍ଚଳ ଦୁଆ, ନରସିଂହ ପାଣିଗ୍ରାହୀ ପ୍ରମୁଖ ବିଶେଷ ଅତିଥିଭାବେ ଯୋଗ ଦେଇଥିଲେ। ଅଲେଖ ବିହାରୀ ସାହୁ, ନମିତା ପାଣ୍ଡେ, ଅଞ୍ଜଳି ବାଲସୁବ୍ରମନ୍ୟନ ସଭା ସଂଯୋଜନା କରିଥିବାବେଳେ ନୀଳିମା ପଟେଲ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ଶିଳ୍ପ ସଂସ୍ଥାକୁ ଗଛ ଲଗାଇବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୧୮।୬(ସମିସ):** ଜିଲ୍ଲାରେ ଥିବା ଶିଳ୍ପାନୁଷ୍ଠାନମାନଙ୍କ ପକ୍ଷରୁ ଆସନ୍ତା ଜୁଲାଇ ପହିଲାରୁ ବୃକ୍ଷରୋପଣ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଆବୋଲୀ ସୁନୀଲ ନରୱଣେ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଜିଲ୍ଲା କାର୍ଯ୍ୟାଳୟରେ ଝାରସୁଗୁଡା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ ଓ ବିଭିନ୍ନ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ତରଫରୁ ଉପସ୍ଥିତ ଅଧିକାରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଏହିଭଳି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପରିବେଶ ମଞ୍ଜୁରୀ ନିୟମାନୁସାରେ ଶିଳ୍ପାନୁଷ୍ଠାନ ପକ୍ଷରୁ ବୃକ୍ଷରୋପଣ କରାଯାଇଛି କି ନାହିଁ ତାର ସମୀକ୍ଷା କରାଯାଇ ଶିଳ୍ପାନୁଷ୍ଠାନ ପରିସରରେ ବୃକ୍ଷରୋପଣ ପାଇଁ କୁହାଯାଇଛି। ଶିଳ୍ପାନୁଷ୍ଠାନ ପରିସରରେ ଜାଗା ଉପଲବ୍ଧ ହେଉନଥିଲେ ସମ୍ପୃକ୍ତ କର୍ତ୍ତୃପକ୍ଷ ଆଖପାଖ ଅଞ୍ଚଳରେ ବୃକ୍ଷରୋପଣ ପାଇଁ ପଦକ୍ଷେପ ନେବେ। ଆଲୋଚନା ଅନୁସାରେ ଜେଏସଡବ୍ଲ୍ୟୁ-ଆଇବିୟୁଏଲ୍ ପକ୍ଷରୁ ଏକ ଲକ୍ଷ, ଏମସିଏଲ (ଇବ୍ ଭ୍ୟାଲି) ପକ୍ଷରୁ ୯୫ ହଜାର, ଏମସିଏଲ୍ ( ଲଖନପୁର) ପକ୍ଷରୁ ୬୭ ହଜାର, ଓପିଜିସି ପକ୍ଷରୁ ୬୭ ହଜାର, ଏନଏଲସି ପକ୍ଷରୁ ୪୬ ହଜାର, ଏନଏଲସି ପକ୍ଷରୁ ୨୫ ହଜାର ବୃକ୍ଷରୋପଣ କରାଯିବ। ଅନ୍ୟ ଶିଳ୍ପାନୁଷ୍ଠାନ ଗୁଡିକ ପକ୍ଷରୁ କେତେ ପରିମାଣର ବୃକ୍ଷରୋପଣ କରାଯିବ ସେ ସମ୍ପର୍କିତ ତଥ୍ୟ ଆସନ୍ତା ସାତ ଦିନ ମଧ୍ୟରେ ଦାଖଲ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।

## ପିଏମ୍ କିଷାନ ସମ୍ମାନ ନିଧିର ୧୭ତମ କିସ୍ତି ବଣ୍ଟନ



**ଝାରସୁଗୁଡ଼ା, ୧୮ ।୬ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପିଏମ୍ କିଷାନ ସମ୍ମାନ ନିଧିର ୧୭ତମ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଭାସି ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାଷୀଙ୍କ କଲ୍ୟାଣ ନିମନ୍ତେ ଏହି ଯୋଜନା ଉଦ୍ଦିଷ୍ଟ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାର ୨୬, ୬୮୧ ଜଣ ଚାଷୀଙ୍କ ବ୍ୟାଙ୍କ୍ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ପଠାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ, ରଘୁନନ୍ଦନ ପଣ୍ଡା, ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱଣେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ସହକାରୀ କୃଷି ଅଧିକାରୀ ଗଗନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଏଲ୍‌ପିଏସ୍ କମ୍ପାନୀ ସମ୍ପୂର୍ଣ୍ଣ ବନ୍ଦ ଦାବି

ଝାରସୁଗୁଡ଼ା, ୧୮ ।୬(ସମିସ)

ବେଲପାହାଡ଼ ଛୁଆଲିବେର୍ଣ୍ଣା ନିକଟସ୍ଥ ଏଏଲପିଏସ ମାଇନିଙ୍ଗ ସର୍ଭିସେସ ପ୍ରାଇଭେଟ୍ ଲିମିଟେଡ କମ୍ପାନୀରୁ ପ୍ରବଳ ମାତ୍ରାରେ କୋଇଲା ଗୁଣ୍ଡ ପ୍ରବାହ ହେବା ଯୋଗୁଁ ଲୋକଙ୍କ ଘର ଦ୍ୱାର ପୋଖରୀ ବ୍ୟାପକ ପ୍ରଦୂଷିତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଅସନ୍ତୋଷ ଛୁଆଲିବେର୍ଣ୍ଣାବାସୀ ଏଏଲପିଏସ କମ୍ପାନୀର ମୁଖ୍ୟ ଗେଟ ସମ୍ମୁଖରେ ତୀବ୍ର ପ୍ରତିବାଦ କରିବା ସହ ଧାରଣା ଦେଇଥିଲେ।

ଅଭିଯୋଗ କ୍ରମେ ଛୁଆଲିବେର୍ଣ୍ଣା ଗ୍ରାମରୁ ପ୍ରାୟ ୧୦୦ରୁ ୧୫୦ ମିଟର ଦୂରତାରେ ଏଏଲପିଏସ ମାଇନିଙ୍ଗ କମ୍ପାନୀ ପରିଚାଳିତ ହେଉଛି। ଏହି କମ୍ପାନୀ ପକ୍ଷରୁ ଖଣି ଅଞ୍ଚଳରୁ କୋଇଲା ଅଣାଯାଇ ଏହାକୁ ବିଶୋଧିତ କରାଯାଇ ଅନ୍ୟତ୍ର ପରିବହନ କରାଯାଇଛି। ତେବେ କମ୍ପାନୀ ପକ୍ଷରୁ ସରକାରଙ୍କ ସମସ୍ତ ନିୟମ, ନୀତି, ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏହି କମ୍ପାନୀରୁ ପ୍ରବଳ ମାତ୍ରାରେ କୋଇଲା ଗୁଣ୍ଡ ପ୍ରବାହ ହେବା ଯୋଗୁଁ ଛୁଆଲିବେର୍ଣ୍ଣା ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘର ଦ୍ୱାର, ରାସ୍ତାଘାଟ, ପୋଖରୀ, ବାୟୁ ପରିବେଶ ସମସ୍ତ ବ୍ୟାପକ ପ୍ରଦୂଷିତ ହେଉଛି। ଗାଁ ନିକଟରେ ଥିବା ପୋଖରୀ ପାଣି ଉପରେ କୋଇଲା ଗୁଣ୍ଡର ଏକ ପ୍ରସ୍ତର ଜମି ଯାଇ ପ୍ରଦୂଷିତ ହେଉଛି। ପୂର୍ବ ଭଳି ଲୋକଙ୍କ ଗାଧୋଇବା ପାଇଁ ବ୍ୟବହାର ଉପଯୋଗୀ ହେଉନାହିଁ। ଏହା ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ବେଲପାହାଡ଼ ସୁଖାବନ୍ଧ ନିକଟସ୍ଥ ଶନି ମନ୍ଦିରଠାରୁ ଆରମ୍ଭ କରି ଏଏଲପିଏସ କମ୍ପାନୀ ପର୍ଯ୍ୟନ୍ତ ପ୍ରତିଦିନ ଶହ ଶହ କୋଇଲା ବୋଝେଇ ଭାରୀ ଯାନବାହାନ ଚଳାଚଳ କରୁଛି। ଏହା ଫଳରେ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ହୋଇ ରାସ୍ତାର ଅବସ୍ଥା ଅତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତା ଦେଇ ଲୋକଙ୍କ ଯାତାୟତରେ ଅନେକ ସମସ୍ୟା ଦେଖାହେବା ସହ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି।



### ସରକାରୀ ନିୟମକୁ କମ୍ପାନୀର ଖୋଲାଖୋଲି ଉଲ୍ଲଂଘନ

ବିଭିନ୍ନ ସ୍ଥାନରୁ ଅସାମାଜିକ ଲୋକ କାର୍ଯ୍ୟ ବାହାନାରେ ଏହି ଅଞ୍ଚଳକୁ ଆସି ରହିବ ଦ୍ୱାରା ଅନୈତିକ କାର୍ଯ୍ୟ କଳାପ ମଧ୍ୟ ବୃଦ୍ଧି ପାଇଛି। କେବଳ କେତେକ ସ୍ଥାନୀୟ ବାସିନ୍ଦାମାନଙ୍କୁ ଦିନ ମଜୁରିଆ ଭାବେ ନିୟୋଜିତ କରାଯାଇଥିବା ବେଳେ ଅନ୍ୟ ଅଞ୍ଚଳର ଶ୍ରମିକମାନଙ୍କୁ ଏଠାରେ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଏଲପିଏସ କମ୍ପାନୀର ଏଭଳି ଜନ ବିରୋଧୀ କାର୍ଯ୍ୟକଳାପ ପ୍ରତିବାଦରେ ଛୁଆଲିବେର୍ଣ୍ଣା ଗ୍ରାମରେ ବୈଠକ କରିଥିଲେ। ସେଥିରେ ସର୍ବସମ୍ମତି ନିଷ୍ପତି କ୍ରମେ ମଙ୍ଗଳବାର ଛୁଆଲିବେର୍ଣ୍ଣା ଅଞ୍ଚଳରୁ ଏହି କମ୍ପାନୀକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିବା ସହ କମ୍ପାନୀ ଗେଟ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେଇଛନ୍ତି। ଧାରଣାରେ ଛୁଆଲିବେର୍ଣ୍ଣା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରୁ ହରିହର କାଲୋ, କେଶବ ସାହୁ, ଗୁରୁଚରଣ ସାହୁ, ବିଜୟ ପ୍ରଧାନ, ମୁରଲୀଧର ବାରିକ, ଆନନ୍ଦ ସାହୁ, ଗଜାଧର ରଣା, ଜେନାମଣି ସାହୁ, ପ୍ରହଲ୍ଲାଦ ସାହୁ, ପ୍ରମୋଦ ଖମାରୀ ପ୍ରମୁଖ ଅନେକ ଯୁବକ ସାମିଲ ରହିଥିଲେ। ବେଲପାହାଡ଼ ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ଓ ବ୍ରଜରାଜନଗର ପୁଲିସ ପହଞ୍ଚି ଧାରଣକାରୀଙ୍କୁ ବୁଝାସୁଝା କରିଥିଲେ। ସେମାନେ କିନ୍ତୁ ଜିଦରେ ଅଟଳ ରହି ଧାରଣ ଜାରି ରଖିଥିଲେ।

## ସଡ଼କ ଦୁର୍ଘଟଣାରେ ୧ ମୃତ, ଜଣେ ଗୁରୁତର

**ମୁରିବାହାଲ, ୧୮।୬ (ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅଧିନସ୍ଥ ୫୯ ଜାତୀୟ ରାଜପଥ ଗୁରୁଣ୍ଡା ଗ୍ରାମର ପିଚୁ ପ୍ଲାଣ୍ଟ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ନୂଆପଡ଼ା ଜିଲ୍ଲା କୋମନା ଥାନା ତରବୋଡ଼ ଗ୍ରାମର ଗୁପତ ଦୀପ (୪୬) ଓ ଖଡିଆଳରୋଡ଼ ନିବାସୀ ରବି ଯାଦବ (୩୫) ଉଭୟ ମିଶି ମୁରିବାହାଲ ଥାନା ଗଂରେଇ ଗ୍ରାମକୁ ଏକ ଘରୋଇ କାମରେ ଆସୁଥିବା ବେଳେ ଗୁରୁଣ୍ଡା ଗ୍ରାମର ନିକଟରେ ଥିବା ପିଚୁ ପ୍ଲାଣ୍ଟ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ବାଇକ ଆରୋହୀ ଛିଟକି ପଡ଼ିଥିଲେ। ପରେ ମୁରିବାହାଲ ପୁଲିସ ସହାୟତାରେ ଟିଟିଲାଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଗୁପତଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ରବି ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି ବୋଲି ମୁରିବାହାଲ ଥାନା ଅଧିକାରିଣୀ ସୁପ୍ରିୟା ସୂରିଆ ଲୁଗୁନ ଜଣାଇଛନ୍ତି।

## ଗେଡ଼ା ମାଡ଼ରେ ଜଣେ ଗୁରୁତର

**ସିନାପାଲି, ୧୮।୬ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ କାପସିରେ ଗେଡ଼ା



ମାଡ଼ରେ ସୀତାରାମ ମାଝି ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଏହି ଘଟଣାରେ ପୁଲିସ ଗ୍ରାମର ଟଙ୍କଧର ମାଝି (୩୦)କୁ ଗିରଫ କରିଛି। କିଛି ଲୋକଙ୍କ ସହ ସୀତାରାମ ଗାଁ ଛକରେ ବସିଥିବା ବେଳେ ଟଙ୍କଧର ହଠାତ ଆସି ଗେଡ଼ା ମାଡ଼ କରିଥିଲେ। ସୀତାରାମଙ୍କ ପୁଅ ହେମନ୍ତ ଖବର ପାଇ ଆମ୍ବୁଲାନ୍ସ ସହାୟତାରେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭବାନୀପାଟଣା ସ୍ଥାନାନ୍ତର କରଯାଇଥିଲା। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଥାନା ଧିକାରୀ ରଶ୍ମିତା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ବିନୋଦ ବିହାରୀ ସେଠୀ ମାମଲାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରଛନ୍ତି।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ

**ସିନାପାଲି, ୧୮।୬(ସମିସ):** ସିନାପାଲି ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖି ପରେ ବିବାହ ପାଇଁ ବାରଣ କରିବା ଜଣେ ଯୁବକକୁ ମହଙ୍ଗା ପଡ଼ିଛି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକକୁ ଗିରଫ କରିଛି। ଏହି ଯୁବକ ଜଣକ ହେଉଛି ଖଡିଆଳ ଥାନା ଡୁଆଝର ଗ୍ରାମର ଯୁଗେଶ୍ୱର ମେହେର (୨୭)।



୨୦୨୩ ଜାନୁଆରୀରେ ଯୁବତୀ ଜଣକୁ ବିବାହ ପାଇଁ ଅଭିଯୁକ୍ତଙ୍କ ପରିବାର ଲୋକେ ଦେଖିବାକୁ ଆସିଥିଲେ। ପରେ ଯୁବତୀଙ୍କ ଘରକୁ ଫଳ, ମିଠା ଆଣି ଆସିଥିଲେ। ସେଠାରୁ ଅଭିଯୁକ୍ତ ଜଣକ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବିଭିନ୍ନ ସ୍ଥାନକୁ ବୁଲାଇବାକୁ ନେଇଥିଲା। ସିନାପାଲି ଉଦନ୍ତୀ ମହୋତ୍ସବ ବେଳେ କାର୍ଯ୍ୟକ୍ରମ ଦେଖିବାକୁ ଆସି ରାତି ହେବାରୁ ଯୁବତୀଙ୍କ ଘରେ ରହିଥିଲା। ଶେଷରେ ଗତ ବର୍ଷ ମେ ମାସରେ ଅଭିଯୁକ୍ତ ତାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲା। ଏ ନେଇ ଯୁବତୀ ଜଣକ ସିନାପାଲି ଥାନାରେ ଅଭିଯୋଗ କରିଥିଲେ।

## ଉତ୍କଳମଣିଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି



**ଜୁନାଗଡ଼, ୧୭।୬(ସମିସ):** ଉତ୍କଳମଣି ସେବାସଂସ୍ଥା ଓ ଗୋପବନ୍ଧୁ ସାଂସ୍କୃତିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜୁନାଗଡ଼ ଡଙ୍ଗାଘାଟ ପଡ଼ାସ୍ଥିତ ଉତ୍କଳମଣିଙ୍କ ଥିବା ପ୍ରତିମୂର୍ତ୍ତିରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ମାଲ୍ୟାର୍ପଣ କରିବା ସଙ୍ଗେ ସଙ୍ଗେ ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକ ସନ୍ତୋଷ କୁମାର ସିଂହଦେଓ ଏବଂ ସୁନ୍ଦର ମୋହନ ଛତ୍ରିଆ ଆମନ୍ତ୍ରିତ ଅତଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ। ମଧୁସୂଦନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଦାମୋଦର ବେହେରା, ନିରଞ୍ଜନ ସାହୁ, ଜୟନ୍ତ କୁମାର ଜେନା, ହେମନ୍ତ ସାସମଲ, ରମେଶ ନାୟକ, ଉଦ୍ଧବ ଚରଣ ସାହୁ, କୈଳାଶ ରାଉତ, ଭଗବାନ ସାହୁ, ଶ୍ୟାମସୁନ୍ଦର ସାହୁ, ସତ୍ୟନାରାୟଣ ବୈଶ୍ୟ, ଶିବଶଙ୍କର ମହାନନ୍ଦ, ଜଗନ୍ନାଥ ବାଗ, ଭବାନୀଶଙ୍କର ବାଗ ପ୍ରଭୃତି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଉପସ୍ଥିତ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଶେଷରେ ସମ୍ପାଦକ ଅଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ

## ଡିପଥେରିଆ ଭୟରେ ଥରୁଛି ଦୁର୍ଗମ ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳ

**ଥୁଆମୂଳ ରାମପୁର, ୧୮।୬(ସମିସ)**

ମ୍ୟାଲେରିଆ, ହଇଜା ଭଳି ବିଭିନ୍ନ ସଂକ୍ରମିତ ରୋଗ ପାଇଁ ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପରିଚିତ। ଏବେ ଡିପଥେରିଆ ନାମକ ଆଉ ଏକ ଘାତକ ସଂକ୍ରମଣରେ ସଂକ୍ରମିତ ଦୁର୍ଗମ ଅଞ୍ଚଳ ଭୟରେ ଥରୁଛି। ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳ ପୋଡାପଦର ପଞ୍ଚାୟତରେ ବର୍ତ୍ତମାନ ଏହି ରୋଗ ବ୍ୟାପିବାରେ ଲାଗିଛି। ଯେଉଁଥିରେ ଆକ୍ରାନ୍ତ ହୋଇ ଜଣେ ଶିଶୁର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପଡୋଶୀ ଜିଲ୍ଲା ରାୟଗଡ଼ା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତର ମୁନୁଷପଦର ଗାଁରୁ ଏହି ରୋଗ ପୋଡାପଦର ପଞ୍ଚାୟତର ସରାପାସ ଗାଁକୁ ସଂକ୍ରମିତ ହୋଇଛି। ଭୌଗୋଳିକ ସ୍ଥିତିକୁ ଦେଖିଲେ କାଶୀପୁର ବ୍ଲକ ମୁନୁଷପଦର ଗାଁ ସୀମାକୁ ଲାଗିକି ରହିଛି ସରାପାସ ଗାଁ। ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଏହି ଗାଁକୁ ଡିପଥେରିଆ ବ୍ୟାପିଥିବା ସନ୍ଦେହ କରାଯାଉଛି।

ଏଭଳି ସୂଚନା ପାଇଲା ପରେ କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଥିବା ବେଳେ ଉଦବେଗ ପ୍ରକାଶ କରିଛି। ଏପଟେ ସ୍ଥିତି ଅନୁଧ୍ୟାନ ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପଠାଯାଇଛି। ସେଠାରେ ଜଣେ ଶିଶୁର ମୃତ୍ୟୁ ହୋଇଥିବା ପରେ ମଙ୍ଗଳବାର ଭବାନୀପାଟଣାରୁ ବିଶେଷଜ୍ଞ ଟିମ୍ ସହିତ







**ପ୍ରଭାବିତ ଗାଁରେ ପହଞ୍ଚିଲା ଡାକ୍ତରୀ ଦଳ**

ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମିଳିତ ହୋଇ ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳର ସେଇ ଗାଁକୁ ଯାଇ ପହଞ୍ଚି ଆକ୍ରାନ୍ତଙ୍କୁ ଚିହ୍ନଟ କରିଛନ୍ତି। ସେମାନଙ୍କ ମଧ୍ୟରୁ ସରାପାସ୍ ଗାଁରୁ ୪ ଜଣ ଏବଂ ଭୁରଭୁରି ଟେମେରାରୁ ଜଣେ ଶିଶୁ ଆକ୍ରାନ୍ତ ଥିବା ଜଣା ପଡ଼ିଲା ପରେ ପ୍ରାଥମିକ ଚିକିତ୍ସା ସହ ସମସ୍ତ ଆକ୍ରାନ୍ତଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରୁ ଆସିଥିବା ଦୁଇଟି ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ସ୍ଥାନାନ୍ତର କରାଯାଇଛି। ହେଲେ ଏହି ସଂକ୍ରମଣ କେଉଁ ରୋଗର ଏହା ଜାଣିବା ପାଇଁ ସେମାନଙ୍କ ରକ୍ତ ନମୂନା ପରୀକ୍ଷା ପାଇଁ ଲ୍ୟାବକୁ ପଠାଯାଇଛି। ରକ୍ତ ପରୀକ୍ଷା ରିପୋର୍ଟ ଆସିଲେ ଯାଇ ସଠିକ ତଥ୍ୟ ମିଳିପାରିବ ବୋଲି ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ନିତୀଶ ଝା କହିଛନ୍ତି। ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳର ଦୁର୍ଗମ ଗାଁ ଗୁଡ଼ିକରେ ପହଞ୍ଚି ଏଭଳି ଅପରେସନ୍ କରିବା କଷ୍ଟସାଧ ହେଲେ ମଧ ଏକ ଚ୍ୟାଲେଞ୍ଜ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପଡୁଛି ବୋଲି ଡାକ୍ତର ଝା କହିଛନ୍ତି। ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳକୁ ଆଜିଯାଏଁ ଗମନାଗମନର ସୁବ୍ୟବସ୍ଥା ହୋଇପାରି ନ ଥିବା ବେଳେ ବିଭିନ୍ନ ସମୟରେ ଏସବୁ ପରିସ୍ଥିତି ଏକ ଜଟିଳ ସମସ୍ୟା ଭାବେ ଅଞ୍ଚଳବାସୀଙ୍କୁ ନାହିଁ ନଥିବା ଅସୁବିଧା ସୃଷ୍ଟି କରୁଛି। ନା ଅଛି ମୋବାଇଲ ନେଟୱାର୍କ ନା ଗମନାଗମନ ପାଇଁ ଭଲ ରାସ୍ତା। ଡଙ୍ଗା ଉପରେ ଭରସା କରୁଥିବା ଏହି ଅଞ୍ଚଳବାସୀଙ୍କୁ ଭଗବନ ହିଁ ଭରସା ବୋଲି ଅନେକ ସମୟରେ ଅଞ୍ଚଳବାସୀଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ। ଯାହା ଏକ ବାସ୍ତବତାର ଏକ ବିକଳ ସ୍ୱର ବୋଲି ମାନିବାକୁ ହେବ।

## ନାବାଳିକା ବିବାହର ବର୍ଷକ ପରେ ଖୋଳତାଡ଼

**ନୂଆପଡ଼ା/ଖଡିଆଳ, ୧୮।୬(ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଡମଝର ଗାଁରେ ଜଣେ ନବମ ଶ୍ରେଣୀ ଝିଅ ସହ

**ନବମ ଶ୍ରେଣୀ ଝିଅ ସହ ଯନ୍ତ୍ରୀ ପୁଅଙ୍କ ବିବାହ ହୋଇଛି**

**ସରପଞ୍ଚଙ୍କ ସହଯୋଗରେ ଭାଲୁଡୁଙ୍ଗୁରି ମନ୍ଦିରରେ ବିବାହ ହୋଇଥିଲା**

ଜରେ ଯନ୍ତ୍ରୀ ପୁଅଙ୍କ ବିବାହ ହୋଇଛି। ବର୍ଷକ ତଳେ ହୋଇଥିବା ଏହି ବିବାହ ଉପରେ ଏବେ ଖୋଳତାଡ଼ ଆରମ୍ଭ ହୋଇଛି। ନାବାଳିକା ବିବାହ ଅଭିଯୋଗ ଆସିବା ପରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଗୁରୁତ୍ୱ ଦେଇଛି। ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆରସିଂ ଚାଇଲ୍ଡ ଲାଇନ୍, ସ୍ଥାନୀୟ ପୁଲିସ ସହ ଡମଝର ଗାଁରେ ପହଞ୍ଚି ଘଟଣାର ଖୋଳତାଡ଼ କରିଛନ୍ତି। ଏକ ମନ୍ଦିରକୁ ଯାଇଥିଲେ। ସେଠାରେ ବିବାହ କରାଯାଇଥିବା ଜଣାପଡ଼ିଥିଲା। ଖୋଦ ସରପଞ୍ଚଙ୍କ ଉପସ୍ଥିତିରେ ହୋଇଥିବା ମନ୍ଦିର ସୂତ୍ରରୁ ଜଣାପଡଛି। ସମ୍ପୃକ୍ତ ସରପଞ୍ଚଙ୍କ ସମ୍ପୃକ୍ତି ଉପରେ



ସେଠାରେ ଅଙ୍ଗନବାଡ଼ି, ଆଶା କର୍ମୀଙ୍କ ସହାୟତାରେ ସମ୍ପୃକ୍ତ ନାବାଳିକା ପାଠ ପଢୁଥିବା ହାଇସ୍କୁଲ ଯାଇ ସେ ଝିଅର ବୟସ ପ୍ରମାଣ ସଂଗ୍ରହ କରିଥିଲେ। ଏହା ପରେ ଖଡିଆଳ ଥାନା ଭାଲୁଡୁଙ୍ଗୁରୀର ତଦନ୍ତ କରିବାକୁ ତାଙ୍କୁ ଯୋଗା ଯୋଗ କରାଯାଇଥିଲେ ମଧ ସେ ତଦନ୍ତରେ ସହାୟତା କରି ନାହାନ୍ତି। ତେବେ ଏହାର ତଦନ୍ତ ଚାଲିଛି। ରିପୋର୍ଟ ଦିଆଯିବ ବୋଲି ଶ୍ରୀ ବଳିଆରସିଂ କହିଛନ୍ତି।

## ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସମ୍ବର୍ଦ୍ଧନା

**ଶଗଡ଼ା/ମନମୁଣ୍ଡା, ୧୮।୬(ସମିସ):** ମସିଣାପଡ଼ାରେ ସ୍କୁଲ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ପଛୁଆବର୍ଗ କଲ୍ୟାଣ, ସାମାଜିକ କଲ୍ୟାଣ ଓ ଶସକ୍ତକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କନ୍ଧମାଳ ଆଦିବାସୀ ସଂଘ ସଭାପତି ଡମ୍ବରୁଧର କହଁରଙ୍କ ନେତୃତ୍ୱରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଧିଷ୍ଠିର କହଁର, ଗଣେଶ୍ୱର କର୍ଣ୍ଣ, ବୁବୁନ କଣ୍ଟା, ମନମୁଣ୍ଡା ବିଜେପି ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ରକସା ସମବାୟ ସମିତିର ସଭାପତି ଶିବ ଶଙ୍କର କର୍ଣ୍ଣ ପ୍ରମୁଖ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ପୁଷ୍ପ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।



## ୭ ବର୍ଷ ହେଲା ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ମିଳୁନି

**ସରକାରୀ ସହାୟତାରୁ ବଞ୍ଚିତ ପରିବାର**

**ଶଗଡ଼ା, ୧୮।୬(ସମିସ):** ଜଣେ ବ୍ୟକ୍ତିଙ୍କ ମୃତ୍ୟୁର ୨୧ ଦିନ ମଧ୍ୟରେ ନାମ ପଞ୍ଜିକରଣ କରି ମୃତ୍ୟୁ ପ୍ରମାଣ ପତ୍ର ଯୋଗାଇ ଦେବା ପାଇଁ ସରକାରୀ ବ୍ୟବସ୍ଥା ଅଛି; ହେଲେ ୭ ବର୍ଷ ହେଲା ମୃତ୍ୟୁ ପ୍ରମାଣ ପତ୍ର ମିଳୁନି। ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତ ମହିବିଲା ଗ୍ରାମର ସସ୍ମିତା ଭୋଇଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ସ୍ୱାମୀ ଅଙ୍ଗଦ ଭୋଇଙ୍କୁ ଜ୍ୱର ହେବାରୁ ୨୦୧୭ ଡିସେମ୍ବର ୨୫ରେ ପରିବାର ଲୋକେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ; ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀର ମୃତ୍ୟୁ ପ୍ରମାଣପତ୍ର ପାଇଁ ସସ୍ମିତା ଅନେକ ଥର ଡାକ୍ତରଖାନା ଯାଇଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ୭ ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଙ୍କୁ ମୃତ୍ୟୁ ପ୍ରମାଣ ପତ୍ର ମିଳି ପାରିନାହିଁ। ମୃତ୍ୟୁ ପ୍ରମାଣ ପତ୍ର ନ ମିଳିବାରୁ ଜାତୀୟ ପରିବାର ମଙ୍ଗଳ ଯୋଜନାରୁ ମଧ ବଞ୍ଚିତ ଅଛନ୍ତି। ତେବେ ଗୋଟିଏ ପୁଅ ପୁରୁଷୋତ୍ତମ ଭୋଇ (୬) ଓ ଗୋଟିଏ ଝିଅ ଚନ୍ଦ୍ରକାନ୍ତି ଭୋଇ (୧୩)ଙ୍କୁ ନେଇ ସସ୍ମିତାଙ୍କ ପରିବାର।



## ସ୍କୁଲରୁ ୬ କୁଇଣ୍ଟାଲ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି

**ସୁବଳୟା, ୧୮।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ସୁବଳୟା ଥାନା ବଡ଼ଖମାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ପାଇଁ ଥିବା ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାସବିହାରୀ ମେହେର ଶ୍ରେଣୀ ଗୃହ ସଫେଇ ପାଇଁ ଆସିଥିଲେ। ଏହି ସମୟରେ ଗୋଦାମ ଗୃହରୁ ତାଲା କାଟି ମଧ୍ୟାହ୍ନ ଭୋଜନ ପାଇଁ ଥିବା ୬ କୁଇଣ୍ଟାଲ ୧୩ କେଜି ଚାଉଳ କେହି ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଏହାପରେ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଗୋଦାମ ଗୃହ ଯାଞ୍ଚ କରାଯାଇଥିଲା। ଏ ନେଇ ପ୍ରଧାନ ଶିକ୍ଷକ ସୁବଳୟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

## ରେଳଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ରାଜଗାଙ୍ଗପୁର, ୧୮।୬ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ନିକଟ କଂସବାହାଲ ରେଳ ଷ୍ଟେସନ ନିକଟ ରେଳ ଧାରଣାରୁ ଜିଆରପି ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଦୁଇଦିନ ତଳେ ୩୫ରୁ ୪୦ ବର୍ଷ ବୟସ୍କ ଯୁବକଙ୍କ ମୃତଦେହ ରେଳ ଲାଇନ ନିକଟରେ ପଡ଼ିଥିବା ଖବର ମିଳିବା ପରେ ରାଉରକେଲା ଏବଂ ରାଜଗାଙ୍ଗପୁର ଜିଆରପି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛନ୍ତି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ପିନ୍ଧିଥିବା ପ୍ୟାଣ୍ଟ



ପକେଟ୍ରୁ ଏକ ରେଳ ଟିକଟ୍ ମିଳିଛି, ଯେଉଁଥିରେ ବଲାଙ୍ଗିରରୁ ରାଉରକେଲା ଯାତ୍ରା କରୁଥିବା ଲେଖାଯାଇଛି। ମୃତ ଯୁବକଙ୍କ ଉଚ୍ଚତା ପ୍ରାୟ ୫ ଫୁଟ ୪ ଇଞ୍ଚ। ଟ୍ରେନ୍ରୁ ଖସିପଡ଼ି ତାଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ପରିଚୟ ମିଳି ନ ଥିବାରୁ ସରକାରୀ ନିୟମ ଅନୁଯାୟୀ ଶବ ବ୍ୟବଚ୍ଛେଦ କରାଯାଇ ୭୨ ଘଣ୍ଟା ପର୍ଯ୍ୟନ୍ତ ମର୍ଗ ହାଉସ୍ରେ ରଖାଯାଇଛି। ଏହି ସମୟ ମଧ୍ୟରେ ଦାବିଦାର ନ ଆସିଲେ ଅନ୍ତିମ ସଂସ୍କାର କରାଯିବ ବୋଲି ପୁଲିସ କହିଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଘରୋଇ ଡାକ୍ତରଖାନାରେ ଚିକିତ୍ସାରେ ଅବହେଳା ଅଭିଯୋଗ

**ବଲାଙ୍ଗିର, ୧୮।୬(ସମିସ)**

ବଲାଙ୍ଗିର-ପାଟଣାଗଡ଼ ରାସ୍ତାରେ ଅବସ୍ଥିତ ସ୍ୱରାଜ ହସ୍ପିଟାଲ ଏବଂ ରିସର୍ଚ୍ଚ ସେଣ୍ଟର ନାମରେ ଆଉ ଏକ ସଙ୍ଗୀନ ଅଭିଯୋଗ ଆସିଛି। ପ୍ରସୂତି ରୋଗୀଙ୍କ ଚିକିତ୍ସାରେ ଅବହେଳା ଓ ପରେ ମୃତ୍ୟୁ ସତ୍ତ୍ୱେ ଚିକିତ୍ସା କରି ଟଙ୍କା ବିଲ କରିବା ଭଳି ରୋଗୀଙ୍କ ପରିବାର ଲୋକେ ସଙ୍ଗୀନ ଅଭିଯୋଗ କରିଛନ୍ତି। ଅପରପକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ସ୍ୱରାଜ ହସ୍ପିଟାଲର କର୍ତ୍ତୃପକ୍ଷ ଏକ ପ୍ରେସବାର୍ତ୍ତାରେ ପ୍ରତିକ୍ରିୟା ଦେଇ ହସ୍ପିଟାଲର କୌଣସି ଦୋଷ ନ ଥିବା କହିଛନ୍ତି।

ପ୍ରକାଶ ଯେ ଶ୍ରଦ୍ଧାଞ୍ଜଳି ମହାନନ୍ଦ (୨୩)ଙ୍କ ପ୍ରସବ ପାଇଁ ଗତ ୧୨ ତାରିଖରେ ଉକ୍ତ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରାଯାଇଥିଲା। ସେହି ଦିନ ସେ ଏକ ସୁସ୍ଥ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଏହା ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡିବାରେ ଲାଗିଥିଲା। ୧୭ ତାରିଖ ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା କରିବା ପରେ ତାଙ୍କୁ ବରଗଡ଼ସ୍ଥିତ ବିକାଶ ହସ୍ପିଟାଲକୁ ସ୍ୱରାଜ ଡାକ୍ତରଖାନା କର୍ତ୍ତୃପକ୍ଷ ସ୍ଥାନାନ୍ତର କରିବାକୁ କହିଥିଲେ। ପରିବାର ଲୋକେ ତାଙ୍କୁ ବିକାଶ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱରାଜ ହସ୍ପିଟାଲର ଚିକିତ୍ସାରେ ଅବହେଳା ଯୋଗୁଁ ଶ୍ରଦ୍ଧାଞ୍ଜଳିଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ। ପରିବାର ଲୋକେ ଗତ ସୋମବାର ବିଳମ୍ବିତ ରାତିରେ ସ୍ୱରାଜ ହସ୍ପିଟାଲକୁ ଆସି ଅସନ୍ତୋଷ ପ୍ରକାଶ କରିଥିଲେ। ରୋଗୀଙ୍କ ଚିକିତ୍ସା ନାଁରେ ନାନା ବାହାନା କରି ଦିନ ଗଡ଼ାଇଥିବା ଅଭିଯୋଗ କରିଥିଲେ। ରୋଗୀଙ୍କ ମୃତ୍ୟୁ ହେଲା ପରେ ବି ମିଛରେ ତାଙ୍କର ଚିକିତ୍ସା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ସ୍ୱରାଜ ଡାକ୍ତରଖାନା ପୁଣି ବିବାଦରେ ଛନ୍ଦି ହୋଇଛି। ତେବେ ଏହି ବିବାଦ ସାମ୍ନାକୁ ଆସିବା ପରେ ମଙ୍ଗଳବାର ସନ୍ଧ୍ୟାରେ ସ୍ୱରାଜ ଡାକ୍ତରଖାନା କର୍ତ୍ତୃପକ୍ଷ କିଛି ଗଣମାଧ୍ୟମକୁ ଡାକି ପ୍ରେସବାର୍ତ୍ତା ଦେଇଥିବା ଦେଖିବାକୁ ମିଳିଥିଲା। ଏଥିରେ ରୋଗୀର ପୂର୍ବରୁ ହାଇପରଟେନସନ ରହିଥିବା ବେଳେ ପରେ ହୃଦ୍ ରୋଗ ଓ ଅନ୍ୟ ସମସ୍ୟା ସାମ୍ନାକୁ ଆସିଥିଲା। ଯାହାର ଚିକିତ୍ସା କରାଯାଇଥିଲା। ପ୍ରସବ ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଆହୁରି ଖରାପ ହୋଇଥିବା ବେଳେ ୧୨ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ତାଙ୍କର ଠିକ୍ ଠାକ୍ ଚିକିତ୍ସା କରାଯାଇଥିଲା। ତାଙ୍କର ଅଧିକ ଚିକିତ୍ସା ପାଇଁ ୧୭ ତାରିଖ ୩ଟାରେ ବରଗଡ଼ ବିକାଶ ଡାକ୍ତରଖାନାକୁ ମାଗଣାରେ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା ପ୍ରଶାସନ କହିଛି। ମୃତା ମହିଳାଙ୍କୁ ବିକାଶରେ ୫ଟାରେ ଭର୍ତ୍ତି କରାଯାଇଥିବା ବେଳେ ପ୍ରାୟ ୬ଟାରେ ତାଙ୍କର ମୃତ୍ୟୁ ହୋଇଥିବା ଏହି ପ୍ରେସବାର୍ତ୍ତାରେ ଦର୍ଶାଇ ଡାକ୍ତରଖାନା ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଖସାଇଦେଇଛି। ସୂଚନାଯୋଗ୍ୟ ଯେ ସ୍ୱରାଜ ହସ୍ପିଟାଲ ଏଣ୍ଡ ରିସର୍ଚ୍ଚ ସେଣ୍ଟର ଖୋଲିବା ଦିନଠାରୁ ଅପବାଦ ମୁଣ୍ଡାଇଛି। କୌଣସି ନା କୌଣସି କାରଣକୁ ନେଇ ସ୍ୱରାଜ ହସ୍ପିଟାଲ ନାଁରେ ବିବାଦ ଲାଗି ରହିଛି। ଗତ କିଛି ମାସ ତଳେ ଏହି ଡାକ୍ତରଖାନାରେ ବିଏସକେୱାଇ ଯୋଜନାରେ ଅନିୟମିତତା ଅଭିଯୋଗରେ ଡିଏମ୍ଆନେଲ କରିଥିଲା। ତେବେ କିଏ ସତ କହୁଛି, ମୃତକଙ୍କ ପରିବାର ଲୋକେ ନା ସ୍ୱରାଜ ମେଡିକାଲ କର୍ତ୍ତୃପକ୍ଷ ତାହା ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।




- **ପୁଣି ବିବାଦରେ ସ୍ୱରାଜ ଡାକ୍ତରଖାନା**
- **ଟଙ୍କା ଲୋଭରେ ମୃତ ରୋଗୀଙ୍କ ଚିକିତ୍ସା କରିଛି; ମୃତକଙ୍କ ପରିବାର ଲୋକ**
- **ରୋଗୀଙ୍କ ଉଚିତ୍ ଚିକିତ୍ସା କରାଯାଇଛି; ମେଡିକାଲ କର୍ତ୍ତୃପକ୍ଷ**

**ଭାଙ୍ଗିଛି ଘର**

## ଅସହାୟ ଅବସ୍ଥାରେ ଗରିବ ଆଦିବାସୀ ପରିବାର



**ଥୁଆମୂଳ ରାମପୁର, ୧୮।୬(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ଗ୍ରାମ ପଞ୍ଚାୟତର ଦୁର୍ଗମ ଭୁଟରିଗୁଡ଼ା ଗ୍ରାମର ଜାରି ମାଝୀ ଏବଂ ତାଙ୍କ ପରିବାର ଅତି ଦୟନୀୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳିଛି। ମୁଣ୍ଡ ଗୁଞ୍ଜୁଥିବା ପ୍ରଧାନମନ୍ତ୍ରୀ ଆବାସ ଘର ଖଣ୍ଡିକ ଭାଙ୍ଗିଯାଇଛି। ଗତ ମଇ ୨୨ ତାରିଖରେ ଆସିଥିବା ପ୍ରବଳ ଝଡ ତୋଫାନରେ ଜାରି ମାଝୀଙ୍କ ସେଇ ଆବାସ ଘର ପଛ ପଟରେ ଥିବା ଏକ ବିରାଟକାୟ ତେନ୍ତୁଳି ଗଛ ସମୂଳେ ଭାଙ୍ଗି ଘର ଉପରେ ପଡ଼ିଥିଲା। ଫଳରେ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଦିନଦ୍ୱିପ୍ରହର ସମୟରେ ଏଭଳି ଅଘଟଣ ଘଟିଥିଲା। ଏହି ସମୟରେ ଘରର ସମସ୍ତ ସଦସ୍ୟ ବାହାରକୁ ଯାଇଥିଲେ। ଯଦି ରାତିରେ ଏଭଳି ଘଟଣା ଘଟିଥାନ୍ତା ଧନଜୀବନ ହାନି ହୋଇଥାଆନ୍ତା ବୋଲି ଜାରି ମାଝୀ ପ୍ରକାଶ କରିଛନ୍ତି।

ବହୁ କଷ୍ଟରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଖଣ୍ଡେ ନିର୍ମାଣ କରି ସେଇ ଘରେ ନିଜ ସ୍ତ୍ରୀ ଅମରଦେଇ, ବଡ ପୁଅ ଲାଖସିଂ ଏବଂ ବୋହୂ କୁମାରୀ, ଝିଅ ମାଙ୍ଗାଲ୍ ମାଝୀ, ସାନପୁଅ ଜଟିଆ ମାଝୀ ଏବଂ ଏକମାତ୍ର ନାତି ଦୀପକ ଏଭଳି ୭ ପ୍ରାଣୀ ନିଶ୍ଚିନ୍ତରେ ରହୁଥିଲେ। ହେଲେ ଘର ଭାଙ୍ଗି ମାସେ ହେବାକୁ ବସିଲାଣି ନା ପ୍ରଶାସନ ନା ଜନପ୍ରତିନିଧି କେହି ମଧ ଏହି ଗରିବ ଅସହାୟ ଆଦିବାସୀ ପରିବାରର ଦୁର୍ଦ୍ଦଶା ବୁଝିବାକୁ କେହି ନାହାଁନ୍ତି। ୭ ପ୍ରାଣୀର କୁଟୁମ୍ବକୁ ପର ଘରେ ମୁଣ୍ଡ ଗୁଞ୍ଜିବା ମଧ କଷ୍ଟ ହେଉଥିଲା। ପରେ ଚାଳ ବାଉଁଶର ଘର କରି ରହୁଛନ୍ତି। ସରକାର ଏଭଳି କ୍ଷେତ୍ରରେ କ୍ଷତିପୂରଣ ବାବଦର ସହାୟତା ଯୋଗାଇବାର ଯେଉଁ ପ୍ରଶାସନିକ ବ୍ୟବସ୍ଥା ରହିଛି ସେଥିରୁ କିପରି ଏହି ଅସହାୟ ପରିବାରକୁ ମିଳିବ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସକାଳ THE SAKALA



### ଲୋ-ଭୋଲ୍‌ଟେଜ୍ ସମସ୍ୟା

# ଛତା ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇଲେ ମହିଳା






ଡେରାବିଶ, ୧୮।୬(ସମିସ)

ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ କରିପକାଇଛି। ଦିନ ୯ଟା ପରେ ଲୋକମାନେ ଖରାକୁ ବାହାରି ପାରୁନାହାଁନ୍ତି। ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କର ଆବଶ୍ୟକ ଫ୍ୟାନ୍, କୁଲର ଓ ଏସି। ହେଲେ ଏବେ ବିଭିନ୍ନ ସ୍ଥାନରେ ଲୋ-ଭୋଲଟେଜ୍ ସମସ୍ୟା ଯୋଗୁ ଏହିସବୁ ଉପକରଣଗୁଡ଼ିକ ଠିକଭାବେ ଚାଲୁନଥିବାରୁ ଲୋକମାନେ ହନ୍ତସନ୍ତ ହେବାରେ ଲାଗିଛନ୍ତି। ଏହିଭଳି ଲୋ-ଭୋଲଟେଜ୍ ସମସ୍ୟା ଦୀର୍ଘଦିନ ଧରି ଭୋଗିଆସୁଥିବା ଡେରାବିଶ ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ ବେଲାରପୁର ଗ୍ରାମର ସାବିତ୍ରୀ ଦାସ, ସବିତା ମହାନ୍ତି, ରୀନା ସିଂ, ଗୀତା ମହାନ୍ତି, ସତ୍ୟଭାମା ପଣ୍ଡା ପ୍ରମୁଖ ଶତାଧିକ ମହିଳା ଆଜି ବ୍ଲକ ଅଧୀନ ଛତାସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟକୁ ତାଲା ପକାଇ ଘେରାଉ କରିଥିବା ଦେଖିବାକୁ ମିଳିଥିଲା। ତେବେ ଡେରାବିଶ ପୁଲିସର ହସ୍ତକ୍ଷେପ ପରେ ମହିଳାମାନେ କାର୍ଯ୍ୟାଳୟର ତାଲା ଖୋଲିଥିବା ବେଳେ ଅପରାହ୍ନ ପର୍ଯ୍ୟନ୍ତ କାର୍ଯ୍ୟାଳୟ ଘେରାଉ କରି ରଖିଥିବା ଦେଖିବାକୁ ମିଳିଥିଲା। ଗ୍ରାମର ମହିଳାମାନଙ୍କ କହିବା କଥା ଆମ ଗ୍ରାମରେ ଲୋ-ଭୋଲଟେଜ୍ ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଛି। ଏହାର ସମାଧାନ ପାଇଁ ଛତାସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କଲେମଧ ଅଧିକାରୀମାନେ ଆମ କଥାକୁ କର୍ଣ୍ଣପାତ କରୁନାହାଁନ୍ତି। ଆମ୍ଭ ଗ୍ରାମପାଇଁ ରହିଥିବା ଟ୍ରାନ୍ସଫରମର ଉପରେ ୯୦ରୁ ଉର୍ଦ୍ଧ୍ୱ ଉପଭୋକ୍ତା ରହିଥିବା ବେଳେ ଗୋଟିଏ ହଲର ଓ ଗୋଟିଏ ମୋବାଇଲ ଟାୱାର ରହିଛି। ଏଥିସହିତ ଗ୍ରାମର କିଛି ଉପଭୋକ୍ତାଙ୍କ ଘରେ ଏସି ମଧ ଲାଗିଛି। ଯେଉଁଥିପାଇଁ ଗ୍ରାମରେ ସବୁ ସମୟରେ ଲୋ-ଭୋଲଟେଜ୍ ସମସ୍ୟା ଲାଗି ରହିଛି। ଘରେ ଥିବା ସିଏଫ୍ଏଲ୍ ବଲ୍ ଜଳୁନଥିବା ବେଳେ ପଙ୍ଖା ମଧ ଘୁରୁନି। ଏଥିସହିତ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣର ଅବସ୍ଥା ମଧ ତତୋଧିକ। ଯେଉଁଥିପାଇଁ ଗ୍ରାମରେ ଥିବା ଶିଶୁ, ବୃଦ୍ଧ, ବୃଦ୍ଧା ଓ ରୋଗୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଛତା ବିଦ୍ୟୁତ୍ ସେକ୍ସନ ଆମ୍ଭର ସମସ୍ୟା ପ୍ରତି କର୍ଣ୍ଣପାତ କରୁନଥିବାରୁ ଆମ୍ଭେମାନେ ବାଧ ହୋଇ ଆଜି ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଛୁ। ଯେ ପର୍ଯ୍ୟନ୍ତ ଆମର ସମସ୍ୟାର ସମାଧାନ ନହେବ ସେ ପର୍ଯ୍ୟନ୍ତ ଆମ୍ଭେ କାର୍ଯ୍ୟାଳୟ ପରିସରକୁ ଛାଡ଼ି ଯିବୁ ନାହିଁ। ଏ ସମ୍ପର୍କରେ ଛତା ବିଦ୍ୟୁତ୍ କାର୍ଯ୍ୟାଳୟର ସେକ୍ସନ ମ୍ୟାନେଜର ଜ୍ୟୋତିରନଙ୍କୁ ପଚାରିବାରୁ ସେ କହିଲେ ଆମେ ଗ୍ରାମବାସୀଙ୍କ ସମସ୍ୟା ଉପରିସ୍ଥ ଅଧିକାରୀଙ୍କୁ ଜଣାଇଦେଇଛୁ। ତେବେ ନୂତନ ଟ୍ରାନ୍ସଫରମର ଆସିଲେ ସେ ଗ୍ରାମରେ ବସାଇବାର ବ୍ୟବସ୍ଥା କରାଯିବ। ଯାହାକି ପ୍ରାୟତଃ ୧ମାସରୁ ୨ ମାସ ସମୟ ଲାଗିବ।

ଏହି ଘଟଣାରେ ଗ୍ରାମବାସୀମାନେ ହତୋତ୍ସାହିତ ହୋଇପଡ଼ିବା ସହିତ ଯେ ପର୍ଯ୍ୟନ୍ତ ସେମାନଙ୍କ ସମସ୍ୟା ସମାଧାନ ନହୋଇଛି ସେମାନେ କାର୍ଯ୍ୟାଳୟ ଛାଡ଼ି ଯିବେ ନାହିଁ ବୋଲି ସିଦ୍ଧାନ୍ତ ନେଇ ବସିରହିଥିଲେ। ତେବେ ଅପରାହ୍ନରେ ବିଭାଗୀୟ କର୍ମଚାରୀମାନେ ଆନ୍ଦୋଳନରତ ମହିଳାମାନଙ୍କୁ ବୁଝାଶୁଝା କରିବା ସହିତ ଆସନ୍ତା କାଲି ସନ୍ଧ୍ୟା ସୁଦ୍ଧା ସେମାନେ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ସମାଧାନର ପନ୍ଥା ବାହାର କରିବେ ବୋଲି କହିବା ପରେ ମହିଳାମାନେ ଆନ୍ଦୋଳନରୁ ବିରତ ହୋଇଥିଲେ।

■ ବିଭାଗୀୟ କର୍ତ୍ତୃପକ୍ଷ ଶୁଣିଲେନି

## ଚେକ୍‌ଡ୍ୟାମ୍ ମରାମତି କଲେ ଚାଷୀ



**ଡେରାବିଶ, ୧୮।୬(ସମିସ):** ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ସ୍ଥିତ ଖାନନଗର ମାଇନରରେ ଥିବା ଚେକ୍‌ଡ୍ୟାମ୍‌କୁ ଆଜି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ନିଜ ଖର୍ଚ୍ଚରେ ମରାମତି କରିଛନ୍ତି। ଘଟଣାରୁ ପ୍ରକାଶ ଖାନନଗର ମାଇନରରେ ଥିବା ଏହି ଚେକ୍‌ଡ୍ୟାମ୍ ମାଧ୍ୟମରେ ଅଢ଼ଙ୍ଗା ପାଟ ସହିତ ଇନ୍ଦାଲୋ ପାଟକୁ ଜଳସେଚିତ କରିଥାଏ। କିଛି ବର୍ଷ ହେବ ଏହି ଚେକ୍‌ଡ୍ୟାମ୍‌ଟି ଭାଙ୍ଗିଯାଇଥିଲା। ଫଳରେ ଏହି ଦୁଇ ଗହୀରକୁ ଖାନନଗର ମାଇନରରୁ ଜଳସେଚିତ ହୋଇପାରୁନଥିଲା। କିନ୍ତୁ ଚାଷୀଙ୍କର ଫସଲହାନି ପରେବି ସେମାନେ ରାଜସ୍ୱ ଦେଇ ଆସୁଥିଲେ। ଚାଷୀମାନଙ୍କର ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏହାପ୍ରତି କର୍ଣ୍ଣପାତ କରୁନାହାଁନ୍ତି। ଏହି ଦୁଇ ଅଢ଼ଙ୍ଗା ଓ ଇନ୍ଦାଲୋ ଗହିରର ଚାଷୀମାନେ ଏକଜୁଟ ହୋଇ ନିଜ ନିଜ ଭିତରେ ଅର୍ଥ ଯୋଗାଡ଼ କରି ଓ ନିଜର ଶ୍ରମଦାନରେ ଏହି ଚେକ୍‌ଡ୍ୟାମ୍‌ଟିକୁ ନିର୍ମାଣ କରିଛନ୍ତି।

## ପୂର୍ବତନ ବ୍ଲକ୍ କର୍ମଚାରୀଙ୍କ ଦେହାନ୍ତ

**ପଞ୍ଚୁପାଣ୍ଡବ, ୧୮।୬(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ଗାମର ଶଶିଭୂଷଣ ପତି (୮୫)ଙ୍କର ଆଜି ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିବା ବେଳେ ଆଜି ସକାଳୁ ତାଙ୍କର ପରଲୋକ ହୋଇଯାଇଛି। ସ୍ୱର୍ଗତ କେନ୍ଦ୍ରାପଡ଼ା ବ୍ଲକ୍‌ରୁ ତାଙ୍କର ଚାକିରୀ ଜୀବନ ଆରମ୍ଭ କରି, ନିଶ୍ଚିନ୍ତକୋଇଲି ଓ ଶେଷରେ ମାହାଙ୍ଗା ବ୍ଲକରୁ ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ବୋହୂ, ଝିଅଜ୍ୱାଇଁ ଉପସ୍ଥିତ ରହିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ଅରୁଣ ମୁଖାଗ୍ନି ଦେଇଥିଲେ।

### ବିଦ୍ୟୁତ୍ ଆଘାତରେ ଚାଷୀ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଧାରଣା



**ଆଳି, ୧୮।୬(ସମିସ):** ଆଳି ଥାନା ଅନ୍ତର୍ଗତ ପଦନୀପାଳ ଗ୍ରାମର ଚାଷୀ ପ୍ରଶାନ୍ତ ମଲିକଙ୍କର ଗତ ୪ ଦିନ ତଳେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ ଦାବିରେ ଗ୍ରାମବାସୀ ମଙ୍ଗଳବାର ସକାଳୁ ଆଳି ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ପ୍ରଶାନ୍ତ ପରିବାରର ଏକମାତ୍ର ରୋଜଗାରିଆ ପୁଅ ହୋଇଥିବାରୁ ତାଙ୍କ ମୃତ୍ୟୁପରେ ପରିବାର ଲୋକ ବେସାହାରା ହୋଇପଡ଼ିଛନ୍ତି।

ପ୍ରକାଶ ଯେ, ଗତ ୪ ଦିନ ପୂର୍ବେ ପ୍ରଶାନ୍ତ ବିଲକୁ ସାଇକେଲରେ ବିହନ ନେଇ ଯାଇଥିବା ବେଳେ ବିଲରେ ଇଟା ଭାଟିକୁ ଚୋରାରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ସକାଳୁ ଗ୍ରାମବାସୀଙ୍କ ସହିତ ସରପଞ୍ଚ ମଧ ଏହି ଧାରଣାରେ ସାମିଲ ହୋଇଛନ୍ତି। ବିଦ୍ୟୁତ ବିଭାଗର ଅବହେଳା ଓ ଇଟାଭାଟିକୁ ଚୋରା ବିଦ୍ୟୁତ ସଂଯୋଗ ଯୋଗୁଁ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିବାରୁ ଗ୍ରାମବାସୀ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି।

## ଗୋରୁ ଗାଡ଼ି ଜବତ; ୮ ଗୋରୁ ଉଦ୍ଧାର




**ଡେରାବିଶ, ୧୮।୬(ସମିସ):** ଡେରାବିଶ ଥାନା ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ଠାରେ ଗତ ରବିବାର ଅପରାହ୍ନରେ ଏକ ଡାଲା ଅଟୋରେ ଅତି ଅମାନୁଷିକଭାବେ ୮ଟି ବାଛୁରୀଙ୍କୁ ନେଇ ଯାଉଥିବା ବେଳେ ଗ୍ରାମବାସୀମାନେ ଅଟକାଇ ବଜରଙ୍ଗ ଦଳର କର୍ମୀମାନଙ୍କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ବିଶ୍ୱହିନ୍ଦୁ ପରିଷଦ ବ୍ଲକ ସଭାପତି ସଂଗ୍ରାମ ଭୂୟାଁ, ବଜରଙ୍ଗ ଦଳ ଡେରାବିଶ ବ୍ଲକ ସଂଯୋଜକ ହରିଶଙ୍କର ସାହୁ, ନୀଳାଦ୍ରିକେତନ ବିଶ୍ୱାଳ, ସୌମ୍ୟରଞ୍ଜନ କର, ହିମାଂଶୁ କାଣ୍ତି, ସୁଶାନ୍ତ ମଲିକ ପ୍ରମୁଖ ପହଞ୍ଚି ଗୋରୁ ଗୁଡ଼ିକୁ ଉଦ୍ଧାର କରି ଡେରାବିଶ ପୁଲିସକୁ ଖବର ଦେଇଥିଲେ। ଡେରାବିଶ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁମାନଙ୍କୁ ଉଦ୍ଧାର କରି କୋରୁଆସ୍ଥିତ ଗୋଶାଳାରେ ଛାଡ଼ିଥିବା ଜଣାପଡ଼ିଛି। ତେବେ ଗୋଚାଲାଣକାରୀମାନେ କାଉପଡ଼ା ପଞ୍ଚାୟତ ବାଘିଲୋ ଅଞ୍ଚଳରୁ ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ସୁକରପଡ଼ାକୁ ନେଉଥିବା ଜଣାଯାଇଛି।

କାଳବୈଶାଖୀ ତାଣ୍ଡବ

## ବଜ୍ରପାତରେ ୭ ଗୋରୁ ମୃତ

**ପଟ୍ଟାମୁଣ୍ଡାଇ, ୧୮।୬(ସମିସ):** ଆଜି ସନ୍ଧ୍ୟାରେ ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚିଛି। ପ୍ରବଳ ଘୂର୍ଣ୍ଣିଝଡ ହେବା ସହ ଏକାଧିକ ଜାଗାରେ ବଜ୍ରାପାତ ଘଟିଥିବା ଜଣାପଡ଼ିଛି।

ବଜ୍ରାଘାତରେ ତରଡିପାଳ ପଞ୍ଚାୟତରେ ୭ଟି ଗାଇ ମୃତ୍ୟୁବରଣ କରିଥିବାବେଳେ ବିଭିନ୍ନ ସ୍ଥାନରେ ବହୁ ବଡ ବଡ ଗଛ ଉପୁଡି ରାସ୍ତା ଅବରୋଧ ହୋଇଛି। ତରଡିପାଳ ପଞ୍ଚାୟତର ତରଡିପାଳ ଗ୍ରାମରେ ବିଲକୁ ଚରିବାକୁ ଗାଇ ଯାଇଥିବାବେଳେ ହଠାତ୍ ବଜ୍ରପାତରେ ୭ଟି ଗାଇ ମୃତ୍ୟୁବରଣ କରିଛି। ଏହି ଗ୍ରାମର କାର୍ତ୍ତିକ ଜେନାଙ୍କର ଗୋଟିଏ ଗାଇ, ବାବୁନାଥ ଶର୍ମାଙ୍କ ଗୋଟିଏ ଗାଇ ଓ ଗୋଟିଏ ବାଛୁରୀ, ବୀର ପଲାଇଙ୍କର ଗୋଟିଏ ଗାଇ, କୁଳମଣି ବେହେରାଙ୍କର ୨ଟି ଗାଇ ଓ ଫକୀର ସାହୁଙ୍କର ଗୋଟିଏ ଗାଇ ବଜ୍ରାଘାତରେ ମୃତ୍ୟୁବରଣ କରିଥିବାର ସୂଚନା ମିଳିଛି। ତରଡିପାଳ ଗ୍ରାମର ମହାଦେବ ମନ୍ଦିର ନିକଟ ପ୍ରଭାକର ମଳିକଙ୍କ ଘର ସମ୍ମୁଖରେ ଏକ ବିରାଟକାୟ କୃଷ୍ଣଚୂଡ଼ା ଗଛ ଉପୁଡି ପଡ଼ିଥିବାରୁ ଲୋକମାନେ ଯାତାୟତ କରିପାରୁନାହାନ୍ତି। ଘୂର୍ଣ୍ଣିଝଡରେ ପ୍ରବଳ ପବନ ବହିବା ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡିବା ସହ ଖୁଣ୍ଟ ମଧ ଉପୁଡିଯାଇଛି। ଫଳରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳରେ ବିଦ୍ୟୁତ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହି ଘୂର୍ଣ୍ଣିଝଡରେ ମଧ ଚାଳଛପର ଘରଗୁଡିକ ବର୍ତ୍ତି ପାରିନାହିଁ।

## ସର୍ପାଘାତରେ ବୃଦ୍ଧ ମୃତ

ବାଳିକୁଦା, ୧୮।୬(ସମିସ): ବାଳିକୁଦା ବ୍ଲକ ବାଳିକୁଦା ପଞ୍ଚାୟତ ବାଲିସାହି ଗ୍ରାମର ବଗୁଲା ସେଠୀ (୬୩)ଙ୍କର ସର୍ପାଘାତରେ ମୃତ୍ୟୁ ଘଟିଛି। ବଗୁଲା ଆଜି ସକାଳେ ଏକ ଖନ୍ଦକରେ ମାଛ ଧରୁଥିବା ସମୟରେ ପାଣି ଭିତରେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ମାତ୍ର ସେ ଜାଣି ପାରିନଥିଲେ। ଘରକୁ ଆସିବା ପରେ ମଧ୍ୟାହ୍ନରେ ଦେହ ଝାଇଁ ଝାଇଁ ହୋଇ ମୁଣ୍ଡ ବୁଲାଇବାରୁ ପାଣି ଭିତରେ କେହି କାମୁଡ଼ି ଦେଇଥିବା ପରିବାର ସଦସ୍ୟଙ୍କୁ କହିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ବାଳିକୁଦା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରି ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଜଗତସିଂହପୁର ଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଳିକୁଦା ସରପଞ୍ଚ ରାଜକିଶୋର ସାହୁ, ସମିତି ସଭ୍ୟା ପ୍ରତିନିଧି ଚନ୍ଦ୍ରମଣି ରାଉତ, ସମାଜସେବୀ ଶ୍ରୀକାନ୍ତ ଦାସ, ବିଜେପି ନେତା ମୋହିତ ମହାନ୍ତି ପ୍ରମୁଖ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।

## କୁମ୍ଭୀର ଆତଙ୍କ; ବୁଲିଲା ସଚେତନତା ରଥ



**ରାଜନଗର, ୧୮।୬(ସମିସ):** ଭିତରକନିକା ଜାତୀୟ ଉଦ୍ୟାନ ବଉଳା କୁମ୍ଭୀରଙ୍କ ପ୍ରଜନନସ୍ଥଳୀ ଭାବେ ପରିଚିତ। ସାରା ପୃଥିବୀରେ ଭିତରକନିକା ଏକମାତ୍ର ସ୍ଥାନ ଯେଉଁଠି ପ୍ରାକୃତିକ ପରିବେଶରେ ବଉଳା କୁମ୍ଭୀରଙ୍କ ସଂଖ୍ୟା ସବୁଠୁ ଅଧିକ। ଏହି ବଉଳା କୁମ୍ଭୀର ଭିତରକନିକା ଜଙ୍ଗଲ ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଏମାନଙ୍କୁ ଦେଖିବାକୁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ ଜମୁଛି। ମାତ୍ର ବଉଳା କୁମ୍ଭୀର ପରିବେଶ ପାଇଁ ଖୁସି ଖବର ଆଣି ଦେଉଥିବା ବେଳେ ଏବେ ଅଞ୍ଚଳବାସୀଙ୍କ ପାଇଁ ଆତଙ୍କର କାରଣ ପାଲଟିଛି। ଗତବର୍ଷ ଏହି ଆତଙ୍କ ସବୁ ସୀମା ଟପିଥିଲା। ମା' କୋଳରୁ ପୁଅକୁ ଟାଣି ନେବା ଠାରୁ ଆରମ୍ଭ କରି ମହିଳାଙ୍କୁ ଟାଣି ନେଇ ଉପରକୁ ଫୋପାଡି ବାଡେଇ ଖାଇବାର ଦୃଶ୍ୟ ଲୋମହର୍ଷଣକାରୀ ଥିଲା। କୁମ୍ଭୀର ଆତଙ୍କକୁ ନେଇ ଲୋକଙ୍କ ମଧରେ ପତିକ୍ରିୟା ବଢୁଥିବାରୁ ଲୋକଙ୍କୁ ସଚେତନ କରିବାକୁ ବନବିଭାଗ ପକ୍ଷରୁ ମଙ୍ଗଳବାରଠାରୁ ଏକ ସଚେତନତା ରଥ ବୁଲିବା ଆରମ୍ଭ କରିଛି। ଡିଏଫ୍‌ଓଙ୍କ କାର୍ଯ୍ୟାଳୟରୁ ଏହି ରଥ ବାହାରି ରାଜନଗର, ଶ୍ରୀରାମପୁର, ନଗଡ଼, ଓସ୍ତିଆ ଆଦି ଗାଁରେ ବୁଲି ଲୋକଙ୍କୁ ସଚେନତ କରିଛି। ଆସନ୍ତାକାଲି ଠାରୁ ବୋଟ ଯୋଗେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିସହ ଗତବର୍ଷ କୁମ୍ଭୀର ଆକ୍ରମଣ କରିଥିବା ଓ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଥିବା ସ୍ଥାନରେ ଚଳିତବର୍ଷ ୧୦ଜଣ ବନକର୍ମଚାରୀଙ୍କୁ ନଜର ରଖିବାକୁ କୁହାଯାଇଛି। ସେମାନେ ସେହି ସବୁ ଗାଁରେ ଲୋକମାନଙ୍କୁ ଭେଟି ନଦୀ କୂଳକୁ ନଯିବାକୁ ସଚେତନ କରିବା ସହ କୁମ୍ଭୀରଙ୍କ ଗତିବିଧି ଉପରେ ନଜର ରଖିବେ। ଆଜି ଏହି ରଥକୁ ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟଗାର୍ଡ ଗୀତାଞ୍ଜଳି ସାହୁ, ବିଶ୍ୱରଞ୍ଜନ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

## ମକ୍‌ଡ୍ରିଲ୍ ପାଇଁ ପ୍ରସ୍ତୁତି ବୈଠକ



ରାଜନଗର, ୧୮।୬(ସମିସ): ବାତ୍ୟା ପ୍ରବଣ ରାଜନଗର ଅଞ୍ଚଳରେ ବର୍ଷାଦିନ ପୂର୍ବରୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତାକାଲି ରାଜନଗର ବ୍ଲକର ୪୫ଟି ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଆଜି ରାଜନଗର ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ତହସିଲଦାର ଅଜୟ କୁମାର ମହାନ୍ତି, ଓସଡମାର ଷ୍ଟେଟ ପ୍ରୋଗ୍ରାମ ଅଫିସର ଗୌରୀ ଶଙ୍କର ମହାପାତ୍ର, ଜିଲ୍ଲା ପ୍ରୋଗ୍ରାମ ଅଫିସର ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବାତ୍ୟା ଆସିଲେ କିପରି ଲୋକମାନେ ନିଜକୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀ ଯାଏ ଆସିପାରିବେ ସେ ନେଇ ଆଲୋଚନା ହୋଇଥିଲା। ଜିପିଇଓ ଧର୍ମେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ୩ଟି ନୋଡାଲ ଏନ୍‌ଜିଓର କର୍ମକର୍ତ୍ତାଙ୍କ ସହିତ ବାତ୍ୟା ଆଶ୍ରୟସ୍ଥଳର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଆସନ୍ତାକାଲି ରାଜନଗର ବ୍ଲକରେ ଥିବା ୩୫ଟି ଓସ୍‌ଡମା ବାତ୍ୟା ଆଶ୍ରୟସ୍ଥଳ ଓ ୧୦ଟି ରେଡକ୍ରସ ଆଶ୍ରୟସ୍ଥଳରେ ସ୍ୱେଚ୍ଛାସେବୀମାନେ ଅଭିନୟ ମାଧ୍ୟମରେ ସଚେତନତା ସୃଷ୍ଟି କରିବେ।

# ଅନ୍ତର୍ଜାତୀୟ ମୁମ୍ବାଇ ଚଳଚ୍ଚିତ୍ର ମହୋତ୍ସବରେ 'ସାତଭାୟା'

ଭୁବନେଶ୍ୱର, ୧୮।୬(ସମିସ)



ଦିନକୁ ଦିନ ବଢ଼ି ଚାଲିଛି ଜଳବାୟୁ ପରିବର୍ତ୍ତନର ସମସ୍ୟା। ବିଶେଷକରି ଉପକୂଳ ଅଞ୍ଚଳ ଏଥିରେ ପ୍ରଭାବିତ ହେଉଛି। ଜଙ୍ଗଲ କଟାଯିବା, ସହରୀକରଣର ଦ୍ରୁତ ଶିଳ୍ପାୟନ ଯୋଗୁଁ ଏହି ସବୁ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ଏପରିସ୍ଥଳେ ବଙ୍ଗୋପସାଗରରେ ସମୁଦ୍ର ପତ୍ତନ ବଢ଼ିବା ସହିତ ଉପକୂଳର କ୍ଷୟ, ବାରମ୍ବାର ଘୂର୍ଣ୍ଣିବଳୟ ଏବଂ ଉପକୂଳବର୍ତ୍ତୀ ଜମିର ଅବ୍ୟବସ୍ଥା ଯୋଗୁଁ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ୭ଟି ଗ୍ରାମ ସମୁଦ୍ରରେ ବିଲୀନ ହେବାକୁ ବସିଥିବା ଘଟଣା ଅନେକ ପରିବେଶପ୍ରେମୀଙ୍କୁ ବ୍ୟଥିତ କରିଛି। ଏହାଦ୍ୱାରା ସେଠାକାର ଲୋକେ ବାଧ୍ୟତାମୂଳକ ବାରମ୍ବାର ସ୍ଥାନାନ୍ତରିତ ହେଉଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଉପକୂଳବର୍ତ୍ତୀ ଅଞ୍ଚଳର ଏଭଳି ସମସ୍ୟାକୁ ନେଇ ଜାତୀୟ ପୁରସ୍କାର ବିଜେତା ତଥା ଚଳଚ୍ଚିତ୍ର ନିର୍ମାତା ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ ଓ ଡ. ଇତି ସାମନ୍ତଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି ପ୍ରାମାଣିକ ଚଳଚ୍ଚିତ୍ର 'ଦି ସି ଏଣ୍ଡ ସେଭେନ୍ ଭିଲେଜ୍'। ଏହି ଚଳଚ୍ଚିତ୍ରଟି ୧୮ ତମ ମୁମ୍ବାଇ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦୨୪ ରେ ପ୍ରଦର୍ଶିତ ହେଉଛି। ଚଳଚ୍ଚିତ୍ରଟି ସାତଭାୟା ଗ୍ରାମଗୁଡ଼ିକର ଏହି ବିସ୍ଥାପିତ ଉପକୂଳବର୍ତ୍ତୀ ସମ୍ପ୍ରଦାୟର କାହାଣୀକୁ ଚିହ୍ନିତ ଏବଂ ଚିତ୍ରଣ କରଛି। ପୂର୍ବରୁ ଏହି ଚଳଚ୍ଚିତ୍ରଟି ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ ଓ କେରଳ ଫିଲ୍ମ ଫେଷ୍ଟିଭାଲରେ ମଧ ପ୍ରଦର୍ଶିତ ହୋଇଥିଲା। ଦିଲ୍ଲୀ, ପୁନେ, କୋଲକାତା, ଚେନ୍ନାଇରେ ମଙ୍ଗଳବାର ପ୍ରଦର୍ଶିତ ହୋଇଥିଲାବେଳେ ବୁଧବାର ଦିନ ମୁମ୍ବାଇରେ ପ୍ରଦର୍ଶିତ ହେବାକୁଯାଉଛି।

ଏହି କାହାଣୀ ଅନୁଯାୟୀ ସତଭାୟା ହେଉଛି ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ବଙ୍ଗୋପସାଗରରେ ଅବସ୍ଥିତ ଏକ ଅଞ୍ଚଳ ଯାହା ଉପକୂଳର କ୍ଷୟକ୍ଷତିର ଶିକାର ହୋଇଛି। ୨୦୧୫ ମସିହାରେ ୭ଟି ଗ୍ରାମର ପାଖାପାଖି ୫୦ ଭାଗ ଉପକୂଳର କ୍ଷୟ କାରଣରୁ ସମୁଦ୍ରରେ ବୁଡ଼ିବାକୁ ବୁଡିଯାଇଥିଲା। ଏଥିପାଇଁ ସେଠାକାର ଅଞ୍ଚଳବାସୀଙ୍କୁ ବିସ୍ଥପିତ ହେବାକୁ ପଡ଼ିଥିଲା ଯେଉଁମାନଙ୍କୁ ପରବର୍ତ୍ତୀ ସମୟରେ ବଗପାଟିଆ ନାମକ ସ୍ଥାନକୁ ଅବସ୍ଥାପିତ ହେବାକୁ ପଡ଼ିଥିଲା। ଏହା ଜଳବାୟୁ ପରିବର୍ତ୍ତନର ପ୍ରଭାବରେ କ୍ଷତିଗ୍ରସ୍ତ ଉପକୂଳବାସୀଙ୍କ ସମସ୍ୟା ସଂକ୍ରାନ୍ତ ଆଧାରିତ। ଏହାର କଥାବସ୍ତୁକୁ ଚିତ୍ରଣ କରିବା ପଛର କାରଣ ସମ୍ପର୍କରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶ୍ରୀ ଖଟୁଆ କୁହନ୍ତି, ସେ ଭିତରକନିକା ବୁଲିବାକୁ ଯାଇଥିବା ବେଳେ ସେଠାକାର ଜଣେ ସାମ୍ବାଦିକଙ୍କଠୁ ଏହି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ସେ ନିଜେ ଯାଇ ସେହି ବିସ୍ଥାପିତ ଲୋକଙ୍କ ସହ କଥାବାର୍ତ୍ତା ହେବବେଳେ ଏହି କାହାଣୀକୁ ଚିତ୍ରଣ କରିବା କଥା ଭାବିଥିଲେ ପ୍ରାୟ ଏକ ବର୍ଷ ସମୟ ଲାଗି ଏହି କାହଣୀକୁ ଆଧାରିତ 'ଦି ସି ଏଣ୍ଡ ସେଭେନ୍ ଭିଲେଜ୍' ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ରଟି ନିର୍ମାଣ ହୋଇଥିଲା। ଭବିଷ୍ୟତରେ ଯଦି ସେ ସୁବିଧା ସୁଯୋଗ ମିଳିବ ତ ଓଟିଟି ପ୍ଲାଟଫର୍ମରେ ମଧ ଏହି କାହାଣୀକୁ ରିଲିଜ କରାଯିବ ବୋଲି ସେ କହିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୨୫ • ପାଉଣ୍ଡ ୧୦୬.୩୬
- ୟୁରୋ ୮୯.୧୨ • ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୬,୨୯୦ (ନୂଆଦିଲ୍ଲୀ)
- ରୁପା : ୯୦,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୭,୩୦୧.୦୦
- ନିଫ୍ଟି ୨୩,୫୫୭.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଲା ଷ୍ଟକ୍ ବଜାର




**ମୁମ୍ବଇ, ୧୮।୬(ଏଜେନ୍ସି):** କ୍ରମାଗତ ଭାବେ ଉଠୁଛି ଷ୍ଟକ୍ ବଜାର। ଏଥିଯୋଗୁ ରେକର୍ଡ ପରେ ରେକର୍ଡ ପ୍ରତିଷ୍ଠା କରିଚାଲିଛି ଘରୋଇ ପୁଞ୍ଜିବଜାର। ଭାରତର ଶେୟାର ବଜାରରେ ଲାଗିଛି ନୂଆ ଡେଣା। କାରଣ କ୍ରମାଗତ ଭାବେ ୪ର୍ଥ ଦିବସ ଧରି ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏଥିଯୋଗୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ସେନସେକ୍ସ ଶୁକ୍ରବାର ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। କ୍ରମାଗତ

**ସେନ୍ସେକ୍ସ ୭୭,୩୦୦ ପଏଣ୍ଟ ଟପିଲା**

ଭାବେ ବଜାର କାରବାରରେ ଅଭିବୃଦ୍ଧି ଦେଖାଦେଇ ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସରେ ୩୦୮ ପଏଣ୍ଟ ବୃଦ୍ଧି ଘଟି ୭୭,୩୦୦ ପଏଣ୍ଟର ସର୍ବକାଳୀନ ଉଚ୍ଚତମ ସ୍ତରରେ ପହଞ୍ଚିଛି। ମଙ୍ଗଳବାର ଶେୟାର ମାର୍କେଟ ରେକର୍ଡ ସ୍ତରରେ କାରବାର କରିଥିବା ଦେଖିବାକୁ ମିଳିଛି। ଦିନର କାରବାର ଶେଷ ବେଳକୁ ସେନସେକ୍ସରେ ୩୦୮ ପଏଣ୍ଟ ବା ୦.୪ ପ୍ରତିଶତ ବୃଦ୍ଧି ଘଟି ୭୭,୩୦୧ ପଏଣ୍ଟର ନୂଆ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୯୨ ପଏଣ୍ଟ ବା ୦.୪ ପ୍ରତିଶତ ବୃଦ୍ଧି ଘଟି ୨୩,୫୫୮.୦୦ ପଏଣ୍ଟର ନୂଆ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ବଜାର କାରବାର ଆରମ୍ଭରୁ ହେବା ମାତ୍ରକେ ନିଫ୍ଟି ସର୍ବକାଳୀନ ୨୩,୫୭୩.୮୫ ପଏଣ୍ଟରେ ପହଞ୍ଚିଛି। ଆଜିର କାରବାରରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଷ୍ଟକ୍ ମୂଲ୍ୟରେ ବେଶ ଭଲ ବୃଦ୍ଧି ଘଟିଥିଲା। ଅପରପକ୍ଷେ ଆଜିର କାରବାରରେ, ଆଇଟି ସେୟାରରେ ଭଲ ଲାଭ ପରିଲକ୍ଷିତ ହୋଇଛି। ଘରୋଇ ବଜାରରେ ଏକ ସକାରାତ୍ମକ ପ୍ରଭାବ ହେତୁ ମଙ୍ଗଳବାର କାରବାର ଆରମ୍ଭରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟରେ ୭ ପଇସା ବୃଦ୍ଧି ଘଟି ୮୩.୪୮ ଟଙ୍କାରେ କାରବାର ହୋଇଛି।

# ଗୁଗଲ୍ ଜେମିନୀ ଏଆଇ ଭାରତରେ

**ନୂଆଦିଲ୍ଲୀ,୧୮।୬(ଏଜେନ୍ସି):** ଭାରତକୁ ଆସିଛି ଗୁଗଲ୍ ଜେମିନୀ ଏଆଇ ଆପ୍। ମଙ୍ଗଳବାର, ଗୁଗଲ ଭାରତରେ ଏହାର ଜେମିନୀ ଆପ୍‌ର ଶୁଭାରମ୍ଭ କରିଛି। ଏହି ଆପ୍ ଇଂରାଜୀ ଭାଷା ସହ ୯ଟି ଭାରତୀୟ ଭାଷାକୁ ସପୋର୍ଟ କରୁଛି। ଖୁବ୍‌ଶୀଘ୍ର ଏହା ଭାରତୀୟ ଭାଷାର ଉପଲବ୍ଧ ହେବ ବୋଲି ଜଣାପଡିଛି। ଏହି ଆପ୍ ସାହାଯ୍ୟରେ ଆପଣ ଟାଇପ୍, ଭଏସ ଚାଟ୍ କିମ୍ବା ପୁଣି ଫଟୋ ଅପଲୋଡ୍ କରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ନିଜ ପ୍ରଶ୍ନର ଉତ୍ତର ପାଇପାରିବେ।




କମ୍ପାନୀର ସୂଚନା ଅନୁଯାୟୀ, ଏହି ଆପ୍ ଏବଂ ଜେମିନୀ ଆଡଭାନ୍ସଡ ଗୁଗଲ୍‌ର ସବୁଠୁ ଅଧିକ ଶକ୍ତିଶାଳୀ ଏଆଇ ମଡେଲ। ଏହା ବ୍ୟବହାରକାରୀଙ୍କୁ ସେମାନଙ୍କ ପସନ୍ଦର ଭାଷାରେ ସୂଚନା ହାସଲ କରିବାରେ ତଥା ସେମାନଙ୍କ କାମରେ ସାହାଯ୍ୟ କରିବ। ଜେମିନୀ ଆପ୍ ହିନ୍ଦୀ, ବଙ୍ଗଳା, ଗୁଜରାଟୀ, କନ୍ନଡ଼, ମଲୟାଲମ, ମରାଠୀ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁ ଭାଷାରେ ଉପଲବ୍ଧ ହେବ। ସୁନ୍ଦର ପିଚାଇ ମଧ୍ୟ ଏନେଇ ସୂଚନା ଦେବା ସହ କହିଛନ୍ତି, କମ୍ପାନୀ ଜେମିନୀ ଆଡଭାନ୍ସଡକୁ ମଧ୍ୟ ଭାରତୀୟ ଭାଷାରେ ଉପଲବ୍ଧ କରାଇବା ପାଇଁ ଚେଷ୍ଟା ଜାରି ରଖିଛି। ଏଥିରେ କିଛି ନୂଆ ଫିଚର୍ସ ମଧ୍ୟ ଆସିବ। ତେବେ ଏହି ଏଆଇ ଦ୍ୱାରା ଆପଣ ଗୁଗଲ୍ ମେସେଜରେ ମଧ୍ୟ ଜେମିନୀର ବ୍ୟବହାର କରିପାରିବେ। ଅବଶ୍ୟ ଏବେ ଏହା ଇଂରାଜୀ ଏବଂ ନିର୍ଦ୍ଦିଷ୍ଟ ଡିଭାଇସରେ ଉପଲବ୍ଧ ହେବ। ଗୁଗଲ ମେସେଜରେ ଜେମିନୀ ଦ୍ୱାରା ଆପଣ ମେସେଜ ଲେଖିବା ପାଇଁ ସାହାଯ୍ୟ ନେଇପାରିବେ। ନୂଆ ଆଇଡିଆ ନେଇପାରିବେ। ଏଭଳି ଅନେକ କିଛି କରିପାରିବେ। ସେହିଭଳି ଜେମିନୀ ଆପ୍ ଚାଟ୍ ଟ୍ରୁ ନିଜ ପ୍ରଶ୍ନର ଉତ୍ତର ପାଇପାରିବେ। ଆହୁରି ମଧ୍ୟ ଇମେଜ ଯୋଡ଼ିବା ପାଇଁ ସୁବିଧା ପାରିପାରିବେ। ଭବିଷ୍ୟତରେ ଏହା ଏକ ଏଭଳି ଏଆଇ ଆସିଷ୍ଟାଣ୍ଟ ଭାବରେ ବିକଶିତ କରାଯାଉଛି ଯାହା କଥାବାର୍ତ୍ତା କରିବା ଭଳି ବିଭିନ୍ନ ମାଧ୍ୟମରେ କାମ କରିବାରେ ସାହାଯ୍ୟ କରିପାରିବ ବୋଲି ସୁନ୍ଦର ପିଚାଇ କହିଛନ୍ତି।

**ଖୁବ୍‌ଶୀଘ୍ର ୯ଟି ଭାରତୀୟ ଭାଷାରେ ହେବ ଉପଲବ୍ଧ**

# ଦୁଇ ବ୍ୟାଙ୍କ ଉପରେ ଆର୍‌ବିଆଇର କାର୍ଯ୍ୟାନୁଷ୍ଠାନ

**ମୁମ୍ବଇ,୧୮।୬(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ବିଭିନ୍ନ ସମୟରେ ନିୟମର ଅନୁପାଳନକୁ ନେଇ କିଛି ବ୍ୟାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ରଗହଣ କରାଯାଇଥାଏ। ବ୍ୟାଙ୍କିଂ ନିୟମ ଉଲ୍ଲଂଘନ ଓ ଅନ୍ୟ କିଛି କାରଣରୁ କେନ୍ଦ୍ରୀୟ ବ୍ୟାଙ୍କ କିଛି ବ୍ୟାଙ୍କର ଲାଇସେନ୍ସ ରଦ୍ଦ କରିବା ସହିତ ଆଉ କିଛି ବ୍ୟାଙ୍କ ଉପରେ ଜରିମାନା ଲାଗୁ କରିଥାଏ। ଗତ ମାସରେ କେନ୍ଦ୍ରୀୟ ବ୍ୟାଙ୍କ ୩ଟି ବ୍ୟାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ସେହପରି ୩-୪ ତଳେ ଆରବିଆଇ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଉପରେ ୧.୪୫ କୋଟି ଟଙ୍କାର ଜରିମାନା ଲାଗୁ କରିଥିଲା । ଏହା ମଧ୍ୟରେ ପୁଣି କେନ୍ଦ୍ରୀୟ ବ୍ୟାଙ୍କ ଆଉ ଏକ ବ୍ୟାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରେ ଉତ୍ତରପ୍ରଦେଶର ଗାଜୀପୁର ସ୍ଥିତ ପୂର୍ବାଞ୍ଚଳ ସହକାରୀ ବ୍ୟାଙ୍କର ଲାଇସେନ୍ସ ରଦ୍ଦ କରିଛି ଆର୍‌ବିଆଇ। ଉକ୍ତ ବ୍ୟାଙ୍କ ନିକଟରେ ପର୍ଯ୍ୟାପ୍ତ ପୁଞ୍ଜି ଓ ରୋଜଗାରର ସମ୍ଭାବନା ନ ଥିବା କାରଣରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆରବିଆଇ ପକ୍ଷରୁ କୁହାଯାଇଛି। ତେବେ ଆଗକୁ ଯଦି ଏହି ବ୍ୟାଙ୍କକୁ କାରବାର ପାଇଁ ଅନୁମତି ଦିଆଯାଏ ତେବେ ସାଧାରଣ ଗ୍ରାହକଙ୍କ ପାଇଁ ତାହା ସମସ୍ୟା ସୃଷ୍ଟି କରିପାରେ। ଏହି କଡ଼ା କାର୍ଯ୍ୟାନୁଷ୍ଠାନ ପରେ ଗ୍ରାହକମାନେ ଜମା ବୀମା ଓ ଲୋନ ଗ୍ୟାରେଣ୍ଟି ନିଗମ (ଡିଆଇସିଜିସି)ଠାରୁ କେବଳ ୫ ଲକ୍ଷ ଟଙ୍କାର ଜମା ରାଶି ପାଇବାକୁ ହକଦାର ହେବେ। ପାଖାପାଖି ୯୯.୫୧ ପ୍ରତିଶତ ଜମାକାରୀ ଡିଆଇସିଜିସି ଠାରୁ ନିଜର ପୂରା ଜମା ରାଶି ପାଇବାକୁ ହକଦାର ହେବେ ବୋଲି ଆରବିଆଇ ପକ୍ଷରୁ କୁହାଯାଇଛି।




**ଗୋଟିଏ ବ୍ୟାଙ୍କର ଲାଇସେନ୍ସ ରଦ୍ଦ**

# କଣ୍ଟାବାଞ୍ଜିରେ ହାଭେଲ୍ସର ନୂଆ ବ୍ରାଣ୍ଡ ଷ୍ଟୋର



**ଭୁବନେଶ୍ୱର, ୧୮।୬(ଏଜେନ୍ସି)**

କଣ୍ଟାବାଞ୍ଜିରେ ହାଭେଲ୍ସର ନୂଆ ବ୍ରାଣ୍ଡ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟରେ ହାଭେଲ୍ସର ଏହା ୩୫ତମ ବ୍ରାଣ୍ଡ ଷ୍ଟୋର। ଏହି ଅବସରରେ କମ୍ପାନୀର ଶାଖା ମୁଖ୍ୟ (ଓଡ଼ିଶା) ଦୁଲାଲ ମହାନ୍ତିଙ୍କ ସହ ଶ୍ରୀ ବିନ୍ଦେଶ୍ୱରୀ ସେଲ୍ସର ନରେନ୍ଦ୍ର ଅଗ୍ରୱାଲ ଉପସ୍ଥିତ ଥିଲେ। ଏହି ନୂଆ ଷ୍ଟୋର କଣ୍ଟାବାଞ୍ଜିର ଲୋକଙ୍କ ସମସ୍ତ ପ୍ରକାର ଇଲେକ୍‌ଟ୍ରିକାଲ୍ ଏବଂ ହ୍ୱାଇଟ୍ ଗୁଡ୍ସର ଆବଶ୍ୟକତା ପୂରଣ କରିବ।

# ଏଲନ ମସ୍କଙ୍କ ଦରମା ଟାଟା ମୋଟର୍ସର ରୋଜଗାରଠାରୁ ଅଧିକ

**ୱାଶିଂଟନ୍,୧୮।୬(ଏଜେନ୍ସି)**

ଟେସଲାର ଅଂଶଧନଧାରୀ ସିଇଓ ଏଲନ ମସ୍କଙ୍କ ଦରମା ଢ଼େର ବଢାଇଦେଇଛନ୍ତି। ମସ୍କଙ୍କ ବେତନ ଏବେ ୫୬ ବିଲିୟନ ଡଲାର ହୋଇଯାଇଛି। ବର୍ତ୍ତମାନ ମସ୍କଙ୍କ ବେତନ ଭାରତର ବୃହତ୍ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ରାଜସ୍ୱଠାରୁ ମଧ୍ୟ ଅଧିକ ହୋଇଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଟାଟା ମୋଟର୍ସର ରାଜସ୍ୱ ଆର୍ଥିକବର୍ଷ ୨୦୨୪ରେ ୫୨.୪୪ ବିଲିୟନ ଡଲାର ରହିଛି। ମସ୍କଙ୍କ ବେତନ ପ୍ୟାକେଜ ବର୍ତ୍ତମାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ରାଜସ୍ୱଠାରୁ କମ୍। ତେବେ ଆୟ ମାମଲାରେ ମସ୍କ ଭାରତର ଅନେକ ବଡ ବଡ କମ୍ପାନୀକୁ ପଛରେ ପକାଇଦେଇଛି। ଟେସଲାର ସିଇଓ ଦୁନିଆରେ ସବୁଠାରୁ ଅଧିକ ରୋଜଗାର କରୁଥିବା ସିଇଓ ହୋଇଛନ୍ତି।



ରିପୋର୍ଟ ମୁତାବକ, ସମ୍ପ୍ରତି ଏଲନ ମସ୍କଙ୍କ ବେତନ ହିନ୍ଦୁସ୍ତାନ ପେଟ୍ରୋଲିୟମ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ଟାଟା କନସଲଟାନ୍ସି ସର୍ଭିସେସ୍‌ର ରାଜସ୍ୱଠାରୁ ଅଧିକ ହୋଇଯାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ଏଲଆଇସି, ଇଣ୍ଡିଆନ ଅଏଲ ଏବଂ ଓଏନଜିସିର ରାଜସ୍ୱ ଏଲନ ମସ୍କଙ୍କ ଦରମାଠାରୁ ଅଧିକ। ତେନରେ ବୃଦ୍ଧି ପରେ ମସ୍କଙ୍କ ଦରମା ଦୁନିଆର ସମସ୍ତ ବଡ଼ ବଡ଼ କମ୍ପାନୀର ସିଇଓଙ୍କଠାରୁ ମଧ୍ୟ ଅଧିକ ହୋଇଯାଇଛି। ୨୦୨୩ରେ ଆଲଫାବେଟର ସିଇଓ ସୁନ୍ଦର ପିଚାଇଙ୍କୁ ୨୨.୬ ବିଲିୟନ ଡଲାରର ପ୍ୟାକେଜ ମିଳିଥିଲା। ପୂର୍ବରୁ ବ୍ରାଣ୍ଡକମର ସିଇଓ ହୋକ ଟ୍ୟାନଙ୍କୁ ୧୬ ବିଲିୟନ ଡଲାର, ପୋଲୋ ଆଲ୍ଟୋ ନେଟୱାର୍କର ସିଇଓ ନିକେଶ ଆରୋରାଙ୍କୁ ୧୫.୧ ବିଲିୟନ ଡଲାର ପ୍ୟାକେଜ ମିଳିଥିଲା।

# ଫାଲ୍‌କନ ଟେକ୍ନୋପ୍ରୋଜେକ୍ଟସ୍ ଇଣ୍ଡିଆର ପବ୍ଲିକ୍ ଇସ୍ୟୁରୁ ୧୩.୬୯ କୋଟି ସଂଗ୍ରହ ଯୋଜନା

**ମୁମ୍ବଇ,୧୮।୬(ଏଜେନ୍ସି)**

ପେଟ୍ରୋଲିୟମ ରିଫାଇନାରୀ, ହାଉସିଂ ଇଷ୍ଟେଟ, ନ୍ୟୁକ୍ଲିୟର ପାୱର, କନ୍‌ଷ୍ଟ୍ରକସନ ଆଦି କ୍ଷେତ୍ରରେ ଗ୍ରାହକମାନଙ୍କୁ ମେକାନିକାଲ, ଇଲେକ୍‌ଟ୍ରିକାଲ ଏବଂ ପ୍ଲମ୍ବିଂ ସେବା ଯୋଗାଣରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ମୁମ୍ବଇସ୍ଥିତ ଫାଲ୍‌କନ ଟେକ୍‌ନୋପ୍ରୋଜେକ୍ଟସ୍ ଇଣ୍ଡିଆ ଲିମିଟେଡ ତାହାର ଏସଏମଇ ପବ୍ଲିକ ଇସ୍ୟୁରୁ ୧୩.୬୯ କୋଟି ଟଙ୍କା ଉଠାଇବାକୁ ଯୋଜନା କରିଛି।

କମ୍ପାନୀ ତାହାର ପବ୍ଲିକ ଇସ୍ୟୁ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ଏନଏସଇ ଇମର୍ଜ ପ୍ଲାଟଫର୍ମରେ ଆରମ୍ଭ କରିବାକୁ ଅନୁମୋଦନ ଲାଭ କରିଛି। ସବ୍‌ସ୍କ୍ରିପ୍‌ସନ ନିମନ୍ତେ ପବ୍ଲିକ ଇସ୍ୟୁ ଜୁନ୍ ୧୯ରେ ଉନ୍ମୁକ୍ତ ହେବ ଏବଂ ଜୁନ୍ ୨୧ରେ ବନ୍ଦ ହେବ। ଏହି ପବ୍ଲିକ ଇସ୍ୟୁରୁ ସଂଗୃହୀତ ଅର୍ଥକୁ କମ୍ପାନୀର କାର୍ଯ୍ୟକାରୀ ପାଣ୍ଠି ଆବଶ୍ୟକତା ଏବଂ ସାଧାରଣ କର୍ପୋରେଟ ଉଦ୍ଦେଶ୍ୟ ସହିତ ସମ୍ପ୍ରସାରଣ ଯୋଜନା ଉଦ୍ଦେଶ୍ୟରେ ବିନିଯୋଗ କରାଯିବ। କେଫିନ୍ ଟେକ୍‌ନୋଲୋଜିସ୍ ଲିମିଟେଡ ଇସ୍ୟୁର ଲିଡ୍ ମ୍ୟାନେଜର ରହିଛି। ୧୩.୬୯ କୋଟି ଟଙ୍କାର ଇନିସିଆଲ ପବ୍ଲିକ ଅଫରିଂ ମଧ୍ୟରେ ପ୍ରତ୍ୟେକ ୧୦ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ୧୪.୮୮ ଲକ୍ଷ ଇକ୍ୱିଟି ସେୟାରକୁ ପ୍ରତି ସେୟାର ପିଛା ୯୨ ଟଙ୍କାରେ ସାମିଲ ଇସ୍ୟୁ ଅନ୍ତର୍ଭୁକ୍ତ।

## ହାୟର୍ ଇଣ୍ଡିଆ ପକ୍ଷରୁ ରେଫ୍ରିଜରେଟର୍

# ପ୍ରିମିୟମ ଗ୍ଲାସ୍ ଡୋର୍ ସିରିଜ୍ ଫୋଏନିକ୍ସର ଶୁଭାରମ୍ଭ

**ଭୁବନେଶ୍ୱର, ୧୮।୬(ସିମସ):** ଲଗାତର ୧୫ ବର୍ଷ ହେବ ବିଶ୍ୱର ଏକ ନମ୍ବର ପ୍ରମୁଖ ଆପ୍ଲାଏନ୍ସ ବ୍ରାଣ୍ଡ ହାୟର ଆପ୍ଲାଏନ୍ସେସ୍ ଇଣ୍ଡିଆ ପ୍ରିମିୟମ ଗ୍ଲାସ ଡୋର୍ ରେଫ୍ରିଜରେଟରଗୁଡିକର ଏକ ସିରିଜ୍ ଫୋଏନିକ୍ସର ଶୁଭାରମ୍ଭ ସହିତ ଡାଇରେକ୍ଟ କୁଲ୍ ରେଞ୍ଜରେ ନିଜର ଉଦ୍ଭାବନର ବିରାସତକୁ ବଜାୟ ରହିଛି। ଡାଇରେକ୍ଟ କୁଲ୍ ଗ୍ଲାସ୍ ଡୋର୍ ରେଫ୍ରିଜରେଟର୍ର ବିସ୍ତୃତ ଶୃଙ୍ଖଳା ପ୍ରଦାନ କରିଥିବା ଶିଳ୍ପର ଏକମାତ୍ର ବ୍ରାଣ୍ଡ ଭାବେ ଏହି ନୂଆ ସିରିଜ୍ରେ ଏକ ହାଲୁକା ଓ ପ୍ରିମିୟମ ଗ୍ଲାସ୍ ଡିଜାଇନ ରହିଛି ଯାହା ଯେକୌଣସି ରୋଷେଇ ଘରର ସ୍ଥାନରେ ବିଳାସପୂର୍ଣ୍ଣତାର ଏକ ସ୍ପର୍ଶ ଯୋଗ କରୁଛି। ୧୮୫ ଲିଟର ଓ ୧୯୦ ଲିଟର କ୍ଷମତାରେ ଆସୁଥିବା ନୂଆ ରେଫ୍ରିଜରେଟରଗୁଡିକ ସମସ୍ତ ରିଟେଲ ଚ୍ୟାନେଲରେ ଉପଲବ୍ଧ ହେବ। ନୂତନ ଭାବେ ବଜଗାରକୁ ଆସିଥିବା ଏହି ରେଫ୍ରିଜରେଟରଗୁଡିକୁ କାର୍ଯ୍ୟକାରିତା ସହ ଷ୍ଟାଇଲକୁ ବାଧାହୀନ ଭାବେ ସମ୍ମିଶ୍ରଣ କରିବା, ଆଧୁନିକ ଘରଗୁଡିକର ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମାଣ କରାଯାଇଛି। ଫୋଏନିକ୍ସ ରେଫ୍ରିଜରେଟରଗୁଡିକ ସୁବିଧାଜନକ ଷ୍ଟୋରେଜ ପାଇଁ ଏକ ବେସ୍ ଡ୍ରୟର, ଦକ୍ଷ ଶୀତଳତା ପାଇଁ ଡାଇମଣ୍ଡ ଏଜ୍ ଫ୍ରିଜିଂ ଟେକ୍ନୋଲୋଜି (ଡିଇଏଫ୍ଟି) ଏବଂ ଭୋଲ୍ଟେଜ୍ ଫ୍ଲକ୍ଚୁଏଶନ ସମୟରେ ମଧ୍ୟ ବାଧାମୁକ୍ତ ପ୍ରଦର୍ଶନ ପାଇଁ ଷ୍ଟାବିଲାଇଜର-ଫ୍ରି ଅପରେଶନ ସହିତ ଆସୁଛି। ଏ ସମ୍ପର୍କରେ ହାୟର ଆପ୍ଲାଏନ୍ସେସ ଇଣ୍ଡିଆର ଅଧ୍ୟକ୍ଷ ଏନ୍‌ଏସ୍ ସତୀଶ କହିଛନ୍ତି, ବିଗତ ବର୍ଷଗୁଡିକରେ ଆମେ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଆକର୍ଷଣୀୟ ଡିଜାଇନ ସହିତ ପ୍ରିମିୟମ ଓ ଉତ୍କୃଷ୍ଟମାନର ହୋମ୍ ଆପ୍ଲାଏନ୍ସର ସନ୍ଧାନ କରୁଥିବା ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ଲକ୍ଷ୍ୟରେ ବିଶେଷ କରି ଆମର ଡାଇରେକ୍ଟ କୁଲ ସିଙ୍ଗଲ ଡୋର୍ ଅଫରିଙ୍ଗ୍ ସମେତ ରେଫ୍ରିଜରେଟରଗୁଡିକର ଏକ ବିସ୍ତୃତ ରେଞ୍ଜକୁ ଯତ୍ନର ସହ ନିର୍ମାଣ କରିଛୁ।




## ସୀମା ଶୁଳ୍କ ଅଧିକାରୀ ପରିଚୟ ଦେଇ ଡିଜିଟାଲ୍ ମାଧ୍ୟମରେ ଠକେଇ

# ସିବିଆଇସିର ସତର୍କବାଣୀ: ଫୋନ୍ କଲ୍, ଏସ୍‌ଏମ୍‌ଏସ୍‌ରେ ହେଉଛି ଲୁଟ୍

**ନୂଆଦିଲ୍ଲୀ,୧୮।୬(ଏଜେନ୍ସି)**

ନ୍ୟୁଜ୍ ପୋର୍ଟାଲ/ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ଭାରତୀୟ ସୀମା ଶୁଳ୍କ ଅଧିକାରୀ ପରିଚୟ ଦେଇ କିଛି ବ୍ୟକ୍ତି ସାରା ଦେଶରେ ସାଧାରଣ ଲୋକଙ୍କୁ ଠକୁଛନ୍ତି। ଏହି ଠକେଇ ମୁଖ୍ୟତଃ ଫୋନ୍ କଲ୍ କିମ୍ବା ଏସ୍‌ଏମ୍‌ଏସ୍ ଭଳି ଡିଜିଟାଲ୍ ମାଧ୍ୟମରେ କରାଯାଉଛି। ଜନସଚେତନତା ମାଧ୍ୟମରେ ଏହି ଠକେଇର ମୁକାବିଲା କରିବା ପାଇଁ କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଏକ ମଲ୍ଟି ମୋଡାଲ ସଚେତନତା ଅଭିଯାନ ଚଳାଇଛି।

ଭାରତୀୟ ସୀମା ଶୁଳ୍କ ଅଧିକାରୀମାନେ ବ୍ୟକ୍ତିଗତ ଆକାଉଣ୍ଟରେ ଶୁଳ୍କ ପୈଠ ପାଇଁ ସାଧାରଣ ଲୋକଙ୍କ ସହ ଫୋନ୍, ଏସ୍‌ଏମ୍‌ଏସ୍ କିମ୍ବା ଇ-ମେଲ୍ ମାଧ୍ୟମରେ ଯୋଗାଯୋଗ କରନ୍ତିନାହିଁ। ଠକେଇ ହେବାର ସନ୍ଦେହ କଲେ କିମ୍ବା କୌଣସି ଅନିୟମିତତାର ସମ୍ମୁଖୀନ ହେଲେ କଲ୍ ବିଚ୍ଛିନ୍ନ କରନ୍ତୁ ଏବଂ ମେସେଜର ଉତ୍ତର ଦିଅନ୍ତୁନାହିଁ। ବ୍ୟକ୍ତିଗତ ସୂଚନା (ପାସୱାର୍ଡ, ସିଭିଭି, ଆଧାର ନମ୍ବର ଇତ୍ୟାଦି) କେବେ ବି ସେୟାର କିମ୍ବା ପ୍ରକାଶ କରନ୍ତୁ ନାହିଁ କିମ୍ବା ଅଜ୍ଞାତ ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ସେମାନଙ୍କ ପରିଚୟ ଏବଂ ବୈଧତା ଯାଞ୍ଚ ନକରି ଟଙ୍କା ପ୍ରେରଣ କରନ୍ତୁ ନାହିଁ।




ଭାରତୀୟ ସୀମା ଶୁଳ୍କର ସମସ୍ତ ଯୋଗାଯୋଗରେ ଏକ ଡକ୍ୟୁମେଣ୍ଟ ଆଇଡେଣ୍ଟିଫିକେସନ୍ ନମ୍ବର (ଡିଆଇଏନ୍) ରହିଛି, ଯାହାକୁ ସିବିସି ୱେବସାଇଟ୍ରେ ଯାଞ୍ଚ କରାଯାଇପାରିବ। ତୁରନ୍ତ ଏଭଳି ଘଟଣା ସମ୍ପର୍କରେ ହେଲ୍ପଲାଇନ୍ ନମ୍ବର ୧୯୩୦କୁ ଜଣାନ୍ତୁ ବୋଲି ସିବିଆଇସି କହିଛି। ଠକମାନେ ନିଜକୁ କୋରିଅର ଅଧିକାରୀ/ କର୍ମଚାରୀ ବୋଲି ପରିଚୟ ଦେଇ କଲ୍, ଟେକ୍ସଟ୍ ମେସେଜ୍ କିମ୍ବା ଇମେଲ୍ ମାଧ୍ୟମରେ ଯୋଗାଯୋଗ କରନ୍ତି ଯେ କଷ୍ଟମ୍ସ ଏକ ପ୍ୟାକେଜ୍ କିମ୍ବା ପାର୍ସଲ ରଖିଛି ଏବଂ ଏହା ଜାରି କରିବା ପୂର୍ବରୁ ସୀମା ଶୁଳ୍କ କିମ୍ବା ଟିକସ ପୈଠ କରିବା ଆବଶ୍ୟକ।

ବେଆଇନ ବିଷୟବସ୍ତୁ (ଯେପରିକି ଡ୍ରଗ୍ସ / ବିଦେଶୀ ମୁଦ୍ରା / ନକଲି ପାସପୋର୍ଟ/ ନିଷିଦ୍ଧ ସାମଗ୍ରୀ) କିମ୍ବା ସୀମା ଶୁଳ୍କ ନିୟମ ଉଲ୍ଲଂଘନ କାରଣରୁ ସୀମା ଶୁଳ୍କ ଦ୍ୱାରା ସେମାନଙ୍କ ପ୍ୟାକେଜ୍ ଜବତ କରାଯାଇଛି ବୋଲି ଟାର୍ଗେଟ ହୋଇଥିବା ବ୍ୟକ୍ତିମାନଙ୍କୁ ଅବଗତ କରାଉଛନ୍ତି। ଠକମାନେ ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ଜରିମାନା ଧମକ ଦେଇ ସମସ୍ୟାର ସମାଧାନ ପାଇଁ ପେମେଣ୍ଟ ଦାବି କରୁଛନ୍ତି।

# ମୁଖ୍ୟ ପ୍ରଶିକ୍ଷକ ଲାଗି ଗମ୍ଭୀରଙ୍କ ସାକ୍ଷାତ୍‌କାର

ମୁମ୍ବଇ,୧୮ ।୬(ଏଜେନ୍ସି)

ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରେ ପୂର୍ବତନ କ୍ରିକେଟର୍ ଗୌତମ ଗମ୍ଭୀର ନିଯୁକ୍ତି ହେବା ଏକ ପ୍ରକାର ନିଶ୍ଚିତ ହୋଇଛି । ଏଥିପାଇଁ ଗମ୍ଭୀରଙ୍କ ସହ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଥମ ରାଉଣ୍ଡର ସାକ୍ଷାତକାର ନେଇଛି । ମଙ୍ଗଳବାର ମୁମ୍ବଇରେ ଏହି ସାକ୍ଷାତକାର ହୋଇଛି । କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଗମ୍ଭୀରଙ୍କର ଏହି ସାକ୍ଷାତକାର ନେଇଛି । ଏହି ହାଇପ୍ରୋଫାଇଲ ପଦ ପାଇଁ ପୂର୍ବତନ ଓପନର ଗମ୍ଭୀର ଏକମାତ୍ର ଆବେଦକ ରହିଛନ୍ତି । ତେବେ ଗମ୍ଭୀରଙ୍କ ନିଯୁକ୍ତି ସମ୍ପର୍କରେ କେବେ ଘୋଷଣା କରାଯିବ ସେ ନେଇ କିଛି ବୋର୍ଡ ତରଫରୁ କୁହାଯାଇନାହିଁ ।

ପୂର୍ବତନ କ୍ରିକେଟର ଅଶୋକ ମାଲହୋତ୍ରା, ଜତୀନ ପରାଂଜପେ ଓ ସୁଲକ୍ଷଣା ନାୟକଙ୍କୁ ନେଇ ସିଏସି ଗଠିତ ହୋଇଛି । ଏହି ସାକ୍ଷାତ୍‌କାରରେ ଚୟନକର୍ତ୍ତା ପଦ ପାଇଁ ମଧ୍ୟ ଜଣେ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । ତେବେ ଏହି ବ୍ୟକ୍ତି ନାମ ନେଇ କିଛି ସୂଚନା ଦିଆଯାଇନାହିଁ । ଆଗାମୀ ସାଢ଼େ ୩ ବର୍ଷ ପାଇଁ ନୂଆ ପ୍ରଶିକ୍ଷକ ନିଯୁକ୍ତ ହେବେ ଓ ତାଙ୍କର କାର୍ଯ୍ୟକାଳ ୨୦୨୪ ଜୁଲାଇରୁ ଆରମ୍ଭ ହୋଇ ୨୦୨୭ ଡିସେମ୍ବରରେ ଶେଷ ହେବ ।

## ଦୁଇଦିନ ମଧ୍ୟରେ ଘୋଷଣା

ଗମ୍ଭୀର ଏକ ମାତ୍ର ଆବେଦକ ରହିଥିବାରୁ, ସେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ହେବା ଏକପ୍ରକାର ନିଶ୍ଚିତ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି । ବୁଧବାର ଦ୍ୱିତୀୟ ରାଉଣ୍ଡର ସାକ୍ଷାତ୍‌କାର ହେବ ବୋଲି ଆଶା କରାଯାଉଛି । ନୂଆ ପ୍ରଶିକ୍ଷକ ଭାବେ ଗମ୍ଭୀର ନାମ ଘୋଷଣା ନେଇ କେବଳ ଔପଚାରିକତା ବାକି ରହିଛି । ଆଗାମୀ ୪୮ ଘଣ୍ଟା ଅର୍ଥାତ ଦୁଇ ଦିନ ମଧ୍ୟରେ ଏ ନେଇ ଘୋଷଣା ହେବ ବୋଲି ଆଶା କରାଯାଉଛି ।



## ସବୁ ସର୍ତ୍ତ ଗ୍ରହଣ କରିଛି ବିସିସିଆଇ

ପଦ ଗ୍ରହଣ ପୂର୍ବରୁ ଗମ୍ଭୀର କେତୋଟି ସର୍ତ୍ତ ରଖିଥିଲେ ଓ ଏହାକୁ ବୋର୍ଡ ମାନିନେଇଛି । ନିଜ ମନ ପସନ୍ଦର ସପୋର୍ଟ ଷ୍ଟାଫ୍ ଚୟନ କରିବାକୁ ଅଧିକାର ଦେବା ନେଇ ଗମ୍ଭୀର କହିଥିଲେ । ପୁଣି ଦଳରେ କେତୋଟି ପରିବର୍ତ୍ତନ କରିବାକୁ ସେ ମଧ୍ୟ ସର୍ତ୍ତ ରଖିଥିଲେ । ଏହାକୁ ବୋର୍ଡ ଗ୍ରହଣ କରିଛି । ତେବେ ଗମ୍ଭୀର ଦଳରେ କ'ଣ ସବୁ ପରିବର୍ତ୍ତନ କରିବେ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ ।

## ଗୃହମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ଗମ୍ଭୀର

ଗୋଟିଏ ଦିନ ପୂର୍ବରୁ ଗମ୍ଭୀର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ସାକ୍ଷାତ କରିଥିଲେ । ଏନେଇ ଗମ୍ଭୀର ଟୁଇଟ୍ କରି ସୂଚନା ଦେଇଥିଲେ । ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ମିଳିଥିବା ସଫଳତା ପାଇଁ ଗମ୍ଭୀର ଶାହାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଗୃହମନ୍ତ୍ରୀ ଭାବେ ଶାହାଙ୍କ ନେତୃତ୍ୱ ଦେଶରୁ ସୁରକ୍ଷା ତଥା ସ୍ଥିରତାକୁ ଆହୁରି ମଜବୁତ କରିବ ବୋଲି ଗମ୍ଭୀର କହିଥିଲେ ।

## ଗମ୍ଭୀରଙ୍କ ଆଇପିଏଲ ସଫଳତା

ଗମ୍ଭୀରଙ୍କ ମେଣ୍ଟରସିପ୍‌ରେ କୋଲକାତା ନାଇଟ ରାଇଡର୍ସ ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଟାଇଟଲ ହାସଲ କରିଥିଲା । କେବଳ ସେତିକି ନୁହେଁ ଗମ୍ଭୀରଙ୍କ ନେତୃତ୍ୱରେ କେକେଆର ୨୦୧୨ ଓ ୨୦୧୪ରେ ଦୁଇଥର ଆଇପିଏଲ ଚାମ୍ପିଅନ ହୋଇଛି । ଗମ୍ଭୀର ମଧ୍ୟ ୨୦୦୭ ଟି-୨୦ ବିଶ୍ୱକପ୍ ଓ ୨୦୧୧ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟ ଥିଲେ ।

## ବିଶ୍ୱକପ୍ ପରେ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ପୂରା ହେବ

ଚଳିତ ମାସ ଟି-୨୦ ବିଶ୍ୱକପ୍ ପରେ ବର୍ତ୍ତମାନର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ପୂରା ହେବ । ୨୦୨୧ ଟି-୨୦ ବିଶ୍ୱକପ୍ ପରେ ଦ୍ରାବିଡ୍ ମୁଖ୍ୟ ପ୍ରଶିକ୍ଷକ ପଦ ସମ୍ଭାଳିଥିଲେ । ତାଙ୍କ କର୍ଯ୍ୟକାଳ ୨୦୨୩ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଥିଲା । କିନ୍ତୁ ପରେ ତାଙ୍କର କାର୍ଯ୍ୟକାଳକୁ ଚଳିତ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ।

ପ୍ୟାରିସ ଅଲିମ୍ପିକ୍ସ

# ୪ ଭାରତୀୟ ଗଲ୍ଫରଙ୍କ ଯୋଗ୍ୟତା

ନୂଆଦିଲ୍ଲୀ, ୧୮ ।୬ (ଏଜେନ୍ସି): ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ଲାଗି ଅନ୍ତର୍ଜାତୀୟ ଗଲ୍ଫ ମହାସଂଘ (ଆଇଜିଏଫ୍) ପକ୍ଷରୁ ମଙ୍ଗଳବାର ଯୋଗ୍ୟତା ଅର୍ଜନ କରିଥିବା ଖେଳାଳିଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି । ଏହି ତାଲିକାରେ ୪ଜଣ ଭାରତୀୟ ଗଲ୍ଫର ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଥିବା ଜଣାପଡ଼ିଛି । ସେମାନେ ହେଲେ ଆଦିତି ଅଶୋକା, ଦୀକ୍ଷା ଡାଗର, ଶୁଭଙ୍କର ଶର୍ମା ଓ ଗଗନଜିତ୍ ଭୁଲାର । ଆଇଜିଏଫ୍ ମାନ୍ୟତାରେ ପୁରୁଷ ଓ ମହିଳାରେ ଶ୍ରେଷ୍ଠ-୬୦ ମଧ୍ୟରେ ରହିଥିବା ଗଲ୍ଫ ଖେଳାଳି ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ବିଶ୍ୱ ମହିଳା ମାନ୍ୟତାରେ ଆଦିତି ଓ ଦୀକ୍ଷା ଯଥାକ୍ରମେ ୪୮ ଓ ୫୪ତମ ସ୍ଥାନରେ ରହିଛନ୍ତି । ସେହିଭଳି ପୁରୁଷ ବିଭାଗରେ ଶୁଭଙ୍କର ଓ ଗଗନଜିତ୍ ଯଥାକ୍ରମେ ୨୪ତମ ଓ ୪୦ତମ ସ୍ଥାନରେ ରହି ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଅଗଷ୍ଟ ୧ରୁ ୪ ପର୍ଯ୍ୟନ୍ତ ପୁରୁଷ ଓ ଅଗଷ୍ଟ ୭ରୁ ୧୦ ପର୍ଯ୍ୟନ୍ତ ମହିଳା ଗଲ୍ଫ ଇଭେଣ୍ଟ ଅଲିମ୍ପିକ୍ସରେ ଖେଳାଯିବ । ଗତ ଟୋକିଓ ଅଲିମ୍ପିକ୍ସରେ ଆଦିତି ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ରହିଥିଲେ । ଅଲିମ୍ପିକ୍ସର ଗଲ୍ଫ ଇଭେଣ୍ଟରେ ଭାରତର ଏହା ଶ୍ରେଷ୍ଠ ପ୍ରଦର୍ଶନ ରହିଛି ।

# ସଟ୍‌ଗନ ଦଳରେ ସୁଟର୍ ପୃଥ୍ୱୀରାଜ

ନ୍ୟାସନାଲ ରାଇଫଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ପକ୍ଷରୁ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ଲାଗି ଭାରତୀୟ ସଟ୍‌ଗନ ଦଳ ଘୋଷଣା କରାଯାଇଛି । ପୁରୁଷ ଓ ମହିଳା ଟ୍ରାପ୍ ଇଭେଣ୍ଟ ଲାଗି ଯଥାକ୍ରମେ ପୃଥ୍ୱୀରାଜ ତୋଣ୍ଡାଇମାନ ଓ ରାଜେଶ୍ୱରୀ କୁମାରୀ ଦଳରେ ସ୍ଥାନ ପାଇଛନ୍ତି । ସେହିଭଳି ପୁରୁଷ ସ୍କିଟ ଇଭେଣ୍ଟରେ ଏକମାତ୍ର ଖେଳାଳି ଭାବେ ଅନନ୍ତଜିତ୍ ସିଂହ ନାରୁକାଙ୍କୁ ଦଳରେ ନିଆଯାଇଛି । ଅପରପକ୍ଷରେ ମହିଳା ସ୍କିଟ୍‌ରେ ରୈଜା ଡିଲନ ଓ ମାହେଶ୍ୱରୀ ଚୌହାନ ସ୍ଥାନ ହାସଲ କରିବାରେ ସଫଳ ହୋଇଛନ୍ତି । ଭାରତ ପାଇଁ ସୁଟିଂର ସଟ୍‌ଗନରେ ୫ଟି କୋଟା ସ୍ଥାନ ରହିଥିଲା । ଏଥିସହ ଅନନ୍ତଜିତ୍ ଓ ମାହେଶ୍ୱରୀଙ୍କୁ ନେଇ ସ୍କିଟ୍ ମିକ୍ସଡ୍ ଟିମ୍ ଅବତୀର୍ଣ୍ଣ ହେବ । ଚଳିତ ପ୍ୟାରିସ ଅଲିମ୍ପିକ୍ସରେ ସ୍କିଟ୍ ମିକ୍ସଡ ଟିମ୍ ଇଭେଣ୍ଟ ପଦାର୍ପଣ କରିବାକୁ ଯାଉଛି ।

# ଅବଶିଷ୍ଟ ଓଡ଼ିଶା 'ସି'-ଭୁବନେଶ୍ୱର 'ଏ' ଫାଇନାଲ ୨୦ରୁ

କଟକ,୧୮ ।୬(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ଖେଳାଯାଉଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଫାଇନାଲ ଲାଇନଅପ ଚୂଡାନ୍ତ ହୋଇଛି । ରାକେଶ ପଟ୍ଟନାୟକଙ୍କ ଅଧିନାୟକତ୍ୱରେ ଗଠିତ ଅବଶିଷ୍ଟ ଓଡ଼ିଶା 'ସି' ଏବଂ ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧିନ ଭୁବନେଶ୍ୱର 'ଏ'

**କଳାହାଣ୍ଡି କପ୍**

ଦଳ ଫାଇନାଲରେ ପ୍ରବେଶ କରିଛନ୍ତି । ୨୦ ତାରିଖରୁ ବାରବାଟୀ ଷ୍ଟାଡିୟମରେ ଦ୍ୱିଦିବସୀୟ ଫାଇନାଲ ମ୍ୟାଚ୍ ଖେଳାଯିବ । ସୁପରଲିଗ୍ ପର୍ଯ୍ୟାୟରେ ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ଅବଶିଷ୍ଟ ଓଡ଼ିଶା-ସି ୪ଟି ମ୍ୟାଚ୍‌ରୁ ୩ଟି ବିଜୟ ସହ ୧୨ ପଏଣ୍ଟ ହାସଲ କରି ଗ୍ରୁପ ଶୀର୍ଷରେ ରହିଥିଲା । ସେହିପରି ୪ଟି ଯାକ ମ୍ୟାଚ୍ ବିଜୟୀ ହୋଇ ୧୬ ପଏଣ୍ଟ ସହିତ ଗ୍ରୁପ-ବି'ରୁ ଭୁବନେଶ୍ୱର-ଏ ଦଳ ଫାଇନାଲରେ ପ୍ରବେଶ କରିଛି ।







ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ସୁପର ଲିଗ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଅବଶିଷ୍ଟ ଓଡ଼ିଶା-ସି ପରାଜୟର ସମ୍ମୁଖୀନ ହୋଇଥିଲା । ଅବଶିଷ୍ଟ ଓଡ଼ିଶା-ଏ ୧୩୫ ରନ୍‌ରେ ଏହି ମ୍ୟାଚ୍ ଜିତିଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା-ସି'ର ପାଳି ୨୦୯ ରନ୍‌ରେ ସୀମିତ ରହିଥିଲା । ସୋମବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଅବଶିଷ୍ଟ ଓଡ଼ିଶା-ଏ ୩ ୱିକେଟ ବିନିମୟରେ ୧୨୭ ରନ କରିଥିବାବେଳେ ଅନୁରାଗ ଷଡ଼ଙ୍ଗୀ ୭୫ ରନ୍‌ରେ ଅପରାଜିତ ଥିଲେ । ବାମହାତୀ ଓପନର ଅନୁରାଗ ମଙ୍ଗଳବାର ଏଠାରେ ଶତକୀୟ ପାଳି ଖେଳିଥିଲେ । ସେ ୧୪୦ ବଲରୁ ୧୩୦ ରନ କରିଥିଲେ । ଏହାଛଡ଼ା ବିକାଶ ରାଉତ ୭୩ ଏବଂ ପ୍ରବୀଣ ଲୁହା ୬୭ରନ କରିବା ଫଳରେ ଅବଶିଷ୍ଟ ଓଡ଼ିଶା-ଏ ସମସ୍ତ ୱିକେଟ ହରାଇ ୩୪୪ ରନ ସଂଗ୍ରହ କରିଥିଲା । ଅବଶିଷ୍ଟ ଓଡ଼ିଶା-ସିର ସ୍ପିନ ବୋଲର କ୍ରୀଷ୍ଣା ପଲାଇ ୩୯ରନ ବିନିମୟରେ ୫ଟି ୱିକେଟ ଅକ୍ତିଆର କରିଥିଲେ ।

ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଭଦ୍ରକ ବିପକ୍ଷ ମ୍ୟାଚ୍‌ରେ ବାଲେଶ୍ୱର ଅଗ୍ରଣୀ ହାସଲ କରିବା ସହ ବିଜୟ ପଏଣ୍ଟ ନିଶ୍ଚିତ କରି ସାରିଥିଲା । ଭଦ୍ରକର ପାଳି ୧୬୯ ରନ୍‌ରେ ସୀମିତ ରହିବା ପରେ ବାଲେଶ୍ୱର ୮ ୱିକେଟ ବିନିମୟରେ ୨୩୩ ରନ ସଂଗ୍ରହ କରିଥିଲା । ଗୁରୁଦୀପନ ଜେନା ଗୁରୁଦୀପନ ୯୮ ରନ୍‌ର ଆକର୍ଷଣୀୟ ପାଳି ଖେଳିବା ସତ୍ତ୍ୱେଶତକରୁ ବଞ୍ଚିତ ହୋଇଥିଲେ । ବାଲେଶ୍ୱର ସମସ୍ତ ୱିକେଟ ହରାଇ ୨୮୨ ରନ କରିବା ସହିତ ୧୧୩ ରନ୍‌ରେ ବିଜୟୀ ହୋଇଛି । ଭଦ୍ରକ ପକ୍ଷରୁ ସତ୍ୟକାମ ଭରଦ୍ୱାଜ ଏବଂ ନିହାର ଭୂୟାଁ ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଅକ୍ତିଆର କରିଥିଲେ । ରେଭେନ୍ସା ଗ୍ରାଉଣ୍ଡ-୧ରେ ଅବଶିଷ୍ଟ ଓଡ଼ିଶା-ଡି ଏବଂ ଅବଶିଷ୍ଟ ଓଡ଼ିଶା-ବି ମଧ୍ୟରେ ମ୍ୟାଚ୍ ଖେଳାଯାଉଥିଲା । ଅବଶିଷ୍ଟ ଓଡ଼ିଶା-ଡି ସମସ୍ତ ୱିକେଟ ହରାଇ ୨୯୨ ରନ୍ କରିଥିଲା । ସୋମବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଅବଶିଷ୍ଟ ଓଡ଼ିଶା-ବି ୩ ୱିକେଟ ହରାଇ ମାତ୍ର ୨୬ ରନ କରିଥିଲା । ଅନ୍ତିମ ଦିବସରେ ମଙ୍ଗଳବାର ୧୫୫ରନ୍‌ରେ ଅବଶିଷ୍ଟ ୭ଟି ୱିକେଟ ହରାଇବା ସହ ଅବଶିଷ୍ଟ ଓଡ଼ିଶା-ବି ୧୧୧ରନରେ ପରାଜୟ ବରଣ କରିଥିଲା । ଓମ ଟି ମୁଣ୍ଡେ ୭୨ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ । ଅବଶିଷ୍ଟ ଓଡ଼ିଶା-ଡି ପକ୍ଷରୁ ସେଖ୍ ଆଝାରୁଦ୍ଦିନ ୫ଟି ୱିକେଟ ହାସଲ କରିଥିଲେ ।

# ୩ ଓଡ଼ିଆ ରେଫରୀଙ୍କ କୃତୀତ୍ୱ

କଟକ,୧୮ ।୬(ସମିସ): ଏଆଇଏଫଏଫ ପକ୍ଷରୁ ରେଫରୀ ପ୍ରମୋସନ୍ ପରୀକ୍ଷା କରାଯାଇଥିଲା । ଥିଓରୀ, ଫିଟନେସ, ପ୍ରାକ୍ଟିକାଲ ଏବଂ ଭାଇଭା ପରୀକ୍ଷାରେ କୃତୀତ୍ୱ ହାସଲ କରି ଲେଭଲ-୬ରୁ ଲେଭଲ-୫କୁ ଉନ୍ନୀତ ହୋଇଛନ୍ତି ଓଡ଼ିଶାର ୩ଜଣ ରେଫରୀ ।



ଏମାନେ ହେଲେ ସୋନପୁରର ଜିତେନ୍ଦ୍ରିୟ ଥାନପତି, ମୟୂରଭଞ୍ଜର ଉତ୍କଳମଣି ବେହେରା ଏବଂ ଢେଙ୍କାନାଳର ଦେବରାଜ ସ୍ୱାଇଁ । ଓଡ଼ିଶାର ଉପରୋକ୍ତ ତିନି ରେଫରୀ ଏବେ ଜାତୀୟ ସ୍ତରର ଲେଭଲ-୫ ରେଫରୀ ଭାବେ ପରିଗଣିତ ହେବେ । ଏହି ସଫଳତା ନିମନ୍ତେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ରେଫରୀ ମୁଖ୍ୟ ଦୁର୍ଗା ମାଧବ ନାୟକ ଶୁଭେଚ୍ଛା ଜଣାଇଛନ୍ତି ।

# ତୃତୀୟ ସ୍ଥାନକୁ ଉଠିଲେ ମନ୍ଧାନା

ଦୁବାଇ, ୧୮ ।୬ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ମଙ୍ଗଳବାର ମହିଳା ଏକଦିବସୀୟ ବ୍ୟାଟିଂ ମାନ୍ୟତା ପ୍ରକାଶ ପାଇଛି । ଏଥିରେ ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ୨ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୩ୟ ସ୍ଥାନ ହାସଲ କରିଛନ୍ତି । ଘରୋଇ ମାଟିରେ ଚାଲିଥିବା ଦକ୍ଷିଣ ଆଫ୍ରିକା ମହିଳା ଦଳ ବିପକ୍ଷ ଏକଦିବସୀୟ ସିରିଜର ପ୍ରଥମ ମ୍ୟାଚରେ ବାମହାତୀ ବ୍ୟାଟର୍ ମନ୍ଧାନା ୧୧୭ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ । ଫଳରେ ଭାରତ ଏହି ମ୍ୟାଚରେ ୧୪୩ ରନରେ ବଡ଼ ବିଜୟ ଲାଭ କରିଥିଲା । ୭୧୫ ରେଟିଂ ପଏଣ୍ଟ ସହ ମନ୍ଧାନା ୩ୟ ସ୍ଥାନରେ ରହିଛନ୍ତି । ସେହିଭଳି ଇଂଲଣ୍ଡର ନାଟାଲି ସ୍କିଭର-ବ୍ରଣ୍ଟ ଗୋଟିଏ ସ୍ଥାନ ଉପରକୁ ଉଠି ଶୀର୍ଷ ମାନ୍ୟତା ଲାଭ କରିଛନ୍ତି । ସେ ଶ୍ରୀଲଙ୍କାର ଚାମାରି ଆଟାପାଥୁଙ୍କୁ ହଟାଇ ଏକ ନମ୍ବରକୁ ଫେରିଛନ୍ତି । ଗତ ମାସରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ସ୍କିଭର ୧୨୪ ରନର ଶତକୀୟ ପାଳି ଖେଳିଥିଲେ । ବ୍ୟାଟିଂ ତାଲିକାର ଟପ୍-୨୦ରେ ଆଉ ଦୁଇଜଣ ଭାରତୀୟ ଖେଳାଳି ରହିଛନ୍ତି । ସେମାନେ ହେଲେ ଅଧିନାୟିକା ହରମନପ୍ରୀତ୍ କୌର ଓ ଦୀପ୍ତି ଶର୍ମା । କୌର ଗୋଟିଏ ପାହାଚ ତଳକୁ ଖସି ୧୧ତମ ସ୍ଥାନରେ ରହିଛନ୍ତି । ଅପରପକ୍ଷରେ ଦୀପ୍ତି କିନ୍ତୁ ୩ଟି ସ୍ଥାନ ଉପରକୁ ଉଠି ୨୦ରେ ରହିଛନ୍ତି । ଏକଦିବସୀୟ ମହିଳା ବୋଲିଂ ତାଲିକାର ଶୀର୍ଷରେ ଇଂଲଣ୍ଡର ସୋଫି ଏକଲେଷ୍ଟୋନ ରହିଛନ୍ତି । ଏହି ତାଲିକାର ଶୀର୍ଷ-୧୦ରେ ଏକମାତ୍ର ଭାରତୀୟ ଭାବେ ଦୀପ୍ତି ଶର୍ମା ୪ର୍ଥ ସ୍ଥାନ ହାସଲ କରିଛନ୍ତି । ଏକଦିବସୀୟ ଟିମ୍ ତାଲିକାରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ଭାରତ ଯଥାକ୍ରମେ ପ୍ରଥମରୁ ୫ମ ମଧ୍ୟରେ ରହିଛନ୍ତି ।



ପ୍ୟାରିସ ଅଲିମ୍ପିକ୍ସ

# ଫ୍ରାନ୍ସ ତରଫରୁ ଖେଳିବେନି ଏମ୍‌ବାପ୍ପେ



ପ୍ୟାରିସ୍,୧୮ ।୬(ଏଜେନ୍ସି): ଫୁଟବଲ ସୁପରଷ୍ଟାର ତଥା ଫ୍ରାନ୍ସ ଅଧିନାୟକ କିଲିଆନ ଏମବାପ୍ପେ ଆଗାମୀ ପ୍ୟାରସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ନାହିଁ । ଫ୍ରାନ୍ସ ଏହି ମେଗା ଇଭେଣ୍ଟ ଆୟୋଜନ କରୁଥିଲେ ମଧ୍ୟ ଏମ୍‌ବାପ୍ପେ ଅଲିମ୍ପିକ୍ସ ଫୁଟବଲ ଇଭେଣ୍ଟରେ ନିଜ ଦେଶ ପାଇଁ ପ୍ରତିନିଧିତ୍ୱ କରିବେ ନାହିଁ । ସେ କିଛିଦିନ ତଳେ ରିଅଲ ମାଦ୍ରିଦ୍ କ୍ଲବରେ ଯୋଗ ଦେଇଛନ୍ତି । ଏହି କ୍ଲବ ତାଙ୍କୁ ଅଲିମ୍ପିକ୍ସରେ ବାରଣ କରୁଛି ବୋଲି ସେ ସ୍ପଷ୍ଟ କରିଛନ୍ତି । ତେବେ ସେ ଗତ ମାର୍ଚ୍ଚରେ ଅଲିମ୍ପିକ୍ସରେ ଫ୍ରାନ୍ସ ପାଇଁ ପ୍ରତିନିଧିତ୍ୱ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ପୁଣି ଇତିମଧ୍ୟରେ ୟୁରୋକପ୍ ଆରମ୍ଭ ହୋଇଯାଇଥିବା ବେଳେ ସେ ଅଷ୍ଟ୍ରିଆ ବିପକ୍ଷ ମ୍ୟାଚ୍‌ରେ ଫ୍ରାନ୍ସ ଦଳର ନେତୃତ୍ୱ ନେଇଛନ୍ତି । ତେଣୁ ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ଓ କାର୍ଯ୍ୟଭାର ଯୋଗୁ ରିଅଲ ମାଦ୍ରିଦ୍ ତାଙ୍କୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ମନା କରିଛି । ଅଲିମ୍ପିକ୍ସ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜୁଲାଇ ୨୪ରେ ଆରମ୍ଭ ହେବ ଓ ଅଗଷ୍ଟ ୯ ତାରିଖରେ ଶେଷ ହେବ । ପୁଣି ଅଗଷ୍ଟ ୧୪ରେ ପୋଲାଣ୍ଡ ରାଜଧାନୀ ୱାରସରେ ରିଅଲ ମାଦ୍ରିଦ୍ ୟୁଇଏଫ୍‌ଏ ସୁପର କପ୍‌ରେ ଆଟଲାଣ୍ଟା କ୍ଲବକୁ ଭେଟିବ । କ୍ଲବ ଓ ୟୁରୋକପ୍‌କୁ ଗୁରୁତ୍ୱ ଦେଉଥିବାରୁ ଏମ୍‌ବାପ୍ପେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି ।

# ଅଲିମ୍ପିକ୍ସରେ ଭାଗ ନେବେନି ସାବାଲେଙ୍କା



ପ୍ୟାରିସ,୧୮ ।୬(ଏଜେନ୍ସି): ବେଲାରୁଷ ମହିଳା ଟେନିସ ତାରକା ଅରିନା ସାବାଲେଙ୍କା ମଧ୍ୟ ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି । ଆଗକୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ହାର୍ଡକୋର୍ଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ ଓ ଏହାକୁ ଧ୍ୟାନରେ ରଖି ସେ ଅଲିମ୍ପିକ୍ସ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି । ସାବାଲେଙ୍କା ୨୦୨୩ ଓ ୨୦୨୪ରେ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ହାସଲ କରି କ୍ୟାରିୟରରେ ମୋଟ୍ ଉପରେ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି । କିନ୍ତୁ ଗତ ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ସେ କ୍ୱାର୍ଟର ଫାଇନାଲରେ ୧୭ ବର୍ଷୀୟା ରୁଷୀୟ ଟେନିସ ତାରକା ମୀରା ଆନ୍ଦ୍ରିଭାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ । ଗତକିଛି ଦିନ ହେବ ସ୍ୱାସ୍ଥ୍ୟ ଠିକ୍ ନ ଥିବାରୁ ଓ ଆଗାମୀ ହାର୍ଡକୋର୍ଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି କରିବାକୁ ସେ ବିଶ୍ରାମ ନେବାକୁ ଚାହୁଁଛନ୍ତି ବୋଲି କହିଛନ୍ତି । ଆଗାମୀ ବର୍ଲିନ ଓପନ୍ ଟୁର୍ଣ୍ଣାମେଣ୍ଟରେ ସେ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ରୁଷିଆର ଡାରିଆ କାସାତକିନାଙ୍କୁ ଭେଟିବେ ।

# ଆମେରିକା କ୍ରିକେଟ ଉପରେ ବିଶ୍ୱକପ୍‌ର ପ୍ରଭାବ

ଚଳିତ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣକୁ ଆମେରିକା ଓ ୱେଷ୍ଟଇଣ୍ଡିଜ ମିଳିତ ଭାବେ ଆୟୋଜନ କରୁଛନ୍ତି । ପ୍ରଥମଥର ପାଇଁ ଆମେରିକାରେ କୌଣସି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଇଭେଣ୍ଟ ଆୟୋଜନ ହେଉଛି । ଆମେରିକା ପାଇଁ ଏହା ଏକ ବଡ଼ ଉପଲବ୍ଧୀ ସାବ୍ୟସ୍ତ ହୋଇଛି । ସହ-ଆୟୋଜକ ଭାବେ ଆମେରିକା ବେଶ୍ ସଫଳତା ହାସଲ କରିଛି । ଏହି ଦେଶରେ ଆୟୋଜିତ ବିଶ୍ୱକପ୍‌ର ସବୁ ମ୍ୟାଚ୍ ଅତି ସୁନ୍ଦର ଭାବେ ଆୟୋଜିତ ହୋଇଛି । ସୁରକ୍ଷା ତଥା ନିରାପତ୍ତା ଦୃଷ୍ଟିକୋଣରୁ ଆମେରିକାର ବିଶ୍ୱକପ୍ ଆୟୋଜନ ସଫଳ ହୋଇଛି । ଯଦିଓ ଆମେରିକାର କେତୋଟି ପିଚ୍ ନେଇ ବିବାଦ ସୃଷ୍ଟି ହୋଇଛି । ତେବେ ଆମେରିକା କ୍ରିକେଟ ଉପରେ ଏହି ବିଶ୍ୱକପ୍‌ର ଆୟୋଜନ କି ପ୍ରଭାବ ପକାଇଛି ସେ ନେଇ ଅନେକଙ୍କ ମନରେ ପ୍ରଶ୍ନ ଉଠିଛି ।




## ଲୋକପ୍ରିୟତାରେ ବୃଦ୍ଧି ହୋଇଛି

ଟି-୨୦ ବିଶ୍ୱକପ୍ ଆୟୋଜନ ଆମେରିକା କ୍ରିକେଟକୁ ଆହୁରି ଉନ୍ନତ କରିବା ସହ ଲୋକଲୋଚନକୁ ଆଣିଛି । ଆୟୋଜକ ଭାବେ ଏହି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିବା ଆମେରିକା ୨୦୦୯ ସଂସ୍କରଣ ଚାମ୍ପିଅନ ପାକିସ୍ତାନକୁ ଗ୍ରୁପ୍ ଏ'ରେ ପରାସ୍ତ କରି ବଡ଼ ବିପର୍ଯ୍ୟୟ ସୃଷ୍ଟି କରିବା ସହ ଦକ୍ଷତାର ପ୍ରମାଣ ଦେଇଛି । ଆମେରିକା ଗ୍ରୁପ୍ ଏ'ରେ ଦ୍ୱିତୀୟ ସ୍ଥାନରେ ରହି ସୁପର-୮ରେ ପ୍ରବେଶ କରିଛି । ଏହା ନିଶ୍ଚିତ ଭାବେ ଆମେରିକାରେ କ୍ରିକେଟର ମାନ ଓ ଲୋକପ୍ରିୟତାକୁ ସୂଚାଉଛି । ବିଶ୍ୱକପ୍‌ରେ ଏହି ସଫଳତା ଆମେରିକା କ୍ରିକେଟକୁ ଆଗକୁ ବଢାଇବାରେ ସହାୟ ହେବ ।

## ଡିଜିଟାଲ ପ୍ଲାଟ୍‌ଫର୍ମରେ ୟୁଜରଙ୍କ ସଂଖ୍ୟାରେ ବୃଦ୍ଧି

ଡିଜିଟାଲ ପ୍ଲାଟଫର୍ମରେ ଆମେରିକାର ୟୁଜରଙ୍କ ସଂଖ୍ୟାରେ ଆଶାତୀତ ବୃଦ୍ଧି ପାଇଛି । ଏହି ସଂଖ୍ୟା ୨୧ରୁ ୬୧ ପ୍ରତିଶତକୁ ବୃଦ୍ଧି ପାଇଛି । ବିଶ୍ୱ କ୍ରିକେଟରେ ଆମେରିକା ଶ୍ରେଷ୍ଠ ୪ଟି ମିଡିଆ ମାର୍କେଟ ଅର୍ଥାତ ଗଣମାଧ୍ୟମ ବଜାରରେ ସ୍ଥାନ ପାଇଛି । ପୂର୍ବରୁ ଆମେରିକାରେ ମେଜର କ୍ରିକେଟ ଲିଗ୍ (ଏମ୍‌ସିଏଲ୍) ସଫଳତାର ସହ ଆରମ୍ଭ ହୋଇ ସାରିଛି । ଏମ୍‌ଏଲ୍‌ସି ଆମେରିକା କ୍ରିକେଟ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଥିଲା । ଏହା ବିଶ୍ୱକପ୍ ଆୟୋଜନ ପାଇଁ ବାଟ ଫିଟାଇଥିଲା । ପୁଣି ଏହି ପ୍ରକ୍ରିୟା ଆଗକୁ ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।



## ୧୮୪୪ରେ ଆମେରିକା- କାନାଡା ମ୍ୟାଚ୍ ଖେଳାଯାଇଥିଲା

ଚଳିତ ଟି-୨୦ ବିଶ୍ୱକପ୍ ଆମେରିକାରେ କ୍ରିକେଟର ନୂଆ ପରମ୍ପରା ସୃଷ୍ଟି କରିଛି । କିନ୍ତୁ ଉନବିଂଶ ଶତାବ୍ଦୀରେ ଆମେରିକାରେ କ୍ରିକେଟ ଆଦୌ ଲୋକପ୍ରିୟତା ହାସଲ କରିପାରି ନଥିଲା । କ୍ରିକେଟ ଉପରେ ବ୍ରିଟେନର ଇଂରେଜ ଲୋକଙ୍କ ଆଧିପତ୍ୟ କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଥିଲା ବୋଲି କୁହାଯାଇଛି । ତେବେ ୧୮୪୪ରେ ଆମେରିକା ଓ କାନାଡା ମଧ୍ୟରେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଖେଳାଯାଇଥିଲା । ଏହାକୁ ସେଣ୍ଟ ଜର୍ଜ କ୍ରିକେଟ କ୍ଲବ (ନ୍ୟୁୟର୍କ କ୍ରିକେଟ କ୍ଲବ) ଆୟୋଜନ କରିଥିଲା । ତେଣୁ କ୍ରିକେଟ ଆମେରିକା ପାଇଁ ଆଦୌ ନୂଆ ହୋଇ ନଥିଲେ ମଧ୍ୟ ଲୋକପ୍ରିୟତା ହାସଲ କରିପାରି ନଥିଲା ।

## ଆମେରିକା ଦଳରେ ୮ ଭାରତୀୟ ବଂଶୋଦ୍ଭବ

ଆମେରିକା ଦଳରେ ଭାରତୀୟ ବଂଶୋଦ୍ଭବଙ୍କ ପ୍ରଭାବ ଅଧିକ ଦେଖିବାକୁ ମିଳିଛି । ଦଳରେ ୮ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ସାମିଲ ହୋଇଛନ୍ତି । ଆମେରିକା ଦଳକୁ ଇଣ୍ଡିଆ ବି' ବୋଲି କେତେକ କହୁଛନ୍ତି । ଦଳରେ ଦୁଇଜଣ ପାକିସ୍ତାନୀ, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ନେଦରଲାଣ୍ଡସର ଜଣେ ଲେଖାଏ ଖେଳାଳି ମଧ୍ୟ ସାମିଲ ରହିଛନ୍ତି । ଆମେରିକା ଦଳରେ ଭାରତ ସମେତ ୬ଟି ଦେଶର ଖେଳାଳି ସାମିଲ ହୋଇଛନ୍ତି । ତେଣୁ ଆମେରିକା କ୍ରିକେଟକୁ ୬ଟି ଦେଶର ପ୍ରଶଂସକ ଅନୁସରଣ କରୁଛନ୍ତି କହିଲେ ଭୁଲ ହେବ ନାହିଁ । ଆମେରିକା ଆଇସିସିର ଆସୋସିଏଟ ଦେଶର ମାନ୍ୟତା ପାଇଛି । ଏହି ଭଳି ଭାବେ କ୍ରିକେଟର ମାନ ଓ ଲୋକପ୍ରିୟତା ବୃଦ୍ଧି ପାଇଲେ ଆମେରିକା କ୍ରିକେଟ ନିକଟ ଭବିଷ୍ୟତରେ ନୂଆ ସୋପାନରେ ପହଞ୍ଚିବ ଓ ପ୍ରଶଂସକ ନିକଟରେ ବେସବଲ, ଫୁଟବଲ, ବାସ୍କେଟବଲ କ୍ରୀଡ଼ା ଭଳି ଗୁରୁତ୍ୱ ହାସଲ କରିବ ।

## ୧୨୮ ବର୍ଷ ପରେ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ

ଆମେରିକାରେ କ୍ରିକେଟର ଉନ୍ନତିକୁ ଦୃଷ୍ଟିରେ ରଖି ଆଗାମୀ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଛି । ଦୀର୍ଘ ୧୨୮ ବର୍ଷ ପରେ ପୁଣି ଥରେ କ୍ରିକେଟକୁ ଏହି ମେଗା ଇଭେଣ୍ଟରେ ସାମିଲ କରାଯାଇଛି । ଶେଷଥର ପାଇଁ ୧୯୦୦ ଅଲିମ୍ପିକ୍ସରେ କ୍ରିକେଟ ଖେଳାଯାଇଥିଲା । ତେଣୁ ଅଲିମ୍ପିକ୍ସରେ କ୍ରିକେଟ ସାମିଲ ହେବା ଦ୍ୱାରା ଆମେରିକାରେ କ୍ରିକେଟର ଗୁରୁତ୍ୱରେ ଉନ୍ନତି ଆସିଥିବା ପ୍ରମାଣିତ ହୋଇଛି ।






# 'ଜୁମର୍ସ'ଙ୍କ ଜୀବନଶୈଳୀ





## ମୋବାଇଲ୍ ଆସକ୍ତ

ଆଜିର ଯୁବପିଢ଼ି, ଯେଉଁମାନେ ୧୯୯୭-୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଛନ୍ତି । ସେମାନଙ୍କୁ 'ଜେନରେସନ ଜେଡ୍'ର ଟ୍ୟାଗ୍ ପ୍ରଦାନ କରାଯାଇଛି । ଜେନରେସନ୍ ଜେଡ୍‌ଙ୍କୁ ସାଧାରଣତଃ 'ଜୁମର୍ସ' ବୋଲି କୁହାଯାଉଛି । 'ଜୁମର୍ସ' ହେଉଛନ୍ତି 'ଇନଷ୍ଟାଗ୍ରାମ୍ ଜେନରେସନ୍ ।' ଯେଉଁମାନେ ବହି ତୁଳନାରେ ନିଜ ଫୋନ୍‌ରେ ଅଧିକ ସମୟ ଅତିବାହିତ କରନ୍ତି । ଖବରକାଗଜ ପରିବର୍ତ୍ତେ ସାମାଜିକ ଗଣମାଧ୍ୟମରେ ଖବର ପଢ଼ିବା, ଟ୍ରେଣ୍ଡିଂ ମିମ୍ ତିଆରି କରିବା ହେଉଛି ଜୁମର୍ସ ଯୁବବର୍ଗଙ୍କ ଜୀବନଶୈଳୀ ।

## ପରିଶ୍ରମ କାତର

ଜେନରେସନ୍ ଜେଡ୍ କହିବାକୁ ଗଲେ ଇଣ୍ଟରନେଟ୍ ସହ ବଡ଼ ହୋଇଛନ୍ତି । ସେଥିପାଇଁ ସେମାନଙ୍କୁ 'ଡିଜିଟାଲ ନେଟିଭ୍' କୁହାଯାଏ । ଏହି ପିଢ଼ିର ଯୁବବର୍ଗ ଖୁବ୍ ଶକ୍ତିଶାଳୀ ହୋଇଥିଲେ ହେଁ କଠିନ ପରିଶ୍ରମ କରିବାକୁ ଭଲ ପାଆନ୍ତି ନାହିଁ । ସେମାନଙ୍କ ପାଇଁ ସ୍ମାର୍ଟ କାମ ହେଉଛି ସବୁଠୁ ଭଲ କାମ । ମୁଖ୍ୟତଃ ସଟ୍‌କର୍ଟରେ କରାଯାଉଥିବା କାମ ହେଉଛି ସେମାନଙ୍କ ପାଇଁ ସ୍ମାର୍ଟ ୱାର୍କ । ସୋସିଆଲ ମିଡିଆ ପ୍ରତି ଏହି ଯୁବବର୍ଗ ଖୁବ୍ ଆସକ୍ତ । ଜୀବନର ପ୍ରତ୍ୟେକ ଘଟଣାକୁ ସ୍ନାପ୍‌ଚାଟ୍‌ରେ ସେୟାର୍ କରିବାକୁ ପସନ୍ଦ କରନ୍ତି । ସେହିପରି ସେମାନେ ଇନ୍‌ଷ୍ଟାଗ୍ରାମ୍ ଫ୍ରେଣ୍ଡଲି । ପ୍ରତ୍ୟେକ ଦିନ ସେମାନେ ଷ୍ଟୋରି ଏବଂ ରିଲ୍ସ ସାମାଜିକ ଗଣମାଧ୍ୟମରେ ସେୟାର୍ କରନ୍ତି । ଅନ୍ୟପଟେ ୱାର୍କ ଲାଇଫ୍ ବାଲାନ୍ସ ଏବଂ ମାନସିକ ସୁସ୍ଥତାକୁ ପ୍ରାଥମିକତା ଦିଅନ୍ତି । ମୁଖ୍ୟତଃ ସାଙ୍ଗ ଓ ପରିବାରଠୁ ଅନ୍ୟ କିଛି ଜରୁରି ବୋଲି ସେମାନେ ଭାବନ୍ତି ନାହିଁ ।

## ନୂଆ କର୍ମ ସଂସ୍ଥାନ ସନ୍ଧାନରେ

'ଜୁମର୍ସ'ମାନେ କେବଳ ସାମାଜିକ ଗଣମାଧ୍ୟମ, ରିଲ୍ସ, ସ୍ନାପ୍‌ଚାଟ୍ ପର୍ଯ୍ୟନ୍ତ ସୀମିତ ନାହାନ୍ତି । ସେମାନେ ସ୍ୱାସ୍ଥ୍ୟ, କ୍ୟାରିୟର୍, ଓ ଟ୍ରାଭେଲ୍‌କୁ ମଧ୍ୟ ସମାନ ଗୁରୁତ୍ୱ ପ୍ରଦାନ କରନ୍ତି । 'ଜୁମର୍ସ' ମାନେ ସ୍ମାର୍ଟ ଉପାୟରେ କ୍ୟାରିୟର୍‌ରେ ଉନ୍ନତି ଆଣିବା ଏବଂ ସେଲ୍ଫ ଡେଭଲପ୍‌ମେଣ୍ଟ ଉପରେ ବିଶ୍ୱାସ ରଖନ୍ତି । ଏହି ବିଶ୍ୱାସର ସହ ଜୁମର୍ସ ଅଫିସ୍‌ରେ ନିଜର ବିକାଶ ଦିଗରେ ବିଶେଷ ଦୃଷ୍ଟି ଦିଅନ୍ତି । ନୂତନ ଚାକିରି ସନ୍ଧାନ, ଭଲ ଦରମା, ନୂତନ ପଦବି ହାସଲ କରିବା ଦିଗରେ ସେମାନଙ୍କ ଆଗ୍ରହ ଦେଖିବାକୁ ମିଳିଥାଏ । ଏହିପରି ଭାବେ ଅଫିସ୍ କାମରେ ପରିବର୍ତ୍ତନ ଆଣୁଥିବା ଦେଖାଯାଉଛି । ଜେନ୍-ଜେଡ୍ କୁଲ୍ ଓ ମିମ୍ ପରମ୍ପରାକୁ ଅନୁସରଣ କରନ୍ତି । ନିଜ କଥାକୁ ସାମାଜିକ ଗଣମାଧ୍ୟମ ଅନୁସାରେ କହିବା ଏବଂ କାହାର ପ୍ରଶଂସା ତଥା ମଜା କରିବା ବେଳେ ସୋସିଆଲ ମିଡିଆ ମିମ୍ ଅନୁସାରେ କହନ୍ତି । ସେହିପରି ଅଧିକ ସମୟ କାମ କରିବା ଉପରେ ବିଶ୍ୱାସ ରଖନ୍ତି ନାହିଁ । ଜୁମର୍ସ ଯୁବବର୍ଗ ଦରମା ଅନୁସାରେ କାମ କରିବାକୁ ଉଚିତ ମଣନ୍ତି । ଏହି ପିଢ଼ିର ଅନ୍ୟତମ ବିଶେଷତ୍ୱ ହେଉଛି ଅନ୍ୟ କାହାର ସାହାଯ୍ୟ ନ ନେଇ ନିଜର ସାହାଯ୍ୟ ନିଜେ କରିବା । କୌଣସି ସମସ୍ୟା ଅନ୍‌ଲାଇନ୍‌ରେ ସର୍ଚ୍ଚ କରି ତାହାର ସମାଧାନ ନିଜେ କରନ୍ତି ।

## ମିମ୍, ଏଆଇ ପସନ୍ଦ

ବହୁତ ଲୋକ ଏଆଇ ଟୁଲ୍ ଉପରେ ବିଶ୍ୱାସ କରୁ ନ ଥିବା ଦେଖାଯାଏ । ଏହାବାଦ୍ ଆଉ କିଛି ଲୋକଙ୍କ ପାଇଁ ଏହାକୁ ବ୍ୟବହାର କରିବା ସହଜ ହୋଇ ନ ଥାଏ, କିନ୍ତୁ ଜୁମର୍ସଙ୍କ ପାଇଁ ଏହା ହେଉଛି ବାମ ହାତର ଖେଳ । ଏହି ପିଢ଼ି ଏଆଇ ଏବଂ ଚାଟ୍‌ଜିପିଟି ମାଧ୍ୟମରେ କାମ କରିବାକୁ ସହଜ ପ୍ଲାଟ୍‌ଫର୍ମ ବୋଲି ମାନନ୍ତି । ଅନ୍ୟପଟେ ଏହି ଯୁବପିଢ଼ି ଖେଳ ଏବଂ ଅନଲାଇନ୍ ଗେମ୍ ପ୍ରତି ସଉକ ରଖନ୍ତି । ଏହିପରି ଭାବେ କାମ ମଧ୍ୟରେ ଅନ୍‌ଲାଇନ୍ ଗେମ୍ ଖେଳି କାମ ମଝିରେ ବ୍ରେକ୍ ନେବାକୁ ଭଲ ପାଆନ୍ତି ।

ଏବର ସମୟରେ ଜେନରେସନ୍-ଜେଡ୍‌ର ସଂଖ୍ୟା ଦ୍ରୁତ ଭାବେ ବୃଦ୍ଧି ପାଉଛି । ଅଫିସ୍‌ରେ ୨୧-୨୨ ବର୍ଷ ବୟସର ଟ୍ରେନର୍, ଫ୍ରେସର୍‌ଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି । ସେମାନଙ୍କ କାମ କରିବା ତରିକା ମଧ୍ୟ ଅଲଗା । କଥାବାର୍ତ୍ତାରେ ନୂଆ ତଥା ସର୍ଟକଟ୍ ଶବ୍ଦ, କାମ କରିବା ସମୟରେ ଗୀତ ଗାଇବା, ବିନ୍ଦାସ ଭାବେ କାମ କରୁଥିବା ଦେଖାଯାଉଛି । ଏପରି ସ୍ଥଳେ ସେମାନଙ୍କ ସହ କାମ କରୁଥିବା ବରିଷ୍ଠ କର୍ମଚାରୀ, ଯେଉଁମାନେ ମିଲେନିୟମ୍ ବା ଫାଷ୍ଟ ଜେନରେସନ (୧୯୯୬ ପୂର୍ବର ଲୋକ)ର, ସେମାନଙ୍କୁ ଜେନ୍-ଜେଡ୍‌ଙ୍କ ସହ ତାଳମେଳ ରଖି କାମ କରିବା ଏବଂ ସେମାନଙ୍କ କଥାବାର୍ତ୍ତା ବୁଝିବାରେ ସମସ୍ୟା ସାମ୍ନା କରିବାକୁ ପଡୁଛି । ଏ ଦୃଷ୍ଟିରୁ ଏହି 'ଜୁମର୍ସ'ଙ୍କ ଜୀବନଶୈଳୀ କେମିତି, ସେମାନଙ୍କ କାର୍ଯ୍ୟଶୈଳୀ କିପରି ହୋଇଥାଏ, ତାହାକୁ ନେଇ ଏହି ଉପସ୍ଥାପନା ।



# ସ୍ମାର୍ଟୱାଚ୍‌ରେ ହ୍ୱାଟସ୍‌ଆପ୍

ସମ୍ପ୍ରତି ସମସ୍ତେ ହ୍ୱାଟସ୍‌ଆପ୍‌କୁ ବହୁଳ ବ୍ୟବହାର କରୁଛନ୍ତି । ତେବେ ଏହାର ବ୍ୟବହାର କେବଳ ଫୋନ୍‌ରେ ହୋଇପାରୁଛି ତାହା ନୁହେଁ, ସ୍ମାର୍ଟୱାଚ୍‌ରେ ଏହାକୁ ଡାଉନ୍‌ଲୋଡ୍ କରାଯାଇପାରିବ । ୱିୟର୍ ଓଏସ୍ ସାହାଯ୍ୟରେ ଖୁବ୍ ସହଜରେ ଫୋନ୍ ବିନା ସ୍ମାର୍ଟୱାଚ୍‌ରେ ଚାଟିଂ କରିବା ସମ୍ଭବ ।

- ପ୍ରଥମେ ଗୁଗଲ୍ ପ୍ଲେ ଷ୍ଟୋର୍‌ରୁ ୱିୟର୍ ଓଏସ୍ ଆପ୍‌କୁ ଇନ୍‌ଷ୍ଟଲ କରିବାକୁ ହେବ ।
- ଏହାପରେ ସ୍ମାର୍ଟୱାଚ୍‌କୁ ଫୋନ୍ ସହ ସଂଯୁକ୍ତ କରିବା ପାଇଁ ନିର୍ଦ୍ଦେଶ ମାନିବାକୁ ହେବ ।
- ସମସ୍ତ ନିୟମ ପାଳନ କରିବା ପରେ ହ୍ୱାଟ୍ସଆପ୍‌କୁ ଓପନ୍ କରନ୍ତୁ ।
- ଏହାପରେ ଏଥିରେ ୮ ଡିଜିଟ୍‌ର କୋଡ୍ ଦେଖିବାକୁ ମିଳିବ ।
- ପରେ ଆଣ୍ଡ୍ରଏଡ୍ ଫୋନ୍‌ରେ ହ୍ୱାଟ୍ସଆପ୍ ଓପନ କଲେ ନୋଟିଫିକେସନ୍ ଦୃଷ୍ଟିଗୋଚର ହେବ ।
- ଏହାପରେ କନେକ୍ଟ ଅପସନ୍‌ରେ ଟ୍ୟାପ୍ କରି ୮ ଡିଜିଟ୍‌କୁ ଏଣ୍ଟର କରିବାକୁ ହେବ ।
- ହ୍ୱାର୍ଟଆପ୍ ଓପନ ହେବା ପରେ ଏଥିରେ ମେସେଜ ଓ ଚାଟ୍‌କୁ ଦେଖିପାରିବେ ।
- ଅବଶ୍ୟ ସ୍ମାର୍ଟୱାଚ୍‌ରେ ହ୍ୱାଟ୍ସଆପ୍‌ରେ ମେସେଜ ପଠାଇବା ଓ ପଢ଼ିବା ସମ୍ଭବ, କିନ୍ତୁ ଏଥିରେ କଲ୍ କି ଭିଡିଓ କଲ୍ କରିବାର ସୁବିଧା ମିଳି ନ ଥାଏ ।



# ସୃଜନଶୀଳ ବାମହାତୀ

ଡାହାଣ ହାତ ପରିବର୍ତ୍ତେ ବାମ ହାତରେ କାମ କରୁଥିବା ଲୋକଙ୍କୁ ବାମହାତୀ କୁହାଯାଏ । ତେବେ ବାମହାତୀ ଲୋକ ଅନ୍ୟମାନଙ୍କଠାରୁ ସ୍ମାର୍ଟ ଓ ଅଲଗା ହୋଇଥାନ୍ତି । ସେମାନଙ୍କୁ ସୃଜନଶୀଳ ଏବଂ ବୁଦ୍ଧିମାନ ବୋଲି କୁହାଯାଏ । ସେହିପରି ବାମହାତୀଙ୍କୁ ନେଇ ଅନେକ ରୋଚକ ତଥ୍ୟ ବି ଅଛି । ପେନ୍‌ସିଲ୍‌ଭାନିଆର ଜୁନିୟାତ୍ କଲେଜରେ ବାମହାତୀ ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ୍ ମିଳିଥାଏ । ଅବଶ୍ୟ ସେମାନଙ୍କର ଏକାଡେମିକ୍ ଭଲ ଥିବା ଦରକାର ।

ଏନ୍‌ସିବିଆଇର ଗବେଷଣାନୁସାରେ, ବାମ ହାତର କାର୍ଯ୍ୟ ହେଉଛି ଏକ ସାଧାରଣ ଆକ୍ଟିଭିଟି । ନଚେତ୍ ଜେନେଟିକ୍, ନହେଲେ ଶିଖିବାର ଏକ କଳା । ଅବଶ୍ୟ ବାମହାତୀଙ୍କ ସଂଖ୍ୟା ଡାହାଣ ହାତ ଲୋକଙ୍କ ତୁଳନାରେ କମ୍ । ସେହିପରି ଷ୍ଟାଣ୍ଡଫର୍ଡରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁମାନେ ବାମହାତୀ, ସେମାନେ ସବୁ ସମୟରେ କିଛି ନା କିଛି ଜିନିଷକୁ ନେଇ ନୂଆ ଚିନ୍ତା କରନ୍ତି । ସେମାନଙ୍କ ପାଖରେ ବୁଝିବା ଶକ୍ତି ଅନ୍ୟମାନଙ୍କ ତୁଳନାରେ ଭଲ । ବାମହାତୀ ଟେନିସ୍, ବାସ୍କେଟ୍ ବଲ୍ ଖେଳରେ ଭଲ ପ୍ରଦର୍ଶନ କରୁଥିବା ବି କୁହାଯାଇଛି । ଅବଶ୍ୟ ବାମ ହାତ ଓ ଡାହଣ ହାତ ଲୋକଙ୍କ ବ୍ୟକ୍ତିତ୍ୱ ମଧ୍ୟରେ କୌଣସି ଫରକ୍ ନ ଥାଏ । ଅନେକ ସମୟରେ ଏଭଳି ବି ଦେଖାଯାଏ, ବାମହାତରେ କାମ କରିବା ଦ୍ୱାରା ଭୁଲ୍‌ଭାଲ୍ ହୋଇଥାଏ । ଅନ୍ୟପଟେ ବିଲ୍ ଗେଟ୍‌ସ, ଏଞ୍ଜେଲିନା ଜୋଲି, ଅମିତାଭ ବଚ୍ଚନ, ସୋନାକ୍ଷୀ ସିହ୍ନା, କପିଲ ଶର୍ମା ପ୍ରମୁଖ ବାମହାତୀ ।

# କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



**Across**
2. To hide ones true feelings
4. A narrow crack
8. The act of smothering ones actions
11. To annoy others
12. To pretend
14. Sound judgment
15. Energetic hand or arm gestures
16. To do something with intense emotions

**Down**
1. To create an idea
3. Someone who is false or deceptive
5. Small wooden beams that support the floor
6. Types of beetles that make a tapping sound with their head
7. The act of being shamelessly bold or daring
9. Jeering laughter or ridicule
10. Awful drumming
13. Graceful politeness

# ଗ୍ରାଫିକ୍ ପ୍ରିଣ୍ଟ ପ୍ରେମରେ ଯୁବପିଢ଼ି

ଗରମରେ ଆରାମଦାୟକ ପୋଷାକ ହିଁ ପିନ୍ଧିବାକୁ ଭଲ ଲାଗେ । ଖରାଦିନେ ଫ୍ଲୋରାଲ ପ୍ରିଣ୍ଟର ଡ୍ରେସ୍‌କୁ ଅଧିକ ପସନ୍ଦ କରାଯାଏ । ଯୁବତୀମାନେ ଫ୍ଲୋରାଲ ଡ୍ରେସ୍, ଗାଉନ୍ ପିନ୍ଧୁଥିବା ବେଳେ ଯୁବକମାନେ ଫ୍ଲୋରାଲ ସାର୍ଟ ପିନ୍ଧିଥାନ୍ତି । ଏହାରି ଭିତରେ ରଙ୍ଗିନ ଗ୍ରାଫିକ୍ ପ୍ରିଣ୍ଟର ଡ୍ରେସ୍‌କୁ ସେମାନେ ଅଧିକ ପସନ୍ଦ କରୁଛନ୍ତି । ଏପରିକି ଗ୍ରାଫିକ୍ ପ୍ରିଣ୍ଟର ସ୍ଲୋଗାନ୍ ଟି-ସାର୍ଟ ପ୍ରତି ଉଭୟ ଯୁବକ ଓ ଯୁବତୀଙ୍କ ଆଗ୍ରହ ବଢ଼ିଛି । ଡେନିମ୍ ସହ ଏପ୍ରକାର ଟି-ସାର୍ଟ ବେଶ୍ ଭଲ ମାନୁଛି । ଗ୍ରାଫିକ୍ ଟି-ସାର୍ଟ ଡ୍ରେସ୍‌ର ବି ଏବେ ଖୁବ୍ ଚାହିଦା ଅଛି । ଏହି ଡ୍ରେସ୍‌କୁ ଅଧିକ ଆକର୍ଷକ କରିବା ପାଇଁ ଏଥିରେ ସ୍ନିକର୍ସକୁ ସାମିଲ କରିପାରିବେ । ଏ ପ୍ରକାର ପ୍ରିଣ୍ଟ ଯୁକ୍ତ ଟି-ସାର୍ଟକୁ ସର୍ଟ ସ୍କର୍ଟ ସହ ପିନ୍ଧିଲେ ଭଲ ଲାଗେ । ହାଇ ମେସି ପୋନିଟେଲ ଏ ପ୍ରକାର ଲୁକ୍‌କୁ ଭଲ ମାନେ । ପୁଆମନେ ଏହାକୁ ଲୁଜ୍ ପ୍ୟାଣ୍ଟ, ଧୋତି ପ୍ୟାଣ୍ଟ ସହ ପିନ୍ଧିଲେ ଭଲ ଲାଗିଥାଏ । ଏୟାରପୋର୍ଟ ଲୁକ୍ ପାଇଁ ଏଭଳି ଷ୍ଟାଇଲକୁ ଅନେକ ଆପଣାଉଛନ୍ତି । ଏହି ସାର୍ଟର ସମ୍ମୁଖ ଓ ପଛରେ ଗ୍ରାଫିକ୍ ନଜର ଆସୁଛି ।



## କ୍ୟାରିୟର ଭୟ

# ବ୍ୟକ୍ତିତ୍ୱକୁ କରେ ପ୍ରଭାବିତ



ଆଜିର ସମୟରେ ସମସ୍ତେ ନିଜ କ୍ୟାରିୟର୍‌ର ଉନ୍ନତି ଦିଗରେ ଯତ୍ନବାନ ଅଛନ୍ତି । ତେବେ କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନେ ନିଜ କ୍ୟାରିୟରକୁ ନେଇ ଭୟଭୀତ ରହନ୍ତି । ଏହା ଦ୍ୱାରା ସେମାନଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ନିମ୍ନ ପ୍ରଦତ୍ତ କିଛି ଟିପ୍ସକୁ ଆପଣାଇ ଏହି ଭୟ ନିଜ ଭିତରୁ ଦୂରେଇ ପାରିବେ ।

- କ୍ୟାରିୟର ଭୟକୁ ଆୟତ୍ତରେ ରଖିବା ପାଇଁ ନିଜର ସାମର୍ଥ୍ୟ ଉପରେ ବିଶ୍ୱାସ ରହିବା ଜରୁରି ।
- ସମୟ ସହିତ ନୂଆ ନୂଆ ଜିନିଷ ଶିଖିବା ଦରକାର । ଏହାଦ୍ୱାରା ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧିପାଏ । ତା'ସହ ମନରେ ଥିବା କ୍ୟାରିୟର ଭୟ ମଧ୍ୟ କମ୍ ହେବ ।
- ଯେଉଁ ଜିନିଷ ଉପରେ ନିୟନ୍ତ୍ରଣ କରିବା ସମ୍ଭବ, ସେ ଦିଗରେ ଦୃଷ୍ଟି ଦିଅନ୍ତୁ ।
- ନିଜକୁ ଭଲପାଇବା ସହ ଲକ୍ଷ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ।

# 'ଦିନର ଲକ୍ଷ୍ୟ ପୂରଣ ନ କରି କେବେ ଶୋଇନି'

'ମୋ ହିସାବରେ ପଢ଼ାକୁ ନେଇ ନିଜ ଭିତରେ ଜିଦ୍ ରହିବା ଦରକାର । ଏହାଦ୍ୱାରା ହିଁ ଜଣେ ଆଗକୁ ଯାଇପାରିବେ । ଟପ୍ପର ହେବା ପାଇଁ ସ୍ୱପ୍ନ ରହିବା ଦରକାର ଆଉ ପ୍ରୋତ୍ସାହନ ମିଳିବା ଜରୁରି ।' ଏଭଳି କିଛି କହନ୍ତି, ଜେଇଇ ଆଡଭାନ୍ସ-୨୦୨୪ର ଟପ୍ପର ବେଦ ଲାହୋଟି । ୯୮.୬୧ ପ୍ରତିଶତ ମାର୍କ ରଖି ସେ ଅଲ୍ ଇଣ୍ଡିଆ ଟପ୍ପର ହୋଇଛନ୍ତି ।



ଇନ୍ଦୋରରେ ରହନ୍ତି ବେଦ । ସେ ଜେଇଇ ଆଡଭାନ୍ସ ୨୦୨୪ରେ ୩୬୦ରୁ ୩୫୫ ମାର୍କ ରଖିଛନ୍ତି । ତାଙ୍କର ସଫଳତା ଏବେ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି । ତେବେ ଏଭଳି ସଫଳତା ପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଛି । ଦୁଇବର୍ଷ ହେବ ସେ ଏନେଇ କଠିନ ପରିଶ୍ରମ କରି ଆସୁଥିଲେ । ତାଙ୍କର ସଫଳତାରେ ତାଙ୍କ ବାପା ଯୋଗେଶ ଲାହୋଟି ଏବଂ ମାଆ ଜୟା ଲାହୋଟିଙ୍କ ସମେତ ଶିକ୍ଷକମାନେ ବି ଖୁବ୍ ଖୁସି ଅଛନ୍ତି ।

ଏହି ପରୀକ୍ଷା ପ୍ରସ୍ତୁତି ପାଇଁ ସେ ନିତିଦିନ କିଛି ନା କିଛି ଛୋଟ ଲକ୍ଷ୍ୟ ସ୍ଥିର କରୁଥିଲେ । ସେହି ଛୋଟ ଲକ୍ଷ୍ୟ ପୂରଣ ଦିଗରେ ସେ କାର୍ଯ୍ୟ କରନ୍ତି । ଏପରିକି ପ୍ରତ୍ୟେକ ଦିନର ଲକ୍ଷ୍ୟ ପୂରଣ ନ କରି ସେ ଶୋଉ ନ ଥିବା କହିଛନ୍ତି । ଅନ୍ୟପକ୍ଷରେ ଏ ଲାଗି ପରିବାରର ପୂରା ସମର୍ଥନ ଓ ପ୍ରୋତ୍ସାହନ ତାଙ୍କୁ ମିଳିଛି । ତାଙ୍କ ପରିବାର ତାଙ୍କ ପାଇଁ ଖୁବ୍ ତ୍ୟାଗ ମଧ୍ୟ କରିଛନ୍ତି । ତେବେ ସେ ଘରଠୁ ଦୂରରେ ରହି ହଷ୍ଟେଲରେ ପଢ଼ାପଢ଼ି କରୁଥିଲେ ମଧ୍ୟ ତାଙ୍କ ମାଆ ସବୁବେଳେ ତାଙ୍କୁ ଦେଖା କରିବାକୁ ଆସିବା ସହ ତାଙ୍କ ଡାଏଟ୍ ଓ ଏକ୍ସରସାଇଜ୍ କଥା ବୁଝିଥାନ୍ତି ।

ଅନ୍ୟପଟେ ଏହି ସଫଳତା ପାଇଁ ସେ ଅଲଗା କିଛି କାମ କରି ନ ଥିବା କହିଛନ୍ତି । କିନ୍ତୁ ଜେଇଇର ସିଲାବସ୍ ବଡ଼ ହୋଇଥିବାରୁ ଦିନର ଲକ୍ଷ୍ୟକୁ ପୂରଣ ସେ ନିହାତି କରୁଥିଲେ । ପଢ଼ା ପ୍ରତି ଆଗ୍ରହ ରଖି ଯେତେ ସମ୍ଭବ ସେ ପଢ଼ାପଢ଼ି କରୁଥିଲେ । ଅନ୍ୟପଟେ ନିଜ ଉପରେ ବିଶ୍ୱାସ ରଖିଲେ ହିଁ ସଫଳତା ସମ୍ଭବ ବୋଲି ସେ କହିଛନ୍ତି । ଭବିଷ୍ୟତର ନିଷ୍ପତ୍ତି ସେ ନିଜେ ନେବେ ବୋଲି ତାଙ୍କ ପରିବାର ଲୋକ କହନ୍ତି । ତେବେ ବେଦ ପ୍ରଶାସନିକ ସେବାରେ ଯାଇ ଦେଶ ସେବା କରିପାରନ୍ତି । ବେଦ ମଧ୍ୟ ଭାରତରେ ରହି ଦେଶ ସେବା କରିବାକୁ ଚାହିଁଛନ୍ତି ।

ICC MENS T20 WORLD CUP WEST INDIES & USA 2024

ଟି-୨୦ ବିଶ୍ୱକପ୍

USA CRICKET



www.sakalaepaper.com

ସକାଳ THE SAKALA

ବୁଧବାର ୧୯ ଜୁନ୍ ୨୦୨୪

# 'ପୁରନ ପାୱାର': ୱେଷ୍ଟଇଣ୍ଡିଜ ବିଜୟୀ



**ସେଣ୍ଟ ଲୁସିଆ, ୧୮ ।୬ (ଏଜେନ୍ସି):** ୱିକେଟ୍‌ରକ୍ଷକ ନିକୋଲସ ପୁରନଙ୍କ ବିସ୍ଫୋରକ ୯୮ ରନ ବଳରେ ଚଳିତ ଟି-୨୦ ବିଶ୍ୱକପ୍‌ର ଅନ୍ତିମ ଗ୍ରୁପ୍ ମ୍ୟାଚରେ ଆୟୋଜକ ୱେଷ୍ଟଇଣ୍ଡିଜ ୧୦୪ ରନର ବୃହତ୍ ବ୍ୟବଧାନରେ ଆଫଗାନିସ୍ତାନକୁ ପରାସ୍ତ କରିଛି । ୱେଷ୍ଟଇଣ୍ଡିଜ ପ୍ରଦତ୍ତ ୨୧୯ ରନର ବିଶାଳ ସ୍କୋରକୁ ପିଛା କରି ଆଫଗାନିସ୍ତାନ ୧୧୪ ରନରେ ପରାସ୍ତ ହୋଇଥିଲା । ଏଥିସହ ରୋଭାମାନ ପାୱେଲଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ୪ଟି ଯାକ ଗ୍ରୁପ୍ ମ୍ୟାଚ୍‌ରେ ବିଜୟୀ ହୋଇ ୮ ପଏଣ୍ଟ ସହ ଗ୍ରୁପ୍-ସି'ର ଶୀର୍ଷରେ ରହି ସୁପର୍-୮ରେ ପହଞ୍ଚିଛି । ସେହିଭଳି ଆଫଗାନିସ୍ତାନ ୩ ବିଜୟ ଓ ଗୋଟିଏ ପରାଜୟ ସହ ୨ୟ ଦଳ ଭାବେ ଏହି ଗ୍ରୁପ୍‌ର ସୁପର-୮ ଟିକଟ୍ ହାସଲ କରିଛି । ଏହି ମ୍ୟାଚ୍ ପୂର୍ବରୁ ଉଭୟ ଦଳ ସୁପର୍-୮ରେ ପହଞ୍ଚି ସାରିଥିବାରୁ ଏହା ଅନୌପଚାରିକ ହୋଇଯାଇଥିଲା । ନ୍ୟୁଜିଲାଣ୍ଡ ୪ ପଏଣ୍ଟ ପାଇ ଏହି ଗ୍ରୁପ୍‌ରୁ ବିଦାୟ ନେଇଛି ।

ସ୍ଥାନୀୟ ଡାରେନ ସାମି ନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଗ୍ରୁପ୍-ସି ମୁକାବିଲାରେ ଟସ୍ ଜିତି ଆଫଗାନିସ୍ତାନ ଅଧିନାୟକ ରଶିଦ ଖାନ୍ ୱେଷ୍ଟଇଣ୍ଡିଜକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ତେବେ ରଶିଦଙ୍କ ଏହି ନିଷ୍ପତ୍ତି ଭୁଲ ପ୍ରମାଣିତ ହୋଇଥିଲା । ଘରୋଇ ଇଣ୍ଡିଜ ୨୨ ରନରେ ଓପନର୍ ବ୍ରାଣ୍ଡନ କିଙ୍ଗ୍ (୭ ରନ)ଙ୍କ ୱିକେଟ୍ ହରାଇଥିଲା । କିନ୍ତୁ ପରବର୍ତ୍ତୀ ବ୍ୟାଟର୍‌ଙ୍କ ଦ୍ରୁତ ପାଳି ଯୋଗୁ ଦଳ ୨୦୦ ରନ ଅତିକ୍ରମ କରିବାରେ ସଫଳ ହୋଇଥିଲା । ବିଶେଷ କରି ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ପୁରନ ଆଫଗାନିସ୍ତାନ ବୋଲରଙ୍କୁ ନିର୍ଦ୍ଦୁମ ପ୍ରହାର କରିଥିଲେ । ପୁରନ ୯୮ ରନ କରି ଶେଷ ଓଭରରେ ରନଆଉଟ୍ ହେବା ସହ କ୍ୟାରିୟରର ପ୍ରଥମ ଟି-୨୦ ଶତକରୁ ବଞ୍ଚିତ ହୋଇଥିଲେ । ୫୩ ବଲର ଏହି ପାଳିରେ ସେ ୮ଟି ଛକା ଓ ୬ଟି ଚୌକା ମାରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜନସନ ଚାର୍ଲସ ୨୭ ବଲରେ ୪୩, ଅଧିନାୟକ ପାୱେଲ ୧୫ ବଲରେ ୨୬ ଓ ସାଇ ହୋପ୍ ୧୭ ବଲରେ ୨୫ ରନ କରିବା ଯୋଗୁ ଦଳ ୫ ୱିକେଟ୍‌ରେ ୨୧୮ ରନର ବିଶାଳ ସ୍କୋର କରିପାରିଥିଲା । ଆନ୍ଦ୍ରେ ରସେଲ ୩ ଓ ଶେର୍ଫାନେ ରଦରଫୋର୍ଡ ୧ ରନରେ ଅପରାଜିତ ରହିଥିଲେ । ବୋଲିଂରେ ଆଫଗାନିସ୍ତାନର ପକ୍ଷରୁ ଗୁଲାବଦିନ ନାଇବ ୨ ଏବଂ ଆଜମତୁଲ୍ଲା ଓମାରଜାଇ ଓ ନବୀନ-ଉଲ୍-ହକ୍ ଗୋଟିଏ ଲେଖାଏ ୱିକେଟ ସଫଳତା ପାଇଥିଲେ ।

ଜବାବରେ ଆଫଗାନିସ୍ତାନ ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ୧୬.୨ ଓଭରରେ ୧୧୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଓପନର୍ ଇବ୍ରାହିମ୍ ଜର୍ଦାନ (୩୮ ରନ), ଓମାରଜାଇ (୨୩), ରଶିଦ ଖାନ (୧୮) ଓ କରିମ ଜନତ (୧୪ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟକେହି ଦୁଇଅଙ୍କ ସ୍କୋର କରିପାରି ନ ଥିଲେ । ବିଜୟୀ ୱେଷ୍ଟଇଣ୍ଡିଜ ତରଫରୁ ବାମହାତୀ ଦ୍ରୁତ ବୋଲର ଓବେଦ ମ୍ୟାକୟ ୩ ଏବଂ ଗୁଦାକେଶ ମୋତି ଓ ଅକିଲା ହୋସେନ ୨ଟି ଲେଖାଏ ୱିକେଟ୍ ନେଇଥିଲେ । ରସେଲ ଓ ଆଲ୍‌ଜରୀ ଜୋସେଫଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା । ୯୮ ରନର ବିସ୍ଫୋରକ ପାଳି ଲାଗି ପୁରନଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।

### ସଂକ୍ଷିପ୍ତ ସ୍କୋର

**ୱେଷ୍ଟଇଣ୍ଡିଜ:** ୨୧୮/୫, ୨୦ ଓଭର (ପୁରନ- ୯୮, ଚାର୍ଲସ- ୪୩, ପାୱେଲ- ୨୬, ରସେଲ ଅପରାଜିତ- ୩, ଗୁଲାବଦିନ- ୨/୧୪) ।

**ଆଫଗାନିସ୍ତାନ:** ୧୧୪/୧୦, ୧୬.୨ ଓଭର (ଇବ୍ରାହିମ- ୩୮, ଓମାରଜାଇ- ୨୩, ମହମ୍ମଦ ନବି- ୧, ରଶିଦ- ୧୮, ମ୍ୟାକୟ- ୩/୧୪, ହୋସେନ- ୨.୨୧) ।

### ଗୋଟିଏ ଓଭରରେ ୩୬ ରନ

ଏହି ମ୍ୟାଚରେ ଆଫଗାନିସ୍ତାନ ଦ୍ରୁତ ବୋଲର ଅଜମତୁଲ୍ଲା ଓମାରଜାଇ ଗୋଟିଏ ଓଭରରେ ୩୬ ରନ ବ୍ୟୟ କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ । ଇଣ୍ଡିଜ ପାଳିର ୪ର୍ଥ ଓଭର ତଥା ନିଜର ୨ୟ ଓଭର ବୋଲିଂ କରିଥିବା ଓମାରଜାଇଙ୍କ ୬ ବଲରୁ ପୁରନ ଯଥାକ୍ରମେ ୬, ନୋବଲ୍ ୪, ୱାଇଡ ୫, ଲେଗ୍‌ବାଇ ୪, ୪, ୬, ୬ ରନ ଆକାରରେ ୩୬ ରନ ସଂଗ୍ରହ କରିଥିଲେ । ଅନ୍ତର୍ଜାତୀୟ ଟି-୨୦ରେ ୫ମଥର ଲାଗି ଜଣେ ବୋଲର ଗୋଟିଏ ଓଭରରେ ୩୬ ରନ ବ୍ୟୟ କରିଛନ୍ତି ।

### ଟି-୨୦ରେ ଗୋଟିଏ ଓଭରରେ ସର୍ବାଧିକ ରନ

| ରନ | ଓଭର ଆନାଲିସିସ୍ | ବ୍ୟାଟର୍ | ବୋଲର | ବର୍ଷ |
|---|---|---|---|---|
| ୩୬ | ୬, ୬, ୬, ୬, ୬, ୬ | ଯୁବରାଜ | ବ୍ରଡ୍ | ୨୦୦୭ |
| ୩୬ | ୬, ୬, ୬, ୬, ୬, ୬ | ପୋଲାର୍ଡ | ଅକିଲା ଧନଞ୍ଜୟ | ୨୦୨୧ |
| ୩୬ | ୪, ନୋ୬, ୬, ୧, ୬, ୬, ୬ | ରୋହିତ-ରିଙ୍କୁ | କରିମ ଜନତ | ୨୦୨୪ |
| ୩୬ | ୬, ୬, ୬, ୬, ୬, ୬ | ଦୀପେନ୍ଦ୍ର ସିଂ | କମରନ ଖାନ | ୨୦୨୪ |
| ୩୬ | ୬, ନୋ୪, ୱାଇଡ୫, ଲେଗବାଇ ୪, ୪, ୬, ୬ | ପୁରନ | ଓମାରଜାଇ | ୨୦୨୪ |
| ୩୨ | ରୋମାରିଓ ସେଫର୍ଡ (ମୁମ୍ବାଇ) | ଆନରିଚ୍ ନୋର୍ଜେ (ଦିଲ୍ଲୀ) | ମୁମ୍ବଇ | ୨୦୨୪ |

### ପାୱାର-ପ୍ଲେ'ରେ ରେକର୍ଡ ରନ

ୱେଷ୍ଟଇଣ୍ଡିଜ ଦଳ ପାୱାର ପ୍ଲେ'ରେ ଗୋଟିଏ ୱିକେଟ୍ ହରାଇ ୯୨ ରନ ସଂଗ୍ରହ କରିଥିଲା । ଟି-୨୦ ବିଶ୍ୱକପ୍ ଇତିହାସରେ ପାୱାର-ପ୍ଲେ ଅର୍ଥାତ୍ ପ୍ରଥମ ୬ ଓଭରରେ ଏହା ସର୍ବାଧିକ ରନ ସଂଗ୍ରହ ହୋଇଛି । ପୂର୍ବରୁ ୨୦୧୪ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ବିପକ୍ଷରେ ନେଦରଲାଣ୍ଡସ ଗୋଟିଏ ୱିକେଟ୍ ହରାଇ ୯୧ ରନ ସଂଗ୍ରହ କରିଥିଲା । ତେବେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ପାୱାର-ପ୍ଲେ'ରେ ସର୍ବାଧିକ ରନ ଦକ୍ଷିଣ ଆଫ୍ରିକା ନାମରେ ରହିଛି । ୨୦୨୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଘରୋଇ ଦକ୍ଷିଣ ଆଫ୍ରିକା କୌଣସି ୱିକେଟ୍ ନ ହରାଇ ୧୦୨ ରନ କରିଥିଲା ।

## ଆଜିଠୁ ସୁପର୍-୮ ଲଢ଼େଇ

# ଦ.ଆଫ୍ରିକାକୁ ଭେଟିବ ଆମେରିକା

**ଆଣ୍ଟିଗୁଆ, ୧୮ ।୬ (ଏଜେନ୍ସି):** ଚଳିତ ଆଇସିସି ଟି-୨୦ ବିଶ୍ୱକପ୍ ୯ମ ସଂସ୍କରଣର ଗ୍ରୁପ୍ ପର୍ଯ୍ୟାୟ ମଙ୍ଗଳବାର ଶେଷ ହୋଇଛି । ବୁଧବାରଠାରୁ ପରବର୍ତ୍ତୀ ପର୍ଯ୍ୟାୟ ତଥଶ ସୁପର୍-୮ ଆରମ୍ଭ ହେବ । ଗ୍ରୁପ୍ ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିବା ୨୦ ଦଳ ମଧ୍ୟରୁ ଶ୍ରେଷ୍ଠ ଆଠଗୋଟି ଦଳ ସୁପର୍-୮ ଖେଳିବେ । ସୁପର୍-୮ର ପ୍ରଥମ ମ୍ୟାଚରେ ସହ ଆୟୋଜକ ଆମେରିକା ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ । ସ୍ଥାନୀୟ ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ରାତି ୮ଟାରେ ଏହି ସୁପର୍-୮'ର ଗ୍ରୁପ୍-୧ ମ୍ୟାଚ୍ ଖେଳାଯିବ । ଗ୍ରୁପ୍ ପର୍ଯ୍ୟାୟରେ ସହ-ଆୟୋଜକ ଆମେରିକା ଚମତ୍କାର ପ୍ରଦର୍ଶନ କରି ୫ ପଏଣ୍ଟ ସହ ଭାରତ (୭) ପଛକୁ ୨ୟରେ ରହି ସୁପର୍-୮ ଟିକଟ୍ ହାସଲ କରିଥିଲା । ଗ୍ରୁପ୍ ପର୍ଯ୍ୟାୟରେ ଆମେରିକା ସବୁଠୁ ବଡ଼ ବିପର୍ଯ୍ୟୟ ଘଟାଇ ପୂର୍ବ ବିଜେତା ପାକିସ୍ତାନକୁ ସୁପର୍ ଓଭରରେ ହରାଇଥିଲା । ଆମେରିକା ସଦ୍ୟ ଭାରତ ବିପକ୍ଷ ମ୍ୟାଚକୁ ୭ ୱିକେଟ୍‌ରେ ହାରିଯାଇଥିଲେ ମଧ୍ୟ ଦଳର ଖେଳାଳିମାନେ ସୁପର୍-୮ରେ ମଧ୍ୟ କିଛି ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛନ୍ତି । ବିଶେଷ କରି ବାମହାତୀ ଦ୍ରୁତ ବୋଲର ସୌରଭ ନେତ୍ରାଭାଲକର୍‌ଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ରହିଛି । ନିଜର ସୁଇଂ ଓ ଗତିରେ ସେ ବିଶ୍ୱର ପ୍ରମୁଖ ବ୍ୟାଟରଙ୍କୁ ଅଡୁଆରେ ପକାଇଛନ୍ତି । ସେହିଭଳି ଆମେରିକାର ବାମହାତୀ ବ୍ୟାଟର୍ ଷ୍ଟିଭେନ ଟେଲର, ଆରୋନ ଜୋନ୍ସ, ଦ୍ରୁତ ବୋଲର ଯଶଦୀପ୍ ସିଂହ ମଧ୍ୟ କମାଲ କରିବା ଲକ୍ଷ୍ୟରେ ରହିଛନ୍ତି । ଅପରପକ୍ଷରେ ଗ୍ରୁପ୍-ଡିରେ ସ୍ଥାନ ପାଇଥିବା ଦକ୍ଷିଣ ଆଫ୍ରିକା ୪ଟି ଯାକ ମ୍ୟାଚ୍ ଜିତି ଏହି ରାଉଣ୍ଡରେ ପହଞ୍ଚିଛି । ତେବେ ନେପାଳ ବିପକ୍ଷ ଶେଷ ଗ୍ରୁପ୍ ମ୍ୟାଚରେ ଦଳ ମାତ୍ର ୧ ରନରେ ବିଜୟୀ ହୋଇ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଥିଲା । ଦୁଇ ଦ୍ରୁତ ବୋଲର ମାର୍କୋ ଜନସେନ ଓ ଓଟନେଲ୍ ବର୍ଟମାନଙ୍କ ସମେତ ରିଜା ହେଣ୍ଡ୍ରିକ୍ସଙ୍କଠାରୁ ଦକ୍ଷିଣ ଆଫ୍ରିକା ଉନ୍ନତ ପ୍ରଦର୍ଶନ ଆଶା ରଖିଛି ।



### ସୁପର-୮ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ (ଗ୍ରୁପ୍) | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୧୯।୬ | ଦ.ଆଫ୍ରିକା-ଆମେରିକା | ନର୍ଥ ସାଉଣ୍ଡ | ରାତି ୮ଟା |
| ୨୦।୬ | ଇଂଲଣ୍ଡ-ୱେଷ୍ଟଇଣ୍ଡିଜ୍ | ଗ୍ରସ୍ ଆଇଲେଟ | ସକାଳ ୬ଟା |
| **୨୦।୬** | **ଭାରତ-ଆଫଗାନିସ୍ତାନ** | **ବ୍ରିଜ୍‌ଟାଉନ୍** | **ରାତି ୮ଟା** |
| ୨୧।୬ | ଅଷ୍ଟ୍ରେଲିଆ-ବାଂଲାଦେଶ | ନର୍ଥ ସାଉଣ୍ଡ | ସକାଳ ୬ଟା |
| ୨୧।୬ | ଇଂଲଣ୍ଡ-ଦ.ଆଫ୍ରିକା | ଗ୍ରସ୍ ଆଇଲେଟ୍ | ରାତି ୮ଟା |
| ୨୨।୬ | ୱେଷ୍ଟଇଣ୍ଡିଜ୍-ଆମେରିକା | ବ୍ରିଜ୍‌ଟାଉନ୍ | ସକାଳ ୬ଟା |
| ୨୨।୬ | ଭାରତ- ବାଂଲାଦେଶ | ନର୍ଥ ସାଉଣ୍ଡ | ରାତି ୮ଟା |
| ୨୩।୬ | ଅଷ୍ଟ୍ରେଲିଆ-ଆଫଗାନିସ୍ତାନ | କିଙ୍ଗ୍‌ସଟାଉନ୍ | ସକାଳ ୬ଟା |
| ୨୩।୬ | ଇଂଲଣ୍ଡ-ଆମେରିକା | ବ୍ରିଜ୍‌ଟାଉନ୍ | ରାତି ୮ଟା |
| ୨୪।୬ | ଦ.ଆଫ୍ରିକା-ୱେଷ୍ଟଇଣ୍ଡିଜ୍ | ନର୍ଥସାଉଣ୍ଡ | ସକାଳ ୬ଟା |
| ୨୪।୬ | ଭାରତ-ଅଷ୍ଟ୍ରେଲିଆ | ଗ୍ରସ୍ ଆଇଲେଟ | ରାତି ୮ଟା |
| ୨୫।୬ | ଆଫଗାନିସ୍ତାନ-ବାଂଲାଦେଶ | କିଙ୍ଗ୍‌ସଟାଉନ୍ | ସକାଳ ୬ଟା |
| ୨୭।୬ | ପ୍ରଥମ ସେମିଫାଇନାଲ | ତାରୌବା | ସକାଳ ୬ଟା |
| ୨୭।୬ | ଦ୍ୱିତୀୟ ସେମିଫାଇନାଲ | ଗୁଏନା | ରାତି ୮ଟା |
| ୨୯।୬ | ଫାଇନାଲ | ବ୍ରିଜ୍‌ଟାଉନ୍ | ରାତି ୭.୩୦ |

**ଗ୍ରୁପ-୧:** ଭାରତ, ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ବାଂଲାଦେଶ
**ଗ୍ରୁପ୍-୨:** ଦ.ଆଫ୍ରିକା, ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ ଓ ଆମେରିକା

# ହାରିସ ରୌଫ୍-ପ୍ରଶଂସକ ହାତାହାତି



**ଫ୍ଲୋରିଡା,୧୮ ।୬(ଏଜେନ୍ସି):** ବାବର ଆଜମଙ୍କ ନେତୃତ୍ୱରେ ପାକିସ୍ତାନ କ୍ରିକେଟ ଦଳର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି । ଚଳିତ ଟି-୨୦ ବିଶ୍ୱକପ୍‌ର ଗ୍ରୁପ ପର୍ଯ୍ୟାୟରୁ ବାଦ୍ ପଡିଥିବା ପାକିସ୍ତାନ ଦଳର କେତେଜଣ ଖେଳାଳିଙ୍କ ବିବାଦ ସାମ୍ନାକୁ ଆସିବାରେ ଲାଗିଛି । ଇତିମଧ୍ୟରେ ଏକ ଭିଡିଓ ଭାଇରାଲ ହୋଇଛି ଓ ଏଥିରେ ପାକିସ୍ତାନ ଦ୍ରୁତ ବୋଲର ହାରିସ ରୌଫ୍ ରାଗରେ ନିୟନ୍ତ୍ରଣ ହରାଉଥିବା ଲକ୍ଷ୍ୟ କରାଯାଇଛି । ରୌଫ୍ କ୍ରୋଧକୁ ନିୟନ୍ତ୍ରଣ କରି ନପାରି ଜଣେ ପ୍ରଶଂସକଙ୍କୁ ମାରିବାକୁ ଦୌଡୁଥିବାର ଲକ୍ଷ୍ୟ କରାଯାଇଛି । ତାଙ୍କ ପତ୍ନୀ ମୁଜନା ମାସୁଦ ତାଙ୍କୁ ଅଟକାଇବାକୁ ପ୍ରୟାସ କରୁଥିଲେ ମଧ୍ୟ ସେ ପତ୍ନୀଙ୍କ ହାତକୁ ଛଡାଇ ଚପଲକୁ ରଖି ସେହି ପ୍ରଶଂସକଙ୍କୁ ମାରିବାକୁ ଯିବାକୁ ଚେଷ୍ଟା କରୁଥିବା ଭିଡିଓରେ ଲକ୍ଷ୍ୟ କରାଯାଇଛି । କିଛି ଲୋକ ରୌଫ୍‌ଙ୍କୁ ଅଟକାଇବାରେ ସଫଳ ହୋଇଥିଲେ । ଫଳରେ ଅପ୍ରୀତିକର ଘଟଣା ସୃଷ୍ଟି ହୋଇ ନଥିଲା । ଘଟଣା ବେଳେ ରୌଫ୍ ପ୍ରଶଂସକଙ୍କୁ ଭାରତୀୟ ହୋଇଥିବେ ବୋଲି କହୁଥିବା ବେଳେ ପ୍ରଶଂସକ ଜଣକ କିନ୍ତୁ ନିଜକୁ ପାକିସ୍ତାନୀ ବୋଲି କହୁଥିବାର ଦେଖାଯାଇଥିଲା । ଏହି ଘଟଣାରେ ରୌଫ୍ ନିଜର ସ୍ପଷ୍ଟିକରଣ ଦେଇଛନ୍ତି । ପ୍ରଶଂସକ ଜଣକ ମୋର ମାତା,ପିତା ଓ ପରିବାରକୁ ଗାଳି ଦେଉଥିଲେ । ଫଳରେ ଏଭଳି ଆଚରଣ ପ୍ରଦର୍ଶନ କରିଥିଲି । ଯଦି ମୋ ପରିବାର ଉପରେ କୌଣସି ବ୍ୟକ୍ତି ଏଭଳି ଟିପ୍ପଣୀ ଦିଅନ୍ତି ତେବେ ଏହି ପରି ଆଚରଣ ଦେଖାଇବି ଓ କୌଣସି ସଙ୍କୋଚ କରିବି ନାହିଁ ବୋଲି ସେ କହିଛନ୍ତି । ପ୍ରଶଂସକ ଆମର ପ୍ରଦର୍ଶନକୁ ନେଇ ସମାଲୋଚନା କରିବାରେ କୌଣସି ଅସୁବିଧା ନାହିଁ । କିନ୍ତୁ ପରିବାର ଉପରକୁ କଥା ଆସିଲେ, ଉଚିତ ଶିକ୍ଷା ଦେବି ବୋଲି ସେ କହିଛନ୍ତି ।

## ପାଭୋ ନୁର୍ମି ଗେମ୍ସ

# ନୀରଜଙ୍କୁ ସ୍ୱର୍ଣ୍ଣିମ ସଫଳତା

**ତୁର୍କୁ,୧୮ ।୬(ଏଜେନ୍ସି):** ଫିନଲାଣ୍ଡର ତୁର୍କୁରେ ଆରମ୍ଭ ହୋଇଥିବା ପାଭୋ ନୁର୍ମି ଗେମ୍ସରେ ଭାରତୀୟଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ଜାଭେଲିନ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି । ଜାଭେଲିନ୍ ଇଭେଣ୍ଟରେ ବିଶ୍ୱର ୮ ଜଣ ଶ୍ରେଷ୍ଠ ତାରକା ଅଂଶଗ୍ରହଣ କରିଥିଲେ । ନୀରଜ ଦମ୍‌ଦାର ପ୍ରଦର୍ଶନ କରି ତୃତୀୟ ପ୍ରୟାସରେ ସେ ୮୫. ୯୭ ମିଟର ଫିଙ୍ଗି ପ୍ରଥମସ୍ଥାନ ହାସଲ କରିଛନ୍ତି । ଫିନ୍‌ଲାଣ୍ଡର ଟୋନି କେରାନେନ ୮୪.୧୯ ମିଟର ସହ ରୌପ୍ୟ ଜିତିଛନ୍ତି । ଏହାପୂର୍ବରୁ ନୀରଜ ଦୋହା ଡାଇମଣ୍ଡ ଲିଗ୍ ଓ ଭୁବନେଶ୍ୱରରେ ଅନୁଷ୍ଠିତ ଫେଡେରେସନ କପ୍‌ରେ ଅଂଶଗ୍ରହଣ କରିଥିଲେ । ସେ ଏହି ଦୁଇ ଇଭେଣ୍ଟରେ ଆଶାନୁରୂପ ପ୍ରଦର୍ଶନ କରିପାରି



ନଥିଲେ । ଦୋହାରେ ସେ ୮୮.୩୬ ମିଟର ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ ଓ ଏହା ତାଙ୍କ କ୍ୟାରିୟର ୯ମ ଶ୍ରେଷ୍ଠ ପ୍ରଦର୍ଶନ ଥିଲା । ସେହିପରି ଭୁବନେଶ୍ୱରରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ମଧ୍ୟ ୮୨. ୨୭ ମିଟର ଥ୍ରୋ କରିଥିଲେ । ଏହି ଇଭେଣ୍ଟରେ ନୀରଜଙ୍କୁ ଜର୍ମାନୀ ୧୯ ବର୍ଷୀୟ ତାରକା ମ୍ୟାକ୍ସ ଡେହିଙ୍ଗ, ଓଲିଭର ହେଲାଣ୍ଡର, ଆଣ୍ଡରସନ ପିଟର୍ସ ଓ କେଶୋର୍ଣ୍ଣ ୱାଲକୋଟ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱୀତା କରିବାକୁ ପଡିବା । ଦୋହାରେ ନୀରଜଙ୍କୁ ପରାସ୍ତ କରିଥିବା ଜାକୁବ ଭାଲଡେଚ୍ ଏହି ଇଭେଣ୍ଟରୁ ଓହରିଯାଇଛନ୍ତି । ମ୍ୟାକ୍ସ ଡେହିଙ୍ଗ୍ ସର୍ବ କନିଷ୍ଠ ଆଥଲେଟ ଭାବେ ୯୦ ମିଟର ପାର କରି ରେକର୍ଡ କରିଛନ୍ତି । ଏହାପରେ ଜୁଲାଇ ୭ରେ ନୀରଜ ପ୍ୟାରିସ ଡାଇମଣ୍ଡ ଲିଗ୍‌ରେ ଭାଗ ନେବା ପରେ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ।

## ୟୁରୋକପ୍ ଫୁଟବଲ୍

# ଅଷ୍ଟ୍ରିଆକୁ ହରାଇ ଫ୍ରାନ୍ସର ଅଭିଯାନ ଆରମ୍ଭ

**ଡୁସେଲଡୋର୍ଫ,୧୮ ।୬(ଏଜେନ୍ସି):** ଜର୍ମାନୀରେ ଚାଲିଥିବା ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣରେ ଫ୍ରାନ୍ସ ବିଜୟରୁ ଅଭିଯାନ ଆରମ୍ଭ କରିଛି । ସୋମବାର ବିଳମ୍ବିତ ରାତିରେ ଖେଳାଯାଇଥିବା ଗ୍ରୁପ୍ ଡି' ମୁକାବିଲାରେ କିଲିଆନ ଏମ୍‌ବାପ୍ପେଙ୍କ ଫ୍ରାନ୍ସ ୧-୦ ଗୋଲରେ ଅଷ୍ଟିଆକୁ ପରାସ୍ତ କରିଛି । କିନ୍ତୁ ସୁପରଷ୍ଟାର କିଲିଆନ ଏମ୍‌ବାପ୍ପେ ଆହତ ହେବା ଫଳରେ ଫ୍ରାନ୍ସର ଏହି ବିଜୟ ଫିକା ପଡିଯାଇଥିଲା । ଏହି ବିଜୟ ସହ ୩ ପଏଣ୍ଟ ହାସଲ କରି ଗ୍ରୁପ୍ ଡି'ର ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ପୂର୍ବରୁ ନେଦରଲାଣ୍ଡସ ଏହି ଗ୍ରୁପ୍‌ର ଅନ୍ୟଏକ ମୁକାବିଲାରେ ୨-୧ ଗୋଲରେ ପରାସ୍ତ କରିଥିଲା ଓ ସମାନ ୩ ପଏଣ୍ଟ ପାଇଁ ଉନ୍ନତ ଗୋଲ ବ୍ୟବଧାନ କାରଣରୁ ଶୀର୍ଷରେ ରହିଛି ।

### ଉବରଙ୍କ ଆତ୍ମଘାତୀ ଗୋଲ

କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ କିନ୍ତୁ ଫ୍ରାନ୍ସ ତରଫରୁ କୌଣସି ଖେଳାଳି ଗୋଲ ଦେଇ ନଥିଲେ । ମ୍ୟାଚ୍‌ର ୩୮ତମ ମିନିଟ୍‌ରେ ୨୬ ବର୍ଷୀୟ ଅଷ୍ଟ୍ରିଆ ସେଣ୍ଟର ବ୍ୟାକ ମାକ୍ସିମିଲିଆନ ଉବର ଆତ୍ମଘାତୀ ଗୋଲ ବଳରେ ଫ୍ରାନ୍ସ ଅଗ୍ରଣୀ ହାସଲ କରିଥିଲା । ଏହି ଆତ୍ମଘାତୀ ଗୋଲରେ ଏମ୍‌ବାପ୍ପେଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଏମ୍‌ବାପ୍ପେଙ୍କ ସଟ୍‌କୁ ଉବର ରୋକିବାକୁ ପ୍ରୟାସ କରିଥିଲେ । ବଲ୍ ତାଙ୍କ ଗୋଡରେ ବାଜିଥିଲା । ଫଳରେ ଏହି ଆତ୍ମଘାତୀ ଗୋଲ ସ୍କୋର ହୋଇଥିଲା । ପରାସ୍ତ ହୋଇଥିଲେ ମଧ୍ୟ ଅଷ୍ଟ୍ରିଆ ୨୦୨୨ ଫିଫା ବିଶ୍ୱକପ୍ ରନର୍ସଅପ୍ ଫ୍ରାନ୍ସକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା । ଅଷ୍ଟ୍ରିଆ ଫ୍ରାନ୍ସ ଦଳର ସନ୍ତୁଳନ ବିଗାଡିବାରେ ଓ ଆକ୍ରମଣାତ୍ମକ ଖେଳକୁ ସୀମିତ ରଖିବାରେ ସଫଳ ହୋଇଥିଲା । ଆହତ ହେବାର ଠିକ୍ ପୂର୍ବରୁ ଏମ୍‌ବାପ୍ପେ ଗୋଲ କରିବାର ଏକ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲା । ପରାସ୍ତ ହୋଇଥିଲେ ମଧ୍ୟ ଅଷ୍ଟ୍ରିଆ ଉନ୍ନତ ଖେଳ ପ୍ରଦର୍ଶନ କରି ହୃଦୟ ଜିତିଥିଲା ।

### ଏମ୍‌ବାପ୍ପେଙ୍କ ନାକ ଫାଟିଲା

ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ ବଲ୍‌କୁ ନିୟନ୍ତ୍ରଣ କରିବାକୁ ଯାଇ ଏମ୍‌ବାପ୍ପେ ଅଷ୍ଟ୍ରିଆର ୨୫ ବର୍ଷୀୟ ସେଣ୍ଟର ବ୍ୟାକ୍ କେଭିନ ଡାନସୋଙ୍କ ସହ ଧକ୍କା ଖାଇଥିଲେ । ଫଳରେ ତାଙ୍କ ନାକ ଭାଙ୍ଗିଯାଇଥିଲା ଓ ନାକରୁ ରକ୍ତ ବହିବାରେ ଲାଗିଥିଲା । ସଙ୍ଗେ ସଙ୍ଗେ ତାଙ୍କୁ ପଡିଆ ବାହରକୁ ନିଆଯାଇ ଚିକିତ୍ସା କରାଯାଇଥିଲା । ତାଙ୍କ ଆଘାତ ସମସ୍ୟା କେତେ ଗୁରୁତର ଓ ସେ ଆଗକୁ ଟୁର୍ଣ୍ଣାମେଣ୍ଟରେ ଖେଳିପାରି କି ନା ସେ ନେଇ ଏବେ କିଛି କହିହେବ ନାହିଁ ବୋଲି ଫ୍ରାନ୍ସ କୋଚ୍ ଡିଡିଏର ଡେଶ୍ଚାମ୍ପ କହିଛନ୍ତି । ଆହତ ହେବା ପରେ ଏମ୍‌ବାପ୍ପେ ଫିଲ୍ଡ ଅଫ୍ ପ୍ଲେରୁ ବାହରକୁ ଚାଲିଯାଇଥିଲେ । ଏଭଳି ସ୍ଥିତିରେ ଫ୍ରାନ୍ସ ୧୦ ଖେଳାଳିଙ୍କୁ ନେଇ ଖେଳିଥିଲା । କିନ୍ତୁ ଏମ୍‌ବାପ୍ପେ ରେଫରିଙ୍କ ବିନା ଅନୁମତିରେ ପଡିଆରେ ଆସି ବସିବା ଫଳରେ ତାଙ୍କୁ ହଳଦିଆ କାର୍ଡ ଦେଖାଯାଇଥିଲା ।

### ଅଷ୍ଟ୍ରିଆର ଆକର୍ଷଣୀୟ ପ୍ରଦର୍ଶନ

ଏହି ମ୍ୟାଚ୍‌ରେ ଫ୍ରାନ୍ସ ବିଜୟୀ ହୋଇଥିଲେ ମଧ୍ୟ ଅଷ୍ଟ୍ରିଆର ପ୍ରଦର୍ଶନ ଆକର୍ଷଣୀୟ ଥିଲା । ଅଷ୍ଟ୍ରିଆ ଖେଳାଳିମାନେ ଅପେକ୍ଷକୃତ ଅଧିକ ସମୟ ବଲକୁ ନିଜ ଅକ୍ତିଆରରେ ରଖିଥିଲେ । ସଟ୍‌ରେ ଫ୍ରାନ୍ସ ଆଗରେ ରହିଥିଲେ ମଧ୍ୟ ସଟ୍ ଅନ୍ ଟାର୍ଗେଟରେ ଉଭୟ ଦଳ ସମାନ ପ୍ରଦର୍ଶନ କରିଥିଲେ । ପାସ ଦେବାରେ ଅଷ୍ଟ୍ରିଆ ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ପାସ୍ ଆକ୍ୟୁରେସିରେ ଫ୍ରାନ୍ସ ଆଗରେ ରହିଥିଲା । ଏମ୍‌ବାପ୍ପେଙ୍କ ଆହତ ହେବା ଘଟଣା ଫ୍ରାନ୍ସ ବିଜୟକୁ ଚମକହୀନ କରିଥିଲା । ଫ୍ରାନ୍ସ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଶୁକ୍ରବାର ନେଦରଲାଣ୍ଡସକୁ ଭେଟିବ । ସେହିପରି ଏହି ଦିନ ଅଷ୍ଟ୍ରିଆ ତା'ର ପରବର୍ତ୍ତୀ ମୁକାବିଲାରେ ପୋଲାଣ୍ଡକୁ ଭେଟିବ ।



ତୁର୍କି ଓ ଜର୍ଜିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA